THE MOST BLESSED EVENT

# VYASA-PUJA

24th July 2024



The 71st Holy Appearance Day of Our Beloved Spiritual Master

HIS HOLINESS SRILA BHAKTI GAURAVA NARAYAN SWAMI GURU MAHARAJ



At ISKCON Shillong during Nrsimha Chaturdashi

୭୧ତମ ଶୁଭ ଆବିର୍ଭାବ ତିଥି

# ବ୍ୟାସପୂଜା ମହୋତ୍ସବ

୨୪ ଜୁଲାଇ ୨୦୨୪



ଓଁ ବିଷ୍ଣୁପାଦ ପରମହଂସ ପରିବ୍ରାଜକାଚାର୍ଯ୍ୟ

**ଶ୍ରୀ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜଙ୍କ**

ପବିତ୍ର ଆବିର୍ଭାବ ତିଥି ଉପଲକ୍ଷେ ଶିଷ୍ୟ/ଶିଷ୍ୟାମାନଙ୍କର

ସଶ୍ରଦ୍ଧ ଭକ୍ତି ପୁଷ୍ପାଞ୍ଜଳି ଶ୍ରୀଚରଣ କମଳରେ ଅର୍ପଣ କରୁଅଛୁ।

ଆଶାକରୁ, ପ୍ରସନ୍ନ ହୃଦୟରେ ସେ ଏହାକୁ ଗ୍ରହଣ କରିବେ।

ଶ୍ରୀ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜଙ୍କ
୭୧ତମ ଶୁଭ ଆବିର୍ଭାବ ଉତ୍ସବ

**ସମ୍ପାଦନା ମଣ୍ଡଳୀ**
ଶ୍ୟାମ କୃପା ଦାସ
ଅନଙ୍ଗ ମୋହନ ଦାସ
ମୋହନ କୃଷ୍ଣ ଦାସ

**ପ୍ରକାଶକ**
ବ୍ୟାସପୂଜା ପରିଚାଳନା କମିଟି

**ମୁଦ୍ରଣ**
ପ୍ରିଣ୍ଟ୍‌ଟେକ୍ ଅଫସେଟ ପ୍ରା.ଲିଃ.
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪



**His Divine Grace A.C. Bhaktivedanta Swami Prabhupada**
**Founder Acharya: International Society for Krishna Consciousness**



**His Holiness Tamal Krishna Goswami Maharaj**
**Spiritual Master of our Beloved Gurumaharaj**



with H.H. Bhakti Prem Swami Maharaj at ISKCON Ujjain



receiving blessings from Sri Sri Radha Govinda Dev at Govindji temple, Jaipur, Rajasthan



with H.H. Siddharta Swami Maharaj and devotees at Khirchora Gopinath temple, Remuna, Balasore



serving Go-mata at ISKCON Gurukul, Goshala, Vrindavan



with his God-brother H.G. Shyama Chandra Das Prabhuji at Baroda



with H.H. Bhakti Prana Gopinath Swami Maharaj and devotees at lotus feet of Sri Chaitanya Mahaprabhu Gadagadia Ghat, Mahanadi, Cuttack



awarding Gita Marathon winners at ISKCON Angul



taking darshan of Sri Sri Krishna Balaram at ISKCON Gurukul, Vrindavan



with H.G. Pancha Gauda Das Prabhuji, Devakinandana Das Prabhuji, H.G. Vraja Hari Das Prabhuji and other devotees at ISKCON Ahmedabad



in a preaching program at Bhubaneswar along with H.H. Bhakti Purusottama Swami Maharaj



garlanding Srila Prabhupada at ISKCON Bhubaneswar



blessing Gurukul boys at ISKCON Gurukul, Vrindavan



with H.G. Upananda Das Prabhuji (Srila Prabhupada disciple) at Khalisahi, Nayagarh, Odisha



with H.H. Bhakti Rasamrita Swami maharaj during New Govindas innaguration ceremony at ISKCON Vrindavan



taking darshan of the deities with H.H. Lokanath Swami Maharaj at ISKCON Hyderabad



at Nimakhandi, Ganjam, Odisha




during Gita marathon award ceremony
at ISKCON Angul



with his God-brother H.G. Ananga Mohan Das Prabhuji
at Ultadanga Junction Road, Kolkata



H.G. Karunapati Das Prabhuji (Temple President, ISKCON
Shillong) welcoming Guru Maharaj in Shillong



with H.H. Bhaktijivana Vrajananda Swami at
ISKCON Vrindavan



With H.H. Bhaktiashraya Vaishnava Swami Maharaj,
H.G. Devaki Nandan Das Prabhuji and
H.G. Vraja Hari Das Prabhuji during
Govardhan Parikrama, Govardhan



with H.H. Haladhar Swami Maharaj



meditating on his beloved Guru Maharaj,
at H.H. Tamal Krishna Goswami Maharaj's
Bhajan Kutir, Vrindavan



with H.H. Jayadvaita Swami Maharaj at ISKCON Ujjain



honouring Prasadam at Vrindavan with ISKCON Kolkata devotees





with H.G. Vrajahari Das Prabhuji and H.G. Devakinandana Das Prabhuji at ISKCON Ahmedabad



ଶ୍ରୀଗୁରୁଚରଣ ପଦ୍ମ      କେବଳ ଭକତିସଦ୍ମ
ବନ୍ଦୋଁ ମୁଇଁ ସାବଧାନ ମତେ ।
ଯାହାର ପ୍ରସାଦେ ଭାଇ      ଏ ଭବ ତରିୟା ଯାଇ
କୃଷ୍ଣପ୍ରାପ୍ତି ହୟ ଯାଁହା ହେିତେ ॥

ଚକ୍ଷୁଦାନ ଦିଲ ଯେଇ,      ଜନ୍ମେ ଜନ୍ମେ ପ୍ରଭୁ ସେଇ
ଦିବ୍ୟଜ୍ଞାନ ହୃଦେ ପ୍ରକାଶିତ ।
ପ୍ରେମଭକ୍ତି ଯାହା ହୈତେ      ଅବିଦ୍ୟାବିନାଶ ଯାତେ
ବେଦେ ଗାୟ ଯାଁହାର ଚରିତ ॥

ଗୁରୁମୁଖ ପଦ୍ମ ବାକ୍ୟ      ଚିତ୍ତେତେ କରିୟା ଐକ୍ୟ
ଆର ନା କରିହ ମନେ ଆଶା ।
ଶ୍ରୀଗୁରୁଚରଣେ ରତି      ଏହି ସେ ଉତ୍ତମ ଗତି
ଯେ ପ୍ରସାଦେ ପୂରେ ସର୍ବ ଆଶା ॥

ଶ୍ରୀଗୁରୁ କରୁଣାସିନ୍ଧୁ      ଅଧମ ଜନର ବନ୍ଧୁ
ଲୋକନାଥ ଲୋକେର ଜୀବନ
ହା ହା ପ୍ରଭୁ କର ଦୟା      ଦେହ ମୋରେ ପଦଛାୟା
ଏବେ ଯଶ ଘୁଷୁକ୍ ତ୍ରିଭୁବନ ॥

# ସୂଚୀପତ୍ର


| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|
| | **ଓଡ଼ିଆ ବିଭାଗ** | |
| 1. | ଅଭିନନ୍ଦନ ଦାସ | 3 |
| 2. | ଅଚିନ୍ତ୍ୟ ଶକ୍ତିଦେବୀ ଦାସୀ | 4 |
| 3. | ଅଚ୍ୟୁତପ୍ରିୟା ଦେବୀଦାସୀ | 4 |
| 4. | ଅଜିତ୍ ହରି ଦାସ | 6 |
| 5. | ଅନୁପମା ଦେବୀ ଦାସୀ ଓ ଅକ୍ଷୟହରି ଦାସ | 7 |
| 6. | ଆନନ୍ଦମୟୀ ଦେବୀ ଦାସୀ | 7 |
| 7. | ଅର୍ଚ୍ଚି ଦେବୀ ଦାସୀ | 8 |
| 8. | ଅର୍ପିତା ପ୍ରିୟଦର୍ଶିନୀ ସାମଲ | 9 |
| 9. | ବଳରାମ ଦାସ, ସୁକଣ୍ଠି ଦେବୀଦାସୀ | 10 |
| 10. | ବରିୟଶୀ ଦେବୀ ଦାସୀ | 11 |
| 11. | ବସନ୍ତରାସ ଦେବୀ ଦାସୀ | 12 |
| 12. | ବିଶାଖା ଦେବୀ ଦାସୀ, ବ୍ରହ୍ମପୁର | 12 |
| 13. | ବିଶ୍ୱଜିତ୍ ସାହୁ | 13 |
| 14. | ବୃନ୍ଦାବନ ଦାସ | 13 |
| 15. | ବୃନ୍ଦାବନ ବାସିନୀ ଦେବୀ ଦାସୀ | 14 |
| 16. | ବୃନ୍ଦାରୀକା ଦେବୀ ଦାସୀ | 15 |
| 17. | ବେଣୁଧାରୀ ଦାସ | 16 |
| 18. | ଚୈତନ୍ୟ ଚନ୍ଦ୍ର ଦାସ | 17 |
| 19. | ଦେବହୂତୀ ଦେବୀ ଦାସୀ | 18 |
| 20. | ଗୌରହରି ଦାସ | 18 |
| 21. | ଗାୟତ୍ରୀ ଦେବୀ ଦାସୀ, ସୀତାଭଲ୍ଲବ ଦାସ | 19 |
| 22. | ହରିପଦ ଦାସ | 20 |
| 23. | ହିରେନ୍ ବେହେରା, ଅନୁଗୁଳ | 21 |
| 24. | ଇତିଶ୍ରୀ ମହାଖୁଡ଼ | 22 |
| 25. | ଜଗନମୋହିନୀ ଦେବୀଦାସୀ | 23 |
| 26. | ଜଗନ୍ନାଥ ଦାସ, ଭୁବନେଶ୍ୱର | 24 |
| 27. | ଜଗନ୍ନାଥେଶ୍ୱରୀ ଦେବୀ ଦାସୀ | 24 |
| 28. | ଜାହ୍ନବୀ ଦେବୀ ଦାସୀ | 25 |
| 29. | ଜାସ୍ମିନ୍ | 26 |
| 30. | ଜୟ ବୃନ୍ଦେ ଦେବୀ ଦାସୀ | 27 |
| 31. | ଜିଜ୍ଞାସୁ ଏ ଆର୍ ସାହୁ | 28 |
| 32. | ଯୁଧିଷ୍ଠିର ଦାସ | 29 |
| 33. | ଜ୍ୟୋତିର୍ମୟୀ ସ୍ୱାଇଁ | 30 |
| 34. | କାଜଲ ସାମଲ | 31 |
| 35. | କଳ୍ପିତା ପ୍ରିୟଦର୍ଶିନୀ | 31 |
| 36. | କୃଷ୍ଣ କେଶବ ଦାସ | 33 |
| 37. | କ୍ଷମା ଦେବୀ ଦାସୀ | 33 |
| 38. | କ୍ଷମାସାଗର ଦାସ | 34 |
| 39. | କିଶୋରୀ ଓଝା | 35 |
| 40. | କୃଷ୍ଣାନନ୍ଦ ଦାସ, ଶ୍ରୀଭଦ୍ରା ଦେବୀ ଦାସୀ | 36 |
| 41. | କୃଷ୍ଣକାନ୍ତା ଦେବୀ ଦାସୀ | 37 |
| 42. | ଲକ୍ଷ୍ମୀପତି ଦାସ | 37 |
| 43. | ଲକ୍ଷ୍ମୀପ୍ରିୟା ଲେଙ୍କା | 38 |
| 44. | ଲତା ଦେବୀ ଦାସୀ | 39 |

| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|
| 45. | ମଞ୍ଜରୀ ଦେବୀ ଦାସୀ | 40 |
| 46. | ମନମୋହନ ଦାସ | 41 |
| 47. | ମୀନାରାଣୀ ମଲ୍ଲିକ | 42 |
| 48. | ମିତ୍ରବିନ୍ଦା ଦେବୀ ଦାସୀ | 43 |
| 49. | ମୋହନ କୃଷ୍ଣ ଦାସ | 45 |
| 50. | ମୁକେଶ ଓଝା | 46 |
| 51. | ମନୋହରା ଦେବୀ ଦାସୀ | 46 |
| 52. | ନବକିଶୋର ଦାସ | 47 |
| 53. | ନନ୍ଦି ପୃଷ୍ଟି | 48 |
| 54. | ନାରାୟଣ ଦାସ | 48 |
| 55. | ନେତ୍ରମଞ୍ଜରୀ ଦେବୀ ଦାସୀ | 49 |
| 56. | ବ୍ରଜରାଜ ଦାସ, ପଦ୍ମାଦେବୀ ଦାସୀ | 50 |
| 57. | ପରାପ୍ରକୃତି ଦେବୀ ଦାସୀ | 51 |
| 58. | ପରମ କରୁଣ ଦାସ | 52 |
| 59. | ପରମହଂସ ଦାସ | 53 |
| 60. | ପାର୍ଥ ସାରଥି ଦାସ | 54 |
| 61. | ପ୍ରେମନିକେତନ ଦାସ | 55 |
| 62. | ପ୍ରେମରୂପା ଦେବୀଦାସୀ | 56 |
| 63. | ପ୍ରିୟାଶ୍ରୀ, ପ୍ରିୟାକିଶୋରୀ ଦେବୀ ଦାସୀ | 57 |
| 64. | ପ୍ରିୟବ୍ରତ ଦାସ, ମହାଭାବମୟୀ ଦେବୀଦାସୀ | 58 |
| 65. | ପୂର୍ଣ୍ଣତମା ଦେବୀଦାସୀ | 59 |
| 66. | ପ୍ରତାପ ସାହୁ | 59 |
| 67. | ପୁରୁଷୋତ୍ତମ କୃଷ୍ଣ ଦାସ | 60 |
| 68. | ପୁରୁଷୋତ୍ତମ ଦାସ | 61 |
| 69. | ରାଧାଜୀବନ ଦାସ, କାଳନ୍ଦୀ ଦେବୀ ଦାସୀ | 62 |
| 70. | ରାଧାରାଣୀ ଦେବୀ ଦାସୀ | 63 |
| 71. | ରାଧିକା କିଶୋରୀ ଦେବୀ ଦାସୀ | 64 |
| 72. | ରମାବଲ୍ଲଭ ଦାସ | 65 |
| 73. | ରାସପ୍ରିୟା ଦେବୀ ଦାସୀ | 67 |
| 74. | ରତିପ୍ରଦା ଦେବୀ ଦାସୀ | 68 |
| 75. | ରୀନା ରାଉତ | 69 |
| 76. | ରତି ମଞ୍ଜରୀ ଦେବୀ ଦାସୀ | 70 |
| 77. | ସାଧ୍ୱୀ ଦେବୀ ଦାସୀ, କୃଷ୍ଣକିର୍ତ୍ତୀ ଦାସ | 71 |
| 78. | ସଖି ଦେବୀ ଦାସୀ | 72 |
| 79. | ସନ୍ଧ୍ୟାରାଣୀ ପୃଷ୍ଟି | 73 |
| 80. | ସନ୍ତୋଷିନୀ ବେହେରା | 74 |
| 81. | ସର୍ବସାକ୍ଷୀ ଦାସ | 75 |
| 82. | ସାର୍ବଭୌମ ଦାସ | 76 |
| 83. | ଶୁଭା ଦେବୀ ଦାସୀ | 76 |
| 84. | ସ୍ମୃତି ସୌରଭ ପାଲ | 77 |
| 85. | ସୃଷ୍ଟି ଦେବୀ ଦାସୀ | 78 |
| 86. | ସୁଭଙ୍ଗଦା ଦେବୀ ଦାସୀ | 80 |
| 87. | ସୁନ୍ଦର ଲାଲ ଦାସ୍ | 80 |
| 88. | ଶୁଭାଶିଷ କର | 81 |
| 89. | ସୁନ୍ଦର କୃଷ୍ଣ ଦାସ | 82 |
| 90. | ସୁଦର୍ଶନ ଦାସ | 82 |
| 91. | ସୂର୍ଯ୍ୟ କୁଣ୍ଡ ଦେବୀ ଦାସୀ | 83 |
| 92. | ସ୍ୱଦ୍ଧେଶ୍ୱରୀ ଦେବୀ ଦାସୀ | 83 |
| 93. | ତରୁଣ କୃଷ୍ଣ ଦାସ | 84 |
| 94. | ତୀର୍ଥରାଜ ଦାସ | 85 |
| 95. | ବୃନ୍ଦାବନେଶ୍ୱରୀ ଦେବୀ ଦାସୀ | ୮୬ |

| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|

**ENGLISH SECTION**

| | | |
|---|---|---|
| 96. | Ajit Krishna Dasa | 89 |
| 97. | Anand vardhan das | 90 |
| 98. | Akash Chaurasia | 90 |
| 99. | Ananda Vrindavan Dasa | 91 |
| 100. | Ananta Vasudeva Das | 92 |
| 101. | Ananta Rupa das, Laxmipriya devi das | 93 |
| 102. | Aradhana Devi Dasi | 94 |
| 103. | Ashok Krishna Das | 95 |
| 104. | Deeptimayi Radhika Devi Dasi & | 96 |
| | Anand Krishna Das | 96 |
| 105. | Barad Krishna Das | 99 |
| 106. | Bhagvat Das | 100 |
| 107. | Devapriya Devi Dasi | 101 |
| 108. | Devi Krishna Priya | 102 |
| 109. | Falguni Priya Devi Dasi | 103 |
| 110. | Gaurangi | 104 |
| 111. | Ipsita | 105 |
| 112. | Keshava Krishna Das | 106 |
| 113. | Krishna Ballava devi Dasi | 107 |
| 114. | Manasmita Jena | 107 |
| 115. | Maheswar Dehury | 108 |
| 116. | Nandasuta Das | 109 |
| 117. | Nitya Kishori, Radhe Devi Dasi | 109 |
| 118. | Nihar | 111 |
| 119. | Omkar | 112 |
| 120. | Pritisha Tripathy | 113 |
| 121. | Priya devi dasi | 113 |
| 122. | Radha Krishna Das | 115 |
| 123. | Radhika Priya | 115 |
| 124. | Radheshyam Das | 116 |
| 125. | Sankhadhari Das | 117 |
| 126. | Shivangi | 118 |
| 127. | Siva Sankar | 119 |
| 128. | Sumitra Krishna das | 120 |
| 129. | Varsabhanavi Krishna | 121 |
| 130. | Swayamnshu Asman Sahoo | 122 |
| 131. | Sreeya Shubhangi Sahoo | 122 |
| 132. | Sarbapalaka Krishna Das | 124 |

**HINDI SECTION**

| | | |
|---|---|---|
| 133. | अनंगमोहन दास | 129 |
| 134. | अर्चना देवी दासा | 130 |
| 135. | अनुभुति अग्रव्वाल | 131 |
| 136. | मदन मोहिनी देबीदासा | 132 |
| 137. | चारू कृष्ण दास | 133 |
| 138. | वैकुंठ पति दास, नित्य रूपा देवी दासा | 134 |
| 139. | नारायणी देवी दासा | 134 |
| 140. | नारायण प्रिया देवी दासा | 135 |
| 141. | रोहिणी प्रिया लोंका | 135 |
| 142. | रमेश्वरी राधे देबी दासी | 136 |
| 143. | सर्वलक्ष्मीमयी देबी दासी | 137 |
| 144. | शिवम् जेना | 137 |

# ଶିଷ୍ୟ / ଶିଷ୍ୟାଙ୍କ ଦ୍ୱାରା ଅର୍ପିତ ଅର୍ଘ୍ୟ
# (OFFERINGS BY DISCIPLES)

# ଓଡ଼ିଆ ବିଭାଗ

# ତ୍ରିତାପରୁ ରକ୍ଷା କରନ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ଆରାଧ୍ୟ ଗୁରୁଦେବ! ଆପଣଙ୍କର ଏ ଶୁଭ ଆବିର୍ଭାବ ତିଥିରେ ଏ ହତଭାଗାର ସହସ୍ର କୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କର ଏହି ୭୧ ତମ ଶୁଭ ଆର୍ବିଭାବ ବ୍ୟାସପୂଜା ତିଥି। ଆଜିର ତିଥି ଏକ ପବିତ୍ର ତିଥି କାରଣ ଏହି ତିଥି ସ୍ୱୟଂ ଗୁରୁଦେବଙ୍କର ଆବିର୍ଭାବ ଦିନ ଅଟେ। ଶ୍ରୀଲ ଗୁରୁଦେବ ଖ୍ରୀ.୧୯୫୩ ମସିହା ଶ୍ରାବଣ ମାସ କୃଷ୍ଣପକ୍ଷ ତୃତୀୟାରେ ଶ୍ରୀକ୍ଷେତ୍ର ଠାରୁ ଅନତି ଦୂରରେ ସାମନ୍ତରାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଗୁରୁଦେବ, ଆପଣଙ୍କ ପରି ମହାନ୍ ଶୁଦ୍ଧ ବୈଷ୍ଣବଙ୍କର ଗୁଣଗାନ କରିବାରେ ମୋ'ଭଳି ଏକ ମୁଢ଼ ଅଧମର ଯୋଗ୍ୟତା ନାହିଁ।

ଶ୍ରୀଲ ପ୍ରଭୁପାଦ ତାଙ୍କର ଅନେକ ପ୍ରବଚନରେ କୁହନ୍ତି- ବୈକୁଣ୍ଠ ପ୍ରିୟ ଶୁଦ୍ଧ ଭକ୍ତଙ୍କର ଦର୍ଶନ ଓ ସଙ୍ଗ ଆମକୁ ସହଜରେ ମିଳେ ନାହିଁ। ଭବ ସାଗରରେ ପତିତ ଜୀବମାନଙ୍କର ଦୁଃଖ ଦେଖି ସହି ନ ପାରି ପ୍ରଭୁ ନିଜେ ପତିତପାବନ ଗୁରୁଙ୍କ ରୂପରେ ଏ ଜୀବମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଏ ଧରାଧାମରେ ଅବତରଣ କରିଥାନ୍ତି। ସେଥିପାଇଁ କୁହାଯାଇଛି-

"ଗଙ୍ଗା ପାପଂ ଶଶୀ ତାପଂ ଦୈନ୍ୟଂ କଳ୍ପତରୁ ତଥା
ପାପଂ ତାପଂ ଚ ଦୈନ୍ୟଂଚ ହନ୍ତି ସାଧୁ ସମାଗମଃ।"

ଗଙ୍ଗା ବ୍ୟକ୍ତିର ପାପକୁ ନଷ୍ଟକରେ। ଚନ୍ଦ୍ରମା ତାପକୁ ହରଣ କରେ। କଳ୍ପତରୁ ଦରିଦ୍ରତାକୁ ନଷ୍ଟ କରିଥାନ୍ତି। କିନ୍ତୁ ଯେ ଏ ତ୍ରିତାପ (ପାପ, ତାପ, ଦାରିଦ୍ର୍ୟ)ରୁ ରକ୍ଷା କରିପାରନ୍ତି, ସିଏ ହେଲେ ଶ୍ରୀଲ ଗୁରୁଦେବ। ମୁଁ ତ୍ରିତାପ ନର୍କରେ ପଡ଼ି (ଅସତ୍ୟରେ ସତ୍ୟକରି ମାନି), ଅସତ୍ୟଟାକୁ ମୁଁ ସତ୍ୟ ଭାବିକରି ତା'ପଛରେ ଧାବମାନ ହେଉଥିଲି। କିନ୍ତୁ ଶ୍ରୀଲ ଗୁରୁଦେବ! ଆପଣ କୃପାମୟ, ମୋଭଳି ଅର୍ଥ ପିପାଶୁ କାମୀଟାକୁ ଏ ତ୍ରିତାପରୁ ଉଦ୍ଧାରକରି ଶ୍ରୀଲ ପ୍ରଭୁପାଦଙ୍କର ସେବା କରିବାର ସୁଯୋଗ ପ୍ରଦାନ କରିଛନ୍ତି। ମୁଁ ଗୋଟେ ପାପର ଖଣି ଅଟେ ଏବଂ ମୁଁ ତ୍ରିତାପରେ ପଡ଼ି ପୂର୍ବ ଜନ୍ମର କର୍ମଫଳ ଅନୁସାରେ କଷ୍ଟ ପାଉଥିଲି। ଗୁରୁଦେବ ମୋତେ ଶୀତଳତା ପ୍ରଦାନ କରି ଏ ତାପରୁ ଉଦ୍ଧାର କରିଛନ୍ତି। ସମୁଦ୍ର ପରି ମୋ ମନ ସର୍ବଦା ଅଶାନ୍ତ ରହୁଥିଲା। ସେଥିପାଇଁ ମୁଁ ସଦାସର୍ବଦା ଅଶାନ୍ତ ରହୁଥିଲି। ଶ୍ରୀଲ ଗୁରୁଦେବ, ଆପଣ ଏ ଅଧମକୁ ନର୍କରୁ ଉଦ୍ଧାର କରିଛନ୍ତି। ଗୁରୁଦେବ, ଆପଣ ମତେ ସର୍ବଦା ପଚାରନ୍ତି, ଜପ ସରିଚି ତ? କ୍ଲାସ୍ ଶୁଣୁଚ ତ ଏବଂ ଗୀତା ଭାଗବତ ପଢୁଚ ତ? ତାଦ୍ୱାରା ମୋର ଜପ କରିବା ପାଇଁ ଏବଂ ଗୀତା ଭାଗବତ ପଢ଼ିବାପାଇଁ ଉତ୍ସାହ ଆସେ। ଆପଣଙ୍କର ଏହି ପ୍ରେରଣା ଦ୍ୱାରା ମୁଁ ହରିକୀର୍ତ୍ତନ କରିବାପାଇଁ ପ୍ରୟାସ ଜାରି ରଖିଛି। ଆପଣ ହରିକୀର୍ତ୍ତନ କରାଇ ମତେ ତ୍ରିତାପରୁ ଉଦ୍ଧାର କରିଛନ୍ତି। ହରିକୀର୍ତ୍ତନ କଲେ ଶୀତଳତା ଆସେ। ଶୀତଳତା ଆସିଲେ ତାପ ନଷ୍ଟ ହୁଏ।

ଗୁରୁଦେବ ଏ ସଂସାରରେ ସଦ୍‌ଗୁରୁ ମିଳିବା ଅତି କଷ୍ଟକର। କିନ୍ତୁ ଜଗନ୍ନାଥଙ୍କ କୃପାରୁ ମତେ ଆପଣଙ୍କ ପରି ଶୁଦ୍ଧ ବୈଷ୍ଣବଙ୍କର ସଙ୍ଗ ଲାଭ କରିବାର ସୁଯୋଗ ମିଳିଛି। କିନ୍ତୁ ମୁଁ ହତଭାଗା ଦୁର୍ଭାଗ୍ୟବଶତଃ ଉପଭୋଗ କରିପାରୁ ନାହିଁ। ମଣିଷ ଜୀବନରେ ଗୁରୁ ହିଁ ଏକମାତ୍ର ଯିଏ ପ୍ରକୃତ ମାର୍ଗ ଦର୍ଶନ କରାନ୍ତି। ମୁଁ ଆପଣଙ୍କ ପରି ମହାନ୍ ଗୁରୁଦେବଙ୍କ ପଦଛାୟାରେ ଆଶ୍ରୟ ଗ୍ରହଣ କରିଛି। ହେଲେ ମୁଁ ଆପଣଙ୍କର ନିତ୍ୟସେବା ଠିକ୍ ଭାବରେ ପାଳନ କରିପାରୁ ନାହିଁ। ମୁଁ ବଦ୍ଧଜୀବ ଭୁଲ୍ କରିବା ମୋର ସ୍ୱଭାବ ହେ ଅନ୍ତର୍ଯ୍ୟାମୀ ଗୁରୁଦେବ, ଆପଣ ମୋର ଅନ୍ତର କଥା ଜାଣିପାରନ୍ତି। ହେ ଗୁରୁଦେବ, ଆପଣ ଅତି ସରଳ ଏବଂ କ୍ଷମାର ସାଗର ଜ୍ଞାତ ଓ ଅଜ୍ଞାତ ସାରରେ ଯାହାବି ଭୁଲ୍ ଥାଏ, ଆପଣଙ୍କର ସେହି କ୍ଷମା ଗୁଣରେ ଏ ଅଧମର ସର୍ବଦୋଷ କ୍ଷମା କରିବେ। ସବୁବେଳେ ଆପଣ, ଆପଣଙ୍କର ଏହି ଶ୍ରୀଚରଣରେ ଧୂଳିକଣା ସଦୃଶ ସ୍ଥାନ ଦିଅନ୍ତୁ। ଏତିକି ମୁଁ ଶ୍ରୀଲ ଗୁରୁଦେବଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛି।

ଶେଷରେ ଜଗନ୍ନାଥଙ୍କ ପାଖରେ ଆପଣଙ୍କ ଦୀର୍ଘାୟୁ କାମନା କରୁଛି, ଆପଣ ସର୍ବଦା ସୁସ୍ଥ ରହି ହରିକଥା କହି ଆମ୍ଭମାନଙ୍କ ଭଳି ପତିତମାନଙ୍କୁ ଉଦ୍ଧାର କରୁଥାନ୍ତୁ। ଜୟ ପତିତପାବନ ପରମ ଦୟାଳୁ ବୈଷ୍ଣବ ଚୂଡ଼ାମଣୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁ ମହାରାଜଙ୍କର ଶୁଭ ଆବିର୍ଭାବ ତିଥିକି ଜୟ। (ହରେ କୃଷ୍ଣ)

ଆପଣଙ୍କର ହତଭାଗା ପୁତ୍ର
**ଅଭିନ୍ଦନ ଦାସ**

# କାହିଁକି ନାରୀ ଜନ୍ମ ଦେଲେ ?

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କ ଚରଣକମଳରେ ଏହି ଅଧମା ଦାସୀର ଦଣ୍ଡବତ ପ୍ରଣାମକୁ ସ୍ୱୀକାର କରନ୍ତୁ । ଆପଣଙ୍କର ବ୍ୟାସପୂଜା ଅବସରରେ ଆପଣଙ୍କର ଗୁଣଗାନ କରିବା ପାଇଁ ମୋର ଏତେ ଯୋଗ୍ୟତା ନାହିଁ । ତଥାପି ମୁଁ କିଛି ପ୍ରୟାସ କରୁଛି । ଜଣେ ଶୁଦ୍ଧ ବୈଷ୍ଣବଙ୍କ ପାଖରେ ୨୬ଟି ଦିବ୍ୟଗୁଣ ଦେଖାଯାଏ, ଯାହା ମୁଁ ଆପଣଙ୍କ ପାଖରେ ଦେଖିଛି । ଆପଣ ଏହି ଅଧମାକୁ ଶିଷ୍ୟା ରୂପରେ ଗ୍ରହଣ କରିଥିବାରୁ ଆପଣଙ୍କ ନିକଟରେ ମୁଁ ଚିରଋଣୀ । କିନ୍ତୁ ଏହି ଅଧମାର ଆପଣଙ୍କର ଶିଷ୍ୟା ହେବାର ଯୋଗ୍ୟତା ନାହିଁ । କାରଣ ମୁଁ ଆପଣଙ୍କର କୌଣସି ବାଣୀସେବା ଓ ମନ୍ଦିରର ସେବାରେ ଯୋଗଦାନ କରିପାରୁ ନାହିଁ । ମତେ ବର୍ଷରେ ଦୁଇ, ତିନିଥର ମନ୍ଦିର ଯିବାର ସୁଯୋଗ ମିଳୁଛି । ମୁଁ ଜଣେ ଗୃହିଣୀ ହୋଇଥିବାରୁ ଘରର ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି । ମନ୍ଦିର ଗଲେ ଶାଶୁ, ଶ୍ୱଶୁର ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ଘରେ ଅଶାନ୍ତି କରୁଛନ୍ତି । ତେଣୁ ମୁଁ ମନ୍ଦିର ଯାଇପାରୁ ନାହିଁ । କୃଷ୍ଣଙ୍କ ପାଖରେ ମୋର ଏତିକି ଅଭିଯୋଗ, ସେ ମତେ ମନୁଷ୍ୟ ଜନ୍ମଦେଲେ ଯଦି କାହିଁକି ନାରୀ ଜନ୍ମ ଦେଲେ କାରଣ ମୁଁ ଗୁରୁକୃଷ୍ଣଙ୍କ ସେବାରେ ନିଜକୁ ସମର୍ପଣ କରିପାରୁ ନାହିଁ । ସେଥିପାଇଁ ମୁଁ ନିଜକୁ ହତଭାଗିନୀ ମନେକରୁଛି । କିନ୍ତୁ ମୁଁ ପ୍ରତିଦିନ ଆପଣଙ୍କ ଟେଲିଗ୍ରାମରେ କ୍ଲାସ, ଶୁଣୁଛି ଜପ ଓ ଚାରୋଟି ନିୟମ ପାଳନ କରୁଛି । ହେ ମୋର ପ୍ରିୟ ଗୁରୁମହାରାଜ ମୋତେ ଏତିକି କୃପା କରନ୍ତୁ କି ମୁଁ ଭକ୍ତିମାର୍ଗରେ ଅଗ୍ରଗତି କରିପାରିବି । ଆପଣଙ୍କର ସେବା ନ କରିପାରିଥିବାରୁ ମୁଁ ଆପଣଙ୍କୁ କ୍ଷମା ପ୍ରାର୍ଥନା କରୁଛି । ଆଜିର ଏହି ପବିତ୍ର ଜନ୍ମତିଥିରେ ମୁଁ ରାଧାଗୋବିନ୍ଦଙ୍କ ଆଗରେ ପ୍ରାର୍ଥନା କରୁଛି, ସେ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ ।

ଆପଣଙ୍କର ଅଧମା ଶିଷ୍ୟା
**ଅଚିନ୍ତ୍ୟ ଶକ୍ତିଦେବୀ ଦାସୀ**
କାରିଗରପଡ଼ା, ତାଳଚେର ଟାଉନ୍

# ଆପଣ ପଥ ପ୍ରଦର୍ଶକ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ମୋର ପରମ ପୂଜ୍ୟ ଆରାଧ୍ୟ ଗୁରୁଦେବଙ୍କ ଚରଣ କମଳରେ ଏହି ୭୧ତମ ଜନ୍ମତିଥି ଅବସରରେ ମୋର କୋଟିକୋଟି ଦଣ୍ଡବତ ପ୍ରଣାମ । ଭଗବାନ ଆପଣଙ୍କୁ କୋଟିକୋଟି ପରମାୟୁ ଦେଇ ଏଇଭଳି ଆମ୍ଭମାନଙ୍କ ସମ୍ମୁଖରେ ରଖିଥାଆନ୍ତୁ ।

ହେ ଗୁରୁଦେବ ଏଇ ଅଭାଗିନୀକୁ ଆପଣ ଶିଷ୍ୟା ଭାବରେ ଗ୍ରହଣ କରିଛନ୍ତି । ଏହି ଭବସାଗରରୁ ଉଦ୍ଧାର ହେବାପାଇଁ ରାସ୍ତା ଦେଖାଇଛନ୍ତି । ପିତାମାତା ଜନ୍ମ ଦେଇଥାନ୍ତି ଏବଂ ନିଜ ଭାଗ୍ୟ ଅନୁସାରେ ବଞ୍ଚିବା ପାଇଁ ଛାଡ଼ି ଦେଇଥାନ୍ତି । କିନ୍ତୁ ଆପଣ ଗୁରୁଭାବରେ ଆସି ମୋର ପଥପ୍ରଦର୍ଶକ ହୋଇ ଉଚିତ୍ ରାସ୍ତାରେ ଚାଲିବା ପାଇଁ ବାଟ ଦେଖାଇଛନ୍ତି । ମୋର ସମସ୍ତ ପାପ, ପୁଣ୍ୟ, ଦୋଷକୁ ବୋଝ ଭାବରେ ମୁଣ୍ଡାଇ ଚାଲିଛନ୍ତି । ମୋର ପୂର୍ବ ଜନ୍ମର କିଛି ପୁଣ୍ୟ କର୍ମ ଥିଲା ବୋଧହୁଏ, ତେଣୁ ଆପଣଙ୍କୁ ମୁଁ ଗୁରୁ ରୂପରେ ପାଇଛି । ମୋର କର୍ମକ୍ଷେତ୍ର ଓ ଗୃହସ୍ଥ ଜୀବନର ଏଇ ପରିବାର ମଧ୍ୟରେ ବହୁ ବାଧାବିଘ୍ନ ପ୍ରତିଘାତ ହୋଇ ମୋର ରାସ୍ତା ଓଗାଳିବା ପରି ଲାଗୁଛି । ହେ ଗୁରୁଦେବ ମୋତେ ଏତେ ଶକ୍ତି ଦିଅନ୍ତୁ ଯେ ଏହି ବାଧାବିଘ୍ନ ଗୁଡ଼ିକୁ ଯେପରି ଅତିକ୍ରମ କରି ଆପଣଙ୍କ ଦ୍ୱାରା ପାଇଥିବା ଶିକ୍ଷାକୁ ଆଧାର କରି ଏହି ସଂସାର ରାସ୍ତାକୁ ପାରି ହୋଇପାରିବି । ମୋର ଭଗବାନଙ୍କ ପାଖରେ ଏଇ ପ୍ରାର୍ଥନା ଯେ, ସେ ଆପଣଙ୍କୁ ସୁସ୍ଥ ରଖନ୍ତୁ, ଯେପରି ଆମ୍ଭେମାନେ ଆପଣଙ୍କ ଉପଦେଶ ଏବଂ ଭଗବାନଙ୍କ ବାଣୀ, ଲୀଳା, ଗୁଣ ଆଦି ଶ୍ରବଣ କରୁଥିବୁ । ଆପଣଙ୍କର ଏହି ବ୍ୟାସପୂଜା ଉପଲକ୍ଷେ ମୋର ଆପଣଙ୍କୁ ପୁନର୍ବାର କୋଟିକୋଟି ପ୍ରଣାମ । ପ୍ରତ୍ୟେକ ମୁହୂର୍ତ୍ତରେ ଆପଣ ମୋର ହୃଦୟରେ ବିରାଜମାନ କରିଥାନ୍ତୁ ।

ଆପଣଙ୍କର ସେବାରେ
**ଅଚ୍ୟୁତପ୍ରିୟା ଦେବୀଦାସୀ**, ବୌଦ

# ଅଜିତ୍ ହରି କାହିଁ ?

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ! ମୋର ପରମପୂଜ୍ୟ ଗୁରୁଦେବ ! ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥି। ଆଜିର ଏହି ଶୁଭ ଅବସରରେ ଆପଣଙ୍କର ଶ୍ରୀଚରଣରେ ଏହି ଅଧମର ଶତକୋଟି ପ୍ରଣାମ। ଆଜିର ଶୁଭଦିନରେ ଆପଣଙ୍କର କିଛି ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ, ଯାହା ମୋର ଯୋଗ୍ୟତା ବାହାରେ, ମୁଁ ନିଜକୁ କୃତଜ୍ଞ ମନେ କରୁଛି। ହେ ! ଗୁରୁଦେବ ଯାହା ମୁଁ ୧୧ ବର୍ଷ ଭକ୍ତି ଜୀବନ କାଳ / ସମୟ ଭିତରେ ଏତିକି ଜାଣିଛି ଯେ ଜୀବନରେ ଗୁରୁଗ୍ରହଣ କରିବା ଅର୍ଥାତ୍ ଏ ଭୌତିକ ଜୀବନକୁ ଅତିକ୍ରମ କରିବାର ଏକ ଅବସ୍ଥା, ଯାହାକୁ ପ୍ରାପ୍ତ ହେବାପାଇଁ ଜଣେ ଶିଷ୍ୟ ସଦାସର୍ବଦା ସୁସ୍ଥ ଆଧ୍ୟାତ୍ମିକ ପରିବେଶ ପାଇଁ ପ୍ରୟାସ କରିଥାଏ ଏବଂ ଗୁରୁକୃଷ୍ଣଙ୍କ କୃପାରୁ ତାକୁ ଶିଷ୍ୟ ହେବାର ଏକ ସୁଯୋଗ ମିଳିଥାଏ।

ହେ ଗୁରୁଦେବ ! ଏ ଅଧମ ଅଜିତ୍ ହରି ଦାସ ମଧ୍ୟ ସେଥିରୁ ଜଣେ, ଯିଏ କି ଦୀକ୍ଷା ନେବା ଦିନଠାରୁ ଅର୍ଥାତ୍ ୨୦୨୨ ମସିହାଠାରୁ ଅଦ୍ୟାବଧି, ଯେତେବେଳେ ସେହି ପବିତ୍ର ଦିନ ଆସିଯାଏ (ରାମନବମୀ) ସେତେବେଳେ ସେ ନିଜକୁ ଆତ୍ମବଲୋକନ କରେ, ଅର୍ଥାତ୍ ନିଜର ସ୍ଥିତି ସମ୍ପର୍କରେ ଚିନ୍ତା କରେ, ଉକ୍ତ ଦିନଠାରୁ ସେ ମନେ ପକାଇଥାଏ ତାକୁ ଯେଉଁ ଅମୂଲ୍ୟ ସମ୍ପଦ ମିଳିଛି ତାହାକୁ ସେ କେତେ ମାତ୍ରାରେ ଏବଂ ସଠିକ୍ ରୂପରେ ଧାରଣ କରିଛି। ମୁଁ ସେହି ଅଜିତ ହରି ଦାସ ଗୋଟେ କଥାକୁ ମନେ ପକାଇଥାଏ। ଉକ୍ତ ଦିନ ରାମନବମୀ, ଯାହା ବର୍ଷକୁ ବର୍ଷ ଆସିଥାଏ, ସେତେବେଳେ ସେ ମୂଲ୍ୟବାନ ଶବ୍ଦ ମନେ ପଡ଼ିଯାଏ ଯାହାର ଯୋଗୁଁ ନିଜର ସ୍ଥିତି ସମ୍ପର୍କରେ ମୋତେ ଏକ ଜାବଡ଼ା ମାରିଲାପରି ମନେହୁଏ। ସତେ ଯେପରି ମୋର କାନ ଧରି ମୋତେ ଶିଖାଇଦିଏ, ମୋର ସ୍ଥିତି ସମ୍ପର୍କରେ।

ସେହି ପବିତ୍ର ପାବନୀ ତିଥି ରାମନବମୀ ୨୦୨୨ରେ ଯେଉଁ ମୂଲ୍ୟବାନ ଶବ୍ଦ ଥିଲା, ତାହା ଥିଲା, ଯେତେବେଳେ ସକାଳ ୮ଟା ସମୟରେ ଦୀକ୍ଷା ସମୟରେ ଆପଣ ଆସି ବ୍ୟାସ ଆସନ ଅଳଙ୍କୃତ କରିଥିଲେ ଏବଂ ଦୀକ୍ଷା କଥା / ପ୍ରବଚନ ଆରମ୍ଭ କରିବା ପୂର୍ବରୁ ଆପଣ ସମସ୍ତ ଦୀକ୍ଷା ନେବାକୁ ଥିବା ଶିଷ୍ୟ ଶିଷ୍ୟାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ହସ ହସ ମୁଖରେ ଯେଉଁ ବାର୍ତ୍ତାଟି ଦେଇଥିଲେ, ତାହା କର୍ତ୍ତବ୍ୟକୁ ଅବହେଳା କରୁଥିବା ଶିଷ୍ୟ ନିଶ୍ଚୟ ନିଜକୁ ତର୍ଜମା କରିବ। ସେହି ସୁନ୍ଦର ଅମୂଲ୍ୟ ବାର୍ତ୍ତା ଥିଲେ ଯେ "ଆପଣମାନେ ସମସ୍ତେ ଦେବ ଲୋକର ଅଧିବାସୀ, ଅର୍ଥାତ୍ ଦେବଲୋକରୁ ଆସିଛନ୍ତି" ଏହି ଗୋଟିଏ ବାକ୍ୟ ଯାହା ଆଜି ବି ମୋ ହୃଦୟର ସ୍ପନ୍ଦିତ ହେଉଅଛି, ଆଉ ମୋର କର୍ତ୍ତବ୍ୟ ଯାହା ମୁଁ ବେଳେବେଳେ ଏ ଭୌତିକ ଜୀବନର କାର୍ଯ୍ୟକଳାପ ଯୋଗୁଁ ଭୁଲିଯାଉଛି, ତାହା ଭିତରୁ ମୋତେ ବାହାର କରିଦେଉଛି।

ହେ ! ଗୁରୁଦେବ ଆଉ ଏକ ବାର୍ତ୍ତା ଯାହା ଅଦ୍ୟାବଧି ଘଟିଛି, ଚଳିତ ଅପ୍ରେଲ ୨୧ ଏବଂ ୨୨ରେ ଇସ୍କନ ବତୋଳ (out post) ରେ ହୋଇଥିବା ବାର୍ଷିକ ଉତ୍ସବର ପ୍ରଥମ ଦିବସ, ୨୧ ତାରିଖଟି ଏକ ଦୁଃଖର ପରିସର ପାଲଟି ଥିଲା, ତାହା ଥିଲା ଗୁରୁଦେବଙ୍କର ଦେହ ଅସୁସ୍ଥ କାରଣରୁ ସେ ସେହିଦିନ ଆସିପାରିବେ ନାହିଁ, ଯେଉଁ କଥାଟା ସମସ୍ତ ଶିଷ୍ୟଙ୍କୁ ହତବାକ୍ କରିଦେଲା। ସମସ୍ତ ଶିଷ୍ୟଶିଷ୍ୟାମାନେ ଦୁଃଖ ମନରେ ନିଜକୁ ଧିକ୍କାର କରି ଅର୍ଥାତ୍ ନିଜର ଦୁର୍ବଳ ସାଧନା କାର୍ଯ୍ୟଯୋଗୁଁ ଏଭଳି ହୋଇଛି ବୋଲି ଭାବି ଭଗବାନ ରାଧାମାଧବଙ୍କ ପାଖରେ ଆପଣଙ୍କ ଶରୀର ଆରୋଗ୍ୟ ପାଇଁ ପ୍ରାର୍ଥନା କଲେ। କାହାର ପ୍ରୋଗ୍ରାମରେ ମନ ଲାଗୁ ନ ଥାଏ, ହଠାତ୍ ରାତି ୮.୩୦ ସମୟରେ ଖବର ଆସିଲା ୨୨ ତାରିଖ ଅର୍ଥାତ୍ ବାର୍ଷିକ ଉତ୍ସବର ଶେଷଦିନ ଗୁରୁ ମହାରାଜ ଆସିବେ। ଯେଉଁ ବାର୍ତ୍ତା ସମସ୍ତ ଭକ୍ତମାନଙ୍କ ମନରେ ଆନନ୍ଦର ଅଶ୍ରୁ ଆଣିଦେଲା ପୁଣି ଚଳଚଞ୍ଚଳ ହୋଇପଡ଼ିଲା "ବାତୋଳ ହରେକୃଷ୍ଣ ସେଣ୍ଟର" ଚଳଚଞ୍ଚଳ ହୋଇପଡ଼ିଲେ ସମସ୍ତ ଶିଷ୍ୟ ଶିଷ୍ୟାମାନେ।

ହେ ! ଗୁରୁଦେବ ଆପଣ ଶରୀରର କଷ୍ଟକୁ ଭ୍ରୁକ୍ଷେପ ନକରି ନିଜର ଶିଷ୍ୟମାନଙ୍କର ଉତ୍ସାହ ଓ ଆଗ୍ରହକୁ ଆଖିରେ ରଖି ୨୨ ତାରିଖରେ ଆସିଥିଲେ ମୋଟରୀ ବାତୋଳ ହରେକୃଷ୍ଣ ସେଣ୍ଟରକୁ। ଆପଣଙ୍କ ଶରୀରରୁ ଜଣାପଡୁଥିଲା ଯେ ଆପଣଙ୍କ ଶରୀର ଅସୁସ୍ଥ ବୋଲି। ଗୁରୁଦେବ, କଷ୍ଟକୁ ଲୁଚାଇ ଶିଷ୍ୟମାନଙ୍କୁ ଟିକେ ଆନନ୍ଦ

ଦେବାପାଇଁ ଆପଣ ଯେମିତି ଏପରି କରିଥିଲେ, ସତେ ଯେପରି ମନେହେଉଥିଲା ପିତାମାତା ଯେପରି ନିଜ ପିଲାମାନଙ୍କୁ ଦେଖିଦେଲା ପରେ ସମସ୍ତ କଷ୍ଟ ଏବଂ ଦୁଃଖ ଭୁଲିଯାଆନ୍ତି ।

ସେହି ୨୨ ତାରିଖରେ ମୋର ଥାଏ Election Training Day ଯାହା ମୋର ମନକୁ ବହୁତ ଦୁଃଖ ଆଣିଥିଲା, ସକାଳ ୭.୩୦ରେ ସେବାକାର୍ଯ୍ୟରୁ ବିରତି ନେଇ ୮ଟାରେ Training Centreରେ ପହଞ୍ଚିଥିଲି । ମୋର ମନ ଲାଗୁନଥାଏ । Training କକ୍ଷରେ ବସିକରି ମଧ୍ୟ ମୁଁ ଫୋନ୍ ଦ୍ୱାରା ବୁଝୁଥାଏ ଗୁରୁଦେବ ଆସିଲେଣି ।

ଗୁରୁଦେବ ! ସେହିଦିନ ମଧ୍ୟ ଥିଲା ନବାଗତ ଭକ୍ତ ଯେଉଁମାନେ ଆଗକୁ ଆଶ୍ରୟ ନେବେ ଏବଂ ଯେଉଁମାନେ ଆଶ୍ରୟ ନେଇଛନ୍ତି ସେମାନଙ୍କର ଏକ ମିଟିଂ ଆୟୋଜନ ସକାଳ ୧୧ଟା ସମୟରେ କରାଯାଇଥିଲା, ଯେଉଁଟା ସମସ୍ତ ଦୀକ୍ଷା ନେଉଥିବା ଶିଷ୍ୟମାନଙ୍କ ପାଇଁ ଜରୁରୀ, ସମସ୍ତେ ସେ ମିଟିଂରେ ଥିଲେ ଖାଲି ମୋତେ ଛାଡ଼ି । ମୋର ମନ ସଦାସର୍ବଦା ସେହିଠାରେ ଥାଏ, ମୁଁ ଫୋନ୍ ମାଧ୍ୟମରେ ବୁଝୁଥାଏ, ଗୁରୁଦେବ ମିଟିଂରେ ଅଛନ୍ତି । ମୋର ମନ ଦୁଃଖ ମୁଁ ଭାବୁଥାଏ "ମୁଁ କି ହତଭାଗା !ମୋର ଗୁରୁଦେବଙ୍କ ପାଖକୁ ଯିବାଟା ଇଚ୍ଛାରେ ରହିଗଲା ।" ଟ୍ରେନିଂ ଅପରାହ୍ନ ୨ଟାରେ ସରିଲା, ମୁଁ ଯେତେବେଳେ ୩ଟାରେ ଆଶ୍ରମରେ ପହଞ୍ଚିଲି, ମୁଁ ସମସ୍ତ ଭକ୍ତଙ୍କ ପାଖରୁ ଶୁଣିବାକୁ ପାଇଲି ଆପଣ ମୋ ନାମଧରି ମୋତେ ଖୋଜୁଥିଲେ, "ଯେ ଅଜିତ ହରି କାହିଁ, କାଇଁ ମୁଁ ତାଙ୍କୁ ଦେଖିବାକୁ ପାଉନି ।"

ହେ ! ଗୁରୁଦେବ ଏ ଅଧମ ଅଜିତ ହରି ଆପଣଙ୍କର ଏତାଦୃଶ୍ୟ ଉପଦେଶକୁ ଭିତ୍ତିକରି ଏ ଭୌତିକ ଦୁନିଆରେ ଆଗେଇ ଚାଲିଛି । ଆପଣଙ୍କର ମହତ୍ତ୍ୱ ଉପଦେଶ ଓ ଆଶୀର୍ବାଦକୁ ନେଇ ଏ ଅଧମ ବଡ଼ ବଡ଼ ପ୍ରତିବନ୍ଧକ ଅତିକ୍ରମ କରିପାରୁଛି ଆପଣଙ୍କର ଏହିପରି ଆଶୀର୍ବାଦ ଏହି ଅଧମ ଉପରେ ଥାଉ, ଗୁରୁଦେବ ।

ଆପଣଙ୍କର ଶରୀର ସଦାସର୍ବଦା ଭଲରେ ସୁସ୍ଥରେ ରହୁ ମୁଁ ଶ୍ରୀଶ୍ରୀ ରାଧାମାଧବ, ଜଗନ୍ନାଥ ବଳଦେବ ସୁଭଦ୍ରା ଓ ସୁଦର୍ଶନ, ନରସିଂହ ଦେବଙ୍କ ପାଖରେ ପ୍ରାର୍ଥନା କରୁଛି ।

ଶ୍ରୀଲ ଗୁରୁଦେବକି ଜୟ, ଶ୍ରୀଲ ପ୍ରଭୁପାଦ କି ଜୟ ।

ଆପଣଙ୍କ ଚରଣାଶ୍ରିତ
**ଅଜିତ୍ ହରି ଦାସ**
ଇସ୍କନ ବାତୋଳ (ଆଉଟ୍‌ପୋଷ୍ଟ), ମୋଟରି

# ଗୁରୁଦେବ ସାକ୍ଷାତ୍ ଅନନ୍ତ ନାରାୟଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଏହି ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଶ୍ରୀଚରଣ କମଳରେ ଏହି ଅଧମ ଦାସର ଅନନ୍ତକୋଟି ବିନମ୍ର ପ୍ରଣାମ ଅର୍ପଣ କରୁଛି । ଆପଣ ଗୌରନିତାଇ ରାଧାଶ୍ୟାମସୁନ୍ଦରଙ୍କର ପ୍ରିୟ ଅନ୍ତରଙ୍ଗ ପାର୍ଷଦ । ଆପଣଙ୍କ ଗୁଣ ଓ ମହିମା ମହାସାଗର ତୁଲ୍ୟ । ମୁଁ ଜଣେ ମୂର୍ଖ ଅଜ୍ଞାନୀ ଆପଣଙ୍କର ଗୁଣଗାନ କରିବାର ମୋର କୌଣସି ଯୋଗ୍ୟତା ନାହିଁ । କିନ୍ତୁ ଗୁରୁଦେବ ମୋତେ ଏତିକି କୃପା କରନ୍ତୁ, ମୁଁ ଆପଣଙ୍କର ସ୍ୱଳ୍ପ କିଛି ଗୁଣକୀର୍ତ୍ତନ କରି ମୋର ହୃଦୟରେ ଥିବା ଜନ୍ମଜନ୍ମାନ୍ତର ମଇଳାକୁ ପରିଷ୍କାର କରି କୃଷ୍ଣଭକ୍ତି ପ୍ରେମ ପ୍ରାପ୍ତ ହେବି ।

ଗୁରୁଦେବ ଆପଣ ସାକ୍ଷାତ ଅନନ୍ତ ନାରାୟଣ । ତଥାପି ମୋ ଭଳି ମୂର୍ଖ ଅଧମକୁ ଆପଣ ଶିଷ୍ୟରୂପେ ଗ୍ରହଣ କରିଛନ୍ତି । ଗୁରୁଦେବ ଆପଣଙ୍କ କୃପା ହିଁ ମୋ ଜୀବନର ସବୁକିଛି । ଆପଣ ଯେତେବେଳେ

ପ୍ରବଚନ ଦିଅନ୍ତି ସେଠି ମୋର କିଛି କଥା ବୁଝିବାରେ ଅଭାବ ଥାଏ। କିନ୍ତୁ ପ୍ରଶ୍ନ ପଚାରିବାକୁ ଭୟ ଲାଗେ, ମୁଁ ମନେ ମନେ ଭାବୁଥାଏ ଏବଂ ବାରମ୍ବାର ଉଙ୍କି ମାରୁଥାଏ। ଠିକ୍ ମୋ ମନର କଥା ଜାଣିଲାଭଳି ଆପଣ ତା'ର ଉତ୍ତର ଦେଇଦିଅନ୍ତି, ଶୁଣି ଭାରି ଖୁସିଲାଗେ, ତା' ଅର୍ଥ ଆପଣ ସମସ୍ତଙ୍କ ମନର କଥା ଜାଣିପାରନ୍ତି। ସେଥିପାଇଁ ଆମ ଗୁରୁଦେବ ଅନନ୍ତ ନାରାୟଣ। ଏଣୁ ଆଜିର ଏହି ପବିତ୍ର ଦିନରେ ଅଧିକ କିଛି ବର୍ଣ୍ଣନା କରିବା ପାଇଁ କିଛି ଭାଷା ଆସୁନାହିଁ। କିନ୍ତୁ ଶେଷରେ ଏତିକି ପ୍ରାର୍ଥନା, ଶ୍ରୀରାଧାଶ୍ୟାମସୁନ୍ଦର ଓ ଜଗନ୍ନାଥ ବଳଭଦ୍ର ଶୁଭଦ୍ରା ଓ ଗୌରନିତାଇଙ୍କ ଠାରେ ଗୁରୁଦେବଙ୍କ ଶରୀର ସୁସ୍ଥ ଓ ଦୀର୍ଘଜୀବୀ ହେଉ, ଏମିତି ସବୁବେଳେ ଆମକୁ ହରି କଥା ଶୁଣାଉଥିବେ।

ଆପଣଙ୍କର ଶ୍ରୀଚରଣ ଆଶ୍ରିତ
**ଅନୁପମା ଦେବୀ ଦାସୀ ଓ ଅକ୍ଷୟହରି ଦାସ**
ଆଙ୍କୁଶପୁର, ବ୍ରହ୍ମପୁର

# ଚାରି ବର୍ଷର ସାଧନା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କର ଏକସ୍ତରିତମ ବ୍ୟାସପୂଜା ଅବସରରେ ଆପଣଙ୍କର ଚରଣକମଳରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ। ଉପସ୍ଥିତ ସମସ୍ତ ସନ୍ନ୍ୟାସଗଣ, ଗୁରୁ ଓ ବରିଷ୍ଠ ବୈଷ୍ଣବମାନଙ୍କର ଚରଣକମଳରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ। ଶ୍ରୀଶ୍ରୀ ରାଧାଶ୍ୟାମ ସୁନ୍ଦରଙ୍କର ଅପାର କରୁଣାରୁ ଆପଣ ସୁସ୍ଥ ଦୀର୍ଘଜୀବନ ପ୍ରାପ୍ତକରି ଶ୍ରୀଲ ପ୍ରଭୁପାଦ ଓ ଇସ୍କନର ସେବାରେ ନିୟୋଜିତ ରହିଥାନ୍ତୁ। ଏହା ହିଁ ପ୍ରାର୍ଥନା।

୨୦୦୮ ମସିହା, ଏପ୍ରିଲ ମାସ ୨୦ ତାରିଖ ବଳରାମ ରାସ ପୂର୍ଣ୍ଣିମା ଅବସରରେ ଆପଣଙ୍କର ଚରଣ କମଳରେ ଆଶ୍ରିତ ହୋଇ ହରିନାମ ଦୀକ୍ଷା ପ୍ରାପ୍ତ କରିଥିଲି। ଇସ୍କନ ସହିତ ମୁଁ ୨୦୦୦ ମସିହାରୁ ଜଡ଼ିତ ଥିଲି। ୨୦୧୨ ଏପ୍ରିଲରେ ଚାରି ବର୍ଷ ସମ୍ପୂର୍ଣ୍ଣ ହେବା ଅବସରରେ ମୁଁ ଆପଣଙ୍କୁ ଲେଖିଥିଲି, "ମୋର ଚାରିବର୍ଷର ଆଧାତ୍ମିକ ଜୀବନ ସମ୍ପୂର୍ଣ୍ଣ ହେଲା।"

ତା'ର ଉତ୍ତରରେ ଆପଣ ମୋତେ ଲେଖିଥିଲେ- "ଚାରି ବର୍ଷର ଆଧାତ୍ମିକ ଜୀବନମାନେ, ଚାରିବର୍ଷର ସାଧନା। ନିମ୍ନଲିଖିତ ଭକ୍ତିର ଅଙ୍ଗଗୁଡ଼ିକ ପାଳନ କରିବା ସମ୍ବନ୍ଧରେ ବିଶ୍ଳେଷଣ କରି ଆମର ଜାଣିବା ଆବଶ୍ୟକ, ଏହି ଚାରିବର୍ଷ ମଧ୍ୟରେ ଆମେ କେତେ ଆଧାତ୍ମିକ ଉନ୍ନତି କରିପାରିଛେ।

୧. ଜପରେ ଏକାଗ୍ରତା, ୨. କୃଷ୍ଣଙ୍କ ପ୍ରତି ଓ ତାଙ୍କ ସେବା ପ୍ରତି ଆସକ୍ତି, ୩. ଭୌତିକ ଇନ୍ଦ୍ରିୟ ତୃପ୍ତି ବିଷୟରେ ବିରକ୍ତି, ୪. ଗୁରୁ ଓ କୃଷ୍ଣଙ୍କ ନିକଟରେ ଶରଣାଗତି, ୫. ବୈଷ୍ଣବ ସେବା।"

ବର୍ତ୍ତମାନ ୨୦୨୪ ମସିହାରେ, ମୁଁ ଏହି ବିଷୟଗୁଡ଼ିକ ସମ୍ବନ୍ଧରେ ଆତ୍ମସମୀକ୍ଷା କରି ହତୋତ୍ସାହିତ ହୋଇପଡୁଛି। ମୋର କୌଣସି ଆଧାତ୍ମିକ ଉନ୍ନତି ହୋଇପାରି ନାହିଁ। ତଥାପି ମୁଁ ଏହାକୁ ବ୍ୟାସପୂଜା ଅର୍ଘ୍ୟ ରୂପରେ ଅର୍ପଣ କରୁଛି। ମୋର ଗୁରୁଭାଇ ଓ ଭଉଣୀମାନେ ଏହାକୁ ପାଠକରି, ଆପଣଙ୍କ ଅଦେଶ ଅନୁସାରେ ପ୍ରତ୍ୟେକ ବର୍ଷ ନିଜର ସାଧନାରେ କେତେ ଅଗ୍ରସର କଲେ ଜାଣିପାରିବେ ଓ ଗୁରୁ କୃଷ୍ଣଙ୍କର କୃପାରୁ ଜୀବନର ଶ୍ରେୟ ଲାଭ କରିପାରିବେ।

ଆପଣଙ୍କର ଶ୍ରୀଚରଣ ଆଶ୍ରିତ
**ଆନନ୍ଦମୟୀ ଦେବୀ ଦାସୀ**
ବ୍ରହ୍ମପୁର

# ଗୁରୁଦେବଙ୍କ ଆଶୀର୍ବାଦ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମ ଆରାଧ୍ୟ ଗୁରୁଦେବଙ୍କ ଚରଣରେ ମୋର ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ଆଜି ଆପଣଙ୍କ ପବିତ୍ର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଗୁଣଗାନ କରିବାର ସୁଯୋଗ ମିଳିଛି ।

ପାଖାପାଖି ୩-୪ ବର୍ଷ ତଳର ଏକ ଅନୁଭବ ବିଷୟରେ କହିବାକୁ ଚାହୁଁଛି । ଆମେ ଭକ୍ତମାନେ ଥରେ ମିଶିକି ବୃନ୍ଦାବନ ଯାଇଥାଉ । ଯିବା ଏବଂ ଆସିବା ଟିକେଟ୍ କନ୍‌ଫର୍ମ ହୋଇସାରିଥିଲା । ଆମ ଆସିବା ଟିକେଟଟି ଠିକ୍ ଗୌରମୂର୍ଣ୍ଣିମା ଦିନ ହିଁ ଥିଲା । ଆମେ ବୃନ୍ଦାବନ ଯାଇ ପ୍ରଥମେ ଗୁରୁମହାରାଜଙ୍କୁ ସାକ୍ଷାତ୍ କରିଥିଲୁ । ଗୁରୁଦେବ ଆମକୁ ପଚାରିଥିଲେ, "ତୁମେମାନେ ସବୁ କେବେ ଫେରିବ ?" ଆମେ କହିଥିଲୁ ୨୦ ତାରିଖରେ ଫେରିବୁ । ଗୁରୁଦେବ ଆମକୁ କହିଲେ ସେଦିନ ତ ଗୌରପୂର୍ଣ୍ଣିମା ଅଛି, ତୁମେମାନେ ସବୁ ରୁହ । କାରଣ ସମସ୍ତ ଭକ୍ତ ସେଦିନ ବୃନ୍ଦାବନ ଆସନ୍ତି ଗୌରପୂର୍ଣ୍ଣିମାରେ ଯୋଗଦେବାକୁ । ତୁମେମାନେ କିପରି ଯିବାକୁ ବାହାରୁଛ । ତମେ ସାଙ୍ଗେ ସାଙ୍ଗେ ଟିକେଟ୍ କ୍ୟାନସଲ କର । ଯେହେତୁ ଏହା ଗୁରୁଦେବଙ୍କ ଆଦେଶ ଥିଲା ଆମେ ସାଙ୍ଗେ ସାଙ୍ଗେ ଟିକେଟ୍ କ୍ୟାନସ୍‌ଲ କରିଥିଲୁ ଏବଂ ତା'ର ଦୁଇଦିନ ପରେ ଫେରିବା ପାଇଁ ଟିକେଟ କଲୁ । ଯେହେତୁ ଶେଷ ମୁହୂର୍ତ୍ତରେ ଟିକେଟ୍ କରିଥିଲୁ ଆମ ଟିକେଟ୍ ଆଉ କନ୍‌ଫର୍ମ ହୋଇପାରିଲା ନାହିଁ । ହେଲେ ଆମ ସମସ୍ତଙ୍କର ଗୁରୁଦେବଙ୍କ ଉପରେ ପୂର୍ଣ୍ଣବିଶ୍ୱାସ ଏବଂ ଭରସା ଥିଲା ଯେ ସେ ତାଙ୍କ ଶିଷ୍ୟମାନଙ୍କର କୌଣସି ପ୍ରକାର ଅସୁବିଧା କରାଇଦେବେ ନାହିଁ । ଯେତେବେଳେ ଆମେ ଟ୍ରେନ୍‌ରେ ବସିଲୁ ଆମକୁ ଦିନ ପାଇଁ କିଛି ଚିନ୍ତା ନଥିଲା କେବଳ ରାତିପାଇଁ ଚିନ୍ତାଥିଲା । ଆମେ କେବଳ ଭଗବାନଙ୍କ ନାମ ଜପ କରୁଥିଲୁ ଏବଂ ଗୁରୁଦେବଙ୍କ ଆଶୀର୍ବାଦ ଉପରେ ଭରସା କରି ଚାଲିଥିଲୁ । ସେହି ରାତି ସମୟ ଆମ ସମସ୍ତଙ୍କ ପାଇଁ ଏକ ଚମତ୍କାର ଅନୁଭବ ହିଁ ଥିଲା ଯେ ଠିକ୍ ରାତି ୯ଟା ପରେ ଆମେ ଯେଉଁଠି ବସିଥିଲୁ ସେହି ପାଖାପାଖି ଛଅଟି ଜାଗା ଶୋଇବାପାଇଁ ମିଳିଯାଇଥିଲା ସକାଳ ପର୍ଯ୍ୟନ୍ତ । ରାତିରେ କେହି ମଧ୍ୟ ସେ ଜାଗା ପାଇଁ ଆମକୁ ବାଧା ଦେଇନଥିଲେ । କେବଳ ଗୁରୁଦେବଙ୍କ କୃପାରୁ ଆମେ ବିନା ଅସୁବିଧାରେ ଅନୁଗୋଳ ଫେରି ପାରିଲୁ ।

ଗୁରୁଦେବ, ଆପଣଙ୍କ ମୁଖରୁ ବାହାରୁଥିବା ସମସ୍ତ ବାକ୍ୟ ଏବଂ ଆଦେଶ ଆମ ପାଇଁ ଆଶୀର୍ବାଦ ଅଟେ ଓ ତାହା ଆଧ୍ୟାତ୍ମିକ ରାସ୍ତାରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ । ଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ପାଖରେ ମୋର ଏତିକି ପ୍ରାର୍ଥନା ଯେ ଆପଣଙ୍କ ସ୍ୱାସ୍ଥ୍ୟ ସର୍ବଦା ସୁସ୍ଥ ରହୁ ।

ଆପଣଙ୍କର ଅଧମ ଅଯୋଗ୍ୟା ଶିଷ୍ୟା
**ଅର୍ଚ୍ଚି ଦେବୀ ଦାସୀ**
ଅନୁଗୁଳ

# ସବୁବେଳେ ପ୍ରେରଣାର ଉତ୍ସ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପ୍ରିୟ ଆରାଧ୍ୟ ଶ୍ରୀଲଗୁରୁଦେବ ! ଆଜି ଆପଣଙ୍କର ପବିତ୍ର ବ୍ୟାସପୂଜା ତିଥି ଅବସରରେ ଶ୍ରୀଶ୍ରୀ ରାଧାରାଣୀ, ଶ୍ୟାମସୁନ୍ଦରଙ୍କର କୃପା ଭିକ୍ଷା କରି ଆପଣଙ୍କ ପାଦପଦ୍ମରେ ଏ ଅଧମ ପତିତ ଦାସୀ ଅର୍ପିତାର ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ଉପସ୍ଥିତ ସମସ୍ତ ସନ୍ନ୍ୟାସୀ, ବୈଷ୍ଣବ ଓ ବୈଷ୍ଣବୀ ଭକ୍ତବୃନ୍ଦଙ୍କୁ ମୋର ବିନମ୍ର ପ୍ରଣାମ । ଆଜି ଏହି ପବିତ୍ର ଦିବସରେ ଏ ଓଡ଼ିଶା ମାଟିରେ ଭକ୍ତି ଓ ଆଧାତ୍ମିକ ଜ୍ଞାନର ଶିକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ମୋର ପ୍ରିୟ ପୂଜ୍ୟ ଗୁରୁଦେବ ଧରାପୃଷ୍ଠରେ ଅବତରଣ କରିଥିଲେ । ଆପଣଙ୍କର ଏହି ପବିତ୍ର ଦିବସ ଅବସରରେ ଆପଣଙ୍କ ବିଷୟରେ କିଛି ଗୁଣ ଗାନ କରିବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । କିନ୍ତୁ ଆପଣଙ୍କ ବିଷୟରେ କିଛି କହିବାକୁ, ମୋର ବୁଦ୍ଧି ନାହିଁ । କୃପା ଭିକ୍ଷା କରି କିଛି ଲେଖୁଛି ।

ଶ୍ରୀଲ ଗୁରୁଦେବ ଓ ବୈଷ୍ଣବମାନଙ୍କର ମୁଖରୁ ମୁଁ ଶ୍ରବଣ କରିଥିଲି ଯେ ଅନେକ ଜନ୍ମ ଭକ୍ତି ଉନ୍ମୁଖୀ ସୁକୃତି, ବୈଷ୍ଣବ ଓ ଭକ୍ତଙ୍କର କୃପାରୁ ଜୀବକୁ ଭକ୍ତି କରିବାକୁ ସୁଯୋଗ ମିଳେ ଓ ପ୍ରମାଣିକ ଗୁରୁଙ୍କର ଦର୍ଶନ ଓ ସାନ୍ନିଧ ମିଳେ ।

ଶ୍ରୀଲ ଗୁରୁଦେବଙ୍କର ନମ୍ର, ସରଳ ସ୍ୱଭାବ ଓ ଭକ୍ତିରେ ଦୃଢ଼ତା ମୋତେ ସବୁବେଳେ ପ୍ରେରଣା ଓ ଉତ୍ସାହ ଦେଇଥାଏ । ଭକ୍ତିପଥରେ ଆଗକୁ ବଢ଼ିବାକୁ ତାଙ୍କର ଆଚରଣ ଓ ଉଚ୍ଚାରଣ ସବୁ କୃଷ୍ଣଙ୍କୁ ପ୍ରେମଭକ୍ତି ଉପରେ ଆଧାରିତ । ଯେତେବେଳେ ଶ୍ରୀମତୀ ରାଧାରାଣୀ ଭଗବାନ ଶ୍ରୀକୃଷ୍ଣ ଓ ଚୈତନ୍ୟ ମହାପ୍ରଭୁଙ୍କର ଚରିତାମୃତ ଉପରେ କଥା ଓ ପ୍ରବଚନ ଦିଅନ୍ତି ସେତେବେଳେ ଅନବରତ ପ୍ରବଚନ ଦେଉଥିଲେ ମଧ୍ୟ କେବେ ହେଲେ ଥକିଯାନ୍ତି ନାହିଁ ।

ଗୃହସ୍ଥ ହୋଇଥିବାରୁ ଦୈନନ୍ଦିନ ଜୀବନରେ ସୃଷ୍ଟି ହେଉଥିବା ସମସ୍ୟା ଓ ପ୍ରଶ୍ନର ଉତ୍ତର ପୂଜ୍ୟ ଗୁରୁଦେବଙ୍କର ପ୍ରବଚନରୁ ମିଳିଯାଏ । ତାଙ୍କର କଥା ଶ୍ରବଣରେ ଯେତେସବୁ ବାଧାକୁ ଡେଇଁ ଆଗକୁ ଯିବାକୁ ସେ ଉତ୍ସାହ ଦେଇଥାନ୍ତି । କିପରି ଜଣେ ଗୃହସ୍ଥ ହୋଇ ମଧ୍ୟ ଭକ୍ତି ଅଭ୍ୟାସ କରିବ ଓ ନାମ ଜପ ଦୃଢ଼ତାର ସହ କରିବ, ସେଇଥିପାଇଁ ସବୁବେଳେ ଆପଣ ଗୁରୁତ୍ୱ ମଧ୍ୟ ଦେଇଥାନ୍ତି ।

ଅନୁଗୁଳରେ ନିର୍ମାଣ ହେଉଥିବା ନୂଆ ମନ୍ଦିର ପାଇଁ ଭକ୍ତ ଓ ଶିଷ୍ୟମାନଙ୍କୁ ଯୋଗାଉଥିବା ଉତ୍ସାହ ଓ ପ୍ରେରଣା ପାଇ ମୁଁ ଆପଣଙ୍କର ଚରଣରେ କୋଟି କୋଟି ଧନ୍ୟବାଦ ଦେବା ସହିତ ବିନମ୍ର ପ୍ରାର୍ଥନା କରୁଛି କି ଏପରି କୃପା ଓ ଆଶୀର୍ବାଦ ଆମମାନଙ୍କ ଉପରେ ଥାଉ ।

ଶେଷରେ ଶ୍ରୀଶ୍ରୀ ରାଧାରାଣୀ ଶ୍ୟାମସୁନ୍ଦରଙ୍କୁ ମୋର ଏତିକି ବିନତି ଯେ ସେ ସଦାସର୍ବଦା ଆପଣଙ୍କୁ ସୁସ୍ଥ ସବଳ ରଖିଥାନ୍ତୁ ଯେପରି ଆପଣ ଆମମାନଙ୍କୁ ଏ ସଂସାରରୂପକ ଅଗ୍ନିରୁ ଉଦ୍ଧାର କରି ଆଧାତ୍ମିକ ଶିକ୍ଷା ଓ କୃଷ୍ଣ ଭକ୍ତି ବିଷୟରେ ଜ୍ଞାନ ଦେଉଥାନ୍ତୁ । ଆଉ ଆପଣଙ୍କର ସମସ୍ତ ବୈଷ୍ଣବଙ୍କର କୃପା ଏମିତି ମୋ ଉପରେ ସବୁବେଳେ ଥାଉ ଯେମିତି ମୁଁ ଭକ୍ତିରେ ଆହୁରି ଦୃଢ଼ମନା ହୋଇପାରେ ଓ ଗୁରୁ ବୈଷ୍ଣବଙ୍କର ସେବା କରିପାରେ ।

ମୋର ଭାଇ ଓ ବାପା ମା'ଙ୍କ ଉପରେ ମଧ୍ୟ ଆପଣଙ୍କର ଆଶୀର୍ବାଦ ରହୁ । ଯେମିତି କି ସେମାନେ ମଧ୍ୟ ଭକ୍ତିରେ ଆଗକୁ ଯାଆନ୍ତୁ ।

ଆପଣଙ୍କର ଶ୍ରୀଚରଣାଶ୍ରିତ
**ଅର୍ପିତା ପ୍ରିୟଦର୍ଶିନୀ ସାମଲ**
ଯାଜପୁର, କଳାଶ୍ରୀ

# ଗୁରୁଦେବଙ୍କ ଅହେତୁକୀ କୃପା

**ନମସ୍ତେ ଗୁରୁଦେବାୟ ସର୍ବସିଦ୍ଧି ପ୍ରଦାୟିନେ ।**
**ସର୍ବ ମଙ୍ଗଳ ରୂପାୟ ସର୍ବାନନ୍ଦ ବିଧାୟିନେ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ, ପରମ ଆରାଧ୍ୟ ଶ୍ରୀଲଗୁରୁଦେବଙ୍କ ଚରଣକମଳରେ ଆମ୍ଭ ଦୁଇ ଦାସଙ୍କର କୋଟି କୋଟି ଦଣ୍ଡବତ ପ୍ରଣାମ । ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ଦିବସରେ ଆପଣଙ୍କ ପରି ଗୁରୁଦେବଙ୍କର ଗୁଣଗାନ କରିବାର ଯୋଗ୍ୟତା ଆମ ଦୁହିଁଙ୍କ ପାଖରେ ନାହିଁ । ଆପଣଙ୍କପରି ସଦ୍‌ଗୁରୁ ପ୍ରାପ୍ତି ଆମ ଦୁହିଁଙ୍କ ଜୀବନର ଅମୂଲ୍ୟ ଶ୍ରେଷ୍ଠ ଧନ । ତଥାପି ଆପଣଙ୍କର ଏ ଦୁଇ ଅଧମ ଗୁଣଗାନ ନ କରି ରହିପାରୁ ନାହୁଁ ।

ହେ ଗୁରୁଦେବ ! ଆପଣ ହେଉଛି ଭଗବାନ କୃଷ୍ଣଙ୍କ ପ୍ରତିନିଧି । ଆମ୍ଭମାନଙ୍କ ଭଳି ବଦ୍ଧଜୀବମାନଙ୍କୁ ଉଦ୍ଧାର କରିବାପାଇଁ ଭଗବାନ ଆପଣଙ୍କୁ ଏ ଧରାଧାମକୁ ପ୍ରେରଣ କରିଛନ୍ତି । ବ୍ୟାସପୂଜାରେ ଆପଣଙ୍କର ଗୁଣଗାନ କରିବା ପାଇଁ, ଶିଷ୍ୟ, ଶିଷ୍ୟାମାନଙ୍କୁ ସୁଯୋଗ ମିଳିଥାଏ । ଗୁରୁଦବଙ୍କ ପ୍ରତି ଅନନ୍ୟ ଭକ୍ତିର ପରାକାଷ୍ଠା ତଥା ନିଜର ଭାବପୂର୍ଣ୍ଣ କଥା ଓ ଅନୁଭୂତିକୁ ଗୁରୁଦେବଙ୍କ ନିକଟରେ ବ୍ୟକ୍ତ କଲାପରେ, ଅପାର ଆନନ୍ଦ ହୃଦୟରେ ଅନୁଭବ ହୁଏ । ସାଧୁ, ଗୁରୁ, ବୈଷ୍ଣବଙ୍କର ଗୁଣଗାନ କରିବାଦ୍ୱାରା ଭକ୍ତିମାର୍ଗରେ ଅଗ୍ରଗତି ହୋଇଥାଏ । ହେ ଗୁରୁଦେବ, ଆପଣଙ୍କର ଶ୍ରୀଚରଣ କମଳର ସ୍ମରଣମାତ୍ରେ ଆମ୍ଭ ଦୁହିଁଙ୍କ ମନରେ ଧୈର୍ଯ୍ୟର ସଞ୍ଚାର ହୁଏ । ଅନେକ ବିପତ୍ତିରୁ ଉଦ୍ଧାର ପାଇଛୁ ।

ହେ ଗୁରୁଦେବ, ଆପଣ ଆମର ଖଳିସାହି ଇସ୍କନ୍ ସେଣ୍ଟରକୁ ପ୍ରତିବର୍ଷ ବାର୍ଷିକୋତ୍ସବକୁ ଆସନ୍ତି । ଏହି ବର୍ଷ ଆମ୍ଭ ସେଣ୍ଟରର ବାର୍ଷିକୋତ୍ସବ ମାର୍ଚ୍ଚ ୩୦ ଓ ୩୧ ତାରିଖରେ ଏହି ଦୁଇଦିନ ଧରି ହେବାର ଥିଲା । କିନ୍ତୁ ଭାଗ୍ୟର ବିଡ଼ମ୍ବନା ଯେ ଆମ୍ଭର ଅତି ପ୍ରିୟ ଚୈତନ୍ୟ ଚନ୍ଦ୍ର ଗୁରୁମହାରାଜଙ୍କ ତିରୋଭାବ ହେତୁ ଆପଣ ମାର୍ଚ୍ଚ ୩୦ ତାରିଖ ଦିନ ବାର୍ଷିକ ଉତ୍ସବରେ ଯୋଗ ଦେଇପାରିଲେ ନାହିଁ । ଯଦ୍ୱାରା ସମସ୍ତ ଭକ୍ତମାନଙ୍କ ମାନସପଟଳରେ ବିଷାଦର ଛାୟା ଖେଳିଗଲା । ହେ ଗୁରୁଦେବ, ଆପଣ ଦୟାର ସାଗର । ଭକ୍ତର ଆକୁଳ ନିବେଦନ ରକ୍ଷାକରି, ଆପଣ ଗଡେଇଗିରି (ଜଗତ୍‌ସିଂହପୁର) ରେ ମହାରାଜଙ୍କର ଶେଷକୃତ୍ୟ କାର୍ଯ୍ୟ ସମ୍ପନ୍ନ କରି ଅବିରାମ ଖଳିସାହି ଇସ୍କନ ସେଣ୍ଟର ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଯଦ୍ୱାରା ଖଳିସାହି ଭକ୍ତମାନଙ୍କ ହୃଦୟରେ ଆନନ୍ଦର ଲହରି ଖେଳିଗଲା । କିନ୍ତୁ ଆପଣ ଖଳିସାହି ପହଞ୍ଚିବା ପୂର୍ବରୁ ବହୁତ ଜୋରରେ ବିଜୁଳି, ଘଡ଼ଘଡ଼ି ଓ ସାମାନ୍ୟ ହାଲ୍‌କା ବର୍ଷା ଆରମ୍ଭ ହୋଇଗଲା । ବାସ୍, ଏହାପରେ ଆପଣଙ୍କର ସମସ୍ତ ଶିଷ୍ୟ ଓ ଶିଷ୍ୟାମାନଙ୍କ ପରି ଆମେ ଦୁହେଁ ଭଗବାନ କୃଷ୍ଣଙ୍କୁ ସ୍ମରଣ କରି ଆପଣଙ୍କର ଚରଣକମଳରେ ପ୍ରଣିପାତ କଲୁ ଯେ କିପରି ବିଜୁଳି, ଘଡ଼ଘଡ଼ି, ବର୍ଷା ପୁରା ବନ୍ଦ ହୋଇଯାଉ । ସତକୁ ସତ ପରମପୁରୁଷ ଭଗବାନ କୃଷ୍ଣଙ୍କ ଅହୈତୁକୀ କୃପା ଏବଂ ଆପଣଙ୍କର ଆଶୀର୍ବାଦ ଦ୍ୱାରା ସବୁକିଛି ବନ୍ଦ ହୋଇଗଲା । ପ୍ରୋଗ୍ରାମ ପାଇଁ ଅନୁକୂଳ ପାଗ ହୋଇଗଲା । ଏହା ହେଉଛି ଭଗବାନ କୃଷ୍ଣଙ୍କର ଶୁଦ୍ଧ ଭକ୍ତର କୃପା । ଯାହାକି ଆମ ଦୁହିଁଙ୍କ ପାଇଁ ଅଲୌକିକ ଘଟଣାଥିଲା ।

ଏହାପରେ ସନ୍ଧ୍ୟା ସମୟରେ ହଜାର ହଜାର ଭକ୍ତି ଆସି ଗରୁଦେବଙ୍କର ଭଗବତ୍ କଥାମୃତ ଶ୍ରବଣ କରି ମହାଆନନ୍ଦରେ ପ୍ରସାଦ ପାଇ ଘରକୁ ପ୍ରତ୍ୟାବର୍ତ୍ତନ କଲେ ।

"ତବ କୃପା କଣା ଆମାର ସମ୍ବଳ, ତବ କୃପା ବିନା ନାହିଁ ଅନ୍ୟ ବଳ
କୃପାକର ପ୍ରଭୁ ଦିଆ ଚିଦ୍‌ବଳ, ଦାସ ତୋମା ପ୍ରଣମୟ ।"

ପରିଶେଷରେ ଆମେ ଦୁହେଁ କୃତାଞ୍ଜଳିପୁଟରେ ବିନୀତ ପ୍ରାର୍ଥନା କରୁଅଛୁ ଯେ, କିଭଳି ସଦାସର୍ବଦା କୃଷ୍ଣଙ୍କ ପ୍ରୀତିବିଧାନାର୍ଥେ କର୍ମକରି ସାଧୁ, ଗୁରୁ ଓ ବୈଷ୍ଣବଙ୍କ ସେବାରେ ନିଯୁକ୍ତ ରହୁଥିବୁ । ହେ ଗୁରୁଦେବ, ଆଜି ଆପଣଙ୍କର ପୁଣ୍ୟତିଥି ବ୍ୟାସ ପୂଜାରେ ଆମେ ଦୁହେଁ ଶ୍ରୀଶ୍ରୀରାଧା ମଦନମୋହନ ଓ ଶ୍ରୀଶ୍ରୀ ରାଧାଶ୍ୟାସୁନ୍ଦରଙ୍କ ଠାରେ ପ୍ରାର୍ଥନା କରୁଅଛୁ ଯେ, ସେ ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ ଯଦ୍ୱାରା ଆପଣ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ବାଣୀ ଅଧିକରୁ ଅଧିକ ପ୍ରଚାର କରି ଆମ ପାଖରେ ନିତ୍ୟ ବିରାଜମାନ ରହିବା ସହିତ ଆମପରି ବଦ୍ଧଜୀବମାନଙ୍କୁ ଉଦ୍ଧାର କରୁଥାନ୍ତୁ ।

ଆପଣଙ୍କର ଚରଣାଶ୍ରିତ ଦାସାନୁଦାସ ଓ ଦାସାନୁଦାସୀ
**ବଳରାମ ଦାସ, ସୁଜଣି ଦେବୀଦାସୀ**
ଖଳିସାହି, ନୟାଗଡ଼

# ତୁମେ ନିଶ୍ଚୟ ସୁସ୍ଥ ହେବ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମପୂଜ୍ୟ ଗୁରୁମହାରାଜ ! ଆଜି ଆପଣଙ୍କ ୭୧ତମ ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଦାସୀ ଆପଣଙ୍କ ଶ୍ରୀଚରଣ କମଳରେ କୋଟି କୋଟି ପ୍ରଣାମ ଜଣାଉଛି । ଗୁରୁଦେବ ତଥା ଏଇ ବ୍ୟାସପୂଜା ମହୋତ୍ସବରେ ଉପସ୍ଥିତ ସମସ୍ତ ପୂଜ୍ୟ ସନ୍ନ୍ୟାସୀବୃନ୍ଦ, ବରିଷ୍ଠ ଭକ୍ତବୃନ୍ଦ ଓ ସମସ୍ତ ବୈଷ୍ଣବ- ବୈଷ୍ଣବୀମାନଙ୍କୁ ମୋର ବିନମ୍ର ପ୍ରଣାମ । ଗୁରୁଦେବ ଆପଣଙ୍କ ଭଳି ଶୁଦ୍ଧ ସାଧୁଗୁରୁ ବୈଷ୍ଣବଙ୍କର ଗୁଣଗାନ କରିବାକୁ ଏ ଅଧମର କୌଣସି ଯୋଗ୍ୟତା ନାହିଁ । କେବଳ ଆପଣଙ୍କ କୃପାକୁ ପାଥେୟକରି କିଛି ଗୁଣଗାନ କରିବାକୁ ଚେଷ୍ଟା କରୁଛି । "କୃଷ୍ଣ କୃପାତେ ଗୁରୁ ମିଳେ, ଗୁରୁ କୃପାତେ କୃଷ୍ଣ ମିଳେ ।"

ଗୁରୁଦେବ ଆପଣଙ୍କ ଭଳି ସ୍ପଷ୍ଟବାଦୀ, ନୀତିନିଷ୍ଠ ଗୁରୁ ଭଗବାନଙ୍କ କୃପାରୁ ମୋତେ ପ୍ରାପ୍ତ ହୋଇଅଛି । ଶାସ୍ତ୍ରରେ ଅଛି ବୈଷ୍ଣବଙ୍କର ଗୁଣଗାନ କଲେ ସମସ୍ତ ପାପକର୍ମର ପ୍ରତିକ୍ରିୟା ଧ୍ୱଂସ ହୋଇଯାଏ । ଶ୍ରୀଲ ନରୋତ୍ତମ ଦାସ ଠାକୁର କହିଛନ୍ତି-

"ତୋମାର ହୃଦୟେ ସଦା ଗୋବିନ୍ଦ - ବିଶ୍ରାମ
ଗୋବିନ୍ଦ କହେନ ମୋର ବୈଷ୍ଣବ ପରାଣ ।"

ହେ ଗୁରୁଦେବ ! ଆପଣଙ୍କ ଭଳି ଜଣେ ମହାନ୍ ପରମଦୟାଳୁଙ୍କ ହୃଦୟରେ ସଦା ସର୍ବଦା ଗୋବିନ୍ଦ ବିଶ୍ରାମ କରିଥାନ୍ତି । ଭଗବାନ କୁହନ୍ତି ଏମିତି ସାଧୁ ମହାତ୍ମା ମୋର ପ୍ରାଣ । ଆପଣଙ୍କର ଚରଣକମଳରେ ମୁଁ ଆଶ୍ରୟ ପ୍ରାପ୍ତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି ।

ଆପଣ ସେଦିନ ଅନୁଗୋଳ ଆସିଥାନ୍ତି । ସମସ୍ତ ଭକ୍ତବୃନ୍ଦଗଣ ଆପଣଙ୍କୁ ସୁନ୍ଦର ସୁସ୍ୱାଗତ ଜଣାଇଲୁ । ତା'ପରେ ଆପଣଙ୍କ ମୁଖକମଳରୁ ପ୍ରବଚନ ଶ୍ରବଣ କରିବା ପରେ ପ୍ରସାଦ ନେଲୁ । ତା'ପରେ ମୁଁ ପ୍ରସାଦ ଧରି ଠିଆ ହୋଇ କାନ୍ଦୁଥିଲି । ମୋତେ ପଚାରିଲେ ବରିୟସୀ କ'ଣ କହିବ କି ? ମୁଁ ଖାଲି ମୁଣ୍ଡ ଟୁଙ୍ଗାରି ହଁ କଲି । ତା'ପରେ ସେହି କାନ୍ଦୁଥିବାର ଅନେକ ସାହସ ସଞ୍ଚୟ କରି କହିଲି ଆପଣଙ୍କ ଗିରିଧାରୀ ଦାସ ବହୁତ ଅସୁସ୍ଥ । ଦିନକୁ ଦିନ ଆହୁରି ଅସୁସ୍ଥ ହୋଇଯାଉଛନ୍ତି । ତାଙ୍କର ଶ୍ୱାସ ବେମାରୀ ସହ ପରିସ୍ରା ଜନିତ ଦୋଷ ବାହାରିଛି କ୍ୟାଥଡ୍ ପାଇପ୍ ଲାଗିଛି । ଆପଣ ମୋତେ ଅଭୟବାଣୀ ଦେଇ କହିଲେ ବ୍ୟସ୍ତ ହୁଅନି । ସବୁ କୃଷ୍ଣଙ୍କର ଇଚ୍ଛା । ଘରକୁ ଆସି ଏକଥା ଗିରିଧାରୀ ପ୍ରଭୁଙ୍କୁ କହିଲି । ତା' ଆରଦିନ ଗୋଟିଏ କାର କରି ଆପଣଙ୍କୁ ଦର୍ଶନ କରିବାକୁ ଗଲୁ । ଘରୁ ଗୋଟିଏ ଫୁଲମାଳ କରିକି ନେଇଥିଲି ପ୍ରଭୁ ଫୁଲମାଳକୁ ଆପଣଙ୍କୁ ପିନ୍ଧେଇବାକୁ ଗଲେ ମାତ୍ର ଦୁର୍ବଳତା ଯୋଗୁଁ ଆପଣଙ୍କ ମୁହଁ ପାଖରେ ଧରିଛନ୍ତି । ଆପଣ ଏତେ କୃପାମୟ ନିଜେ ସେ ମାଳାକୁ ତାଙ୍କ ହାତରୁ ନେଇକି ପିନ୍ଧିଲେ । ଆଖିରୁ ଆମ ଦୁଇଜଣଙ୍କର ଆନନ୍ଦାଶ୍ରୁ ନିର୍ଗତ ହେବାକୁ ଲାଗିଲା ଓ ବହୁତ ଖୁସି ଲାଗିଲା ।

ଆପଣ ଅନନ୍ତ ଆପଣଙ୍କ ମହିମା ଅନନ୍ତ ଆପଣ ଅନ୍ତର୍ଯ୍ୟାମୀ ଅନ୍ତରର କଥା ଜାଣିପାରି କୃପାବାରି ବର୍ଷା କରି କହିଲେ, "ତୁମେ ନିଶ୍ଚୟ ସୁସ୍ଥ ହେବ ।" ସତକୁ ସତ ଆପଣଙ୍କର ସ୍ପର୍ଶ, ଦର୍ଶନ ଓ ଆଶୀର୍ବାଦ ପରେ ସେ ବର୍ତ୍ତମାନ ଆଗ ଅପେକ୍ଷା ବହୁତ ସୁସ୍ଥ ଅଛନ୍ତି । ଆପଣ ହେଉଛନ୍ତି ଆମର ବାପା ମା' ସବୁ କିଛି ।

ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବଦେବ ।

ଆପଣଙ୍କ ମହିମା ଅନେକ, ଆପଣଙ୍କ କୃପାବିନା ଆମର ଅନ୍ୟଗତି ନାହିଁ । ଆଜିର ବ୍ୟାସପୂଜାରେ ଆପଣଙ୍କ ପାଦପଦ୍ମରେ ମୋର ଏତିକି ପ୍ରାର୍ଥନା ମୋତେ କୃପା କରନ୍ତୁ, ମୋର ସେବା ପୂଜା, ଭଜନ କୀର୍ତ୍ତନ, ଜପ, ତପ ଆଦିରୁ ସମସ୍ତ ଅବହେଳା ଓ ଅସ୍ଥିରତା ଦୂର ହୋଇ ଆପଣଙ୍କ ପାଦପଦ୍ମରେ ଲୟ ଓ ଧ୍ୟାନ ସ୍ଥିର ରହୁ । ଶ୍ରୀରାଧା ଶ୍ୟାମସୁନ୍ଦରଙ୍କଠାରେ ଏତିକି ପ୍ରାର୍ଥନା ଆପଣଙ୍କୁ ସୁସ୍ଥ ରଖନ୍ତୁ ଓ ଦୀର୍ଘାୟୁ କରାନ୍ତୁ; ଆପଣଙ୍କର ଆଶୀର୍ବାଦ ଓ ସ୍ନେହ ଆମପ୍ରତି ସର୍ବଦା ରହିଥାଉ ।

ଆପଣଙ୍କର ଶ୍ରୀଚରଣଶ୍ରିତା
**ବରିୟଶୀ ଦେବୀ ଦାସୀ**
ଅନୁଗୁଳ

# ଆମେ କେବେ ଗୁରୁ - କୃଷ୍ଣଙ୍କୁ ଭୁଲିନଯାଉ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆଜିର ଏଇ ଶୁଭ ବ୍ୟାସପୂଜା ଅବସରରେ ଆପଣଙ୍କର ଚରଣକମଳରେ ଶତକୋଟି ଭକ୍ତିପୂତ ପ୍ରଣତି ଜ୍ଞାପନ କରୁଛି । ହେ ଗୁରୁଦେବ ! ଆପଣଙ୍କ ଦିବ୍ୟଗୁଣ ଲୀଳାଚରିତ ବର୍ଣ୍ଣନା କରିବାର ଯୋଗ୍ୟତା ମୋର ନାହିଁ । ତଥାପି ଆପଣଙ୍କ ଭଳି ଶୁଦ୍ଧ ଭକ୍ତଙ୍କ ମହିମା କୀର୍ତ୍ତନ କରିବାର ସୁବର୍ଣ୍ଣ ସୁଯୋଗ ଲାଭ କରିଥିବାରୁ କିଞ୍ଚିତ ଗୁଣଗାନ କରିବାକୁ ପ୍ରୟାସ କରୁଛି ।

ହେ ଗୁରୁଦେବ, ମୁଁ ଅତି ତୁଚ୍ଛ, ଅଜ୍ଞାନୀ ଓ ଅଯୋଗ୍ୟା । ଏ ଆଧ୍ୟାତ୍ମିକ ମାର୍ଗରେ ଆସିଲାପରେ ମୁଁ ଭାବିପାରିଲି କେତେ ଯେ ଆନନ୍ଦକୁ ପ୍ରାପ୍ତ ହୋଇଛି । ଏ ସବୁ ଆପଣଙ୍କ କୃପା ହେତୁ ସମ୍ଭବ ହୋଇପାରିଛି । ଆପଣଙ୍କ ହସ ହସ ମୁଖ ଦେଖିବା ଓ ସ୍ମରଣ କରିବା ମାତ୍ରେ, ଯେତେ ସବୁ ଭୌତିକ ଦୁଃଖ କଷ୍ଟ ସବୁ ଭୁଲିଯାଉଛି । ଏସବୁ ଆପଣଙ୍କ ଅହୈତୁକୀ କୃପା ହେତୁ ସମ୍ଭବ ହୋଇଛି, ତେଣୁ ହେ ଗୁରୁଦେବ, ଆପଣ ଏପରି ଆମମାନଙ୍କ ଉପରେ କୃପା ବର୍ଷଣ କରୁଥାନ୍ତୁ । ଯେପରି ଆମେ କେବେ ଗୁରୁକୃଷ୍ଣଙ୍କୁ ଭୁଲିନଯାଉ । ଏହି ଶୁଭ ଦିନରେ ଆପଣଙ୍କ ଦୀର୍ଘ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ପାଇଁ ଶ୍ରୀଶ୍ରୀ ରାଧାରାଧାକାନ୍ତଠାରେ କୃପା ଭିକ୍ଷା କରୁଛି । କୌଣସି ତ୍ରୁଟି ଥିଲେ ସହୃଦୟରେ ମାର୍ଜ୍ଜନା କରିବେ ।

ଆପଣଙ୍କର ଶ୍ରୀଚରଣାଶ୍ରିତ ଦାସୀ
**ବସନ୍ତରାସ ଦେବୀ ଦାସୀ**
ନାମହଟ୍ଟ କେନ୍ଦ୍ର, ନିମଖଣ୍ଡି, ବ୍ରହ୍ମପୁର

# ବାଣୀସେବା ଶିଷ୍ୟର ପ୍ରଧାନ କର୍ତ୍ତବ୍ୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମ ପୂଜ୍ୟ ଶ୍ରୀଲ ଗୁରୁଦେବ । ଆଜି ଆପଣଙ୍କର ୭୧ତମ ଶୁଭଆର୍ବିଭାବ ତିଥିରେ ଆପଣଙ୍କର ପଦପଦ୍ମରେ ଶତକୋଟି ଦଣ୍ଡବତ ପ୍ରଣାମ । ଆପଣଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ଶ୍ରୀ ରାଧା-ରାଧାକାନ୍ତ ପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛି । ଏ ଉତ୍ସବରେ ଆପଣଙ୍କ ପରି ସଦ୍‌ଗୁରୁଙ୍କର ମୁଁ କି ଗୁଣଗାନ କରିବି । ତଥାପି ଏ ଅଧମ ପ୍ରୟାସ କରୁଛି । ଶାସ୍ତ୍ରରେ କୁହାଯାଇଛି-

"ମୂକଂ କରୋତି ବାଚାଳଂ ପଙ୍ଗୁଲଙ୍ଘୟତେ ଗିରିଂ
ଯତ୍‌କୃପାସ୍ତମହଂ ବନ୍ଦେ ଶ୍ରୀ ଗୁରୁଦୀନ ତାରିଣେ ।"

ହେ ଗୁରୁଦେବ ମୋ ପରି ଜଣେ ଅଯୋଗ୍ୟ ମୂଢ଼ ଅଜ୍ଞାନୀକୁ ଆପଣଙ୍କ ଚରଣାଶ୍ରିତ କରି ମୋତେ କୌଣସି ଜନ୍ମର ଋଣୀ କରି ଦେଇଛନ୍ତି । ସେହି ଋଣ ମୁଁ କୋଟି ଜନ୍ମରେ ପରିଶୋଧ କରିପାରିବି ନାହିଁ । ଆପଣଙ୍କର ଚରଣାଶ୍ରିତ ହୋଇ ମୁଁ ନିଜକୁ ଧନ୍ୟ ମନେ କରୁଛି । ଶ୍ରୀମଦ୍‌ଭଗବଦ୍‌ଗୀତାର ସପ୍ତମ ଅଧ୍ୟାୟ, ଶ୍ଳୋକ-୧୯ରେ ଭଗବାନ କହିଛନ୍ତି-

ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ ।
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥

ଯେ ପ୍ରକୃତରେ ଜ୍ଞାନସ୍ତରରେ ଅଛି (ଜ୍ଞାନବାନ୍) ସେ ବହୁତ ଜନ୍ମପରେ ଅର୍ଥାତ୍ ଅନେକବାର ଜନ୍ମ-ମୃତ୍ୟୁ ଚକ୍ରରେ ଘୁରିଲା ପରେ ମୋତେ ସବୁ କାରଣର କାରଣ ବୋଲି ଜାଣି ମୋର ଶରଣରେ ଆସେ । ଏ ପ୍ରକାର ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ । ଜୀବ ଏ ଭୌତିକ ସଂସାରରେ କୃଷ୍ଣଙ୍କୁ ଭୁଲି ଜନ୍ମ-ମୃତ୍ୟୁ ଚକ୍ରରେ ଦୁଃଖ ଭୋଗ କରୁଛି । ଗୁରୁଙ୍କ କୃପାରୁ କୃଷ୍ଣମିଳନ୍ତି, କୃଷ୍ଣଙ୍କ କୃପାରୁ ଗୁରୁ ମିଳନ୍ତି । ଶିଷ୍ୟତ୍ୱ ଜୀବ ଗ୍ରହଣ କରି ଯଦି ଗୁରୁଙ୍କ ଚରଣକମଳରେ ଆଶ୍ରିତ ହୋଇ ବପୁ ସେବା ନକଲେ ସୁଦ୍ଧା ବାଣୀସେବା ଶିଷ୍ୟର ପ୍ରଧାନ କର୍ତ୍ତବ୍ୟ । ଗୁରୁଦେବଙ୍କ ମହିମା ବର୍ଣ୍ଣନା କରିବାରେ ମୁଁ ସମ୍ପୂର୍ଣ୍ଣ ଅକ୍ଷମ । ତେଣୁ ଗୁରୁଦେବଙ୍କ ଚରଣରେ ସାଷ୍ଟାଙ୍ଗ ନିବେଦନ କରେ, ଯଦି କିଛି ତ୍ରୁଟି ଥାଏ କ୍ଷମା ଦେବେ ।

ଆପଣଙ୍କର ଶ୍ରୀଚରଣାଶ୍ରିତା
**ବିଶାଖା ଦେବୀ ଦାସୀ,** ବ୍ରହ୍ମପୁର

# ଆପଣଙ୍କ ହୃଦୟରେ ସଦା ଗୋବିନ୍ଦ ବିଶ୍ରାମ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ଆମ ପରମ ଆରାଧ୍ୟ ଗୁରୁ ମହାରାଜ ! ଆଜିର ଏ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଶ୍ରୀଚରଣ କମଳରେ ଏ ଅଧମ ପତିତ ଜୀବର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଏବଂ ଆମେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ଚରଣରେ ଏହି କାମନା ଓ ପ୍ରାର୍ଥନା କରୁଛୁ ଯେ, ଆପଣ ନିକଟରେ ନ ଥାଇ ମଧ୍ୟ ଆପଣଙ୍କ ବାଣୀ ଓ ଆଜ୍ଞାକୁ ପାଳନ କରିବାରେ ଆମ ଅନ୍ତିମ ସମୟ ବିତିଯାଉ । ସଦୈବ ଭଗବାନ୍ଙ୍କ ଚରଣରେ ନିବେଦନ କରିବି ଆପଣଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତି ଉତ୍ତମ ରହୁ । ଆପଣ ଅବିଶ୍ରାନ୍ତ ଭାବରେ ଆଜି ପର୍ଯ୍ୟନ୍ତ ଭଗବାନଙ୍କ ସେବା ଓ ବାଣୀ ପ୍ରଚାରରେ ଯେପରି ନିୟୋଜିତ ଅଛନ୍ତି ଆଶୀର୍ବାଦ କରନ୍ତୁ, ଯେପରି ଆମେ ଠିକ୍ ସେହିପରି ଓ ମୋ ପରି ଅନେକ ଭକ୍ତି ପଥରୁ ବିଚ୍ୟୁତ ପ୍ରାଣୀମାନଙ୍କୁ ଭଗବାନ୍ଙ୍କ ସେବାରେ ଲଗାଇ ପାରିବୁ । ପ୍ରଥମ ଦେଖାରେ ଆପଣ ମୋ ପରି ତୁଚ୍ଛ ପ୍ରାଣୀ ସହ ବାର୍ତ୍ତାଳାପ କରି କହିଥିଲେ ଭଗବାନ୍ଙ୍କ କଥା ଶ୍ରବଣ କର ଓ ଅଧିକରୁ ଅଧିକ ନାମ ଜପ କର ଏବଂ ସେ ଦିନଠାରୁ ଆଜି ପର୍ଯ୍ୟନ୍ତ ଆପଣଙ୍କ ସେ ବାର୍ତ୍ତା ମୋ ହୃଦୟରେ ସାଇତି ରଖିଛି । ବଦ୍ଧ ଜୀବ ଶୁଦ୍ଧ ଭକ୍ତ ହେବାକୁ ହେଲେ "ନାମ ଗାନେ ସଦା ରୁଚି, ଅବ୍ୟର୍ଥ କାଳକତ୍ୱଂ, ପ୍ରୀତିଃତଦ୍ ବସତି ସ୍ଥଳେ" ଏଥିରେ ଆମ ମନ ଲାଗୁ ଓ ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ୍ କହିଥିବା (୯.୩୨) ଯେତେ ପାପ ଯୋନୀ ଅଧମ ହେଉପଛେ ତାଙ୍କ ଭକ୍ତି ଦ୍ୱାରା ଉଦ୍ଧାର ହୁଅନ୍ତୁ । ହେ ଗୁରୁ ମହାରାଜ୍ କୃଷ୍ଣଙ୍କ ଚରଣରେ ଏଭଳି ପ୍ରାର୍ଥନା ଆପଣ ଦୀର୍ଘାୟୁ ଓ ସ୍ୱଚ୍ଛ ରୁହନ୍ତୁ ।

ଆପଣଙ୍କର ଶ୍ରୀଚରଣାଶ୍ରିତ
**ବିଶ୍ୱଜିତ୍ ସାହୁ,** ଇସ୍କନ୍ ଅନୁଗୁଳ ମନ୍ଦିର

# ରୌପ୍ୟ ଉତ୍ସବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ଆରାଧ୍ୟ ଗୁରୁଦେବ । ଆପଣଙ୍କ ଏହି ୭୧ ତମ ଶୁଭ ଆବିର୍ଭାବ ତିଥି ଅବସରରେ ଆପଣଙ୍କର ଶ୍ରୀଚରଣରେ ଏଇ ଦାସ ଶତକୋଟି ଦଣ୍ଡବତ ପ୍ରଣାମ କରୁଛି । ହେ ଗୁରୁଦେବ ଆପଣ ଅସୀମ ଗୁଣଧାରୀ ଆପଣଙ୍କ ଭଳି ଭଗବାନଙ୍କ ନିଜ ଜନଙ୍କ ଗୁଣଗାନ କରିବାକୁ ପ୍ରତ୍ୟେକ ବର୍ଷ ବ୍ୟାସପୂଜାରେ ସୁଯୋଗ ମିଳୁଛି ସେଥିପାଇଁ ନିଜକୁ ବହୁତ ଭାଗ୍ୟବାନ ମନେକରୁଛି । ହେ ଗୁରୁଦେବ ! ଆପଣ ଆମ ଗ୍ରାମ ନିମଖଣ୍ଡି ଭୂମିରେ ଗଙ୍ଗା ନଦୀ ସଦୃଶ୍ୟ "କୃଷ୍ଣ କଥାମୃତ" ଧାରା ଦୀର୍ଘ ବର୍ଷ ଧରି ପ୍ରବାହିତ କରି ଚାଲିଛନ୍ତି । କୌଣସି ପରିସ୍ଥିତିରେ ମଧ୍ୟ ଏହି ଧାରାକୁ ଚାଲୁରଖି ଏ ଅଞ୍ଚଳକୁ କୃଷ୍ଣଭକ୍ତିରେ ପ୍ଲାବିତ କରିଛନ୍ତି । ଆସନ୍ତା ୨୦୨୫ ମସିହାରେ ଏହି 'କୃଷ୍ଣ କଥାମୃତ' ଉତ୍ସବ ୨୫ ବର୍ଷରେ ପଦାର୍ପଣ କରିବ । ଆମେ ତାକୁ 'ରୌପ୍ୟ ଉତ୍ସବ' ପାଳନ କରିବାକୁ ଆଶା କରିଛୁ । ଆପଣ ଆମମାନଙ୍କୁ ଆଶୀର୍ବାଦ କରନ୍ତୁ ।

ତବ କୃପା କଣା ଆମର ସମ୍ବଳ, ତବ କୃପା ବିନା ନାହିଁ ଅନ୍ୟବଳ
କୃପାକର ପ୍ରଭୁ ଦିଆ ଚିଦ ବଳ, ଦାସ ତୋମା ପ୍ରଣମୟ, ଗୁରୁଦେବ ଦୟାମୟ ।

ଆଜିର ଏହି ଶ୍ରାବଣ କୃଷ୍ଣ ତୃତୀୟା ତିଥି ଆପଣଙ୍କ ଶୁଭ ଆବିର୍ଭାବ ଉତ୍ସବରେ ମୁଁ ଶ୍ରୀଶ୍ରୀ ରାଧାକାନ୍ତଙ୍କୁ ଏହି ପ୍ରାର୍ଥନା କରୁଛି, ସେ ଆପଣଙ୍କୁ ନିରାମୟ, ସୁସ୍ଥ ଶରୀର ଓ ଦୀର୍ଘାୟୁ କରନ୍ତୁ ।

ଆପଣଙ୍କର ଦାସାନୁଦାସ
**ବୃନ୍ଦାବନ ଦାସ**
ନାମହଟ୍ଟ କେନ୍ଦ୍ର ଶ୍ରୀ ରାଧା ରାଧାକାନ୍ତ ମନ୍ଦିର,
ନିମଖଣ୍ଡି (ବ୍ରହ୍ମପୁର)

# କରୁଣାମୟ ଗୁରୁଦେବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ ଆଜିର ଏହି ପବିତ୍ର ବ୍ୟାସ ପୂଜା ଅବସରରେ ଆପଣଙ୍କ ଶ୍ରୀଚରଣ କମଳରେ ଏହି ଅଧମର ବିନମ୍ର ଦଣ୍ଡବତ ପ୍ରଣାମ ।

ଅନାଦିକାଳରୁ ଏ ସଂସାରରେ ଆମେ ଅନେକ ଶରୀର ପରିବର୍ତ୍ତନ କରି ଆସିଛୁ । ସେ ପଶୁପକ୍ଷୀ ହେଉ ବା ତରୁଲତା ହେଉ କିମ୍ବା ଦେବତା ବା ମନୁଷ୍ୟ ଶରୀର ହେଉ । ପ୍ରତ୍ୟେକ ଜନ୍ମରେ ମାତା, ପିତା, ପତି, ପୁତ୍ର ବନ୍ଧୁ ବାନ୍ଧବ ମିଳିଥାଏ । କିନ୍ତୁ ପ୍ରତ୍ୟେକ ଜନ୍ମରେ ଯେଉଁ ପରିବାର ସମ୍ବନ୍ଧି ମିଳେ ତାହା ବାସ୍ତବିକ୍ ନ ଥାଏ । ଏକ ଜୀବାତ୍ମାର ବାସ୍ତବିକ୍ ସମ୍ବନ୍ଧି ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ତାଙ୍କ ସହିତ ଯିଏ ପରିଚୟ କରେଇଦିଏ, ସେ ହେଉଛନ୍ତି ଗୁରୁଦେବ । କିନ୍ତୁ ଗୁରୁଦେବ ପ୍ରତ୍ୟେକ ଜନ୍ମରେ ମିଳନ୍ତି ନାହିଁ । ବାସ୍ତବରେ ଆମେ ଅନାଦି କାଳରୁ ଭୌତିକ ମାୟା ଜଗତରେ ଶରୀର ଓ ଶରୀର ସମ୍ବନ୍ଧରେ ଦଗ୍ଧିଭୂତ ହେଉଛୁ । କୌଣସି ବିରଳ ସୌଭାଗ୍ୟବଶତଃ ଏହି ଜନ୍ମରେ ଆଧାତ୍ମିକ ଗୁରୁ ପ୍ରାପ୍ତ ହୋଇଥାନ୍ତି । ମୋର ସୌଭାଗ୍ୟ ଏହି ଶରୀରରେ ମୁଁ ଆପଣଙ୍କୁ ଗୁରୁରୂପେ ପାଇଛି । ମୋର କୌଣସି ଯୋଗ୍ୟତା ନାହିଁ କିନ୍ତୁ ମୋର ପୁତ୍ର ଯିଏ କି ମୋର ଆଧାତ୍ମିକ ଗୁରୁ ଶ୍ରୀକେଶବ ଦାସ ତାଙ୍କ ଯୋଗୁଁ ମୁଁ ଆପଣଙ୍କ ସହ ସାକ୍ଷାତ କରିପାରିଲି ଏବଂ ଭକ୍ତି ମାର୍ଗରେ ଆସିଲି । ସେ ମୋତେ ଆପଣଙ୍କ ସହିତ ପରିଚୟ କରାଇଦେଲେ । ଆପଣଙ୍କ କୃପାରୁ ମୁଁ ଶ୍ରୀକୃଷ୍ଣଙ୍କ ନିତ୍ୟ ସମ୍ବନ୍ଧ ପ୍ରାପ୍ତ ହୋଇଛି । ଚୈତନ୍ୟ ଚରିତାମୃତରେ କୁହାଯାଇଛି,

"ତୋତେ କୃଷ୍ଣ ଭଜେ କରେ ଗୁରୁର ସେବନ
ମାୟା ଜାଲ ଛୁଟେ ପାୟ କୃଷ୍ଣେର ଚରଣ ।"

ମହାପ୍ରଭୁ କହିଛନ୍ତି ଜୀବ ଯେତେବେଳେ ମାୟା ଦ୍ୱାରା ବଦ୍ଧ ହୋଇ ହତାଶ ହୋଇ କୃଷ୍ଣ ଉନ୍ମୁଖ ହୁଏ, ସେ ସମୟରେ କୃଷ୍ଣ ତା ସାମ୍ନାରେ ଉପସ୍ଥିତ ହୋଇଥାନ୍ତି, ସଦ୍‌ଗୁରୁ ରୂପରେ, ତେଣୁ ଜୀବାତ୍ମା କୃଷ୍ଣଙ୍କ ଭଜନରେ ଗୁରୁଙ୍କ ଶରଣାଗତ ହୋଇ, ଗୁରୁଙ୍କ ଆଜ୍ଞାରେ କୃଷ୍ଣଙ୍କ ଭଜନ କଲେ, ଅନାଦି କାଳରୁ ଯେଉଁ ମାୟର ଜଞ୍ଜିର ଲାଗି ରହିଛି, ସେଥିରୁ ମୁକ୍ତହୋଇ ପରମ ଆରାଧ୍ୟ ଶ୍ରୀକୃଷ୍ଣଙ୍କ ଚରଣକୁ ପ୍ରାପ୍ତ ହେବ ।

ମୋର କୌଣସି ସାମର୍ଥ୍ୟ ନାହିଁ ଯେ, ମୁଁ କୃଷ୍ଣଙ୍କୁ ପ୍ରାପ୍ତ ହେବି । କେବଳ ହେ ଗୁରୁଦେବ ଆପଣଙ୍କ କୃପାରୁ ଆପଣ ମୋ ଜୀବନକୁ ଆସି ଯେଉଁ ଦିବ୍ୟଜ୍ଞାନ ପ୍ରଦାନ କଲେ ଯେଉଁ ମନ୍ତ୍ର ଦେଲେ, ଯେଉଁ ଶିକ୍ଷା ଦେଲେ, ସେହି ଶିକ୍ଷା ବଳରେ ହିଁ ମୁଁ କୃଷ୍ଣଙ୍କୁ ପାଇପାରିବି । ତାହା ମୋର ଦୃଢ଼ ବିଶ୍ୱାସ । ତେଣୁ ଆପଣଙ୍କ ଚରଣରେ ଅନେକ ଅନେକ ପ୍ରଣାମ । ଆମର ବଡ଼ ସୌଭାଗ୍ୟ ଆପଣ ପ୍ରତିବର୍ଷ ଆମ ଗ୍ରାମକୁ ଆସୁଛନ୍ତି ଓ ବହୁ ମୂଲ୍ୟ ସତ୍‌ସଙ୍ଗ ପ୍ରଦାନ କରୁଛନ୍ତି । ଆପଣଙ୍କ ଦର୍ଶନ, ଆପଣଙ୍କ ବାଣୀ ଆମ ଜୀବନରେ ବହୁତ ପ୍ରେରଣା ଦିଏ ।

ଗୁରୁଦେବ ଆପଣଙ୍କ ଶ୍ରୀଚରଣରେ ଏହି ବିନତି କରୁଛି ଆପଣଙ୍କ ଏହି ଦାସୀକୁ ସଦା ସର୍ବଦା ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ । ଏପରି ଦର୍ଶନ ଦେଇଥାନ୍ତୁ ଯାହା ଫଳରେ ସଦା ସର୍ବଦା କୃଷ୍ଣ ଭାବନା ମୃତରେ ରହିପାରିବି ।

ଶ୍ରୀଶ୍ରୀ ରାଧା ରାଧାକାନ୍ତଙ୍କ ରେଣ କମଳରେ ପ୍ରାର୍ଥନା କରେ କି ଆପଣ ଦୀର୍ଘ ଜୀବନ ଧରି ଆମମାନଙ୍କ ପରି ବଦ୍ଧଜୀବ ଉପରେ କୃପା କରିଥାନ୍ତୁ ।

ଆପଣଙ୍କ ସଦା ଆଶୀର୍ବାଦ ଭିକ୍ଷା ଅଭିଳାସୀ
**ବୃନ୍ଦାବନ ବାସିନୀ ଦେବୀ ଦାସୀ**
ନିମଖଣ୍ଡି ନାମହଟ୍ଟ କେନ୍ଦ୍ର, ବ୍ରହ୍ମପୁର

# ଚାତକ ପରି ଚାହିଁଥାଏ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥିର ଆପଣଙ୍କର ଚରଣ କମଳ ତଳେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରନ୍ତୁ ଏବଂ ସମସ୍ତ ଗୁରୁ ଭାଇ ଓ ଭଉଣୀମାନଙ୍କୁ ମୋର ଦଣ୍ଡବତ ପ୍ରଣାମ ।

ହେ ଗୁରୁଦେବ ଆପଣଙ୍କର ଗୁଣ ଅତୁଳନୀୟ, ଆପଣଙ୍କର ମହତ୍‌ଗୁଣର ବର୍ଣ୍ଣନା କରିବାର ଯୋଗ୍ୟତା ମୋର ନାହିଁ, ତଥାପି ମୁଁ କିଛି ଲେଖିବାପାଇଁ ପ୍ରୟାସ କରୁଛି । ଗୁରୁଦେବ ଆପଣ ବହୁତ ସରଳ କାରଣ ଆପଣ ସମସ୍ତ ଭକ୍ତମାନଙ୍କର ଦୁଃଖ-କଷ୍ଟ, ସେମାନଙ୍କର ଦୁର୍ଗୁଣଗୁଡ଼ିକୁ ମାର୍ଜିତ କରି ଭକ୍ତିମାର୍ଗରେ ଅଗ୍ରସର କରିବାର ସୁଯୋଗ ପ୍ରଦାନ କରନ୍ତି, ଗୁରୁଦେବ ଆପଣ ଏତେ ଦୟାଳୁ ଯେ ନିଜର ଶିଷ୍ୟ ଶିଷ୍ୟାମାନଙ୍କୁ ସେବା କରିବାର ସୁଯୋଗ ପ୍ରଦାନ କରନ୍ତି, ଯାହାକି ଆପଣଙ୍କର ସେବାର ଆବଶ୍ୟକତା ନାହିଁ ତଥାପି ଆପଣ କୃପା କରନ୍ତି । ଯେବେଠାରୁ ଆପଣ ମୋତେ ଆପଣଙ୍କ ଚରଣକମଳରେ ଆଶ୍ରୟ ଦେଇଛନ୍ତି ସେବେଠାରୁ ମୁଁ ନିଜକୁ ଧନ୍ୟ ମନେକରେ, ସବୁଥରଭଳି ଏଥର କେବଳ ମୁଁ ଏୟାରପୋର୍ଟରେ ଆପଣଙ୍କ ଦର୍ଶନ କରିଥିଲି । ସବୁଥର ଭଳି ଏୟାରପୋର୍ଟରେ ଆପଣଙ୍କୁ ଚାତକପରି ଚାହିଁଥାଏ, କେତେବେଳେ ଆସିବେ ଗୁରୁମହାରାଜ । ଯେତେବେଳେ ଟିକିଏ ଦର୍ଶନର ଝଲକ ମିଳିଯାଏ ମନ ଆନନ୍ଦରେ ଗଦ୍‌ଗଦ୍ ହୋଇଯାଏ । ଜୀବନର ମୋର କିଛି ପାଇବାର ଇଚ୍ଛା ନାହିଁ କେବଳ ଆପଣଙ୍କର ଚରଣକମଳ ମୋ ପାଇଁ ସବୁତୀର୍ଥ । ମୋତେ ସେବା କରିବାର ସୁଯୋଗ ଦିଅନ୍ତୁ । ପ୍ରଚାର କରିବାର ସୁଯୋଗ ମିଳୁ । ମୋର ରାଧାରାଣୀଙ୍କ ନିକଟରେ ପ୍ରାର୍ଥନା ଆପଣଙ୍କର ଯେଉଁ ଇଚ୍ଛା ରହିଛି ଯାହା ଯଥାଶୀଘ୍ର ପୁରଣ କରନ୍ତୁ । ଭଗବାନ ସଦାସର୍ବଦା ଆପଣଙ୍କର ଶରୀର ସୁସ୍ଥ ରଖିଥାନ୍ତୁ, ଆମପରି ଅନେକ ଦୀନ ପତିତମାନଙ୍କୁ ଭକ୍ତିମାର୍ଗରେ ଅଗ୍ରଗତି କରିବାର ସୁଯୋଗ ପ୍ରଦାନ କରୁଥାନ୍ତୁ ।

ଆପଣଙ୍କର ଅଧମ ଶିଷ୍ୟା
**ବୃନ୍ଦାରୀକା ଦେବୀ ଦାସୀ**
ଭୁବନେଶ୍ୱର

# ଅନ୍ଧର ଆଶ୍ରୟ ଆଶାବାଡ଼ି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁ ମହାରାଜ, ଆଜି ଆପଣଙ୍କର ୭୧ତମ ମଙ୍ଗଳ ଆବିର୍ଭାବ ତିଥିରେ ଆପଣଙ୍କ ଚରଣରେ ଏ ଅଧମର ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ହେ ମୋର ପରମପୂଜ୍ୟ ଗୁରୁମହାରାଜ ! ଆପଣଙ୍କ ବିଷୟରେ (ଶୁଭ ଆବିର୍ଭାବ ତିଥିରେ) ଲେଖିବାର କ୍ଷମତା ଏ ଅଧମ ଅଜ୍ଞାନୀର ସେତେଟା ଜ୍ଞାନ ନାହିଁ । ତେଣୁ ମୋର କିଛି ଭୁଲ୍ ଥିଲେ ଦୟାକରି ଏ ଅଧମକୁ କ୍ଷମା କରିଦେବେ ।

ହେ ଗୁରୁମହାରାଜ ଆପଣ ହେଉଛନ୍ତି ଏ ଅଜ୍ଞାନୀ ଶିଷ୍ୟର ଅନ୍ଧର ଲଉଡ଼ି ଓ ଆଶାବାଡ଼ି ସଦୃଶ । ଯେପରି ଶରୀରରେ ଆତ୍ମା ଥିଲେ ଶରୀରଧାରୀକୁ ଜଣେ ମନୁଷ୍ୟ ବୋଲି ସମ୍ବୋଧନ କରି ଡାକନ୍ତି କିନ୍ତୁ ଆତ୍ମା ଚାଲିଗଲେ ଶରୀରକୁ ଶବ ବୋଲି କୁହନ୍ତି ।

ସେହିପରି ହେ ମୋର ଗୁରୁମହାରାଜ ଆପଣ ଏ ଅଧମର ଆତ୍ମା ସଦୃଶ ଅଟନ୍ତି । ଭଗବାନ ଏ ଅଧମକୁ ଆପଣଙ୍କ ପରି ଗୁରୁ ପ୍ରଧାନ କରିଥିବାରୁ ମୁଁ ଭଗବାନଙ୍କୁ ଭିକ୍ଷା ମାଗୁଛି ଯେ ହେ ଭଗବାନ ଆମ ଗୁରୁମହାରାଜଙ୍କୁ ମୋର ଆୟୁ କିଛି ମିଳିଯାଉ । କାରଣ ଗୁରୁମହାରାଜ୍ ମୋତେ ଏ ଅନ୍ଧକୂପରୁ ବାହାର କରି ଆଲୋକିତ ପ୍ରଦାନ କରିଛନ୍ତି ଏବଂ ମୋତେ ଜଣେ ବୈଷ୍ଣବଟିଏ କରି ଗଢ଼ିଛନ୍ତି । ଜୀବନର ମୂଲ୍ୟ ପ୍ରଦାନ କରିଛନ୍ତି । ତେଣୁ ଭଗବାନଙ୍କୁ ବିନମ୍ର ଗୁହାରି କରୁଅଛି କି ଆମ ଗୁରୁଦେବଙ୍କୁ ସୁସ୍ଥ ଓ ସବଳ କରି ରଖିଥାନ୍ତୁ, ଯେପରି ଆମ୍ଭମାନଙ୍କୁ ଭଗବାନଙ୍କର ଶୁଦ୍ଧ ଗୁଣଗାନ କଥା ଓ ଭକ୍ତି ମାର୍ଗରେ ଆମକୁ ନେଇ ଭଗବତ୍ ଧାମକୁ ଯିବାର ମାର୍ଗ ପ୍ରଦର୍ଶନ କରାନ୍ତୁ । ଆଉ କିଛି ଆପଣଙ୍କ ବିଷୟରେ ଲେଖିବାର କ୍ଷମତା ଏ ଅଧମ ଶିଷ୍ୟ (ବେଣୁଧାରୀ ଦାସ)ର ନାହିଁ । ଭୁଲ୍ ଥିଲେ ଦୟାକରି କ୍ଷମା କରିବେ । ଶ୍ରୀରାଧାଶ୍ୟାମସୁନ୍ଦରଙ୍କ ଶ୍ରୀଚରଣରେ ଆପଣଙ୍କର ଦୀର୍ଘାୟୁ ପାଇଁ କାମନା କରୁଅଛି । ଜୟ ଶ୍ରୀଲ ଗୁରୁମହାରାଜଙ୍କର ଜୟ ।

ଆପଣଙ୍କର ଏ ଅଜ୍ଞାନ ଶିଷ୍ୟ
**ବେଣୁଧାରୀ ଦାସ**
ଢେଙ୍କାନାଳ, ପରଜଙ୍ଗ

# ଅନ୍ତରର ଗଭୀରତମ ପ୍ରଦେଶରୁ ପଦେ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମ ପୂଜ୍ୟ ଗୁରୁମହାରାଜ୍ ! ଆପଣଙ୍କର ଏ ସର୍ବକନିଷ୍ଠ, ଦାସାନୁଦାସ ପତିତ, ଅଯୋଗ୍ୟ ଶିଷ୍ୟର ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ । ଆପଣଙ୍କ ଚରଣକମଳରେ ସ୍ଥାନଦେବା ପୂର୍ବକ କୃପାଦୃଷ୍ଟି ନିକ୍ଷେପ କରି ଭଗବାନ ଶ୍ରୀ ବ୍ରଜେନ୍ଦ୍ର ନନ୍ଦନ କୃଷ୍ଣଙ୍କ ଶୁଦ୍ଧଭକ୍ତି କରିବା ପାଇଁ ପ୍ରେରଣା ସଦାସର୍ବଦା ପ୍ରଦାନ କରନ୍ତୁ । ଏ ଅଧମ ଆପଣଙ୍କର ବପୁ ସେବା ଓ ବାଣୀସେବାରେ କିପରି ନିଜକୁ ଅଧିକ ବ୍ରତୀ କରିପାରିବ ଆପଣ ସାହାସ, ଧୈର୍ଯ୍ୟ, ଉତ୍ସାହ ପ୍ରଦାନ କରନ୍ତୁ । କାରଣ ଭଗବତ୍ ପ୍ରାପ୍ତି ନିମନ୍ତେ ଗୁରୁକୃପା କେବଳମ୍ । ଶାସ୍ତ୍ର କୁହନ୍ତି:-

ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ
ଯତ୍‌କୃପା ତମହଂ ବନ୍ଦେ ଶ୍ରୀଗୁରୁ ଦୀନ ତାରିଣଂ ।

ପ୍ରଥମ ସାକ୍ଷାତରେ ଆପଣ ମୋତେ ଯେଉଁ ଅମୂଲ୍ୟ ଭଗବତ୍ ଉପଦେଶ ପ୍ରଦାନ କରିଥିଲେ ତାହା ମୋ ପାଇଁ ଅବିସ୍ମରଣୀୟ ହୋଇ ରହିବ । ଆପଣ କୌଣସି ଭୌତିକ ଜଗତ୍ ସମ୍ବନ୍ଧୀୟ ଉପଦେଶ ପ୍ରଦାନ ନ କରି, ଯେଉଁ ଭଗବତ୍ ଉପଦେଶ ପ୍ରଦାନ କରିଥିଲେ ତାକୁ ପାଥେୟ କରି ଏ ଅଧମ ଆପଣଙ୍କର ଦାସତ୍ୱ ପ୍ରାପ୍ତି ନିମିତ୍ତ ସଦାସର୍ବଦା ଚେଷ୍ଟିତ । ପ୍ରଥମେ ମୋତେ ପ୍ରଭୁପାଦଙ୍କର ରଚିତ ପୁସ୍ତକ ପଢ଼ିବା ଓ ପ୍ରବଚନ ଶୁଣିବା ପାଇଁ ମହତ୍ ଉପଦେଶ ପ୍ରଦାନ କରି ଯେଉଁ ପ୍ରେରଣା ଦେଇଥିଲେ, ତାହା ମୋତେ ଆପଣଙ୍କର ଶିଷ୍ୟତ୍ୱ ପ୍ରାପ୍ତି ପାଇଁ ଉତ୍ସାହ ପ୍ରଦାନ କରିଥିଲା । ଆଧ୍ୟାତ୍ମିକ ଗୁରୁଙ୍କର ଯୋଗ୍ୟତା, ଆବଶ୍ୟକତା ଗୁଡ଼ିକ ବିଷୟରେ ଜାଣିବା ପାଇଁ ଅନ୍ଧ ଚକ୍ଷୁର ପଲକକୁ ଖୋଲି ଦେଇଥିଲେ ।

ପରବର୍ତ୍ତୀ ସମୟରେ ଆପଣଙ୍କର ସ୍ନେହ, ଶ୍ରଦ୍ଧା ସତ୍ ଉପଦେଶ ଓ କୃପା ମୋତେ ଆପଣଙ୍କର ଚରଣାଶ୍ରୟ ସର୍ବୋପରି ଶ୍ରୀଲ ପ୍ରଭୁପାଦଙ୍କର ଦ୍ୱାରା ପ୍ରତିଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଶ୍ରୀକୃଷ୍ଣ ଭାବନାମୃତ ସଂଘ 'ଇସ୍କନ୍' ସହିତ ଜଡ଼ିତ କରିପାରିଛି । ଏ ଭବସାଗରରେ ଦଗ୍ଧିଭୂତ ହେଉଥିବା ଏ ଅଜ୍ଞାନୀକୁ, ବଦ୍ଧଜୀବକୁ ପାରି କରିବା ପାଇଁ ଏହାଠାରୁ ବଳୀ ଆଉ କିଛି ଉପାୟ ନ ହୋଇପାରେ ।

ନ ଧନଂ, ନ ଜନଂ ନା ସୁନ୍ଦରୀ କବିତାଂ ବା ଜଗଦୀଶ କାମୟେ
ମମ ଜନ୍ମନି ଜନ୍ମନୀଶ୍ୱରେ ଭବତାଦ୍ ଭକ୍ତିଃ ଅହୈତୁକୀ ତ୍ୱୟି

ଆପଣଙ୍କୁ ଗୁରୁ ରୂପେ ପାଇ ମୁଁ ଏତେ ଗର୍ବାନ୍ୱିତ, ଆନନ୍ଦିତ ତାହା କହିଲେ ନ ସରେ । ଆପଣଙ୍କର ତଥା ଶ୍ରୀଲ ପ୍ରଭୁପାଦଙ୍କର ବାଣୀ ସେବା ନିମିତ୍ତ ଏ ଜଡ଼ ଶରୀରରେ ସତେ ଯେପରି ସତସହସ୍ର ସିଂହର ବଳ ଭର୍ତ୍ତି ହୋଇଯାଇଛ । ଶ୍ରୀଲ ପ୍ରଭୁପାଦ ଓ ଆପଣଙ୍କର କୃପାଦୃଷ୍ଟି ବିନା ଏ ସେବକର ପତନ ଅବଶ୍ୟମ୍ଭାବୀ । ଏହା ବିନା ଅନ୍ୟଥା କିଛି ଦରକାର ନାହିଁ । ସଦାସର୍ବଦା ଆପଣଙ୍କର କିଙ୍କର ହୋଇ ରହିବାକୁ ଇଚ୍ଛା ।

ପରିଶେଷରେ ଏ ଅଧମର ପରମପୁରୁଷ ଶ୍ରୀ କୃଷ୍ଣଚନ୍ଦ୍ର ଭଗବାନ ଓ ପରମ ପ୍ରେମମୟୀ ଶ୍ରୀ ରାଧାରାଣୀଙ୍କ ନିକଟରେ ସହସ୍ର ଦଣ୍ଡବତ ପ୍ରଣାମ କରି ଭକ୍ତିପୂତ ପ୍ରାର୍ଥନା କରୁଛି କି ଆପଣଙ୍କୁ ତାଙ୍କ ପଣତକାନି ତଳେ ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ ।

ଆପଣଙ୍କର ଦାସଦାନୁଦାସ ସେବକ
**ଚୈତନ୍ୟ ଚନ୍ଦ୍ର ଦାସ**
ଅନୁଗୁଳ

# ଧେନୁ ପଛେ ପଛେ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କୁ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ । କିଛି ଗୁଣ କୀର୍ତ୍ତନ କରିବାକୁ ଆପଣଙ୍କ କୃପାଭିକ୍ଷା କରୁଛି । କାରଣ ମୋର କିଛି ଯୋଗ୍ୟତା ନାହିଁ ।

ଗୁରୁଦେବ ମୋର ଅଜ୍ଞତା ଦୃଷ୍ଟିରୁ ଆପଣଙ୍କ ପାଖକୁ ଆଧାତ୍ମିକ ପ୍ରଶ୍ନ ନ ନେଇ ତା' ବଦଳରେ ଆଧାତ୍ମିକ କ୍ଳେଶ ସମ୍ବନ୍ଧୀୟ ପ୍ରଶ୍ନ ନେଇକି ଯାଏ । ଆଉ ଆପଣ ବାରମ୍ବାର ମୋତେ ଉପଦେଶ ଦିଅନ୍ତି- ତୁମର ଆଣ୍ଠୁ ଅପରେସନ୍ ନ କରି ଫିଜିଓଥେରାପିରେ ମେଣ୍ଟେନ୍ କରି ରଖ । ମାତ୍ର ଗୁରୁଦେବ ଏବେଏବେ ମାର୍ଚ୍ଚ / ଏପ୍ରିଲ ମାସରେ ମୋ ଫିଜିଓଥେରାପିଷ୍ଟ୍ ମୋତେ ଅପରେସନ୍ ପାଇଁ ଜଣାଇଲାରୁ ମୁଁ ୨/୩ଟି ଡାକ୍ତରଙ୍କ ପରାମର୍ଶରୁ ଜାଣିଲି ଆଣ୍ଠୁ ଅପରେସନ୍ ଅର୍ଜେଣ୍ଟ କରିବାକୁ ପଡ଼ିବ । ମୁଁ ବୃନ୍ଦାବନରେ ଥାଏ ଆପଣ ଓଡ଼ିଶାରେ ଥାଆନ୍ତି । କ'ଣ କରିବି କ'ଣ କରିବି ଭାବି ଭାବି ଗୁରୁକୃଷ୍ଣଙ୍କ ଉପରେ ଭରସା ରଖି ଶୋଇଲି । ଆପଣ ମୋ ଦୁଃଖ ଦେଖି ପାରିଲେ ନାହିଁ । ମୋ ସ୍ୱପ୍ନରେ ଆସିଲେ । ମୁଁ ସ୍ୱପ୍ନରେ ଦେଖୁଛି ଆପଣ କୋଣାର୍କ ରୋଡ଼ରେ ଗାଡ଼ିରୁ ଆମ ମଧୁବନ କଲୋନୀ ଘର ଆଡ଼କୁ ଅନାଉଛନ୍ତି । ଆସିବାକୁ କିମ୍ବା କିଛି କହିବାକୁ ଚାହୁଁଛନ୍ତି । ସେହି ସ୍ୱପ୍ନରେ ଘରେ ପ୍ରଭୁଙ୍କୁ କହିଲି- ଗୁରୁ ମହାରାଜ ଆସୁଛନ୍ତି ତାଙ୍କୁ ଘରକୁ ନେଇଆସ । ଏହିପରି ଦେଖୁ ଦେଖୁ ନିଦ ଭାଙ୍ଗି ଯାଇଛି । ମୁଁ ଜାଣି ପାରିଲି ମୋ ବିପଦ ସମୟରେ ଆପଣ ମୋ ପଛେ ପଛେ ଅଛନ୍ତି । ତା'ପରେ ମୁଁ ଭୁବନେଶ୍ୱରରେ ଆସି ୭.୫.୨୪ରେ ଆଣ୍ଠୁ ଅପରେସନ୍ କରି ଘରକୁ ଆସି ସାରିଲିଣି । ଆପଣଙ୍କ କୃପାରୁ ମୁଁ ସୁସ୍ଥ ହେବାକୁ ଲାଗୁଛି । ମୋର ଆଶା ମୁଁ ବ୍ୟାସପୂଜାକୁ ନିଶ୍ଚୟ ଯାଇପାରିବି ଓ ଆପଣଙ୍କୁ ଦର୍ଶନ କରିବି । ପରିଶେଷରେ ଭଗବାନ୍‌ଙ୍କ ପାଖରେ ପ୍ରାର୍ଥନା କରୁଛି ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ ଆମ୍ଭମାନଙ୍କୁ କୃପାକରନ୍ତୁ ।

ଅଧମା ଦାସୀ
**ଦେବହୂତୀ ଦେବୀ ଦାସୀ,** ଭୁବନେଶ୍ୱର

# ସବୁବେଳେ ଭଗବାନ୍‌ଙ୍କୁ ସ୍ମରଣ କରିବା ଉଚିତ୍

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ପୂଜ୍ୟ ଗୁରୁଦେବ ! ଆଜି ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଦାସର ଆପଣଙ୍କର ପାଦପଦ୍ମରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ହେ ଗୁରୁଦେବ, ଆପଣଙ୍କର ଗୁଣଗାନ କରିବାକୁ ଏହି ଅଧମର ଯୋଗ୍ୟତା ନାହିଁ । ଆପଣଙ୍କର କୃପା ବିନା ଏହା ଅସମ୍ଭବ । ତଥାପି ଆପଣଙ୍କ କୃପାରୁ କିଛି ଲେଖିବାକୁ ପ୍ରୟାସ କରୁଛି । ହେ ଗୁରୁଦେବ, ଆପଣଙ୍କର ଗୁଣ ଅନନ୍ତ, ଅସୀମ । ଆପଣ ଏତେ ଦୟାଳୁ ଯେ ମୋ ପରି ଏକ ତୁଚ୍ଛ ଜୀବକୁ ଆପଣ ହରିନାମ ଦୀକ୍ଷା ପ୍ରଦାନ କଲେ । ସଂସାରରେ ଅଧର୍ମର ଉତ୍‌ଥାନ ହେଲେ ଓ ଧର୍ମର ବିନାଶ ହେଲେ, ଯେପରି ଭଗବାନ ଅବତାର ଗ୍ରହଣ କରନ୍ତି, ସେହିଭଳି ଏହି ଘୋର କଳିଯୁଗରେ ସମସ୍ତ ପତିତ ଜୀବଙ୍କୁ ଉଦ୍ଧାର କରିବାକୁ ଆପଣଙ୍କ ଭଳି ମହାନ୍ ବୈଷ୍ଣବଙ୍କର ଆବିର୍ଭାବ ହୋଇଛି । ଏହା ମନୁଷ୍ୟ ଜନ୍ମକୁ କିପରି ସାର୍ଥକ କରିପାରିବା, ସବୁ ସମୟରେ କିପରି ଭଗବାନ୍‌ଙ୍କର ନାମ ସ୍ମରଣ ହୋଇପାରିବ, ତା'ର କଳା ମୁଁ ଆପଣଙ୍କଠାରୁ ଶିଖିଲି । ଆପଣଙ୍କର ପ୍ରବଚନ ଶୁଣିବାକୁ ମୋତେ ବହୁତ ଭଲ ଲାଗେ । ଆପଣ ସବୁବେଳେ ଉପଦେଶ ଦିଅନ୍ତି- "ଯେତେ ବାଧାବିଘ୍ନ ଜୀବନରେ ଆସିଲେ ବି ସବୁବେଳେ ଭଗବାନ୍‌ଙ୍କୁ ସ୍ମରଣ କରିବା ଉଚିତ୍ ଓ ଭଗବାନ୍‌ଙ୍କ ଉପରେ ସବୁକିଛି ଛାଡ଼ିଦେବା ଉଚିତ ।" ଏହାକୁ ମୁଁ ଜୀବନରେ ପାଳନ କରିବାକୁ ଚେଷ୍ଟା କରୁଛି ।

ଶେଷରେ ଗୁରୁଦେବ, ମୁଁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣଙ୍କର ଜୀବନ ଦୀର୍ଘାୟୁ ଓ ନିରାମୟ ହେଉ ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ଗୌରହରି ଦାସ**

# ଗୁରୁମୁଖ ପଦ୍ମବାକ୍ୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପ୍ରାତଃ ସ୍ମରଣୀୟ ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ଆପଣଙ୍କୁ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଏହି ଦିବ୍ୟତିଥିରେ ଆପଣଙ୍କ ଗୁଣଗାନ କରିବାକୁ ସୁଅବସର ମିଳିଛି । ଯଦିବା ମୁଁ ଏଥିପାଇଁ ଯୋଗ୍ୟ ନୁହେଁ ତଥାପି ଯେତିକି ମୋର ଅନୁଭୂତି ଅଛି ତାହା ମୁଁ କହିବାକୁ ଚେଷ୍ଟା କରିବି ।

ହେ ଗୁରୁଦେବ ପ୍ରତ୍ୟେକ ଦିନ ମୁଁ ଆପଣଙ୍କୁ ପ୍ରାର୍ଥନା ସମୟରେ ଭାବେ କ'ଣ ଗୁରୁଦେବ ମୋର ଏହି ପ୍ରାର୍ଥନାକୁ ଗ୍ରହଣ କରୁଥିବେ ? କ'ଣ ଗୁରୁଦେବ ଆମଭଳି ଏହି ତୁଚ୍ଛ ଶିଷ୍ୟକୁ ମନ ରଖୁଥିବେ ? କିନ୍ତୁ ଏହା ମଧ୍ୟ ମୁଁ ବିଶ୍ୱାସ କରିପାରୁ ନଥିଲି କିନ୍ତୁ ଆମ ଇସ୍କନ୍ ଖଳିସାହି ପ୍ରୋଗ୍ରାମ୍‌ରେ ଯେତେବେଳେ ମୋତେ କୌଣସି ସେବା ମିଳିନଥିଲା ଏବଂ ଗୁରୁଦେବଙ୍କ ସହିତ ଭେଟ ହୋଇପାରିନଥିଲି, ସେ ଦିନଠାରୁ ମୁଁ ବହୁତ ଦୁଃଖିଥିଲି ଏବଂ ମନରେ ସବୁବେଳେ ସେହି ଦୁଃଖ ଥିଲା କ'ଣ ଗୁରୁଦେବଙ୍କ ସହିତ ଆଉ ସାକ୍ଷାତ୍ ହୋଇପାରିବ ନାହିଁ ?

କିନ୍ତୁ ଗୁରୁଦେବ କୃପାମୟ, ଅନ୍ତର୍ଯ୍ୟାମୀ । ତାଙ୍କ ଶିଷ୍ୟର ମନର କଥା ସତରେ ଜାଣିପାରନ୍ତି ଏବଂ ଯେତେବେଳେ ବାଡୋଳ ନାମହଟ୍ଟରେ ପ୍ରୋଗ୍ରାମ୍ ହୋଇଥିଲା, ମୁଁ ଦୁଇଦିନ ପୂର୍ବରୁ ପାଇଥିଲି କିଛି ସେବା ଆଶାରେ ଏବଂ ମୋତେ ସେଠି ସେବା ମିଳିଥିଲା ଏବଂ ଗୁରୁଦେବଙ୍କୁ ସ୍ମରଣ କରିଥିଲି । ପ୍ରକୃତରେ ଗୁରୁଦେବ ଦୟାର ସାଗର । ହେ ଗୁରୁଦେବ ଆହୁରି ମଧ୍ୟ ମୋଭଳି ଅଧମ, ପାପୀ, ଅପରାଧୀକୁ ଆପଣଙ୍କ ଦର୍ଶନ ମିଳିଥିଲା । ଆମେ ସମସ୍ତେ ଖଳିସାହି ଭକ୍ତବୃନ୍ଦ ଏବଂ ଜନକନନ୍ଦିନୀ ମାତାଜୀ, କାଳିନ୍ଦୀ ମାତାଜୀ ଓ ମୁଁ ଆପଣଙ୍କର ଦର୍ଶନର ଲାଭ ପାଇଥିଲୁ ଏବଂ ଗୁରୁଦେବ ଆମକୁ ଦେଖିଲାକ୍ଷଣି କହିବାକୁ ଲାଗିଲେ, ତୁମେମାନେ ଏଠି ସବୁ ରୋଷେଇ କରୁଥିଲ ନୁହେଁ ଏବଂ ସଙ୍ଗେସଙ୍ଗେ ଏକ ଫୁଲମାଳ ଆଣି କହିଥିଲେ ନିଅ ସେମାନଙ୍କୁ ଦେଇଦିଅ । ତା'ପରେ ମୋତେ ପଚାରିଲେ ଗାୟତ୍ରୀ ତୁମେ ତୀର୍ଥରାଜଙ୍କ ପ୍ରୋଗ୍ରାମ୍‌କୁ ଯାଉଥିଲ, ଟ୍ରେନ୍ ପାଇଲନି । ସେଥିପାଇଁ ୧୦/୧୫ ମି. ଆଲୋଚନା ଚାଲିଲା । ଗୁରୁଦେବଙ୍କ କୃପା ମିଳିଲା ପରେ ପରେପରେ ମନ ପ୍ରକୃତରେ ଏତେ ଆନନ୍ଦିତ ଲାଗିଲା, ଯାହାକି ନିଜ ଭାଷାରେ କହିବା ମଧ୍ୟ ଅସମ୍ଭବ । ସେହିଦିନ ଠାରୁ ମୋର ଗୁରୁଙ୍କ ପ୍ରତି ବିଶ୍ୱାସ ଓ ଦୃଢ଼ତା ଆସିଲା । ପ୍ରକୃତରେ ଗୁରୁଦେବ ତାଙ୍କର ପତିତ ହୋଇଥିବା ଶିଷ୍ୟକୁ ନିଶ୍ଚୟ ରକ୍ଷା କରିବେ । କେଜାଣି କେଉଁଦିନ ସେ ସମୟ ଆସିବ ଗୁରୁଦେବ ! ଆମଭଳି ପତିତ ଜୀବକୁ ଉଦ୍ଧାର କରିବେ । କିନ୍ତୁ ମୋର ପୂର୍ଣ୍ଣ ବିଶ୍ୱାସ ଅଛି ଗୁରୁଦେବ ନିଶ୍ଚୟ ଦିନେ ସେ ଆମକୁ ଏଥିରୁ ଉଦ୍ଧାର କରିବେ ଏବଂ ଆମେ ପୂର୍ଣ୍ଣ ପ୍ରେମମୟୀ ସେବା ପ୍ରାପ୍ତ ହେବାପାଇଁ ଯୋଗ୍ୟ ହେବୁ । କିନ୍ତୁ ସେଥିପାଇଁ ଆମର ପୂର୍ଣ୍ଣ ସମର୍ପଣ ଭାବ ରହିବା ଉଚିତ୍ ଯଦି ଗୁରୁଦେବଙ୍କ ପ୍ରତି ପୂର୍ଣ୍ଣ ସମର୍ପଣ ଭାବ ରହିବ ତେବେ ଆମକୁ ଭଗବାନ୍‌ଙ୍କ କୃପାପ୍ରାପ୍ତ ହେବ, ହେ ଗୁରୁଦେବ, ମୁଁ ଆପଣଙ୍କର ଶିଷ୍ୟ ହେବାପାଇଁ ଯୋଗ୍ୟ ହୋଇ ନାହିଁ । ତେଣୁ ହେ ଗୁରୁଦେବ ଏତିକି ପ୍ରାର୍ଥନା ଆପଣଙ୍କ ଚରଣକମଳରେ ଆପଣଙ୍କ ପ୍ରତି ମୋର ପୂର୍ଣ୍ଣ ସମର୍ପଣ ଭାବ ଆସୁ ଏବଂ ମୁଁ ଆପଣଙ୍କର ଶିଷ୍ୟା ହେବାପାଇଁ ଯୋଗ୍ୟ ହୁଏ । ହେ ଗୁରୁଦେବ ଆମଭଳି ପତିତ ଜୀବର ଆଶ୍ରୟ, ତ୍ରାଣକର୍ତ୍ତା, ଆପଣ ଆମକୁ କୃପାଦୃଷ୍ଟିରେ ଚାହିଁଥାଆନ୍ତୁ । ଏହା ଆପଣଙ୍କ ପାଖରେ ମୋର ନିବେଦନ । ହେ ଗୁରୁଦେବ ମୁଁ ଅଧମ, ଜ୍ଞାନହୀନ, ବୁଦ୍ଧିହୀନ, ପତିତଜୀବ । ମୋର ଆପଣଙ୍କ ଗୁଣଗାନରେ ଯଦି କିଛି ତ୍ରୁଟି ରହିଯାଇଥିବ ତେବେ ମୋତେ କ୍ଷମା କରିଦେବେ । ଜୟ ଶ୍ରୀଲ ଗୁରୁଦେବ ।

ଆପଣଙ୍କର ଦାସାନୁଦାସ ଓ ଦାସୀ
**ସୀତାଭଲ୍ଲବ ଦାସ, ଗାୟତ୍ରୀ ଦେବୀ ଦାସୀ**
ଇସ୍କନ ଖଳିସାହି

# ଆଧ୍ୟାତ୍ମିକ ଗୁରୁ ହିଁ ଶିଷ୍ୟଙ୍କୁ ଉଦ୍ଧାର କରନ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ! ଆପଣଙ୍କ ୭୧ତମ ଆବିର୍ଭାବ ଦିବସରେ ପୁଣ୍ୟତିଥିରେ ଆପଣଙ୍କ ଚରଣ କମଳରେ ଏ ଅଧମ ଶିଷ୍ୟର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରିବେ ।

ଆଚାର୍ଯ୍ୟଂ ମାଂ ବିଜାନୀୟାତ୍ ନ ଅବମନ୍ୟେତ କର୍ହିଚିତ୍ ।
ନ ମର୍ତ୍ୟ ବୁଦ୍ଧ୍ୟା ଅସୂୟେତ୍ ସର୍ବଦେବ ମୟଃ ଗୁରୁଃ ॥
[ଶ୍ରୀ . ଭା - ୧୧.୧୭.୨୭]

ହେ ଗୁରୁଦେବ ଆପଣ ସାଧାରଣ ମନୁଷ୍ୟ ନୁହଁନ୍ତି । ଭଗବାନ୍‌ଙ୍କ ସ୍ୱୟଂ ସ୍ୱରୂପ ଆପଣ । ଆପଣ ସମସ୍ତ ଦେବତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି । ଆପଣଙ୍କର ଏ ଜଗତରେ କିଛି କରିବାର ନାହିଁ । କେବଳ ଆପଣ ଭଗବାନଙ୍କ ପ୍ରିୟଜନ ହୋଇଥିବାରୁ ଭଗବାନଙ୍କ ନିର୍ଦ୍ଦେଶରେ ଏଠାକୁ ଆସିଛନ୍ତି । ଭୌମଲୀଳା କରିବା ପାଇଁ । ଆପଣ କେବଳ ବଦ୍ଧ ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଛନ୍ତି । ଏହା ଆପଣଙ୍କ ଗୌଣ କାମ ଅଟେ କିନ୍ତୁ ମୁଖ୍ୟ କାମ ହେଉଛି ଭଗବାନଙ୍କ ନାମ, ଗୁଣ, ଲୀଳା ଓ ରୂପର ବର୍ଣ୍ଣନା କରି ବଦ୍ଧ ଜୀବମାନଙ୍କୁ ଆକୃଷ୍ଟ କରିବା ଏବଂ ସେହି ଶିଷ୍ୟମାନଙ୍କୁ ଭଗବାନ୍‌ଙ୍କ ସେବାରେ ନିଯୁକ୍ତ କରି ଶୁଦ୍ଧ କରିବା । ସେହି ଶୁଦ୍ଧସତ୍ତ୍ୱ ଆତ୍ମାମାନଙ୍କୁ ଭଗବତ୍ ଧାମକୁ ନେବା ଏବଂ ନିତ୍ୟ ସେବାରେ ନିଯୁକ୍ତ କରିବା ଗୋଲକ ବୃନ୍ଦାବନରେ । ଗୁରୁଦେବ ଆଶ୍ରୟ ବିଗ୍ରହ ଅଟନ୍ତି, ତେଣୁ ଯେଉଁ ବଦ୍ଧ ଜୀବମାନେ ଗୁରୁଙ୍କର ଚରଣରେ ଆଶ୍ରୟ ନିଅନ୍ତି ସେମାନେ ଭକ୍ତ ହୋଇଯାନ୍ତି । ସେହି ଭକ୍ତମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ ଆପଣ ପ୍ରତିବର୍ଷ ତିନିଦିନିଆ କାର୍ଯ୍ୟକ୍ରମ ମାଧ୍ୟମରେ ଶିଷ୍ୟମାନଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି । ତେଣୁ ଆପଣ କୃପାଳୁ ଅଟନ୍ତି ।

"ଯସ୍ୟ ପ୍ରସାଦାତ୍ ଭଗବତ ପ୍ରସାଦୋ
ଯସ୍ୟ ଅପ୍ରସାଦାତ୍ ନ ଗତିଃ କୁତୋଽପି ।"

ଗୁରୁକୃପାରୁ ଭଗବତ୍ ପ୍ରାପ୍ତିହୁଏ । ତେଣୁ ଅତି କମ୍‌ରେ ଆମେ ଗୁରୁଙ୍କୁ ପ୍ରତିଦିନ ତିନିଥର ପ୍ରଣାମ ଜଣାଇବା ଉଚିତ୍ । ଗୁରୁ ନିଜେ ଶିଷ୍ୟମାନଙ୍କୁ ଗାୟତ୍ରୀ ଦୀକ୍ଷା ମାଧ୍ୟମରେ ସେ ସୁଯୋଗ ପ୍ରଦାନ କରନ୍ତି, ଫଳରେ ଶିଷ୍ୟ ଆଧ୍ୟାତ୍ମିକ ଉନ୍ନତି କରିପାରିବ । ତେଣୁ ଗୁରୁଦେବ ହେଉଛନ୍ତି କୃପାମୟ, ଗୁରୁଙ୍କର ମନୋଭିଷ୍ଟ ପୂରଣ ନିମିତ୍ତ ଶିଷ୍ୟ କାର୍ଯ୍ୟ କରିବା ହେଉଛି ସର୍ବଶ୍ରେଷ୍ଠ ଭକ୍ତିଯୋଗ ।

ହେ ଗୁରୁଦେବ ଏ ଅଧମ ଶିଷ୍ୟ ଯିଏକି ବଦ୍ଧଜୀବ ସେ ଆପଣଙ୍କୁ ସମ୍ମାନ ଦେବାର ମଧ୍ୟ ଜାଣିନି ସିଏ ବା କ'ଣ ଆପଣଙ୍କ ଗୁଣଗାନ କରିବ, ତେଣୁ ଏହି ମୂର୍ଖର ଯାହା ଅପରାଧ ଥାଏ ତାକୁ କ୍ଷମା କରିଦିଅନ୍ତୁ ମୁଁ ବିନୀତ ଅନୁରୋଧ କରୁଛି ।

ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କ ଚରଣ କମଳରେ ଏ ଅକିଞ୍ଚନର ପ୍ରାର୍ଥନା ଆପଣଙ୍କୁ ସୁସ୍ଥ, ସୁନ୍ଦର ଓ ଦୀର୍ଘାୟୁ ରଖିଥାନ୍ତୁ, କେବଳ ଭଗବାନଙ୍କ ନାମ, ରୂପ, ଗୁଣ ଓ ଲୀଳାର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ବଦ୍ଧଜୀବଙ୍କୁ ଉଦ୍ଧାର ନିମନ୍ତେ । ଜୟ ଶ୍ରୀଲ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁଦେବ କି-ଜୟ । ହରେକୃଷ୍ଣ ।

ଆପଣଙ୍କର ଅଧମ, ପତିତ ଓ ଅଜ୍ଞାନୀ ଶିଷ୍ୟ
**ହରିପଦ ଦାସ,** ଆସ୍କା

# ଆପଣଙ୍କର ଦିବ୍ୟଦର୍ଶନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଗୁରୁ ମହାରାଜ୍ ! ଆପଣଙ୍କର ଶ୍ରୀଚରଣ କମଳରେ ଏ ଅଧମ ପତିତର ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଏ ଅଧମ ପତିତ ଆପଣଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରି ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା ଜଣାଉଛି ।

ହେ ଗୁରୁ ମହାରାଜ, ମୁଁ ଗୋଟେ ଅଧମ ପତିତ, ଅଜ୍ଞାନୀ ପାପୀ । ଆପଣଙ୍କର ଗୁଣଗାନ କରିବାକୁ ମୋର ଯୋଗ୍ୟତା ନାହିଁ କିନ୍ତୁ ଆପଣଙ୍କର ପ୍ରିୟ ଶିଷ୍ୟମାନଙ୍କର କୃପାରୁ ଆପଣଙ୍କର ଗୁଣଗାନ କରିବାକୁ ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେକରୁଛି । ଆପଣଙ୍କର ଦିବ୍ୟ କୃପା ହେତୁ ଏ ଅଞ୍ଚଳରେ ରାଧାଶ୍ୟାମସୁନ୍ଦରଙ୍କର ମନ୍ଦିର ସ୍ଥାପନା କରିଥିବାରୁ ଏ ଅଞ୍ଚଳରେ ସମସ୍ତେ ଅଜ୍ଞାନ ରୂପକ ଅନ୍ଧକାରରୁ କୃଷ୍ଣଚେତନା ମାର୍ଗକୁ ଟାଣିହୋଇ ଆସିଛନ୍ତି । ଆପଣ ସମସ୍ତଙ୍କୁ ହରିନାମର ସେଇ ଦିବ୍ୟ ଆନନ୍ଦ ପ୍ରଦାନ କରିଛନ୍ତି ।

ମୁଁ ଆପଣଙ୍କ ପ୍ରିୟ ଶିଷ୍ୟ ଶ୍ରୀ ସୁମିତ୍ର କୃଷ୍ଣ ଦାସ ପ୍ରଭୁଙ୍କ ମାଧ୍ୟମରେ ଆପଣଙ୍କର ଦିବ୍ୟ ଗୁଣଗୁଡ଼ିକ ଆସ୍ୱାଦନ କରୁଥିଲି ଓ ମୁଁ ପାପୀ ଅସୁର ସ୍ୱଭାବର ଥିଲି କିନ୍ତୁ ଆପଣଙ୍କର ଦିବ୍ୟଦର୍ଶନ କରିଲି । ସେହି ସମୟରେ କଣ୍ଠରୁଦ୍ଧ ହୋଇଯାଉଥିଲା ଓ ଆଖିରୁ ଅଶ୍ରୁ ଆସୁଥିଲା ମୋତେ ଲାଗୁଥିଲା କୌଣସି ଦିବ୍ୟରୂପକୁ ଦର୍ଶନ କରିଲି । ମୋର ଜଡ଼ ଚକ୍ଷୁ ମୁଁ କିଛି ଦର୍ଶନ କରିପାରୁ ନ ଥିଲି । କିନ୍ତୁ ଆପଣଙ୍କ ଦିବ୍ୟକୃପା ହୋଇଥିବାରୁ ମୁଁ ଦର୍ଶନ କରିପାରିଲି । ଯେତେବେଳେ ଆପଣଙ୍କ ଦିବ୍ୟବାଣୀ ଶ୍ରବଣ କରେ ମୋର ଯେମିତି ସବୁ ପ୍ରକାର କାମନା ଦୂରିଭୂତ ହୁଏ ଏବଂ ମନରେ ଉତ୍ସାହ ଜାଗ୍ରତ ହୁଏ, ଆମେ ସମସ୍ତେ ଚେଷ୍ଟା କରିବୁ ଆପଣଙ୍କ ହୃଦୟର ସେଇ ଭାବକୁ ଜାଣି କେମିତି ସେବା କରିବୁ, ମୁଁ କୃପାଭିକ୍ଷା କରୁଛି ଯେ ଆପଣଙ୍କର ଚରଣରେ ସ୍ଥାନ ଦିଅନ୍ତୁ । ହରେକୃଷ୍ଣ । ଜୟ ପ୍ରଭୁପାଦ ।

ଆପଣଙ୍କର ଅଧମ ପତିତ ପାପୀ
**ହିରେନ୍ ବେହେରା**, ଅନୁଗୁଳ

# ଆପଣଙ୍କର ଦର୍ଶନର ଅପେକ୍ଷାରେ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ଗୁରୁ ମହାରାଜ ଏ ଦାସୀର ପ୍ରଣାମ ଗ୍ରହଣ କରନ୍ତୁ । ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଚରଣରେ ଏତିକି ପ୍ରାର୍ଥନା କି, ସର୍ବଦା ଆପଣଙ୍କର ସେବା ଏବଂ ଦର୍ଶନରେ ଏହି ତୁଚ୍ଛ ଦାସୀକୁ କୃପା କରିବେ । ଆପଣଙ୍କ ଗୁଣ ଓ ମହିମା ତ ଅସୀମ । ମୁଁ ଅଜ୍ଞାନୀ କି ଗୁଣଗାନ କରିବି ? କିନ୍ତୁ ଆପଣ ମୋତେ କୃପା କରନ୍ତୁ ଯାହାଦ୍ୱାରା ମୁଁ ଆପଣଙ୍କର ଗୁଣଗାନ କରି ମୋର ମନ ଏବଂ ହୃଦୟରେ ଥିବା ମଇଳାକୁ ପରିଷ୍କାର କରି କୃଷ୍ଣ ପ୍ରେମକୁ ବା ଭକ୍ତିକୁ ପାଇପାରିବି । ଆପଣଙ୍କର କୃପାରୁ ମୁଁ ଆପଣଙ୍କର ଦର୍ଶନ କରିପାରିଛି ଏବଂ ସେହି ଦର୍ଶନର ଅନୁଭୂତିରୁ ଆପଣଙ୍କର ମହିମା ବ୍ୟକ୍ତ କରିବାକୁ ଯାଉଛି ।

ମୋର ଆଧ୍ୟାତ୍ମିକ ଜୀବନ ତ ଆରମ୍ଭ ହିଁ ହୋଇ ନାହିଁ । ଢେଙ୍କାନାଳ ମନ୍ଦିର ଯିବା ମୋର ଏକ ବର୍ଷ ମଧ୍ୟ ପୂରଣ ହୋଇ ନାହିଁ । କିନ୍ତୁ ଆପଣଙ୍କର ଦର୍ଶନ ଏବଂ ଆପଣଙ୍କର ଶ୍ରୀମୁଖରୁ ବାଣୀ ଶୁଣିବା ପରେ ମନରେ ଏକମାତ୍ର ଅଭିଳାଷ, ଆପଣଙ୍କର ଦର୍ଶନ

ବାରମ୍ବାର ପ୍ରାପ୍ତ କେମିତି କରିବି ଏବଂ ଏହି ଦାସୀର ନିବେଦନ ଆପଣ ଆମକୁ ଏହିପରି ଦର୍ଶନ ଦିଅନ୍ତୁ ଏବଂ ଆମ୍ଭମାନଙ୍କ ଭଳି ଅଯୋଗ୍ୟମାନଙ୍କୁ କୃପା କରନ୍ତୁ, ଯାହାଫଳରେ ଆମ ଭିତରେ ଭକ୍ତି କରିବା ଏବଂ ସେବା କରିବାର ମନୋଭାବ ବା ସାହାସ ଉପୁଜି ପାରିବ। ଆପଣଙ୍କର ଦର୍ଶନ ପୂର୍ବରୁ ମୁଁ ଭାବୁଥିଲି ମୁଁ ତ ଭକ୍ତିର କିଛି ଜ୍ଞାନ ଜାଣି ନାହିଁ। କେଜାଣି କେତେଦିନ ମନ୍ଦିର ଆସି ପାରିବି ଓ ସେବା କରିପାରିବି ? କିନ୍ତୁ ଆପଣଙ୍କର ଦର୍ଶନ ଏବଂ ବାଣୀ ଶୁଣିବା ପରେ ମନରେ ସାହସ ଆସିଛି ଏବଂ ସର୍ବଦା କୃଷ୍ଣଙ୍କୁ ଏବଂ ଆପଣଙ୍କୁ ମନରେ ଚିନ୍ତା କରି ମାଗୁଛି, ହେ ଗୁରୁଦେବ, ହେ କୃଷ୍ଣ ମୋତେ କୃପାକର ଏବଂ ଭକ୍ତିମାର୍ଗରେ ଅଗ୍ରସର ହେବାକୁ ସାହସ ଦିଅ। ଏହା କେବଳ ଆପଣଙ୍କର ଦର୍ଶନରେ ହୋଇପାରିଛି। ତେଣୁ ମୁଁ ତ ଆଉ ଅଧିକ ମାଗିବାର ବା ଅଭିଳାଷ କରିବାର ଯୋଗ୍ୟତା ରଖି ନାହିଁ। ହେ ଗୁରୁଦେବ ଆପଣ ଆମକୁ ବା ଢେଙ୍କାନାଳ ଭକ୍ତଙ୍କୁ ଏବଂ ମୋତେ ଦର୍ଶନ ଦେବାର କୃପା ସଦାସର୍ବଦା ରଖିଥିବେ। ଆପଣଙ୍କଠାରୁ ଆମକୁ କେବେ ଦୂରେଇଦେବେ ନାହିଁ।

ହେ ଗୁରୁଦେବ ଆପଣଙ୍କ ଚରଣରେ ଯଦି ଏହି ଅଯୋଗ୍ୟା କିଛି ଅପରାଧ କରିଥାଏ ଆପଣ ଏହି ଅଧମକୁ କ୍ଷମା କରିଦେବେ। ମୁଁ ଅଜ୍ଞାନୀ ଆପଣଙ୍କ ଦର୍ଶନର କୃପା ପାଇଛି ଏବଂ ଆପଣଙ୍କର ବାଣୀ ଶୁଣିବାର କୃପା ମଧ୍ୟ ପାଇଛି। ଏହି ଅଜ୍ଞାନୀର କିଛି ଭୁଲ୍ ହୋଇଥିଲେ ଆପଣ ମୋତେ କ୍ଷମା କରିବେ ଏବଂ ଆପଣଙ୍କର ଦର୍ଶନ ଆମକୁ ସଦାସର୍ବଦା ଦେଉଥିବେ। ଏହି ସାମାନ୍ୟ ଦାସୀ ଇତିଶ୍ରୀ ଆପଣଙ୍କର ଦର୍ଶନର ଅପେକ୍ଷାରେ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟା
**ଇତିଶ୍ରୀ ମହାଖୁଡ଼**
ଇସ୍କନ୍, ଢେଙ୍କାନାଳ

# ରାଧାରାଣୀଙ୍କ ପୁତ୍ର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ଆରାଧ ଗୁରୁଦେବ ! ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥି ତଥା ବ୍ୟାସପୂଜା ମହୋତ୍ସବ। ଏହି ମହୋତ୍ସବରେ ଆପଣଙ୍କ ଶ୍ରୀ ପାଦପଦ୍ମରେ ମୋର ଶତକୋଟି ଦଣ୍ଡବତ ପ୍ରଣାମ।

ହେ ମୋର ଗୁରୁଦେବ ! ଆପଣଙ୍କ ଭଳି ଶୁଦ୍ଧ ସାଧୁ, ଗୁରୁ ବୈଷ୍ଣବଙ୍କ ଗୁଣଗାନ କରିବାକୁ ଏ ଅଧମା ଶିଷ୍ୟାର ଯୋଗ୍ୟତା ନାହିଁ, ଏ ସଂସାର ବନ୍ଧନରେ ଛଟପଟ ହେଉଥିବା ମୋ ଭଳି ଅଧମା ଜୀବକୁ ଆପଣଙ୍କର ପାଦପଦ୍ମରେ ଆଶ୍ରୟ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି।

ଶାସ୍ତ୍ରରେ ଅଛି କୃଷ୍ଣ କୃପାକଲେ ଶୁଦ୍ଧଗୁରୁ ମିଳନ୍ତି ଏବଂ ଗୁରୁ କୃପାକଲେ କୃଷ୍ଣ ମିଳନ୍ତି। ଏ ସଂସାର ରୂପୀ ଭବସାଗରରେ ଜୀବ ଅନ୍ଧଭାବରେ ଘୂରି ବୁଲିବା ପରେ ଯେତେବେଳେ ଭାଗ୍ୟବଶତଃ ସଦ୍‌ଗୁରୁଙ୍କ କୃପା ପ୍ରାପ୍ତ ହୁଏ, ସେତେବେଳେ ଏ ଭବ ସାଗରରୁ ପାରିହେବା ପାଇଁ ସେ ପଥ ପାଇଯାଏ।

ବ୍ରହ୍ମାଣ୍ଡ ଭ୍ରମିତେ କୋନ୍ ଭାଗ୍ୟବାନ୍ ଜୀବ ।
ଗୁରୁକୃଷ୍ଣ କୃପାତେ ପାଏ ଭକ୍ତିଲତା ବୀଜ ॥

ଗୁରୁଦେବ ଆପଣଙ୍କୁ ପାଇବାପରେ ମୁଁ ନିଶ୍ଚିତ ହୋଇଗଲି ଯେ ମୋତେ ଭଗବାନ ମୋର ଉପସିତ ଗୁରୁ ପ୍ରଦାନ କରିଛନ୍ତି। ରାଧାରାଣୀଙ୍କ କୃପାରୁ ଆମ ପରିବାର ସମ୍ପୂର୍ଣ୍ଣ ରୂପେ ଆପଣଙ୍କ ପାଦପଦ୍ମରେ ଆଶ୍ରିତ ହୋଇପାରିଛୁ। ଆପଣଙ୍କଭଳି ସଦ୍‌ଗୁରୁ ବିରଳ ଓ ଦୁର୍ଲ୍ଲଭ ଆପଣଙ୍କ ଭଳି ସଦ୍‌ଗୁରୁ ପାଇ ଆମର ଜୀବନ ଧନ୍ୟ ଓ ସାର୍ଥକ ହୋଇଛି।

ହେ ମୋର ଗୁରୁଦେବ ! ଆପଣଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଯେ ଏ ଅଧମା ଦାସୀ କିପରି ଆପଣଙ୍କ ଶାସନର ଅଧିନରେ

ରହେ। ଜୀବନର ଲକ୍ଷ୍ୟ ମୋକ୍ଷ ପ୍ରାପ୍ତି ନ ହେଉ କେବଳ ଜନ୍ମଜନ୍ମାନ୍ତର ଗୁରୁଦେବଙ୍କ ସେବା ପ୍ରାପ୍ତି ହେଉ। ଗୁରୁଦେବଙ୍କ ବାଣୀ ପ୍ରଚାର, ପ୍ରସାରରେ ଦିନ କଟିଯାଉ ମୋତେ ଏହି ଆଶୀର୍ବାଦ କରନ୍ତୁ। କିପରି ଭାବରେ ଆପଣଙ୍କ ଇଚ୍ଛାକୁ ପୂରଣ କରିବାରେ କିଞ୍ଚିତ୍ ମାତ୍ରାରେ ନିଜକୁ ନିୟୋଜିତ କରିପାରିବି।

ହେ ମୋର ଗୁରୁଦେବ, ଆପଣଙ୍କୁ ସଦାସର୍ବଦା ରାଧାରାଣୀଙ୍କ ପୁତ୍ରରୂପେ ଦେଖେ, ଯେତେବେଳେ କିଛି ସେବା ପାଇଁ ବାହାରେ ରାଧାରାଣୀଙ୍କୁ ଜଣାଏ। ହେ ରାଧାରାଣୀ ତୁମ ପୁତ୍ରର କିଛି ସେବା ଉଦ୍ଦେଶ୍ୟରେ ଯାଇଛି। ତୁମେ କୃପା କରିବ କେମିତି ଭଲରେ ସେବା ହୋଇପାରିବ।

ସେହି ରାଧାଶ୍ୟାମସୁନ୍ଦରଙ୍କ ପାଖରେ ଏତିକି ନିବେଦନ, ଆପଣଙ୍କୁ ସୁସ୍ଥ, ଦୀର୍ଘାୟୁ ରଖନ୍ତୁ। ଯାହାଦ୍ୱାରା ମହାପ୍ରଭୁଙ୍କର ବାଣୀକୁ ଗ୍ରହଣ କରି ଅସଂଖ୍ୟ ବଦ୍ଧଜୀବ ଉଦ୍ଧାର ହୋଇପାରିବେ।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ !
ଜୟ ଶ୍ରୀଲ ଗୁରୁଦେବ କି ଜୟ !
ହରେକୃଷ୍ଣ

ଆପଣଙ୍କ ଅଧମା ଶିଷ୍ୟା
**ଜଗନମୋହିନୀ ଦେବୀଦାସୀ**
ଅନୁଗୁଳ, ତାଳଚେର, ଥର୍ମାଲ

# ଲବ ମାତ୍ର...

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ଆରାଧ୍ୟ ଶ୍ରୀ ଗୁରୁଦେବ, ଆଜି ଆପଣଙ୍କର ୭୧ ତମ ଶୁଭ ଓ ପୂଣ୍ୟ ଆବିର୍ଭାବ ତିଥି। ଆପଣଙ୍କର ଶିଷ୍ୟ ଶିଷ୍ୟାବୃନ୍ଦ ୧୭ତମ ବାର୍ଷିକ ବ୍ୟାସପୂଜା ରୂପେ ପାଳନ କରୁଅଛୁ। ଏହି ପୂଣ୍ୟତିଥିରେ ଆପଣଙ୍କ ଶ୍ରୀ ଚରଣେ ଏ ଅଧମ ଶିଷ୍ୟ ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ନିବେଦନ କରୁଛି। ହେ ଗୁରୁଦେବ, ଆପଣ ଏତେ ଦୟାଳୁ ଓ କୃପାମୟ ତାହା ସମସ୍ତଙ୍କ କଳ୍ପନା ବାହାରେ। ମୁଁ ଗୋଟିଏ ଛୋଟ ଗାଣିତିକ ସାହାଯ୍ୟରେ ପ୍ରମାଣ କରିବି।

"ସାଧୁ ସଙ୍ଗ ସାଧୁସଙ୍ଗ ସର୍ବ ଶାସ୍ତ୍ରେ କୟ,
ଲବେ ମାତ୍ର ସାଧୁ ସଙ୍ଗେ ସର୍ବ ସିଦ୍ଧ ହୟ।
[ଚ.ଚ. ମଧ. ୨୨.୫୪]

ଅର୍ଥାତ୍ ସାଧୁ ସଙ୍ଗ ଏତେ ଶକ୍ତିଶାଳୀ, ଆମେ ଯଦି ଲବ ମାତ୍ର ସମୟ ସାଧୁ ସଙ୍ଗ କରନ୍ତି, ଆମେ ସମସ୍ତ ସିଦ୍ଧି ପ୍ରାପ୍ତ ହୁଅନ୍ତି। ଆଉ ଟିକେ ସରଳ ଭାଷାରେ କହିଲେ- ବୁଝି ହେବ। ଲବ ମାତ୍ର ସମୟ କେତେ ? ଏହା ଭାଗବତରେ ବର୍ଣ୍ଣନା କରାଯାଇଛି।

୧ ଲବ ମାନେ = ୮/୪୫ ସେକେଣ୍ଡ [ଶ୍ରୀ.ଭା-୩.୧୧.୧୫] ଆଉ ଟିକେ ସରଳ କଲେ ଜାଣିବା ୮ ସେକେଣ୍ଡ = ୪୫ ଲବ।

୧ ଘଣ୍ଟା ବା ୩୬୦୦ ସେକେଣ୍ଡ = ୪୫ / ୮ X ୩୬୦୦ = ୨୦୨୫୦ ଲବ ବ୍ୟାସ ପୂଜା ୩ ଦିନରେ ଅତି କମ୍‌ରେ ୩ X ୫ = ୧୫ ଘଣ୍ଟା। ସାଧୁସଙ୍ଗ କରିବାର ସୁଯୋଗ ଆପଣ ଆମକୁ ଦେଉଛନ୍ତି ୧୫ ଘଣ୍ଟା କେତେ ଲବ? ୧୫ X ୨୦୨୫୦ = ୩,୦୩,୭୫୦ ଲବ। ତେଣୁ ଗୁରୁଦେବ ଆମକୁ କେତେ ମାତ୍ରାରେ କୃପା ପ୍ରଦାନ କରୁଛନ୍ତି ? ଶାସ୍ତ୍ରରେ କୁହାଗଲା ଗୋଟିଏ ମାତ୍ର ଲବ ସମୟ = ୮/୪୫ ସେକେଣ୍ଡ ସର୍ବ ସିଦ୍ଧିକୁ ପ୍ରାପ୍ତ ହେଉଛେ। ଆମ ଗୁରୁଦେବ ଏତେ କୃପାମୟ ଯେ ସେ ଆମକୁ ୩ ଲକ୍ଷରୁ ଅଧିକ ଲବ ସମୟ ସଙ୍ଗ ପ୍ରଦାନ କରୁଛନ୍ତି। ଅର୍ଥାତ୍ ଗୋଟିଏ ବ୍ୟାସପୂଜାର ହାରାହାରି ୩ ଲକ୍ଷ ଥର ସର୍ବ ସିଦ୍ଧିପ୍ରାପ୍ତ ହେବାର ସୁଯୋଗ ଆପଣ ଆମକୁ ପ୍ରଦାନ କରୁଛନ୍ତି।

ଏହାଠାରୁ ବଡ଼ ଭାଗ୍ୟ ଆଉ କ'ଣ ହୋଇପାରେ ? ଏ ଅବସରରେ ମୁଁ ଭଗବାନ କୃଷ୍ଣଙ୍କ ଚରଣରେ ନିବେଦନ କରୁଛି। ସେ ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ ଓ ଆମେ ଏହିପରି କୃପା ପ୍ରାପ୍ତ ହେବାର ସୁଯୋଗ ଆପଣଙ୍କଠାରୁ ପାଉଥାଉ ଓ ଭକ୍ତି ମାର୍ଗରେ ଆଗକୁ ଆପଣ ଆମକୁ ନିଅନ୍ତୁ।

ଆପଣଙ୍କର ଅଧମ ଶିଷ୍ୟ

**ଜଗନ୍ନାଥ ଦାସ, ଭୁବନେଶ୍ୱର**

# ସମସ୍ତଙ୍କ ପ୍ରତି ସମାନ ସ୍ନେହ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ଗୁରୁଦେବ ତବ ଶ୍ରୀଚରଣ ତଳେ କୋଟିକୋଟି ବିନମ୍ରତା ସହିତ ପ୍ରଣାମ ଜଣାଉଛି। ଏହି ୭୧ତମ ବ୍ୟାସପୂଜା ଉତ୍ସବରେ ମୁଁ ଆପଣଙ୍କର କିଛି ଗୁଣଗାନ ବର୍ଣ୍ଣନା କରିବାପାଇଁ ସୁଯୋଗ ପାଇଥିବାରୁ ମୁଁ ନିଜକୁ ବହୁତ ଧନ୍ୟ ମନେ କରୁଛି।

ହେ ଗୁରୁଦେବ ! ଆପଣଙ୍କୁ ମୁଁ ଗୁରୁ ରୂପେ ପାଇ ନିଜକୁ ଭାଗ୍ୟବାନ ବୋଲି ମନେକରୁଛି। ସରଳତା, ନମ୍ରତା, ଦୟା, କ୍ଷମା ଗୁଣଗୁଡ଼ିକ ଆପଣଙ୍କ ହୃଦୟରେ ଭରିରହିଛି। ଆପଣ ଆମ୍ଭମାନଙ୍କର ପଥପ୍ରଦର୍ଶକ। ଆପଣ ଆମ୍ଭମାନଙ୍କର ପିତା। ଯେପରି ଜଣେ ସନ୍ତାନ ତା'ର ପିତା ପାଖରେ କିଛି ଅଳି କରେ। ସେହିପରି ମୁଁ ଆପଣଙ୍କର ପାଦପଦ୍ମରେ ମୋର ଦୁଇହାତ ଯୋଡ଼ି ପ୍ରାର୍ଥନା କରେକି, ମୋତେ ଏତିକି ଆଶୀର୍ବାଦ କରନ୍ତୁ, ଯେପରିକି ମୁଁ ଭକ୍ତି ପଥରେ ଆଗକୁ ଅଗ୍ରସର କରେ। ସେହି ପଥରେ ଅଧିକରୁ ଅଧିକ ପଥ ଅତିକ୍ରମ କରିବାପାଇଁ ହେ କୃପାମୟ ହେ ଦୟାମୟ ନିଜର ସନ୍ତାନ ଭାବି ମୋତେ ଆଶୀର୍ବାଦ ପ୍ରଦାନ କରନ୍ତୁ। ଆପଣ ତ ଜ୍ଞାନୀ, ପଣ୍ଡିତ ଓ ଜଣେ ଶୁଦ୍ଧଭକ୍ତ। ମୁଁ ଏତେ ଜ୍ଞାନୀ ନୁହେଁ କି ଯେ, ଆପଣଙ୍କର ଗୁଣ ବର୍ଣ୍ଣନା କରିବା ପାଇଁ ଯୋଗ୍ୟା ହୋଇପାରିବି ଆପଣ ସମସ୍ତଙ୍କ ପ୍ରତି ସମାନ ସ୍ନେହ ଓ ଭଲପାଇବା ଦେଇଥାନ୍ତି। ଏହି ଗୁଣଟି ମୋତେ ବହୁତ ଭଲ ଲାଗେ।

ହେ ଗୁରୁଦେବ ! ରାଧାକୃଷ୍ଣଙ୍କ ପାଖରେ ମୋର ଏତିକି ଅଳି କି, ମା' ରାଧାରାଣୀ ତାଙ୍କ ପଣତକାନୀରେ ଆପଣଙ୍କୁ ଘୋଡ଼େଇ ରଖନ୍ତୁ ଓ କୃଷ୍ଣ ଆପଣଙ୍କ ଦେହ ସର୍ବଦା ସୁସ୍ଥ ରଖନ୍ତୁ। ଆପଣ ସଦାସର୍ବଦା ଆମ୍ଭମାନଙ୍କ ପାଖରେ ରହି ଭଗବାନଙ୍କ ମଧୁର ମଧୁର କଥା କହି ଆମ୍ଭମାନଙ୍କର ହୃଦୟରେ ଥିବା ଭକ୍ତିର ଲତା ଅଧିକରୁ ଅଧିକ ବୃଦ୍ଧି କରାନ୍ତୁ। କାରଣ ଭକ୍ତିର ଲତା କେବଳ ଭକ୍ତିର ରସରେ ବୃଦ୍ଧି କରାଯାଇ ପାରିବ। ଭୌତିକ ଜଗତରେ ଥିବା ପାଣିରେ ନୁହେଁ। ଆପଣ ମୋର ଏ ଜନମ ପାଇଁ ପିତା ଯେପରି ହୋଇଛନ୍ତି ଏବଂ ଗୁରୁ ହୋଇ ଯେପରି ଶିକ୍ଷା ଦେଇଛନ୍ତି ସେଥିପାଇଁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଶେଷରେ ମୋ କୁନି ଗୋପାଳଙ୍କ ପାଦପଦ୍ମରେ ମୋର ଏତିକି ଅଳି କି ଆପଣ ସଦାସର୍ବଦା ସୁସ୍ଥ ଓ ଦୀର୍ଘାୟୁ ହୋଇ ଆମ୍ଭମାନଙ୍କ ନିକଟରେ ରହିଥାନ୍ତୁ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟା

**ଜଗନ୍ନାଥେଶ୍ୱରୀ ଦେବୀ ଦାସୀ**

# ହରେକୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ମୋର ପ୍ରାଣପ୍ରିୟ ଶ୍ରୀଲଗୁରୁଦେବ ଆଜି ଆପଣଙ୍କର ୭୧ତମ ଶୁଭ ବ୍ୟାସପୂଜାକୁ ଆପଣଙ୍କର ଚରଣାଶ୍ରିତା ଜାହ୍ନବୀ ଦେବୀ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଉପସ୍ଥିତ ଥିବା ବରିଷ୍ଠ ଭକ୍ତବୃନ୍ଦ, ଗୁରୁଭ୍ରାତା, ଗୁରୁଭଗ୍ନୀ ମାନଙ୍କୁ ମୋର ପ୍ରଣାମ। ରାଧାଶ୍ୟାମ ସୁନ୍ଦରଙ୍କୁ ପ୍ରାର୍ଥନା କରେ କି ଆପଣଙ୍କୁ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ। ଗୀତ ମାଧ୍ୟମରେ ଆପଣଙ୍କ ଶ୍ରୀଚରଣତଳେ ମୋର ଅର୍ଘ୍ୟ।

ଗୁରୁଦେବ ଆପଣ ମୋତେ ଚକ୍ଷୁଦାନ ଦେଇ ହୃଦୟରେ ଦିବ୍ୟଜ୍ଞାନ ପ୍ରକାଶ କରାଇଛନ୍ତି। କିନ୍ତୁ ମୁଁ ଭକ୍ତିରେ ଆଗେଇ ପାରୁ ନାହିଁ। ସଦା ସର୍ବଦା ମାୟା କବଳରେ ପଡୁଛି। ମୋତେ ଆପଣ ହିଁ ଏହି ମାୟାଜାଲରୁ ଉଦ୍ଧାର କରିପାରିବେ। ମୋର ମତି ଆପଣଙ୍କ ଶ୍ରୀପୟରରେ ସଦା ସର୍ବଦା ରହୁ। ଶ୍ରୀ ଗୁରୁଦେବଙ୍କ ଜୟ ହେଉ।

ଗୁରୁଦେବ ମୋହରି ପ୍ରଣାମ ଘେନ
ବିଶୁଦ୍ଧ ଭକ୍ତିର ପରମ ଆଶ୍ରୟ
ଶ୍ରୀଚରଣେ ଦିଅ ସ୍ଥାନ (୧)

ଗୁରୁଦେବ, କରେ ଚରଣ ବନ୍ଦନା
ତବ ଶ୍ରୀପୟର କରିଲେ ସ୍ମରଣ
କଟେ ସଂସାର ବାସନା (୨)

ଗୁରୁଦେବ, ସଂସାର ସମୁଦ୍ରେ ବୁଡ଼ି
ସର୍ବଶ୍ରେଷ୍ଠ ଆଶ ମନେ ରଖିଅଛି
ନ ଦିଅନ୍ତୁ ମୋତେ ଏଡ଼ି (୩)

ଗୁରୁଦେବ, ଶ୍ରୀକୃଷ୍ଣ ଭଜନେ ମତି
ଏକାନ୍ତ ଆଶ୍ରୟ ଶ୍ରୀଗୁରୁ ପୟରେ
ଗୁରୁପାଦ, ମୁକ୍ତି, ଗତି (୪)

ଗୁରୁଦେବ, ଏ ପରମ ଜ୍ଞାନପଥ
ସୁନିର୍ମଳ, ଅତିଜ୍ୱଳ ଜ୍ଞାନାଲୋକ
ଅନ୍ଧକାର ଦୂରୀଭୂତ (୫)

ଗୁରୁଦେବ, ତୁମ୍ଭେ ଦୟାର ସାଗର
ପତିତର ବଂଧୁ ଆହେ ଗୁରୁଦେବ
ପତିତ ଜନ ସୋଦର (୬)

ଗୁରୁଦେବ, ତୁମ ଦୟାର ଅବଧି ନାହିଁ
ଚରଣେ ଆଶ୍ରୟ ଭିକ୍ଷା କରୁଅଛି
ଶ୍ରୀଗୁରୁ ଆଶ୍ରୟ ହୋଇ (୭)

ଗୁରୁଦେବ, ଏ ଶୁଭ ବ୍ୟାସ ପୂଜାରେ
କୋଟି ଆୟୁ ଦିଅ ପ୍ରଭୁ ଜଗନ୍ନାଥ
ଶ୍ରୀଗୁରୁଙ୍କ ଶିର ପରେ
ଶ୍ରୀଗୁରୁଙ୍କ ଶିର ପରେ

ଆପଣଙ୍କର ଶ୍ରୀଚରଣାଶ୍ରିତା
**ଜାହ୍ନବୀ ଦେବୀ ଦାସୀ**
ବ୍ରହ୍ମପୁର

# ପ୍ରଥମ ଦର୍ଶନେ ଅପାର ଗୁରୁକୃପା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ଶ୍ରୀଲ ଗୁରୁଦେବଙ୍କ ଚରଣକମଳତଳେ ପଞ୍ଚାଙ୍ଗ ପ୍ରଣାମ ଜଣାଉଛି। ଗୁରୁଦେବଙ୍କ ଗୁଣକୀର୍ତ୍ତନ ଲାଗି ମୋ'ପରି ସୁଅଯୋଗ୍ୟାକୁ ପରମ ସୌଭାଗ୍ୟ ଦେଇଥିବାରୁ ଧନ୍ୟବାଦ। ପ୍ରଥମଥର ପାଇଁ ଗୁରୁଦେବଙ୍କ ସମ୍ପର୍କରେ କିଛି କହିବାକୁ ଯାଉଛି। କୌଣସି ତ୍ରୁଟି ହେଲେ ଦୟାପୂର୍ବକ କ୍ଷମା କରିଦେବେ।

ଗତବର୍ଷର ଜନ୍ମାଷ୍ଟମୀ ଉତ୍ସବ ଦୁଇଦିନ ପୂର୍ବରୁ ଅନୁଗୁଳ ମନ୍ଦିରରେ ଗୁରୁମହାରାଜଙ୍କ ଦର୍ଶନ ନିମନ୍ତେ ପହଞ୍ଚିଲି। ନିଜ ସେବା ଇତ୍ୟାଦି କାର୍ଯ୍ୟ ଶେଷକରି ଗୁରୁଦେବଙ୍କ ଦର୍ଶନାର୍ଥେ ବହୁ ଉତ୍ସାହର ସହ ଅପେକ୍ଷାରେ ଥିଲି। ଶେଷରେ ଶ୍ରୀଲ ଗୁରୁମହରାଜଙ୍କ ଦିବ୍ୟଦର୍ଶନ ପ୍ରାପ୍ତ ହେଲି ଏବଂ ଶ୍ରୀଲ ଗୁରୁଦେବଙ୍କ ମୁଖମଣ୍ଡଳରେ ଆଭାମାନ ପ୍ରକାଶ ଅନୁଭୂତ ହେଉଥିଲା। ସମସ୍ତଙ୍କ ପରିଚୟ ଜାଣିବା ମଧ୍ୟରେ ମୋର ଏବଂ ଗୁରୁଦେବଙ୍କ ସହ ଛୋଟ ପରିଚୟ ପ୍ରଦାନ ଆଳାପରେ ଏବଂ ଦିବ୍ୟ ଦର୍ଶନରେ ପୂର୍ବରୁ ଗୁରୁଦେବଙ୍କ ସହ ଏପରି କଥାଳାପ ହୋଇଛି ବୋଲି ମୋ ଅନ୍ତରର ସ୍ୱର କହୁଥିଲା।

ଆମ ସ୍ଥାନୀୟ ଇସ୍କନ ମନ୍ଦିର ସେବା ନିମନ୍ତେ ଅଜ୍ଞାତରେ ଜପମାଳା ଛାଡ଼ି ଅନୁଗୁଳ ଆସିଥିଲି। ତେଣୁ ମନ୍ଦିରରୁ ଜଣେ ଶୁଦ୍ଧ ବ୍ରହ୍ମଚାରୀ ପ୍ରଭୁଜୀଙ୍କ ଠାରୁ ଜପମାଳା ନେଇ ପରମପୂଜ୍ୟ ଗୁରୁମହାରାଜଙ୍କୁ ଶ୍ରଦ୍ଧାପୂର୍ବକ ଦେଲି ଏବଂ ଗୁରୁଦେବ ବୃନ୍ଦାବନର ରାଧାଶ୍ୟାମ ସୁନ୍ଦର ଫଟୋରେ ଅର୍ପିତ କରି ତାଙ୍କର ଦିବ୍ୟ ହସ୍ତରେ ମୋତେ ମାଳା ପ୍ରଦାନ କରିଥିଲେ। ଏହା ପ୍ରତ୍ୟେକ ଭକ୍ତର ଶ୍ରେଷ୍ଠ ଅମୂଲ୍ୟ ସମ୍ପତ୍ତି। ସେଦିନଠାରୁ ଗୋପୀନାଥ ହିଁ ମୋର ଗୁରୁରୂପେ ତାଙ୍କୁ ଚୟନ କରି ଦେଇଥିଲେ।

ଶେଷରେ ହେ ଗୁରୁଦେବ। ଏତିକି ବିନମ୍ର ଅନୁରୋଧ ମୋତେ ପାପୀ ଜୀବନରୁ ଭକ୍ତି ମାର୍ଗକୁ ଆଣିବାପାଇଁ ଯେ ମଧ୍ୟ କିଞ୍ଚିତ ପ୍ରୟାସ କରିଛନ୍ତି  ଏବଂ ବିଶେଷକରି ଯେଉଁ ବୈଷ୍ଣବ ଭକ୍ତଗଣ ଆପଣଙ୍କ ଚରଣରେ ଶରଣାପନ୍ନ ହେବା ନିମନ୍ତେ ଅଶେଷ ସହଯୋଗ କରିଛନ୍ତି ହେ ଅନ୍ତର୍ଯ୍ୟାମୀ ଗୁରୁଦେବ, ସେଇ ବୈଷ୍ଣବଜନଙ୍କ ଉପରେ ଏବଂ ମୋ ପରି ପାପିନୀକୁ କୃପା ଚକ୍ଷୁରେ ରଖିବେ ଯେମିତି ମନ ଆପଣଙ୍କ ଚରଣକମଳରେ ସର୍ବଦା ଲାଗି ରହି ଅପାର କୃଷ୍ଣ ପ୍ରେମପ୍ରାପ୍ତି ହେଉ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ଜାସ୍ମିନ୍**
ରାଉରକେଲା

# ଜଣେ ଦକ୍ଷ ନାବିକ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ଆରାଧ୍ୟ ଗୁରୁଦେବ । ଆଜି ଆପଣଙ୍କର ପବିତ୍ର ବ୍ୟାସପୂଜା ତିଥିରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ଆଶୀର୍ବାଦ ଭିକ୍ଷା କରି ଆପଣଙ୍କ ଚରଣକମଳରେ, ଏ ଅଧମ ଦାସୀର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ । ଆପଣଙ୍କ ବିଷୟରେ କିଛି ଲେଖିବାକୁ ମୋର କିଛି ଯୋଗ୍ୟତା ନାହିଁ । ତଥାପି କିଛି ଲେଖୁଛି ।

ଗୁରୁଦେବ, ଭକ୍ତି କରିବାର ସୁଯୋଗ ପାଇଥିଲି ମୋ ବଡ଼ ଯାଆ ଆନନ୍ଦମୟୀ ଦେବୀ ଦାସୀଙ୍କ ଠାରୁ । ମାତାଜୀ ମତେ ପ୍ରଥମେ ମାଳା ଦେଇଥିଲେ, ଜପ କରିବାପାଇଁ । ମତେ ଅପା କହିଥିଲେ ୧୬ ରାଉଣ୍ଡ ଜପ କରିବୁ । ଜପ କରିବାର ଅର୍ଥ କିଛି ବି ଅର୍ଥ ଜାଣି ନ ଥିଲି । ଆଗ୍ରହରେ ମାଳା ଆଣି ୧୬ ରାଉଣ୍ଡ ଠାରୁ ଅଧିକ ରାଉଣ୍ଡ ଜପ କରିଦେଉଥିଲି । ଅପା ମତେ ଶ୍ରୀମଦ୍ ଭଗବତ ଗୀତା, ଭାଗବତମ୍ ପଢ଼ିବାପାଇଁ ଦେଇଥିଲେ । ଭକ୍ତି କରିବାପାଇଁ ମତେ ଅନେକ ସୁଯୋଗ ଦେଇଥିଲେ ମୋ 'ଯାଆ' । ପୂର୍ବରୁ ମୁଁ 'ଭକ୍ତି'ର ଭ ଅକ୍ଷର ମଧ୍ୟ ଜାଣି ନ ଥିଲି । ଗୁରୁଦେବଙ୍କ ସହ ମୋର ପ୍ରଥମ ସାକ୍ଷାତ୍ ଆପଣଙ୍କ ବ୍ରହ୍ମପୁର ଗୃହରେ ହୋଇଥିଲା । ମୁଁ ସେହିଦିନଠାରୁ ନିଷ୍ପତ୍ତି ନେଇସାରିଥିଲି ଗୁରୁଦେବ ମୋର ଗୁରୁ ବୋଲି । ଶ୍ରୀଲ ଗୁରୁଦେବଙ୍କ ପାଇଁ ମୋ ଜୀବନର ଅଭୂତପୂର୍ବ ପରିବର୍ତ୍ତନ ଆସିଥିଲା । ମୋର ଦୀକ୍ଷା ନେବାର ଥାଏ । ମୋର ଶାଶୁ ମନାକଲେ । ସେହି ବର୍ଷ ଦୀକ୍ଷା ନେଇ ପାରିଲି ନାହିଁ । ଦୀକ୍ଷା ନେବାର ବିଳମ୍ବ ହେଉଥାଏ । ଦୀକ୍ଷା ନେବାର ପୂର୍ବରୁ ମୋର ଗୁରୁଦେବଙ୍କ ସହ ସାକ୍ଷାତ ହୋଇଥିଲା ବୃନ୍ଦାବନରେ । ମୁଁ ଗୁରୁଦେବଙ୍କୁ ଦୀକ୍ଷା ନେବା କଥା କହିଥିଲି । ତା'ପରେ ମୋର ସୁଯୋଗ ଆସିଲା ଦୀକ୍ଷା ନେବାପାଇଁ । ୨୦୨୨ ଅକ୍ଷୟ ତୃତୀୟା ଢେଙ୍କାନାଳରେ ମୁଁ ଦୀକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲି ।

ହେ ମୋର ପରମ କାରୁଣିକ ଗୁରୁଦେବ । ଆମପରି ଅଧମ ପତିତା ମାନଙ୍କୁ ଉଦ୍ଧାର କରିବାର ଦାୟିତ୍ୱ ଯେ ଆପଣ ଗ୍ରହଣ କରିଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆପଣଙ୍କ ପରି ଜଣେ ଦକ୍ଷ ନାବିକଙ୍କୁ ପ୍ରାପ୍ତ କରି ଏ ଜୀବନ ଧନ୍ୟ ହୋଇଛି, ଗୁରୁଦେବ । ଭରସା ରହିଛି ନିଶ୍ଚୟ ଏ ଭବସାଗରକୁ ପାରିହେବୁ । ଜୀବନକୁ ପ୍ରକୃତ ମାର୍ଗ ମିଳିଯାଇଛି । ସଦାସର୍ବଦା ଆନନ୍ଦରେ ମନ ନୃତ୍ୟ କରୁଛି । ସଦାସର୍ବଦା ଅନୁକୂଳ ବାତାବରଣ ହେଉ । ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ଏ ମର ଶରୀର ବିଚଳିତ ନ ହେଉ । ମୁଁ ଆଶା କରୁଛି ଆପଣଙ୍କ କୃପା ଏ ଅଧମାକୁ ନିଶ୍ଚୟ ମାର୍ଗ ଦର୍ଶନ କରାଇବ । ମୋର ଶକ୍ତି ନାହିଁ ଆପଣଙ୍କ ଗୁଣଗାନ କରିବାକୁ । ଆଜି ୭୧ ତମ ବ୍ୟାସପୂଜାରେ ମୁଁ ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ଆପଣଙ୍କ ଚଲାପଥ କୁସୁମିତ ହେଉ । ମୋର ପରମପୂଜ୍ୟ ଗୁରୁମହାରାଜ ଆପଣ ଦୟାମୟ, କୃପାମୟ ପତିତ ପାବନ ଅଟନ୍ତି । କୃପାକରି ଏ ଅଧମାକୁ କୃଷ୍ଣ ଭକ୍ତି ପ୍ରଦାନ କରନ୍ତୁ । ଏ ଭବ ସାଗରରୁ ଉଦ୍ଧାର କରନ୍ତୁ । ଏତିକି ଚରଣ କମଳରେ ମୋର ନିବେଦନ ।

ମୁଁ ଶ୍ରୀଶ୍ରୀଶ୍ୟାମସୁନ୍ଦରଙ୍କ ପାଖରେ ପ୍ରାର୍ଥନା କରୁଛି ସେ ଯେମିତି ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ ।

ଆପଣଙ୍କର ଅଯୋଗ୍ୟା ଶିଷ୍ୟା
**ଜୟ ବୃନ୍ଦେ ଦେବୀ ଦାସୀ**
ଇସ୍କନ, କଟକ

# ଶ୍ରୀଲ ଗୁରୁଦେବ ଆମାର ଜୀବନ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ଗୁରୁ ମହାରାଜ ଆପଣଙ୍କ ଚରଣକମଳରେ ମୋର ଏତିକି ପ୍ରାର୍ଥନା ଯେ କାୟ, ମନ ଏବଂ ବାକ୍ୟରେ ମୁଁ ସଦୈବ ଆପଣଙ୍କର ସେବାରେ ରତ ହୋଇଥାଏ । ଶ୍ରୀଲ ଗୁରୁମହାରାଜ ଆପଣଙ୍କର ଅହୈତୁକୀ କୃପାଦ୍ୱାରା ଜଣେ ପଙ୍ଗୁ ମଧ୍ୟ ଏକ ସାଗର ଲଘି ଯାଇପାରିବ । ଏହା ମୋର ନିଜର ଅନୁଭୂତି । କାରଣ ମୋ ଭଳି ଏକ ଅଧମ ଯାହାର ଭକ୍ତି କରିବାର କୌଣସି ଯୋଗ୍ୟତା ନାହିଁ ଏବଂ ଭକ୍ତି ବିଷୟରେ ଶ୍ରବଣ କରିଲା ପରେ ମଧ୍ୟ ଯାହାକୁ ଭକ୍ତି ଅସମ୍ଭବ ଏବଂ ଅଦ୍ଭୁତ ମନେ ହୁଏ, ସେଇ ମୁର୍ଖ ମଧ୍ୟ ଆଜି ଭକ୍ତି କରିବାର ପ୍ରୟାସ କରୁଛି, ଏହା କେବଳ ଆପଣଙ୍କର ହିଁ କୃପା । ଏହି କାରଣ ଯୋଗୁଁ ହିଁ ତ ମହାନ୍ ବୈଷ୍ଣବାଚାର୍ଯ୍ୟ ଶ୍ରୀଲ ଭକ୍ତିବିନୋଦ ଠାକୁର ଲେଖିଛନ୍ତି ଯେ "ଯୋଗ୍ୟତା ବିଚାରେ କିଛୁ ନାହିଁ ପାୟ ତୋମାର କରୁଣା ସାର ।"

ଶ୍ରୀଲ ଗୁରୁମହାରାଜ ଏହା ହିଁ ସତ୍ୟ, ପ୍ରକୃତରେ ମୋର କୌଣସି ପ୍ରକାରର ଯୋଗ୍ୟତା ନାହିଁ, ସବୁ ଆପଣଙ୍କର ହିଁ ଅହୈତୁକୀ କୃପା ମାତ୍ର । ଶ୍ରୀଲ ନରୋତ୍ତମ ଦାସ ଠାକୁର ତାଙ୍କର ପୁସ୍ତକ ପ୍ରେମଭକ୍ତି ଚନ୍ଦ୍ରିକାରେ ଗୁରୁଙ୍କର ବନ୍ଦନା କରି ଲେଖନ୍ତି ଯେ "ଶ୍ରୀ ଗୁରୁ କରୁଣା ସିନ୍ଧୁ ଅଧମ ଜନର ବନ୍ଧୁ", ଶ୍ରୀଲ ଗୁରୁ ମହାରାଜ ଆପଣ ଆମ ସମସ୍ତଙ୍କ ଅଧମ ଜନଙ୍କର ହିତ ଜ୍ଞାନ କରି ଆମମାନଙ୍କୁ କୃପା ପ୍ରଦାନ କରୁଛନ୍ତି ଯାହାର ଆମେ ଯୋଗ୍ୟ ନୁହଁ । ଏହା ହିଁ ଆପଣଙ୍କର ଉଦାରତା । ଶ୍ରୀଲ ଗୁରୁଦେବ ମୋପରି ଜଣେ ଅଧମ ହୁଏତ ସବୁବେଳ ପାଇଁ ଆପଣଙ୍କର ସଙ୍ଗ ଏବଂ ଆପଣଙ୍କର ବପୁ ସେବାର ଯୋଗ୍ୟତା ଲାଭ କରି ନାହିଁ, କିନ୍ତୁ ମୋର ଏହା ଦୃଢ଼ ବିଶ୍ୱାସ ଯେ ଆପଣ ମୋ ସହ ପ୍ରତିକ୍ଷଣରେ ଅଛନ୍ତି । ଆପଣଙ୍କର ଆଦେଶ, ବାଣୀ ଏବଂ କୃପା ସାହାଯ୍ୟରେ ଏବଂ ମୋଭଳି ଜଣେ ଅନ୍ଧ ଯାହାକୁ ମାର୍ଗ ଚିହ୍ନି ଆସେନି ତା'ର ମାର୍ଗ ଦର୍ଶନ କରୁଛନ୍ତି । ଆପଣଙ୍କର ଏହି ମୂର୍ଖ, ଅଧମ ଏବଂ ପତିତ ବାଳକ ସଦାସର୍ବଦା କେବଳ ଆପଣଙ୍କର ସେବା କରୁଥାଉ ଏବଂ ଆପଣଙ୍କର ଆଦେଶ ଏବଂ ନିର୍ଦ୍ଦେଶକୁ ପାଳନ କରୁଥାଉ । ଆପଣ ମୋ ଜୀବନର ଅନ୍ତିମକ୍ଷଣ ଯାଏଁ ମୋର ପ୍ରାଣପ୍ରିୟ ହୋଇ ରୁହନ୍ତୁ । ଏହା ହିଁ ଆପଣଙ୍କ ଚରଣରେ ଏବଂ ଆପଣଙ୍କର ପ୍ରାଣଧନ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ଚରଣରେ ମୋର ପ୍ରାର୍ଥନା ।

ଆପଣଙ୍କର ମୂଢ଼ ସେବକ
**ଜିଜ୍ଞାସୁ ଏ ଆର୍ ସାହୁ**

# ଗୁରୁକୃପା କେବଳମ୍

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ପରମପୂଜ୍ୟ ଗୁରୁ ମହାରାଜ, ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଏହି ଅଯୋଗ୍ୟ ଶିଷ୍ୟ ଆପଣଙ୍କର ଶ୍ରୀଚରଣ କମଳରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ହେ ପତିତପାବନ ଗୁରୁଦେବ, ଆପଣଙ୍କ ଭଳି ଜଣେ ମହାନ୍ ସାଧୁଙ୍କର ଗୁଣଗାନ କରିବା ପାଇଁ ଆପଣଙ୍କର ଏହି ଅଜ୍ଞାନୀ ଶିଷ୍ୟ ତା'ର ସ୍ୱଚ୍ଛ ବୁଦ୍ଧିରେ କିଛି ଲେଖିବାର ପ୍ରୟାସ କରୁଛି । ତ୍ରୁଟି ଥିଲେ ଉଦାର ହୃଦୟରେ କ୍ଷମା କରିବେ ।

ଗୁରୁଦେବ ଆପଣଙ୍କଠାରୁ ଶୁଣିଛି, ପିତା, ମାତା ଆମକୁ ଜନ୍ମ ଦେଇ ଏ ଶରୀର ଦାନ କରିଛନ୍ତି । ବର୍ତ୍ତମାନର ଯେ ପିତାମାତା ଏହା ପୂର୍ବରୁ ସେ ଆମର ପିତାମାତା ନ ଥିଲେ ଏବଂ ପରେ ମଧ୍ୟ ରହିବେ ନାହିଁ । ଆପଣ ହେଉଛନ୍ତି ଆମର ଆଧାତ୍ମିକ ଗୁରୁ ଏବଂ ପିତାମାତା ଆପଣ ଆମକୁ ଏ ଭବସାଗରରୁ ଉଦ୍ଧାର କରି ଭଗବାନ ଶ୍ରୀକୃଷ୍ଣଙ୍କ ପାଖକୁ ନେଇପାରିବେ । ଗୁରୁଦେବ ଆପଣଙ୍କ ଚରଣକମଳରେ ମୁଁ ଏକ ଅପରାଧ କରିଛି, ପ୍ରତ୍ୟକ୍ଷ ଦର୍ଶନରେ ମୋର ସତ୍‌ସାହସ ନାହିଁ ଆପଣଙ୍କୁ ଜଣାଇବା ପାଇଁ, ତେଣୁ ଲେଖା ମାଧ୍ୟମରେ ଜଣାଉଛି । ଶାସ୍ତ୍ର କୁହେ-

ହରି ସ୍ଥାନେ ଅପରାଧେ ତାରେ ହରିନାମ ।
ତୋମା ସ୍ଥାନେ ଅପରାଧେ ନାହିଁ ପରିତ୍ରାଣ ॥

୨୦୨୦ ମସିହା ଅକ୍ଟୋବର ମାସ ଦଶହରା ସମୟରେ ମୁଁ ବୃନ୍ଦାବନ ଇସ୍କନ୍ ମନ୍ଦିରରେ ଆପଣଙ୍କୁ ଦର୍ଶନ କରିଥିଲି । ଆପଣ ମଙ୍ଗଳ ଆରତୀ ସାରି ଜପ କରୁଥିଲେ । ସେଠାରେ ଅନେକ ଭକ୍ତ ମଧ୍ୟ ଜପ କରୁଥିଲେ । ମୋ ପୂର୍ବରୁ ପୁରୀର ଅଜିତାନନ୍ଦ ପ୍ରଭୁଜୀ ଆପଣଙ୍କ ହସ୍ତରେ କିଛି ପ୍ରଣାମୀ ଦେଲେ, ଏହା ଦେଖି ମୁଁ ଅଜ୍ଞାନୀ ଆପଣଙ୍କ ହସ୍ତରେ ସମସ୍ତଙ୍କ ଉପସ୍ଥିତିରେ ମଧ୍ୟ କିଛି ପ୍ରଣାମୀ ଦେଲି ଆପଣ ଏହାଦେଖି ବିରକ୍ତି ପ୍ରକାଶ କଲେ ଏବଂ ସଙ୍ଗେ ସଙ୍ଗେ ସେ ପ୍ରଣାମୀକୁ ମନ୍ଦିର ହୁଣ୍ଡିରେ ପକାଇଦେଲେ । ଏହା ଦ୍ୱାରା ଆପଣଙ୍କ ନିକଟରେ ମୋର ଘୋର ଅପରାଧ ହୋଇଯାଇଛି । ଆପଣ କୃପାକରି ଏ ଅଧମକୁ କ୍ଷମା କରିଦେବେ । ଆପଣତ କ୍ଷମାସାଗର, ଆପଣ ମଧ୍ୟ ଅନ୍ତର୍ଯ୍ୟାମୀ, ଗୁରୁଦେବ । ୨୦୧୮ ମସିହାରେ ମୁଁ ଭକ୍ତିପ୍ରାଣ ଗୋପିନାଥ ମହାରାଜଙ୍କ ସହିତ ଦକ୍ଷିଣ ଭାରତ ଟୁରରେ ଯାଇଥିଲି । ସେଠାରୁ ମୁଁ ଫେରି ଦିନେ ଭୁବନେଶ୍ୱର ଇସ୍କନ ମନ୍ଦିରକୁ ମଙ୍ଗଳଆରତୀ ଦର୍ଶନ କରିବାକୁ ଯାଇଥିଲି । ସେଠାରେ ମୁଁ ଆପଣଙ୍କୁ ଦର୍ଶନ କଲି । ଆପଣ ମତେ ସଙ୍ଗେ ସଙ୍ଗେ କହିଲେ "ଯୁଧିଷ୍ଠିର, ଦକ୍ଷିଣ ଭାରତର ତୀର୍ଥ ଦର୍ଶନ କରି ଫେରିଲ ତ?" ମୁଁ ଅଜ୍ଞାନୀ ଆପଣଙ୍କୁ ପ୍ରଶ୍ନ କରିଥିଲି ଆପଣ କିପରି ଜାଣିଲେ? ଏହା ମୋର ଆପଣଙ୍କ ନିକଟରେ ଘୋର ଅପରାଧ ହୋଇଯାଇଛି । କୃପାକରି ଏ ଅଜ୍ଞାନୀ ଶିଷ୍ୟକୁ ଆପଣ କ୍ଷମା କରିଦେବେ ।

ହେ ପତିତପାବନ ଗୁରୁ ମହାରାଜ ଆପଣ ଆମଭଳି ପତିତ ଜୀବର ଉଦ୍ଧାର ପାଇଁ ଆପଣଙ୍କର ଚରଣ କମଳରେ ଆଶ୍ରୟ ପ୍ରଦାନ କରିଛନ୍ତି । ଯଦିଓ ଆମ ପାଖରେ କୌଣସି ବି ଯୋଗ୍ୟତା ନାହିଁ ଦୀକ୍ଷା ଗ୍ରହଣ କରିବାର । ତା' ସତ୍ତ୍ୱେ ଆପଣ ଆମକୁ ଆପଣଙ୍କର ଚରଣ କମଳତଳେ ଆଶ୍ରୟ ପ୍ରଦାନ କରିବା ନିମନ୍ତେ ଆମକୁ ଦୀକ୍ଷା ପ୍ରଦାନ କରିଛନ୍ତି । ଆପଣ ଅନ୍ତର୍ଯ୍ୟାମୀ । ଆପଣ ଆପଣଙ୍କର ଚରଣାଶ୍ରିତ ପ୍ରତ୍ୟେକ ଶିଷ୍ୟର ହୃଦୟର କଥା ନ କହିଲେ ମଧ୍ୟ ବୁଝିପାରନ୍ତି । ଗୁରୁଦେବ, ମୁଁ ଅଜ୍ଞାନତାବଶତଃ ଅପରାଧ କରିବସିଛି । ଆପଣ କୃପାକରି ଆପଣଙ୍କର ଏ ଅଜ୍ଞାନୀ ଶିଷ୍ୟର ସମସ୍ତ ଅପରାଧକୁ କ୍ଷମା କରିଦିଅନ୍ତୁ ।

ହେ ଗୁରୁଦେବ! ମତେ ଆଶୀର୍ବାଦ କରନ୍ତୁ ଯେପରି ମୁଁ କେବେ ପଥଭ୍ରଷ୍ଟ ନ ହୋଇ ଆପଣଙ୍କର ଓ ରାଧାଗୋବିନ୍ଦଙ୍କର ଚରଣକମଳର ସ୍ମରଣ କରିପାରିବି ଓ ଆପଣଙ୍କର ପ୍ରଦତ୍ତ ପ୍ରତ୍ୟେକ ଆଦେଶ ଓ ଉପଦେଶକୁ ନିଷ୍କପଟ ଭାବେ ପାଳନ କରିପାରିବି ।

ଗୁରୁଦବ! ଆପଣଙ୍କର ଏହି ପବିତ୍ର ୭୧ତମ ଜନ୍ମତିଥିରେ ମୁଁ ରାଧାଗୋବିନ୍ଦଙ୍କର ଚରଣକମଳରେ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି । ଶ୍ରୀଲ ଗୁରୁଦେବ କୀ ଜୟ ।

**ଆପଣଙ୍କର ଶ୍ରୀଚରଣାଶ୍ରିତ**
**ଯୁଧିଷ୍ଠିର ଦାସ**
ଭୁବନେଶ୍ୱର

# ହୃଦୟର ମଳ କ୍ଷୟ ହେବାରେ ଲାଗିଛି

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ଗୁରୁ ମହାରାଜ ! ଆପଣଙ୍କ ଚରଣକମଳରେ ଏହି ଦାସୀର ପ୍ରଣାମ । ଆପଣଙ୍କର ଏହି ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦପଦ୍ମରେ ଏତିକି ପ୍ରାର୍ଥନା ଯେ ଆପଣ ସବୁବେଳେ ଏହି ପତିତ ଆତ୍ମାମାନଙ୍କୁ ନିଜ ସେବାରେ ନିୟୋଜିତ କରନ୍ତୁ । ମୁଁ ତ ଅଧମଟିଏ ଆପଣଙ୍କ ଭଳି ପରମ ବୈଷ୍ଣବଙ୍କର ଗୁଣଗାନ କ'ଣ ବା କରି ପାରିବି । ଆପଣଙ୍କ ଗୁଣଗାନ ତ ଅସୀମ । ମୁଁ ଏତେ ଅଧମ ଯେ ଆଜି ପର୍ଯ୍ୟନ୍ତ ଆପଣଙ୍କ ଦର୍ଶନ ପାଇପାରି ନାହିଁ । କିନ୍ତୁ ବୈଷ୍ଣବ, ଭଗବାନଙ୍କ କୃପାରୁ ଟେଲିଗ୍ରାମ ଯୋଗେ ଆପଣଙ୍କ ପ୍ରବଚନ ଶୁଣେ । ପୂର୍ବରୁ ଶୁଦ୍ଧ ଆହାର କରୁଥିଲି ସତ କିନ୍ତୁ ଏହି ହୃଦୟ ବିଶୁଦ୍ଧ ହୋଇ ନ ଥିଲା ଯେବେଠୁ ଆପଣଙ୍କ ପ୍ରବଚନ ଶୁଣୁଛି ସେବେଠୁ ହୃଦୟରେ ଥିବା ସମସ୍ତ ମଇଳା କ୍ଷୟ ହେବାରେ ଲାଗିଛି । କାମ, କ୍ରୋଧ, ଲୋଭ, ହିଂସା କ୍ଷୟ ହେବାରେ ଲାଗିଛି ଏବଂ ଆପଣଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଟି ପ୍ରାଣୀର ହୃଦୟରେ ଭଗବାନଙ୍କୁ ଦେଖିବାପାଇଁ ପ୍ରଣାମ କରୁଛି । ହେ ଗୁରୁଦେବ ଆପଣ କୃପା କରନ୍ତୁ ଯେପରି ଆମେ ଭକ୍ତି ମାର୍ଗରେ ଅଗ୍ରସର ହୋଇ ଭଗବାନ ଓ ଆପଣଙ୍କ ସେବାରେ ନିଜକୁ ନିୟୋଜିତ କରିପାରିବୁ ଏବଂ ହରେକୃଷ୍ଣ ଆନ୍ଦୋଳନ ପ୍ରଚାରରେ ନିଜର ସେବା ଦେଇ ଦୁର୍ଲ୍ଲଭ ମନୁଷ୍ୟ ଶରୀରକୁ ସାର୍ଥକ କରିପାରିବୁ ।

ଆମେ ଢେଙ୍କାନାଳ ବାସୀ ଆପଣଙ୍କ ନିକଟରେ କୃତଜ୍ଞ । କାରଣ ଆପଣ ଓ ଗୌରାଙ୍ଗ କୃପାରୁ ପ୍ରେମକିଶୋର ପ୍ରଭୁଜୀ ଢେଙ୍କାନାଳରେ ହରେକୃଷ୍ଣ ମହାମନ୍ତ୍ର ଆନ୍ଦୋଳନ ଆରମ୍ଭ କରିଛନ୍ତି । ଯଦ୍ଦ୍ୱାରା ଆମେ ପତିତ ଆତ୍ମାମାନେ ଭକ୍ତି ମାର୍ଗରେ ଆସି ଦୁର୍ଲ୍ଲଭ ମନୁଷ୍ୟ ଶରୀରକୁ ସାର୍ଥକ କରିପାରୁଛୁ ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟା
**ଜ୍ୟୋତିର୍ମୟୀ ସ୍ୱାଇଁ**
ଇସ୍କନ, ଢେଙ୍କାନାଳ

# ଚାତକକୁ ତା'ର ବର୍ଷାଜଳ ମିଳିଗଲା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ! ହେ ଗୁରୁଦେବ ! ଆପଣଙ୍କର ଶ୍ରୀଚରଣରେ କୋଟିକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ହେ ଗୁରୁଦେବ, ମୁଁ ଅତି ତୁଚ୍ଛ ଅଜ୍ଞାନୀ ଓ ଅଯୋଗ୍ୟା ଆପଣଙ୍କର ମହାନତାକୁ ହୃଦୟଙ୍ଗମ କରିବା ପାଇଁ ଯୋଗ୍ୟତା ମୋର ନାହିଁ ।

ଯୋଗ୍ୟତା ବିଚାରେ କିଛୁ ନାହିଁ ପାଇ,
ତୋମାର କରୁଣା ସାର କରୁଣା ନା ହୈଲେ
କାନ୍ଦିୟା କାନ୍ଦିୟା ପ୍ରାଣନା ରାଖିବ ଆର ॥

ହେ ଗୁରୁଦେବ, ମୋର କିଛି ଅନୁଭବ ବ୍ୟକ୍ତ କରୁଛି । ପ୍ରଥମେ ତ ମୁଁ ବହୁତ କୃତଜ୍ଞତା ଜ୍ଞାପନ କରୁଅଛି କି ମୋ ଜୀବନର

ଆଧ୍ୟାତ୍ମିକ ପରିବେଶରେ ପ୍ରବେଶ କରିବାର କାରଣ ହେଉଛି ଶ୍ରୀ ସୁମିତ୍ର କୃଷ୍ଣ ଦାସ। ସେ ହେଉଛନ୍ତି ମୋ ପ୍ରେରଣା ଓ ଆଦର୍ଶ। ତାଙ୍କରି ପ୍ରବଚନରେ ମୁଁ ପ୍ରେରିତ ହୋଇଛି। ସେ ହେଉଛନ୍ତି ମୋ ଜୀବନର ଆଧ୍ୟାତ୍ମିକ ମାର୍ଗର ପ୍ରଥମ ଶିକ୍ଷା ଗୁରୁ।

ହେ ଗୁରୁଦେବ ଆପଣ ଆଗରୁ ବହୁତଥର ଅନୁଗୋଳକୁ ଆସିଛନ୍ତି ଏବଂ ଭକ୍ତମାନଙ୍କୁ କୃପା କରିଛନ୍ତି। କିନ୍ତୁ ମୁଁ ଆପଣଙ୍କୁ ଦୁଇଥର ଦେଖାକରିଛି, ସେଇ ଦୁଇଥରରେ ଏତେ ଆନନ୍ଦ ଏତେ ସୁଖ ମିଳିଛି ସେଇଟା ମୁଁ କଥାରେ ବ୍ୟକ୍ତ କରିପାରୁନି। ଆପଣଙ୍କର 'ପଦ୍ମମୁଖ', ଆପଣଙ୍କର 'ମନ୍ଦମନ୍ଦ ହାସ୍ୟ', ଆପଣଙ୍କର 'ପଦ୍ମଚରଣ' ସତେ ଯେପରି ଚାତକୁ ତା'ର ବର୍ଷାଜଳ ମିଳିଗଲା। ଯେତିକି ସମୟ ମିଳେ ଆପଣଙ୍କୁ ଦର୍ଶନ କରିବାପାଇଁ ସେତିକି ସମୟରେ ମୁଁ ମୋର ସମସ୍ତ ଦୁଃଖ ହିଁ ଭୁଲିଯାଏ ଲାଗେ ଯେପରି ସବୁବେଳେ ଏମିତି ମୁଁ ଆପଣଙ୍କ ସମ୍ମୁଖରେ ବସିକି ଆପଣଙ୍କ ଏହି କୃପାରସ ପାନ କରୁଥିବି। ଆପଣଙ୍କର କୃପାଦୃଷ୍ଟି ସବୁବେଳେ ଏମିତି ମୋ ଉପରେ ଥାଉ ଏତିକି ମୋର ଅନୁରୋଧ ଓ କ୍ଷମା ପ୍ରାର୍ଥନା।

ଆପଣଙ୍କର ଶ୍ରୀଚରଣାଶ୍ରିତା
**କାଜଲ ସାମଲ**
ଦଶାନାଳି

# ଆପଣଙ୍କ ସେବାର ସୁଯୋଗ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ଗୁରୁମହାରାଜ କି ଜୟ ! ହେ ଗୁରୁ ମହାରାଜ ଆପଣ ପରମ ଦୟାଳୁ। ଆପଣଙ୍କ ଚରଣରେ କୋଟିକୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କ ବିନମ୍ର ସ୍ୱଭାବ ଓ ସୁନ୍ଦର ହରିକଥା ଆମକୁ କୃଷ୍ଣଙ୍କ ପ୍ରତି ଆକର୍ଷଣ କରିଛି। ମୋର ପରମ ସୌଭାଗ୍ୟ କି ଯଦିଓ ମୁଁ ଭକ୍ତିରେ ନୂତନ କିନ୍ତୁ ଆପଣଙ୍କ କୃପାରୁ ଆପଣଙ୍କ ପାଇଁ ଗଳାର ମାଳି ତିଆରିକରି ଆପଣଙ୍କ ସେବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେକରୁଛି। ଆପଣଙ୍କର ମିନିଷ୍ଟାଡ଼ିୟମ୍‌ରେ ଭାଗବତ କଥା ଅତି ମଧୁରମୟ। ଏଇଭଳି ଆପଣ ଆମକୁ ସବୁବେଳେ ଭଗବାନଙ୍କ କଥା ଶ୍ରବଣ କରାଉଥାନ୍ତୁ ଓ ମୁଁ ଆପଣଙ୍କର କିଛି ସେବା ସୁଯୋଗ ପ୍ରାପ୍ତ ହେଉଥାଏ।

ଯେତେବେଳେ ମୁଁ ଭାବେ କି ମୁଁ ଜଣେ ନୂତନ ଭକ୍ତ କିନ୍ତୁ ଆପଣଙ୍କ ଭଳି ଶୁଦ୍ଧ ଭକ୍ତଙ୍କ ଦର୍ଶନ ପାଇ ଆଜି ଭକ୍ତିର ସ୍ୱାଦକୁ ପ୍ରାପ୍ତ ହୋଇପାରିଛି ମୁଁ କେବେ ଯୋଗ୍ୟ ହୋଇ ଆପଣଙ୍କଠାରୁ ଶିକ୍ଷା ନେଇ ଆପଣଙ୍କର ଜଣେ ସେବିକା ହୋଇପାରିବି !

ଆଜିର ଆପଣଙ୍କ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଇଁ ନୃସିଂହଦେବଙ୍କ ଠାରେ ଆପଣଙ୍କର ସୁସ୍ଥ ଓ ଦୀର୍ଘାୟୁ କାମନା କରୁଛି।

ଆପଣଙ୍କ ସେବାରେ
**କଳ୍ପିତା ପ୍ରିୟଦର୍ଶିନୀ**
ଇସ୍କନ୍, ଢେଙ୍କାନାଳ

# ଜଗନ୍ନାଥ ଓ ଗୁରୁଦେବଙ୍କ ମଧ୍ୟରେ ନିବିଡ ସମ୍ପର୍କ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମ ଆରାଧ୍ୟ ପରମ ପୂଜନୀୟ ଶ୍ରୀଲ ଗୁରୁଦେବ, ସର୍ବପ୍ରଥମେ ଏ ଅଧମ ଦାସ ଆଜିର ଏହି ଦିବ୍ୟ ପୁଣ୍ୟ ତିଥିରେ ଆପଣଙ୍କର ଚରଣକମଳରେ ଶତକୋଟି ଦଣ୍ଡବତ ଜଣାଉଛି ।

ହେ ମୋର ପରମପୂଜ୍ୟ ଗୁରୁଦେବ ! ଆପଣଙ୍କ କୃପାରୁ ଆପଣଙ୍କ ୭୧ତମ ଶୁଭ ଆବିର୍ଭାବ ତିଥିରେ ଏହି ଅଯୋଗ୍ୟ ଶିଷ୍ୟ କିଛି ଗୁଣଗାନ କରିବାକୁ ପ୍ରୟାସ କରୁଛି ।

ଥରେ ମୁଁ ଗୁରୁଦେବଙ୍କ ସହ ତାଙ୍କ କାର୍‌ରେ ବସି ଜଟଣୀରେ ହେଉଥିବା ଭାଗବତ ସପ୍ତାହ କାର୍ଯ୍ୟକ୍ରମକୁ ଯାଉଥିଲି । ଗୁରୁଦେବ ଆଗ ସିଟ୍‌ରେ ବସିଥିଲେ ଆଉ ମୁଁ ପଛ ସିଟ୍‌ରେ ବସିଥିଲି । ଗୁରୁଦେବ ମୋତେ ପଚାରିଲେ କ୍ରିଷ୍ଣ କେଶବ, ଆଉ ଏବେ ପୁରୀ ଜଗନ୍ନାଥ ମନ୍ଦିରରେ ଭିଡ଼ କେମିତି ? କାରଣ ସେତେବେଳେ ନୂଆବର୍ଷ ଆଉ ୨/୩ ଦିନ ଥିଲା । ମୁଁ କହିଲି ଗୁରୁଦେବ, ପ୍ରବଳ ଭିଡ଼ ହେଉଛି ଆଉ ଲାଇନ୍‌ରେ ବି ୪/୫ ଘଣ୍ଟା ଛିଡ଼ା ହେବାକୁ ପଡୁଛି । ଗୁରୁଦେବ କହିଲେ ମୋର ବୟସ ହେଲାଣି, ମୁଁ ଆଉ କ'ଣ ଏତେ ଭିଡ଼ରେ ଯାଇପାରିବି ? ମୁଁ କହିଲି ଗୁରୁଦେବ ଆପଣ କିଛିଦିନ ଅପେକ୍ଷା କରନ୍ତୁ, ଭିଡ଼ କମିଲେ ଆମେ ଦର୍ଶନ ପାଇଁ ଯିବା । ତା'ପରେ ନୂଆବର୍ଷ ଦିନ ମୁଁ ପୁରୀ ଜଗନ୍ନାଥ ମନ୍ଦିର ଗଲି । ଆଉ ବହୁତ ଭିଡ଼ ଥିଲା ମନ୍ଦିର । ଯେମିତି ବି ହେଉ ମୁଁ ପଶ୍ଚିମ ଦ୍ୱାରପଟେ ଯାଇ ବହୁତ ଭିଡ଼ ମଧ୍ୟରେ ଜଗନ୍ନାଥଙ୍କ ଦର୍ଶନ କରି ଫେରିଆସୁଥିଲି । ତା'ପରେ ମୁଁ ଅବଢ଼ା ଖାଇସାରି ଘରକୁ ଫେରିବାପାଇଁ ବାହାରୁଥିଲି । ସେତିକିବେଳେ ଜଣେ ମୋର ଚିହ୍ନା ଲୋକ ମନ୍ଦିର ଭିତରେ ଦେଖାହେଲେ । ସେ କହିଲେ ଏତେ କଷ୍ଟରେ ମନ୍ଦିର ଭିତରେ ପ୍ରବେଶ କଲି, ଆଉ ଏତେ ଭିଡ଼ରେ କ'ଣ ଜଗନ୍ନାଥ ଦର୍ଶନ କରିପାରିବି ? ସେ କହିଲେ କିଛି ପଇସାପତ୍ର ଦେଇ କ'ଣ ସୁବିଧାରେ ଦର୍ଶନ କରିହେବ ? ମୁଁ କହିଲି ସେ ସିଷ୍ଟମ ଏବେ ଆଉ ନାହିଁ । ଜଗନ୍ନାଥ କୃପାକଲେ ସେ ଆପଣଙ୍କୁ ତାଙ୍କ ଦର୍ଶନ ଦେବେ । ତା'ପରେ ମୁଁ କହିଲି ମୁଁ ଆପଣମାନଙ୍କୁ ପଶ୍ଚିମଦ୍ୱାର ପଟେ ମନ୍ଦିର ଭିତରକୁ ନେଇପାରିବି । କିନ୍ତୁ ଜଗନ୍ନାଥଙ୍କୁ ଦର୍ଶନ ଆପଣ ଯାଇ ନିଜେ କରିବେ । ସେମାନେ ୩/୪ ଜଣ ଥିଲେ, ମୁଁ ତାଙ୍କୁ ନେଇ ଘଣ୍ଟିଦ୍ୱାର ପଟେ ଗରୁଡ଼ସ୍ତମ୍ଭ ଯାଏ ନେଇକି ଗଲି । ତା'ପରେ ଭିଡ଼ ଭିତରେ ସେମାନେ କୁଆଡ଼େ ଗଲେ ମୁଁ ଜାଣିନି । ଏତେ ଲୋକ ଗହଳି ଭିତରେ ମୋତେ ଅଣନିଃଶ୍ୱାସୀ ଲାଗୁଥିଲା । ମୋତେ ଆଉ ସେ ଗହଳି ଭିତରକୁ ଯାଇ ଦର୍ଶନ କରିବାର ଇଚ୍ଛା ନ ଥିଲା । ତେଣୁ ମୁଁ ମନେ ମନେ ଜଗନ୍ନାଥଙ୍କୁ ପଚାରିଲି, ଯେ ମୋତେ କ'ଣ ପାଇଁ ଏତେ ଭିଡ଼ ମଧ୍ୟରେ ଆଉଥରେ ମନ୍ଦିର ଭିତରକୁ ଆଣିଲେ । ସେ ଯାହାବି ହେଉ ଆଉ ପଛକୁ ଫେରି ହେବନି । ଯାହାହେଲେ ବି ସେ ଗହଳି ଭିତରେ ଯାଇ ଭିତର କାଠ ଦର୍ଶନ କରିକି ବେହେରଣ ଦ୍ୱାରପଟେ ବାହାରିବାକୁ ପଡ଼ିବ । ତା'ପରେ ମୁଁ ଗଲି ଭିତରକୁ ଦର୍ଶନ କରିବା ପାଇଁ ଏବଂ ଦର୍ଶନ କଲି ଜଗନ୍ନାଥଙ୍କୁ । ସେଠି ବାମପଟେ ଗୋଟେ ରୁମ୍ ଅଛି ଯୋଉଠି ଭଗବାନଙ୍କ ବସ୍ତ୍ର / ଡ୍ରେସ୍ ସବୁ ରୁହେ । ସେଠି ମେକାପ ସେବକ ନୃସିଂହ ଭାଇନା ଅଛନ୍ତି । ସେ ମୋର ଚିହ୍ନା । ମୁଁ ତାଙ୍କୁ ଆଗରୁ କହିଥିଲି ଯେ, ଆମ ଗୁରୁଦେବଙ୍କ ପାଇଁ ଜଗନ୍ନାଥଙ୍କର ଖଣ୍ଡେ ବସ୍ତ୍ର ଦେବାକୁ । ସେଦିନ ମୁଁ ପୁଣି ଆଉଥରେ ପଚାରିଲି ଭାଇନା ଆଜି ଦେଇପାରିବେ କି, ଜଗନ୍ନାଥଙ୍କ ବସ୍ତ୍ର ? ସେ କହିଲେ ହଁ ଅଛି । ଆଜି ନେଇଯାଆ ମୁଁ କହିଲି ମୁଁ ତ ପଇସା ଆଣିନି ଆଜି, ସେ କହିଲେ ପଇସା ମୋତେ ପଛରେ ଦେବ । ତା'ପରେ ସେ ମୋତେ ୩/୪ ହାତି ଜଗନ୍ନାଥଙ୍କ କପଡ଼ା ଦେଲେ । ତା'ପରଦିନ ମୁଁ ଆସି ଜୟଦେବ ବିହାର ରୁମ୍‌ରେ ଗୁରୁଦେବଙ୍କ ପାଖକୁ ଗଲି । ମୁଁ କିଛି ମହାପ୍ରସାଦ ଆଉ ଜଗନ୍ନାଥଙ୍କ ବସ୍ତ୍ର ଗୁରୁଦେବଙ୍କୁ ଦେଲି । ଗୁରୁଦେବ ଦେଖିକି ବହୁତ ଖୁସି ହୋଇ କହିଲେ, "ଜଗନ୍ନାଥ ଦର୍ଶନ ତ ଦେଉ ନାହାନ୍ତି, ଯାହା ହାତରେ ହେଲେ ତାଙ୍କ କୃପା ପଠେଇ ଦେଇଛନ୍ତି ।" ମୁଁ ସେହିଦିନ ହିଁ ଜାଣିଲି ଜଗନ୍ନାଥ ଆଉ ଗୁରୁଦେବଙ୍କ ମଧ୍ୟରେ

ଥିବା ନିବିଡ଼ ସମ୍ପର୍କକୁ । ସତରେ ଗୁରୁଦେବଙ୍କ କଥା ଜଗନ୍ନାଥ ବୁଝିପାରନ୍ତି ଆଉ ଜଗନ୍ନାଥଙ୍କ କଥା ଗୁରୁଦେବ ଜାଣିପାରନ୍ତି । କାରଣ ମୋର ସେ ଭିଡ଼ ମଧ୍ୟରେ ଆଉ ଜମା ଯିବାର ଇଚ୍ଛା ନ ଥିଲା, କିନ୍ତୁ ଜଗନ୍ନାଥ ଚାହୁଁଥିଲେ ତାଙ୍କ କୃପା ଗୁରୁଦେବଙ୍କୁ ପ୍ରଦାନ କରିବାପାଇଁ ।

ମୋର ସଦାସର୍ବଦା ଜଗନ୍ନାଥଙ୍କ ଚରଣରେ ଏତିକି ପ୍ରାର୍ଥନା, ମୋର ଗୁରୁଦେବଙ୍କୁ ଦୀର୍ଘାୟୁ କରନ୍ତୁ ଓ ତାଙ୍କ ସ୍ୱାସ୍ଥ୍ୟ ଭଲ ରଖନ୍ତୁ ।

ହେ ଗୁରୁଦେବ, ମୋର ଆପଣଙ୍କ ଚରଣରେ ଏତିକି ପ୍ରାର୍ଥନା, ମୋର ମତି ସଦାସର୍ବଦା ଗୁରୁକୃଷ୍ଣଙ୍କ ଠାରେ ନିୟୋଜିତ ହୋଇ ରହୁ । ଜୟ ଶ୍ରୀଲ ଗୁରୁଦେବ କି ଜୟ ।

ଆପଣଙ୍କର ଶ୍ରୀଚରଣାଶ୍ରିତ

**କୃଷ୍ଣ କେଶବ ଦାସ,** ଭୁବନେଶ୍ୱର

# ଗୁରୁଦେବ, ଦୀନଜନେ କୃପାକର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆଜିର ଏଇ ବ୍ୟାସପୂଜା ଅବସରରେ ଏ ଦୀନ ଅଧମ ଆପଣଙ୍କର ଶ୍ରୀଚରଣାବିନ୍ଦରେ ଶତକୋଟି ପ୍ରଣାମ ଜଣାଉଛି । କୃପାକରି ଆପଣ ଗ୍ରହଣ କରିବେ । ଆପଣଙ୍କ ପରି ମହାନ ବୈଷ୍ଣବ ଆଚାର୍ଯ୍ୟଙ୍କର ଗୁଣଗାନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଆପଣଙ୍କ କୃପା ହେଲେ ମୁଁ ଭକ୍ତିମାର୍ଗରେ ଅଗ୍ରସର କରିପାରିବି । ଆଜିର ଏହି ପୁଣ୍ୟତିଥିରେ କୌଣସି ଯୋଗ୍ୟତା ନାହିଁ ଗୁଣଗାନ କରିବାକୁ । ଆପଣଙ୍କ ହୃଦୟ ତ ବହୁତ ବଡ଼ ବିଶାଳ । ତଥାପି ଚେଷ୍ଟା କରୁଛି ଗୁଣଗାନ କରିବାକୁ । ଶାସ୍ତ୍ରରେ କୁହାଯାଇଛି କୃଷ୍ଣଙ୍କ କୃପାରୁ ଗୁରୁ ମିଳନ୍ତି ଏବଂ ଗୁରୁଙ୍କର କୃପାରୁ କୃଷ୍ଣ ମିଳନ୍ତି ।

ଗୁରୁଦେବ ! ମୁଁ ଆପଣଙ୍କର ଚରଣାଶ୍ରିତ ହୋଇ ମୋର ଜୀବନ ଧନ୍ୟ ହୋଇଯାଇଛି । ଆପଣଙ୍କ ପରି ଜଣେ ଶୁଦ୍ଧ ବୈଷ୍ଣବଙ୍କୁ ଗୁରୁରୂପେ ପାଇବା ଏତେ ସହଜ ନୁହେଁ । ଭଗବାନ ଶ୍ରୀକୃଷ୍ଣ ଏତେ ଦୟାଳୁ ଯେ ମୋପରି ଜଣେ ଅଯୋଗ୍ୟ ଉପରେ ନିଜର ଅପାର କୃପା କରିଥିବାରୁ ମୁଁ ଆପଣଙ୍କର ଶିଷ୍ୟା ହୋଇପାରିଛି ।

ଗୁରୁଦେବ ! ଆପଣ ପତିତପାବନ । ପତିତମାନଙ୍କୁ ଉଦ୍ଧାର କରିବାପାଇଁ ଏ ଧରାପୃଷ୍ଠରେ ଅବତରଣ କରିଛନ୍ତି ।

ଆପଣ ସାକ୍ଷାତ୍ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱରୂପ । ଗୋଲକର ପ୍ରେମଧନ ଓ କୃପାର ଭଣ୍ଡାର । ଆପଣ ଏତେ ଦୟାଳୁ ଓ ଆପଣଙ୍କ ହୃଦୟ ବହୁତ ବିଶାଳ । ମୋ ହୃଦୟ ଏକ ଶୁଖିଲା ମରୁଭୂମି ତୁଲ୍ୟ ଅଟେ । ଆପଣ ସେଥିରେ ଭକ୍ତିଲତା ବୀଜ ରୋପଣ କରିବାକୁ ଚେଷ୍ଟା କରିଛନ୍ତି । କେମିତି ଏ ବଡ଼ ହୋଇ ଫୁଲ ଫଳ ପ୍ରଦାନ କରିବ, ଏହି ଚେଷ୍ଟା ଆପଣ କରନ୍ତି । ହେ ରାଧାଶ୍ୟାମ ସୁନ୍ଦର, ଆପଣ ଗୁରୁଦେବଙ୍କ ଶରୀର ସୁସ୍ଥ ରଖନ୍ତୁ । ଆପଣଙ୍କୁ ବହୁତ ଶକ୍ତି ମିଳୁ ଯେପରି ଆମଭଳି ବଦ୍ଧଜୀବମାନଙ୍କୁ ଉଦ୍ଧାର କରନ୍ତୁ । ଆପଣଙ୍କ ମୁଖମଣ୍ଡଳରେ ହସ ସବୁବେଳେ ପ୍ରସ୍ଫୁଟିତ ହେଉଥାଉ । ଚଲାପଥ କୁସୁମିତ ହେଉ । ଏତିକି ଅଳି ଶ୍ରୀରାଧା ଶ୍ୟାମସୁନ୍ଦରଙ୍କ ପାଖରେ । ଦୋଷ ଥିଲେ କ୍ଷମା ଦେବେ । ଏ ଦୀନଜନକୁ ଟିକେ କୃପା କରିବେ ।

ଆପଣଙ୍କର ଶ୍ରୀଚରଣାଶ୍ରିତା

**କ୍ଷମା ଦେବୀ ଦାସୀ**

ତାଳଚେର, ଥର୍ମାଲ

# ବ୍ୟାସପୂଜା-୨୦୨୪

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ପରମ ପୂଜ୍ୟ ଗୁରୁଦେବ, ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଏହି ଅଧମ ଭୃତ୍ୟ ଆପଣଙ୍କର ଶ୍ରୀଚରଣ ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଆପଣ ହେଉଛନ୍ତି ଜଣେ ଶୁଦ୍ଧ ବୈଷ୍ଣବ, ତଥା ରାଧା ଶ୍ୟାମସୁନ୍ଦରଙ୍କର ପରମ ସେବକ। ମୁଁ ହେଉଛି ଆପଣଙ୍କର ଯୋଗ୍ୟତା ନ ଥିବା ଜଣେ ଶିଷ୍ୟ। ମୋ ପରି ଜଣେ ଅଯୋଗ୍ୟ ଶିଷ୍ୟ ଆପଣଙ୍କ ପରି ମହାନ୍ ଗୁରୁଦେବଙ୍କର ଗୁଣ କୀର୍ତ୍ତନ ପୁଣି ଆଜିର ଏହି ଶୁଭଦିନରେ କିପରି  କରିବ, ମୁଁ ନିଜେ ଜାଣିପାରୁ ନାହିଁ। ଯଦି ଆପଣ କୃପା କରିବେ,  ହୃଦୟରେ ଥିବା ଆପଣଙ୍କ ପ୍ରତି ଭକ୍ତି ଓ ଅନୁଭବକୁ ଲେଖା ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିବି। ଶ୍ରୀମଦ୍ ଭାଗତମ୍‌ର ୪ର୍ଥ ସ୍କନ୍ଧ, ୨୬ ଅଧ୍ୟାୟ, ୨୦ ନଂ. ଶ୍ଲୋକରେ ବ୍ୟାଖ୍ୟା କରାଯାଇଛି-

ଅନୁନିନ୍ୟେଽଥ ଶନକୈର୍ବୀରୋଽନୁନୟ-କୋବିଦଃ।
ପସ୍ପର୍ଶ ପାଦଯୁଗଳମାହ ଚୋତ୍ସଙ୍ଗ - ଲାଳିତାମ୍ ॥

ଏହି ଶ୍ଲୋକରେ ବ୍ୟାଖ୍ୟା କରାଯାଇଛି, ମଣିଷ ନିଜର ପୂର୍ବ ଖରାପ କର୍ମ ପାଇଁ ଦୁଃଖ ପ୍ରକାଶ କରି ନିଜକୁ କୃଷ୍ଣ ଚେତନା ଆଡ଼କୁ ଜାଗ୍ରତ କରିବାକୁ ହେବ। ଏହି ସ୍ତରକୁ ନିଜକୁ ଉନ୍ନୀତ କରିବାକୁ ହେଲେ ଶ୍ରୀଗୁରୁଙ୍କର ପାଦପଦ୍ମକୁ ସ୍ପର୍ଶ କରିବାକୁ ହେବ। ନିଜେ ଯେତେ ଚେଷ୍ଟା କଲେ ମଧ୍ୟ ନିଜ ପ୍ରଚେଷ୍ଟାରେ କେହି କେବେ କୃଷ୍ଣ ଚେତନା ମାର୍ଗରେ ଅଗ୍ରଗତି କରିପାରିବ ନାହିଁ। ସେଥିପାଇଁ ବ୍ୟକ୍ତିକୁ ପୂର୍ଣ୍ଣ କୃଷ୍ଣ ଚେତନଶୀଳ ମହାତ୍ମାଙ୍କ ପାଖରେ ପହଞ୍ଚି ତାଙ୍କର ପାଦପଦ୍ମ ସ୍ପର୍ଶ କରି, ତାଙ୍କର ଶରଣାପନ୍ନ ହେବାକୁ ପଡ଼ିବ। ଗୁରୁଦେବ ଆପଣ ହେଉଛନ୍ତି, ସେହି ମହାତ୍ମା, ଯିଏକି ମୋର ଦୁଷ୍କର୍ମରୁ ମୋତେ ଉଦ୍ଧାର କରିପାରିବେ। ସେଥିପାଇଁ ପ୍ରହ୍ଲାଦ ମହାରାଜ କହିଛନ୍ତି-

ନୈଷାଂ ମତିସ୍ତାବତ୍ ଉରୁକ୍ରମାଙ୍ଘ୍ରିଂ
ସ୍ପୃଶତ୍ୟନର୍ଥା ପଗମୋ ଯଦର୍ଥ।
ମହୀୟଷାଂ ପାଦରଜୋଽଭିଷେକଂ
ନିଷ୍କିଞ୍ଚନାନାଂ ନ ବୃଣୀତ ଯାବତ୍। [ଶ୍ରୀ.ଭା: ୭।୫।୩୨ ]

ଗୁରୁଦେବ ଆପଣ ହେଉଛନ୍ତି ମହାତ୍ମା, ମହାଭାଗବତ। ସମସ୍ତେ ଆପଣଙ୍କର ପାଦପଦ୍ମ ରେଣୁରେ ଅଭିଷିକ୍ତ ହେବା ଦରକାର। ଆପଣଙ୍କର ପାଦପଦ୍ମର ରେଣୁକୁ ସମସ୍ତେ ସ୍ପର୍ଶ କରିବା ଦରକାର। ଏହା ଜଣେ ଶରଣାଗତର ପ୍ରାଥମିକତା। ଯେତେବେଳେ ବ୍ୟକ୍ତି ଗୁରୁଙ୍କର ପାଦପଦ୍ମ ସ୍ପର୍ଶକରେ, ସେତେବେଳେ ତା'ର ଶରଣାଗତି ଆରମ୍ଭ ହୁଏ। ଗୁରୁଦେବ ମୋତେ ଯଦି ଆପଣଙ୍କର ପାଦପଦ୍ମ ସ୍ପର୍ଶ କରିବାର ସୁଯୋଗ ମିଳେ, ତାହାହେଲେ ମୋର ଅହମିକା (ମିଥ୍ୟାହଙ୍କାର), ଓ ଜଡ଼ୀୟ ଗର୍ବ-ଦମ୍ଭ-ଅଭିମାନ ସମସ୍ତ ମୋ'ଠାରୁ ଦୂରେଇ ଯିବ। ଏହାଦ୍ୱାରା ମୁଁ କୃଷ୍ଣ ଚେତନା ମାର୍ଗରେ ଜାଗ୍ରତ ହୋଇପାରିବି।

ଗୁରୁଦେବ ମୋତେ ଦୟା କରନ୍ତୁ। ମୋର ଦୋଷ ଦୁର୍ବଳତା ଦେଖନ୍ତୁ ନାହିଁ। ମୋର ବହୁତ ଦୋଷ ଦୁର୍ବଳତା ଅଛି। ଦୟାକରି ମୋତେ କ୍ଷମା କରିଦିଅନ୍ତୁ। ଆପଣଙ୍କ ପାଦପଦ୍ମର ରେଣୁ ହେବାପାଇଁ ସୁଯୋଗ ଦିଅନ୍ତୁ। ଯଦି ମୋର କିଛି ଭଲଗୁଣ ଥାଏ, ତାହାକୁ ଗ୍ରହଣ କରନ୍ତୁ।

ଗୁରୁଦେବ ଆଜି ମଧ୍ୟ ମୁଁ କାଦୁଅ ପଙ୍କ ଭିତରେ ବୁଡ଼ି ରହିଛି। ମୋର ବହୁତ କିଛି ଭୁଲ୍ ରହିଛି। ମୋର ଭୁଲକୁ ନ ଧରି ମୋତେ କାଦୁଅ ପଙ୍କ ଭିତରୁ ଉଦ୍ଧାର କରନ୍ତୁ। ଯେପରି ମୁଁ ଆପଣଙ୍କର ସେବା କରିବାରେ ସମର୍ଥ ହୋଇପାରିବି।

ଶେଷରେ ଗୁରୁଦେବ ମୁଁ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣଙ୍କ ଶରୀରକୁ ସୁସ୍ଥ ନିରାମୟ ରଖିଥାନ୍ତୁ। ଆପଣ ସର୍ବଦା ସୁସ୍ଥ ରହିଥାନ୍ତୁ।

ଆପଣଙ୍କର ଶ୍ରୀଚରଣାଶ୍ରିତ ଅଯୋଗ୍ୟ ଶିଷ୍ୟ
**କ୍ଷମାସାଗର ଦାସ**
ଅନୁଗୋଳ

# ଗୁରୁଙ୍କ ଚରଣେ ହୃଦୟ କଥା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପ୍ରିୟ ଗୁରୁଦେବ କୃପାକରି ଆପଣଙ୍କର ଚରଣପଦ୍ମରେ ଏ ଅସହାୟ ତୁଚ୍ଛ ଭକ୍ତଟିର ବିନମ୍ର ପ୍ରଣାମ ସ୍ୱୀକାର କରନ୍ତୁ । ହେ କୃପାର ସାଗର ଗୁରୁଦେବ ଆପଣଙ୍କର ଗୁଣଗାନ କରିବାପାଇଁ ମୁଁ ଅଯୋଗ୍ୟ ଟିଏ । ମୁଁ ବା କ'ଣ ଗୁଣଗାନ କରିପାରିବି ! କିନ୍ତୁ ଆପଣଙ୍କର ଏହି ଶୁଭ ଆବିର୍ଭାବ ଦିବସରେ ମୁଁ ଆପଣଙ୍କ ପାଦପଦ୍ମରେ ମୋର ଅନନ୍ତକୋଟି ପ୍ରଣାମ ଜଣାଇ ଆପଣଙ୍କ ସମ୍ମୁଖରେ ମୋର ହୃଦୟର କଥା ପ୍ରକଟ କରିବାପାଇଁ ଇଚ୍ଛା କରୁଛି ।

ମୋର ମନରେ ଥିବା ପ୍ରଶ୍ନ: 'ଗୁରୁ' ଗୁରୁ କିଏ ? ଗୁରୁ ଆମପାଇଁ କ'ଣ ? ଏବଂ ଗୁରୁ ଶବ୍ଦର ଅର୍ଥ କ'ଣ ? ଏହା କେବଳ ଜଣେ ଶିଷ୍ୟ ହିଁ ଭଲଭାବରେ ଜାଣିପାରେ । ମୁଁ ତ ଏକ ତୁଚ୍ଛ ବଦ୍ଧଜୀବ । ଗୁରୁଭାବ କ'ଣ, ମୁଁ ବା କିପରି ଜାଣିପାରିବି । ଏହିପରି ଅନେକ ଦ୍ୱନ୍ଦ୍ୱ ମୋର ମନରେ ଆସୁଥିଲା । କିନ୍ତୁ ରାଧାଶ୍ୟାମସୁନ୍ଦରଙ୍କ ଅହୈତୁକୀ କୃପା ଏବଂ ଦୟାହେତୁ ଏ ଅଯୋଗ୍ୟଙ୍କୁ ପ୍ରଥମ ଥର ଆପଣଙ୍କ ଦର୍ଶନ ପ୍ରାପ୍ତ ହୋଇଥିଲା । ଆପଣଙ୍କର ସେହି ଦିବ୍ୟ ଦର୍ଶନ ପ୍ରାପ୍ତ ହେଲାପରେ ମୁଁ ଭକ୍ତିରେ ବହୁତ ଉତ୍ସାହ ପାଇଥିଲି ଏବଂ ସେବେଠାରୁ ମନେମନେ ସ୍ମରଣ କରିଆସୁଅଛି । ମୁଁ ସେବେଠାରୁ ଭଗବାନ କୃଷ୍ଣଙ୍କୁ ସ୍ମରଣ କରି ତାଙ୍କ ସମ୍ମୁଖରେ ଏହି ପ୍ରଶ୍ନ ରଖେ କି – ହେ ଦୟାର ସାଗର କୃଷ୍ଣ- ମୁଁ କିପରି ଗୁରୁଦେବଙ୍କ ଶିଷ୍ୟା ହେବା ପାଇଁ ଯୋଗ୍ୟ ହୋଇପାରିବି ? ଗୁରୁଦେବ କ'ଣ ମତେ ତାଙ୍କ ଶିଷ୍ୟା ରୂପେ ସ୍ୱୀକାର କରିବେ ? କିପରି ଏ ଅଯୋଗ୍ୟ ଏକ ଉଚିତ୍ ଭକ୍ତ ଏବଂ ଶିଷ୍ୟ ହୋଇପାରିବ ? ଏହିପରି ଅନେକ ପ୍ରଶ୍ନ ଥାଏ । ତତ୍‌ପରେ ମୁଁ (ଏ ତୁଚ୍ଛ) ଆପଣଙ୍କୁ ସ୍ମରଣ କରି ଯେଉଁ କଥା କହିଥାଏ ସେହି କଥା ଏଠାରେ ପ୍ରକଟ କରୁଛି । ହେ ଦୟାର ସାଗର ଗୁରୁଦେବ ଆପଣ କେବେ ଏ ଅଯୋଗ୍ୟ ଉପରେ ଦୟା ଏବଂ କୃପା ପ୍ରଦାନ କରି କେବେ ଏ ଅଯୋଗ୍ୟଙ୍କୁ ଶିଷ୍ୟ ରୂପେ ସ୍ୱୀକାର କରିବେ ? ମୁଁ କେବେ ଆପଣଙ୍କ ସାନ୍ନିଧ୍ୟ ଲାଭ କରିପାରିବି ? ହେ କୃପାର ସାଗର ଗୁରୁମହାରାଜ ଏ ଅଯୋଗ୍ୟ ଆପଣଙ୍କ ଚରଣପଦ୍ମରେ ସମର୍ପିତ ଭାବ ରଖୁଛି- ଆପଣ କୃପାକରି, ଏ ବଦ୍ଧଜୀବକୁ ଉଦ୍ଧାର କରନ୍ତୁ ଗୁରୁଦେବ । ଆପଣଙ୍କ ଚରଣପଦ୍ମରେ ଆଶ୍ରୟ ଦେଇ କୃଷ୍ଣ ଭକ୍ତି ପ୍ରଦାନ କରନ୍ତୁ ।

ମୋ ପରି ବଦ୍ଧଜୀବମାନଙ୍କୁ ଆପଣଙ୍କର ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ ଗୁରୁଦେବ, କୃପାକରି ଆମକୁ ମାର୍ଗଦର୍ଶନ କରାନ୍ତୁ । ଗୁରୁଦେବ, ଯେପରି ଏ ଅଯୋଗ୍ୟ ବି ଗୁରୁକୃଷ୍ଣଙ୍କ ଭକ୍ତିକୁ ପ୍ରାପ୍ତ ହୋଇପାରିବ । ଶେଷରେ ଏତିକି କହିବାକୁ ଚାହିଁବି-

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର ।
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ॥

ଗୁରୁ ହିଁ ଆମପାଇଁ ସବୁକିଛି । ଗୁରୁଙ୍କ ଆଦେଶ ହିଁ ଆମର ପ୍ରାଣ । ଏ ତୁଚ୍ଛ ଆପଣଙ୍କ ଆଦେଶକୁ ଚାହିଁ ରହିଛି । ଗୁରୁଦେବ କୃପାକରି ଏ ଅଯୋଗ୍ୟଙ୍କୁ ଆଦେଶ ପ୍ରଦାନ କରନ୍ତୁ ଏବଂ ଗୁରୁକୃଷ୍ଣ ଓ ସାଧୁବୈଷ୍ଣବଙ୍କ ସେବାରେ ନିୟୋଜିତ କରାନ୍ତୁ । ଏତିକି କଥା ଗୁରୁଙ୍କ ଚରଣରେ ଯଦି ମୋର କିଛି ଭୁଲ୍ ରହିଯାଇଥାଏ, ଆପଣ ତ ଦୟାର ସାଗର, ଗୁରୁଦେବ ଦୟାକରି ଏ ଅଯୋଗ୍ୟଙ୍କୁ କ୍ଷମା କରିଦେବେ । ଆପଣଙ୍କ ଚରଣପଦ୍ମରେ ଏ ତୁଚ୍ଛର କୋଟି କୋଟି କ୍ଷମା ପ୍ରାର୍ଥନା । ହରେ କୃଷ୍ଣ ।

ଆପଣଙ୍କ ଅଧମ ଶିଷ୍ୟା
**କିଶୋରୀ ଓଝା**
ଇସ୍କନ, ଢେଙ୍କାନାଳ

# ଟିକିଏ ଛାଇ କରିଦିଅ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମପୂଜ୍ୟ ଶ୍ରୀଗୁରୁଦେବଙ୍କ ଠାରେ ଏ ଅକିଞ୍ଚନା ଦାସୀର ପ୍ରଣାମ । ମୋର ଅଯୋଗ୍ୟତା ଥାଇ ମଧ୍ୟ ଆପଣ ଏ ଦୀନାହୀନା ପ୍ରତି କୃପା କରିଛନ୍ତି । ଆଜିର ଦିବସରେ ଶିଷ୍ୟା ନିଜ ଗୁରୁଦେବଙ୍କ ଗୁଣକୀର୍ତ୍ତନ କରି ନିଜକୁ ଧନ୍ୟ ମନେକରିଥାଏ । ମୋର କି ପ୍ରକାର ଯୋଗ୍ୟତା ଅଛି ଆପଣଙ୍କ ଗୁଣ କୀର୍ତ୍ତନ କରିବି ? ତଥାପି ଆପଣଙ୍କ କୃପା ଆଶୀର୍ବାଦରୁ କିଛି ଅନୁଭୂତିକୁ ମୁଁ ବର୍ଣ୍ଣନା କରୁଛି ।

ହେ ଗୁରୁଦେବ ! ଛୋଟ ଅନୁଭୂତି ମନେପଡୁଛି । ମୁଁ ଜାଣିବା ଭିତରେ ପ୍ରଥମ ଥର ୨୦୧୪ ମସିହା ମାର୍ଚ୍ଚ ମାସରେ ବାର୍ଷିକ ଉତ୍ସବରେ ଖଳିସାହି ଆଶ୍ରମକୁ ଆସିଥିଲେ । ଟିକିଏ ଦର୍ଶନ ମିଳିଥିଲା । ୨ୟ ବର୍ଷ ୨୦୧୫ରେ ମଧ୍ୟ ଆସିଥିଲେ କିନ୍ତୁ ଚାଉପଲ୍ଲୀ ନିକଟସ୍ଥ ଶ୍ୟାମସୁନ୍ଦର ଆଶ୍ରମରେ ଦର୍ଶନ ହୋଇଥିଲା । କିନ୍ତୁ ସେଠାରେ କେଉଁମାନେ ୧୬ ମାଳା ଜପ କରୁଛ ପଚାରି ଜପ ମାଳା ଦେଇଥିଲେ । ଟିକିଏ ଖୁସି ଲାଗିଥିଲା, କାରଣ ଗୁରୁଦେବ କିଏ ମହାରାଜ କାହାକୁ କହନ୍ତି ?, ଏଇ ଅଧିନା ଜାଣି ନ ଥିଲା । ୩ୟ ଥର ବାର୍ଷିକ ଉତ୍ସବରେ ପ୍ରଭୁଜୀ କହିଲେ- ମହାରାଜ ଆସିବେ ଗୁରୁପୂଜା ହେବ । ସମସ୍ତ ପ୍ରଭୁଜୀ ଓ ମାତାଜୀ ମାନେ ଆସିବେ ସମୟ ୧ ଘଣ୍ଟିକାରେ । ହେଲେ ଗୁରୁପୂଜା କ'ଣ ଜାଣି ନ ଥାଏ । କିନ୍ତୁ ମନରେ ଭାବିଛି ମହାରାଜ୍ ଆସି ପ୍ରଭୁପାଦଙ୍କୁ ପୂଜା କରିବେ । କିନ୍ତୁ ଶିକ୍ଷାଗୁରୁଙ୍କ (ଗଦାଧର ପ୍ରଭୁଜୀଙ୍କ) ଆଦେଶ ମାନେ ନିଶ୍ଚିତ ଯିବୁ । କିନ୍ତୁ ମାର୍ଚ୍ଚ ମାସ ପ୍ରଚଣ୍ଡ ଖରା ଯୋଗୁଁ କେତେଜଣ ମାତାଜୀ ମନାକଲେ କିନ୍ତୁ ମୋ ମନରେ ଥାଏ ଗୁରୁପୂଜା କେମିତି ଦେଖିବି କୀର୍ତ୍ତନରେ ଭାଗ ନେବି । ହେଲେ ସୁକଣ୍ଠି ମାତାଜୀ ଛବିରାଣୀ ମାତାଜୀ ରାଜି ହେଲେ କିନ୍ତୁ ପାଖରେ ଫୁଲଡାଲା, ଭୋଗଡାଲା ଓ ଗୋଟେ ଛତା ଧରିଥିଲୁ ତିନିଜଣ କେମିତି ଯିବୁ ?

ସେଇ ଖରାରେ ଖୁବ୍ ଆର୍ତ୍ତ ଚିତ୍କାର କଲି ହେ ଗୁରୁଦେବ, ହେ ଗୋପୀନାଥ, ହେ ଜଗନ୍ନାଥ ମହାପ୍ରଭୁ ଟିକିଏ ଛାଇ କରିଦିଅ। କେମିତି ପହଞ୍ଚିବୁ, ହେ ଭଗବାନ ଟିକେ ଦୟାକର । ମୋ ତୁଣ୍ଡରୁ ସେଇ ବ୍ୟାକୁଳ ଭରା ନିବେଦନ ସରିନି ଆକାଶ ପୂରା ମେଘୁଆ ହୋଇଗଲା । ମୁଁ ଆନନ୍ଦରେ ଅଶ୍ରୁ ବୁହାଇ ଦୁଇ ମାତାଜୀଙ୍କୁ କହିଲି ଶୀଘ୍ର ଆସ ଗୁରୁପୂଜା ଦେଖିବା । ପହଞ୍ଚିଲା ବେଳକୁ ଅଧା ପୂଜା ହେଲାଣି । ଗୁରୁମହାରାଜ ବସିଛନ୍ତି ଏବଂ କୀର୍ତ୍ତନ ଧୀର ଭାବେ ଗାନ କରୁଛନ୍ତି । ହେ ଗୁରୁଦେବ କହି କାନ୍ଦି କାନ୍ଦି ପ୍ରଣାମ କଲି ଅଶ୍ରୁ ବନ୍ଦ ହେଉ ନ ଥାଏ । ସେହି ଦିନରୁ ଜାଣିଲି ଗୁରୁଦେବ ଏବଂ ଭଗବାନଙ୍କ ମଧ୍ୟରେ କିଛି ତଫାତ୍ ନାହିଁ । କେବଳ ଆସନ ଅଲଗା ଥିଲା ।

ହେ ଗୁରୁଦେବ, ଆପଣ ହେଉଛନ୍ତି ସୂର୍ଯ୍ୟତୁଲ୍ୟ, ମୁଁ ହେଉଛି ଜୁଳୁଜୁଳିଆ ପୋକଠାରୁ ହୀନ । ଆଜି ଏହି ଜନ୍ମତିଥି ଅବସରରେ ଜଗନ୍ନାଥ ବଳଭଦ୍ର, ସୁଭଦ୍ରା ମହାରାଣୀଙ୍କ ପାଖରେ ପ୍ରାର୍ଥନା କରୁଛି ଆପଣଙ୍କୁ ସୁସ୍ଥ ଓ ଦୀର୍ଘଜୀବନ ପ୍ରଦାନ କରନ୍ତୁ । ଗର୍ବ ସହକାରେ କହିବି ଯେ ଆମେ ବହୁ ଜନ୍ମ ପୁଣ୍ୟ କରି ଆପଣଙ୍କଭଳି ଗୁରୁପ୍ରାପ୍ତ ହୋଇଛୁ । ହରେକୃଷ୍ଣ । ଜୟ ଶ୍ରୀଳ ଭକ୍ତି ଗୌରବନାରାୟଣ ସ୍ୱାମୀ ମହାରାଜ କି ଜୟ, ଜୟ ଶ୍ରୀଳ ତମାଳ କୃଷ୍ଣ ଗୋସ୍ୱାମୀ ପରମଗୁରୁ ମହାରାଜଙ୍କର ଜୟ ।

ଆପଣଙ୍କର ଶ୍ରୀଚରଣାଶ୍ରିତ
**କୃଷ୍ଣାନନ୍ଦ ଦାସ, ଶ୍ରୀଭଦ୍ରା ଦେବୀ ଦାସୀ**
ଖଳି ସାହି, ଇସ୍କନ

# ଶ୍ରୀ ମୁଖର ଅମୃତବାଣୀ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ ! ଆଜି ଆପଣଙ୍କ ଶୁଭ ଆବିର୍ଭାବ ଦିବସରେ ଏହି ଅଯୋଗ୍ୟ ସେବିକାର ପ୍ରଣାମ ଗ୍ରହଣ କରନ୍ତୁ । ଆଜି ଏହି ପରମ ପବିତ୍ର ତିଥିରେ ଆପଣଙ୍କ ପରି ମହାନ୍ ବୈଷ୍ଣବଙ୍କ ଗୁଣଗାନ କରିବା ମୋ ପରି ଏକ ବଦ୍ଧଜୀବ ପକ୍ଷରେ ସମ୍ଭବ ନ ଥିଲେ ମଧ୍ୟ ଆପଣଙ୍କ କୃପାରୁ କିଛି ପ୍ରୟାସ କରିଛି । ଭୁଲ୍‌କୁ କ୍ଷମା କରିବେ କରୁଣା ନିଧାନ ।

ହେ ଶ୍ରୀଲ ଗୁରୁଦେବ । ଏହି ଭୌତିକ ଜଗତ ବିପଦରେ ପରିପୂର୍ଣ୍ଣ । କଳି ଯୁଗର ଏହି ତ୍ରିତାପରୁ ବଞ୍ଚିବାର ଏକମାତ୍ର ଆଧାର ଆପଣଙ୍କର ଶ୍ରୀମୁଖର ଅମୃତବାଣୀ । ବିଶେଷଭାବେ ଚୈତନ୍ୟ ଚରିତାମୃତ ପ୍ରବଚନ ଗୁଡ଼ିକ, ଏଗୁଡ଼ିକ ଏତେ ମଧୁର ଯେ ତାହା ଅବର୍ଣ୍ଣନୀୟ । ଆପଣ ତ ଗୁଣର ମହାସମୁଦ୍ର ସେହି ଜଳରୁ ଗୋଟିଏ ବିନ୍ଦୁ ଆମକୁ ପ୍ରଦାନ କରନ୍ତୁ । ଆଜି ଆପଣଙ୍କର ଏହି ପବିତ୍ର ବ୍ୟାସପୂଜା ଅବସରରେ ଆପଣଙ୍କ ଶ୍ରୀଚରଣକମଳରେ ଏତିକି ନିବେଦନ କରୁଛି କି ମୋତେ ଆଶୀର୍ବାଦ କରନ୍ତୁ ମୁଁ କିପରି ମୋର ସାଧନା ଠିକ୍ ରୂପେ କରିପାରିବି । କାହାରି ପ୍ରତି ଈର୍ଷାନ୍ୱିତ ନ ହୋଇ ଭଗବାନଙ୍କ ସେବା ପ୍ରୀତିପୂର୍ବକ କରିପାରିବି ।

ଶେଷରେ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର, ଶ୍ରୀଶ୍ରୀଗୌରନିତାଇ ଶ୍ରୀଶ୍ରୀଜଗନ୍ନାଥ ବଳଦେବ ଓ ସୁଭଦ୍ରା ମହାରାଣୀ, ଶ୍ରୀଶ୍ରୀନୃସିଂହ ଦେବ ଗିରିରାଜ ଗୋବର୍ଦ୍ଧନଙ୍କ ଚରଣରେ ଆପଣଙ୍କର ଦୀର୍ଘ ଆୟୁ ଏବଂ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରୁଛି । ଜୟ ଶ୍ରୀଲ ଗୁରୁଦେବ । ଜୟ ଶ୍ରୀଲ ପ୍ରଭୁପାଦ ।

ଆପଣଙ୍କର ଅଯୋଗ୍ୟ ସେବିକା
**କୃଷ୍ଣକାନ୍ତା ଦେବୀ ଦାସୀ**
ଅନୁଗୁଳ

# ଶୁଦ୍ଧଭକ୍ତଙ୍କର ଆଗମନରେ ଭଗବାନ ବହୁତ ଖୁସୀ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ଗୁରୁଦେବ ! ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ଆପଣଙ୍କର ଆବିର୍ଭାବ ତିଥିରେ ଏହି ଅଧମ ଶିଷ୍ୟର ପ୍ରଣାମ ଗ୍ରହଣ କରନ୍ତୁ ।

ହେ ଗୁରୁଦେବ ! ଆପଣ ଯେତେବେଳେ ଅନୁଗୁଳ ଆସନ୍ତି ମୁଁ ଆପଣଙ୍କ ସେବା କରିବାକୁ ଯାଏ । ଭଗବାନଙ୍କ ସେବା ଠିକ୍ ହେବ, ଭଗବାନଙ୍କ ଶୃଙ୍ଗାର ବିଷୟରେ । ମୁଁ ଆପଣଙ୍କୁ ପଚାରେ ଆପଣ ମତେ କୁହନ୍ତୁ ସବୁ ବିଷୟରେ । ଆପଣଙ୍କ ପାଖରୁ କୃପାପ୍ରାପ୍ତ ହୋଇକି ମୁଁ ଯେତେବେଳେ ଆସି ରାଧାଶ୍ୟାମ ସୁନ୍ଦରଙ୍କର ସେବା କରେ ବହୁତ ଆନନ୍ଦ ମିଳେ । ଆପଣ ଯେତେବେଳେ ମନ୍ଦିର ଆସନ୍ତି ବିଶେଷକରି ରାଧାଶ୍ୟାମସୁନ୍ଦର, ଜଗନ୍ନାଥ, ବଳରାମ, ସୁଭଦ୍ରା, ସୁଦର୍ଶନ, ଗୌରାଙ୍ଗ ମହାପ୍ରଭୁ, ନିତ୍ୟାନନ୍ଦ ମହାପ୍ରଭୁ ବହୁତ ସୁନ୍ଦର ଦେଖାଯାନ୍ତି । ମୁଁ ସବୁବେଳେ ଅନୁଭବ କରେ ଜଣେ ଶୁଦ୍ଧ ଭକ୍ତର ଆଗମନରେ ଭଗବାନ ବହୁତ ଖୁସି ହୁଅନ୍ତି ଏହିଭଳି ମୋ ପରି ଅଧମ ଉପରେ କୃପା କରନ୍ତୁ ।

ଆପଣଙ୍କର ଅଧମ ଶିଷ୍ୟ
**ଲକ୍ଷ୍ମୀପତି ଦାସ**

# ଗୁରୁଦେବ.... ଆପଣ ସର୍ବଦା ଶିଷ୍ୟର ମନକଥା ଜାଣନ୍ତି

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କ ଏହି ୭୧ତମ ଶୁଭ ବ୍ୟାସପୂଜା ଅବସରରେ ଆପଣଙ୍କ ଚରଣରେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ । ଏହି ତିଥିଟି ଆମମାନଙ୍କ ପାଇଁ ସଦାସର୍ବଦା ପୂଜ୍ୟ । ଭଗବାନ୍‌ଙ୍କର ଆବିର୍ଭାବ ଯେପରି ପବିତ୍ର, ଗୁରୁଦେବଙ୍କ ଆବିର୍ଭାବ ମଧ୍ୟ ସେହିପରି ପବିତ୍ର ଅଟେ । ମୋର ଯୋଗ୍ୟତା ନାହିଁ ଗୁରୁଦେବ ଆପଣଙ୍କର ଗୁଣଗାନ କରିବାପାଇଁ କିନ୍ତୁ ଆପଣଙ୍କର କୃପାରୁ ମୁଁ କିଛି ମୋ ମନର ଇଚ୍ଛା ଯାହା ଆପଣ ବୁଝିପାରିଥିଲେ, ତାହା ମୁଁ ଲେଖିବାକୁ ସମର୍ଥ ହୋଇଛି ।

ଗୁରୁଦେବ, ୨୦୨୧ ମସିହାରେ ଯେତେବେଳେ ମୋ ବିବାହ ଠିକ୍ ହୋଇଥିଲା ସେତେବେଳେ ମୁଁ ଭାବିଥିଲି ଯେ ବିବାହ ପରେ ଆପଣଙ୍କୁ ଦର୍ଶନ କରି ଆପଣଙ୍କ ଆଶୀର୍ବାଦ ଲାଭକରି ମୁଁ ମୋର ନୂତନ ଜୀବନ ଆରମ୍ଭ କରିବି । କିନ୍ତୁ ଆପଣ ସେତେବେଳେ ବୃନ୍ଦାବନରେ ଥିଲେ ଓ ଆପଣଙ୍କର କିଛି ଜରୁରୀ କାର୍ଯ୍ୟରେ ସେଠାରୁ ଆପଣ ହାଇଦ୍ରାବାଦକୁ ଚାଲିଯାଇଥିଲେ । ଏହି ଖବର ଶୁଣିବା ପରେ ମୁଁ ଭାବିଲି ହୁଏତ ମୁଁ ଆପଣଙ୍କ ଦର୍ଶନ କରିପାରିବିନି ଆଉ ମୋ ମନର ଇଚ୍ଛା ବୋଧେ ପୂରଣ ହୋଇପାରିବନି, କିନ୍ତୁ ବିବାହର ଠିକ୍ ୫/୬ ଦିନ ପୂର୍ବରୁ ମୁଁ ରାଧାନାଥ ପ୍ରଭୁଜୀଙ୍କ ଠାରୁ ଜାଣିବାକୁ ପାଇଲି ଯେ ଆପଣ ଓଡ଼ିଶା ଆସୁଛନ୍ତି; ଏହା ଶୁଣି ମୁଁ ବହୁତ ଖୁସି ହୋଇଯାଇଥିଲି ଓ ଏପରି ଅନୁଭବ ହେଉଥିଲା ଯେପରି ଗୁରୁଦେବ ଆପଣ ସଦାସର୍ବଦା ଶିଷ୍ୟର ମନକଥା ବୁଝିପାରନ୍ତି; ଏହା ହିଁ ସତ୍ୟ । ବିବାହ ପରେ ମୁଁ ଓ ମଦନଗୋପାଳ ପ୍ରଭୁ ଆମେ ଦୁହେଁ ଆପଣଙ୍କୁ ଦର୍ଶନ କରି ଆପଣଙ୍କ କୃପା ଲାଭ କରି ଆମ ଜୀବନର ଆଗାମୀ ଅଧ୍ୟାୟରେ ପାଦ ରଖିଥିଲୁ ।

ହେ ଗୁରୁଦେବ, ଆପଣଙ୍କ କୃପା ସଦାସର୍ବଦା ଏ ଅଧମା ଓ ତା' ପରିବାର ଉପରେ ରହିଥାଉ । ଆପଣଙ୍କ କୃପାବିନା ମୁଁ ପାଦେ ମଧ୍ୟ ଆଗକୁ ଯାଇପାରିବି ନାହିଁ । ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର ଓ ଶ୍ରୀଶ୍ରୀ ଜଗନ୍ନାଥ ବଳଦେବ ଓ ସୁଭଦ୍ରା ମହାରାଣୀଙ୍କ ପାଖରେ ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ସଦାସର୍ବଦା ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ରଖନ୍ତୁ ।

ଆପଣଙ୍କର ଅଯୋଗ୍ୟା ଅଧମା ଶିଷ୍ୟା

**ଲକ୍ଷ୍ମୀପ୍ରିୟା ଲେଙ୍କା**

# ଆପଣଙ୍କର ଦର୍ଶନର ଲାଳସା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମ ପୂଜ୍ୟ ଗୁରୁଦେବ ! ଆପଣଙ୍କ ଶ୍ରୀଚରଣ କମଳରେ ମୋର ପ୍ରଣାମ ନିବେଦନ କରୁଛି । ଆପଣଙ୍କ ବ୍ୟାସ ପୂଜା ଉପଲକ୍ଷେ ଉପସ୍ଥିତ ସାଧୁ, ସନ୍ୟାସୀ, ଗୁରୁ, ବୈଷ୍ଣବ, ବୈଷ୍ଣବୀ ଓ ଭକ୍ତ ସଜ୍ଜନ ବୃନ୍ଦଙ୍କୁ ମୋର ପ୍ରଣାମ । ଆପଣ ଗୌର-କୃଷ୍ଣ ପ୍ରେଷ୍ଠ ଜନ । ଆପଣଙ୍କପରି ଶୁଦ୍ଧ ବୈଷ୍ଣବଙ୍କ ମହାନତାର ଗୁଣଗାନ କରିବାର ମୋର ଯୋଗ୍ୟତା ନାହିଁ । କିନ୍ତୁ ମୁଁ ଏତିକି ମୋ ହୃଦୟରେ ଅନୁଭବ କରେ ଯେ ଆପଣ ହିଁ ମୋର ଜନ୍ମ ଜନ୍ମର ଗୁରୁ ଓ ଆପଣଙ୍କ ଚରଣରେ ଆଶ୍ରୀତା ହୋଇ ରହିଥିବି । ଏହା ମୋର ପରମ ସୌଭାଗ୍ୟ ଅଟେ । ଆପଣଙ୍କର ପ୍ରବଚନରୁ ଏହି ଶିକ୍ଷା ଲାଭ କରିଛି କି ଜୀବନରେ ଯେତେ ବି ବିଷମ ପରିସ୍ଥିତି ଆସୁ, ଯେତେ ଦୁଃଖ, କଷ୍ଟ ଆସୁ, ଯେତେ ବାଧା ବିଘ୍ନ ଆସୁ, ଆମେ କେବେ କୃଷ୍ଣଙ୍କୁ ଭୁଲିବା ନାହିଁ । ସବୁ କିଛି ତାଙ୍କ ଚରଣ କମଳରେ ସମର୍ପଣ କରିଦେବା । ହେ ଗୁରୁଦେବ ଆପଣଙ୍କ ଛଡ଼ା ମୋର ଏ ଦୁନିଆରେ ଆଉ କେହି ନାହାନ୍ତି । ହେ ଅନ୍ତର୍ଯ୍ୟାମୀ ଗୁରୁଦେବ, ମୁଁ ଏବଂ ରତି ମଞ୍ଜରୀ ମାତାଜୀ ଗତ ବର୍ଷ ଆପଣଙ୍କ ବ୍ୟାସ ପୂଜାରେ ଉପସ୍ଥିତ ଥିଲୁ । ଆମେ ଯାନରେ ଗଲା ବେଳେ ଚିନ୍ତା କରିଥାଉ କି ଆପଣଙ୍କ ସହିତ ସାକ୍ଷାତ କରିବୁ । ସେଠି ପହଞ୍ଚିଲା ପରେ ଆପଣଙ୍କ ଶିଷ୍ୟ ଶ୍ରୀ ରାଧାନାଥ ପ୍ରଭୁଜୀଙ୍କୁ ଆମେ ଗୁରୁଦେବଙ୍କ ସହିତ ସାକ୍ଷାତ୍ କରି ଦିଅନ୍ତୁ । କିନ୍ତୁ ରାଧାନାଥ ପ୍ରଭୁଜୀ କହିଲେ ଏବେ ସମୟ ନାହିଁ । ଆପଣ ଗୁରୁଦେବଙ୍କୁ ସଂଧ୍ୟା ୪ଟାରେ ସାକ୍ଷାତ୍ କରି ପାରିବେ । ଆମେ ଆପଣଙ୍କ ଦର୍ଶନ ପାଇଁ ବ୍ୟାକୁଳ ଥିଲୁ । ହେ ଗୁରୁଦେବ, ବ୍ୟାସ ପୂଜା କାର୍ଯ୍ୟ ସରିଲା ପରେ ପ୍ରସାଦ ସେବନ କରି ଆସିଲା ପରେ ଚିନ୍ତା କରିଲୁ କି ଆମେ କିପରି ଆପଣଙ୍କ ସହିତ ସାକ୍ଷାତ୍ କରିପାରିବୁ । ଆପଣଙ୍କ କକ୍ଷ ଦ୍ୱାର ଆଗରେ ଦ୍ୱାରପାଳ ପରି ଠିଆ ହୋଇ ରହିଥିଲୁ । ଆପଣଙ୍କ କକ୍ଷରୁ ଶ୍ରୀଚୈତନ୍ୟ ଚନ୍ଦ୍ର ଗୁର ମହାରାଜ ଆସିଲେ ଓ ଆମେ ପ୍ରଣାମ କରିଲୁ । ପ୍ରଣାମ କରି ଉଠିଲା ବେଳକୁ, ହେ ଗୁରୁଦେବ, ଆପଣ ଅନ୍ତର୍ଯ୍ୟାମୀ ଭାବରେ, ହଠାତ୍ ଏକ ଚମତ୍କାର ପରି ସେଠାରେ ଉପସ୍ଥିତ ଅଛନ୍ତି । ଆପଣ ଆମକୁ କହିଲେ, ପ୍ରସାଦ ପାଇଲଣି ? ହେ ଗୁରୁଦେବ ଆପଣଙ୍କ ଏ ପଦେ କଥା ଆମ ହୃଦୟକୁ ବିଗଳିତ କରି ଦେଲେ ।

ଆପଣଙ୍କ ଦର୍ଶନ ପବିତ୍ର କରେ ଏଇ ତୁମର ଗୁଣ । ହେ ଗୁରୁଦେବ, ଆପଣ କରୁଣା ସାଗର, ଦୟାର ସାଗର, କ୍ଷମାର ସାଗର ।

ମୁ ହିଁ ହତଭାଗ୍ୟ ମୂଢ଼ ଭୁଲେ ତୁମ କଥା
ସେଥିପାଇଁ ପାଉଅଛି, ସଂସାରର ବ୍ୟଥା ।
ଜଡ଼ ଜୀବ ଦୁଃଖ ଦେଖି ତୁମେ ହେ ଗୁରୁଦେବ
ଉଦ୍ଧାର କରିବା ଲାଗି ବଢ଼ାଇଲ ହାତ ।
ତୁମ ପାଦପଦ୍ମେ ମୁହିଁ ସର୍ବଦା ଆଶ୍ରୟ
କୃପା କରି ଏ ଦାସୀକୁ କର ହେ ଉଦ୍ଧାର ।

ଶିଷ୍ୟ ଏ କଥା ଚିନ୍ତା କରିବା ଉଚିତ୍ ନୁହେଁ ଯେ ମୁଁ ଭଗବତ୍ ଧାମକୁ ଯିବି କି ନାହିଁ । ଶିଷ୍ୟ ପ୍ରାର୍ଥନା କରିବା ଉଚିତ୍ ଯେ ସେ କିପରି ଗୁରୁଦେବଙ୍କ ଆଦେଶକୁ କଡ଼ା କଡ଼ି କରିବ ତାହେଲେ ଗୁରୁ କୃପା ପ୍ରାପ୍ତି ହେବ ।

ଶେଷରେ ଆପଣଙ୍କ ସୁସ୍ଥ ଶରୀର ଏବଂ ଦୀର୍ଘ ଆୟୁଷ ନିମିତ୍ତ ଶ୍ରୀ ଶ୍ରୀ ରାଧା ଶ୍ୟାମ ସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି ।

ଆପଣଙ୍କ ଅଯୋଗ୍ୟ ଶିଷ୍ୟା

**ଲତା ଦେବୀ ଦାସୀ**

# ଆପଣଙ୍କ କୃପାବିନା କୃଷ୍ଣଭକ୍ତି ପାଇବା ଅସମ୍ଭବ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମପୂଜ୍ୟ ପରମ ଆରାଧ ଗୁରୁଦେବ ! ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥି ତଥା ବ୍ୟାସପୂଜା ମହୋତ୍ସବରେ ଆପଣଙ୍କ ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଅର୍ପଣ କରୁଛି । ମୋର ଗୁରୁଭ୍ରାତା, ଭଗିନୀ ଓ ବୈଷ୍ଣବ ସଜ୍ଜନମାନଙ୍କ ଚରଣରେ ଦଣ୍ଡବତ ପ୍ରଣାମ ।

ହେ ଗୁରୁଦେବ ! ଆପଣଙ୍କ ମହାନତା ବର୍ଣ୍ଣନା କରିବାପାଇଁ ଏ ଅଧମ ଶିଷ୍ୟାର କୌଣସି ଯୋଗ୍ୟତା ନାହିଁ । ଆପଣଙ୍କ ପରି ମହାମହିମାମୟ ବୈଷ୍ଣବ ଶିରୋମଣିଙ୍କ ଗୁଣକୀର୍ତ୍ତନ କରିବାପାଇଁ ଏ ଅଧମାଦାସୀ ଅକ୍ଷମ କିନ୍ତୁ ସ୍ୱଳ୍ପଜ୍ଞାନରେ କିଛି ବର୍ଣ୍ଣନା କରୁଛି ।

ହେ ଦୟାମୟ ଗୁରୁଦେବ, ଭଗବାନ ଶ୍ରୀରାଧାରାଧାକାନ୍ତଙ୍କ ଅଶେଷ କରୁଣାରୁ ଆପଣ ମୋର ଗୁରୁ ରୂପରେ ଭଗବତ ଧାମରୁ ଅବତୀର୍ଣ୍ଣ ହୋଇ ଏ ପାଷାଣ ହୃଦୟରେ ଭଗବତ୍ ପ୍ରାପ୍ତି ନିମିତ୍ତ ସ୍ନେହ, ଶ୍ରଦ୍ଧା, ଭକ୍ତି, ଭାବନାକୁ ଜାଗ୍ରତ କରାଇଛନ୍ତି । ଆପଣଙ୍କ ଅଶେଷ କୃପାରୁ ଦୀକ୍ଷା ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । କିନ୍ତୁ ହେ ଗୁରୁଦେବ, ମୁଁ କୃଷ୍ଣଙ୍କ ଓ ଗୁରୁଙ୍କ ଦାସୀ ପରିବର୍ତ୍ତେ ମାୟାର ଦାସୀ ହୋଇଯାଇଛି । ମୋତେ କୃପା କରନ୍ତୁ । ସଦାସର୍ବଦା କିପରି ଆପଣଙ୍କ ଚରଣରେ ମଜ୍ଜିରହେ । ଆମମାନଙ୍କ ଉଦ୍ଧାର ନିମନ୍ତେ ସତ୍‌ମାର୍ଗ ଦର୍ଶନ କରାନ୍ତୁ । ଆପଣଙ୍କ କୃପାବିନା କୃଷ୍ଣଭକ୍ତି ପାଇବା ଅସମ୍ଭବ । "କୃଷ୍ଣ କୃପାତେ ଗୁରୁ ମିଳେ, ଗୁରୁ କୃପାତେ କୃଷ୍ଣ ମିଳେ ।"

ହେ ଗୁରୁଦେବ ! ପିତା ମାତା ଜନ୍ମଦେଇ କେବଳ ଚର୍ବିତ ବସ୍ତୁ ଚର୍ବଣର ଶିକ୍ଷା ଦେଇଛନ୍ତି । ଏ ଅଜ୍ଞାନ ଅନ୍ଧକାରରୁ ଆଲୁଅକୁ ଆଣି କୃଷ୍ଣଙ୍କୁ ହୃଦୟରେ ବାନ୍ଧିବା ପାଇଁ ଆପଣ ଆମକୁ ଭକ୍ତି ପଥରେ ଆଗକୁ ଆଗ ବଢ଼ିଯିବାର ଶିକ୍ଷା, ସାହସ ଓ ଧୈର୍ଯ୍ୟ ପ୍ରଦାନ କରନ୍ତି । କିନ୍ତୁ ମୁଁ ଏପରି ହତଭାଗା ଯେ କୃଷ୍ଣଭକ୍ତିରେ ମୋର ରୁଚି ଜନ୍ମୁ ନାହିଁ । ଶେଷରେ ଗୁରୁଦେବଙ୍କ କୃପାଭିକ୍ଷା କରି ରାଧାରାଧାକାନ୍ତଙ୍କଠାରେ ଗୁରୁଦେବଙ୍କ ସୁସ୍ଥ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରି ରହୁଛି ।

ଆପଣଙ୍କର ଶ୍ରୀଚରଣାଶ୍ରିତା ଦାସୀ<br>
ମଞ୍ଜରୀ ଦେବୀ ଦାସୀ<br>
ନିମଖଣ୍ଡି

# ପ୍ରଶ୍ନବାଚୀ ଜୀବନର ମହାନ୍ ଉତ୍ତର

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମପୂଜ୍ୟ ଶ୍ରୀଲଗୁରୁଦେବଙ୍କ ଚରଣାବିନ୍ଦରେ ଶତକୋଟି ପ୍ରଣାମ । ଗୁରୁମହାରାଜଙ୍କ ୭୧ତମ ଶୁଭାବିର୍ଭାବ ଉତ୍ସବରେ ଭକ୍ତିପୂର୍ଣ୍ଣ ଅର୍ଘ୍ୟ ଅର୍ପଣ କରିବାର ସୁଯୋଗ ପ୍ରାପ୍ତ ହୋଇଥିବାରୁ କୃତାର୍ଥ ମନେକରୁଛି । ପତୀତ ଜୀବକୁ ଉଦ୍ଧାର କରିବାପାଇଁ ଗୁରୁଙ୍କ ଶୁଭାବିର୍ଭାବ ହୋଇଥାଏ । ଅନୁକୂଳ ପ୍ରତିକୂଳ ପରିସ୍ଥିତିରେ ଗୁରୁଦେବଙ୍କ ଉପସ୍ଥିତି, ଅନୁଭବ ଓ ସ୍ମରଣ ଶିଷ୍ୟର ଭକ୍ତିମୟ ଜୀବନକୁ ସୁଚାରୁରୂପେ ଗଢ଼ିତୋଳିଥାଏ । ଜୀବନରେ ଅଜ୍ଞାନ ରୂପକ ଦୁଃଖ ଯନ୍ତ୍ରଣାରୁ ଗୁରୁଙ୍କ କୃପା ହିଁ ପରମାନନ୍ଦର ଶୀତଳତା ପ୍ରଦାନ

କରିଥାଏ। ସାଧୁ, ଗୁରୁଙ୍କ ଦର୍ଶନ, ବାଣୀ ଓ ଆଶୀର୍ବାଦ ପ୍ରଶ୍ନବାଚୀ ଜୀବନର ମହାନ୍ ଉତ୍ତର ଦର୍ଶାଇଥାଏ।

ମୋ ପରି ଅଧମ, ପତିତ, ଅଜ୍ଞାନୀ ଆପଣଙ୍କ ପରି ପରମଦୟାଳୁ କୃପାମୟ ଗୁରୁଙ୍କୁ ପ୍ରାପ୍ତ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ମୋ ପରି ଅନେକ ଅଧମ, ଅଜ୍ଞାନୀ ଓ ପତୀତ ଅନ୍ଧକାରରେ ଏଣେତେଣେ ଘୁରିବୁଲୁଥିବା ପଥଭ୍ରାନ୍ତ ଜୀବକୁ ଆପଣ ଆପଣଙ୍କ କରୁଣାମୟ, କୃପାଦୃଷ୍ଟିରେ ଉଦ୍ଧାର କରନ୍ତୁ ଏହା ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି। ଏ ଅଧମ ଶିଷ୍ୟର ଭୁଲ୍ ତ୍ରୁଟି ପରିଲକ୍ଷିତ ହେଲେ, କ୍ଷମା କରିବେ। ଗୁଣଗାନ କରିବାର ସାମର୍ଥ୍ୟ ନ ଥାଇ ବି ଚେଷ୍ଟା କରିବାରେ ତ୍ରୁଟିମାର୍ଜନା କରିବେ।

ଆପଣଙ୍କର ଚରଣାଶ୍ରିତ ଅଧମ ଶିଷ୍ୟ
**ମନମୋହନ ଦାସ**
ଇସ୍କନ୍ ବାତାଳେ (ଆଉଟ୍‌ପୋଷ୍ଟ)

# ଗୁରୁଦେବ: କରୁଣାର ସାଗର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ପରମ ପୂଜ୍ୟ ଗୁରୁଦେବ! ଆପଣଙ୍କ ଚରଣ କମଳରେ ମୋର ବିନମ୍ର ଦଣ୍ଡବତ ପ୍ରଣାମ ନିବେଦନ କରୁଛି। ଏ ଅଧମର ପ୍ରଣାମ କୃପାବଶତଃ ଗ୍ରହଣ କରନ୍ତୁ। ମୋତେ ଆଜି ଗୋଟେ ସୁବର୍ଣ୍ଣ ସୁଯୋଗ ମିଳିଛି, କିଛି ସ୍ମୃତି ଅନୁଭୂତିର ଅଂଶ ଉପସ୍ଥାପନ କରିବା ପାଇଁ, ତାହା ମୁଁ ଏଠାରେ ଉଲ୍ଲେଖ କରୁଛି।

ମୁଁ ସଦା ସର୍ବଦା ଅଧ୍ୟୟନରତ ଥିଲାବେଳେ କେତେକ ପରୀକ୍ଷା ଦେବାକୁ ଯାଇ ଇସ୍କନ୍ ମନ୍ଦିରରେ ଭଗବାନଙ୍କୁ ଦର୍ଶନ ଲାଗି ପହଞ୍ଚିଯାଏ। ବୋଧହୁଏ ମୋ ଜୀବନରେ ଜ୍ୟୋତି ପ୍ରକାଶିତ କରିବାର ଭଗବାନ ଶ୍ରୀକୃଷ୍ଣ ନିର୍ଦ୍ଧାରିତ କରିସାରିଥିଲେ। ସେହି ମନ୍ଦିରରେ ହଠାତ୍ ଜଣେ ମାତାଜୀଙ୍କ ସହ ସାକ୍ଷାତ୍ ହୁଏ। ବାର୍ତ୍ତାଳାପ ମଧ୍ୟରେ ମାତାଜୀ ଜଣକ "ଆମ ଜୀବନରେ ଜଣେ ଗୁରୁଙ୍କର ଗୁରୁତ୍ୱ ଏବଂ ଗୁରୁଙ୍କର ଗୁଣଗାନ କରିଥିଲେ।" ଜୀବନରେ ପ୍ରଥମ ଥର ମୋର ଅନୁଭବ ହେଲା କି ହଁ ମୋ ଜୀବନରେ ମଧ୍ୟ ଗୁରୁଙ୍କର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଗୁରୁଦେବଙ୍କ ବ୍ୟତୀତ ଆଧ୍ୟାତ୍ମିକ ଜୀବନ ଯେମିତି ଅନ୍ଧକାରମୟ। ତା' ପୂର୍ବରୁ ମୁଁ ୧୬ ମାଳା ଜପ କରୁଥାଏ। କିନ୍ତୁ ଗୁରୁଦେବଙ୍କର ଆମ ଜୀବନରେ କାହିଁକି ଆବଶ୍ୟକ ଏହାର ଉଦ୍ଦେଶ୍ୟ ବୁଝି ନ ଥାଏ, କିଛି ଜାଣି ନ ଥିଲି। ସେହିଠାରେ ମୋର ହୃଦ୍‌ବୋଧ ହୁଏ କି ମୋର ଭକ୍ତିମାର୍ଗରେ ଗୁରୁଦେବଙ୍କ ଗୁରୁତ୍ୱ ଏବଂ ଆବଶ୍ୟକତା ରହିଛି। ସେହି ମନ୍ଦିରରେ ମାତାଜୀ ଜଣଙ୍କୁ ପ୍ରଭୁଙ୍କର ମୋବାଇଲ୍ ନମ୍ବର ମାଗିଲି, ସେ ମୋତେ ନମ୍ବର ଦେଲେ। କିଛିଦିନ ପରେ ପ୍ରଭୁଙ୍କ ସହ ଯୋଗାଯୋଗ କରି ସର୍ବଶେଷରେ ଗୁରୁଦେବଙ୍କର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତି ହୁଏ।

ଗୁରୁଦେବଙ୍କ ମୁଖରୁ ଏକ ଜ୍ୟୋତି ନିର୍ଗତ ହେଉଥିଲା ଏବଂ ତାଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ କାନ୍ତିରେ ପରିପୂର୍ଣ୍ଣ। ଗୁରୁଙ୍କ ବାର୍ତ୍ତାଳାପରେ ବିନମ୍ରତା ଏବଂ ଶାନ୍ତଭାବ ଓ ଶୀତଳତା ପ୍ରଦାନ କରିଥିଲା ଏବଂ ମୁଁ ଅନୁପ୍ରାଣିତ ହେଲି। ହସ ହସ ମୁଖ ସହିତ ଏକ ସନ୍ତାନ ପ୍ରତି ପ୍ରେରଣାଭରା ବାର୍ତ୍ତା, ମୋ ହୃଦୟରେ ତାଙ୍କୁ ପିତାଙ୍କର ସ୍ଥାନରେ ମୁଁ ସ୍ଥାପିତ କରିସାରିଥିଲି। ଭକ୍ତି ମାର୍ଗରେ ମୁଁ ନୂଆ ଥିବାରୁ ଗୁରୁଦେବ ମୋତେ ବିଭିନ୍ନ ଉପଦେଶ ଦେବା ସହ ମାର୍ଗ ଦର୍ଶନ କରାଇଥିଲେ। ମୋର ସମସ୍ତ ସମସ୍ୟାର ସମାଧାନ କରାଇଥିଲେ। ଯାହାକି ମୋର ଆଧ୍ୟାତ୍ମିକ ଜୀବନରେ ଅଗ୍ରସର କରାଇବାରେ ସହାୟକ ହେଉଛି।

ଗୁରୁ ମହାରାଜଙ୍କର ପ୍ରଥମ ଦର୍ଶନରେ ମୋତେ ଅନୁଭବ ହୋଇଥିଲା କି ମୁଁ ନିଜ ଘରକୁ ଫେରିଆସିଛି। ମନ ପ୍ରାଣରେ ଶାନ୍ତି ଭରିଯାଇଥିଲା। ଯେମିତି ସନ୍ତାନ ପିତା ମାତାଙ୍କଠାରେ ଥିଲାବେଳେ ଚିନ୍ତାଶୂନ୍ୟ ଶାନ୍ତ ପଡ଼ିଯାଏ। ସେପରି ସମ୍ପୂର୍ଣ୍ଣ ରୂପେ ମୋର ହୃଦୟ ଓ ଆତ୍ମାରେ ଶାନ୍ତ କମନିୟତାର ଏକ ଶୀତଳ ବାତାବରଣ ସୃଷ୍ଟି ହୋଇସାରିଥିଲା।

ବହୁ ପୂର୍ବରୁ ଶୁଣିଥିଲି କି ଜୀବନରେ ଯଦି ଥରେ ସାଧୁସନ୍ଥଙ୍କର ଆଗମନ ହେଲେ ତା'ପରେ ଜୀବନରେ ଗତିପଥର ପରିବର୍ତ୍ତନ ହୋଇଯାଏ, ଯାହାକି ଏକ ନୂତନ ସକାଳର କିରଣ, ଅନ୍ଧକାର ମଧ୍ୟରେ ଜ୍ୟୋତିର ପ୍ରକାଶ ପାଏ । ହେ ମୋର ପରମପୂଜ୍ୟ ଗୁରୁଦେବ ! ଆପଣ ହେଲେ ମୋ ଜୀବନରେ ସେହି ନୂତନ ସକାଳାର କିରଣ, ଅନ୍ଧକାରମୟ ମଧ୍ୟରେ ପ୍ରଦୀପର ଜ୍ୟୋତିଶିଖା ।

ଶ୍ରୀ ଶ୍ରୀମଦ୍ ଅଭୟ ଚରଣ ଭକ୍ତିବେଦାନ୍ତ ସ୍ୱାମୀ ଶ୍ରୀଲ ପ୍ରଭୁପାଦଙ୍କର ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘ ଏବଂ ଏହି ପ୍ରେଚଷ୍ଟା ନେଇ ଗୁରୁପରମ୍ପରା ମାଧ୍ୟମରେ ଆପଣଙ୍କୁ ଗୁରୁଦେବ ରୂପେ ପାଇ ମୁଁ ନିଜକୁ ବିନମ୍ରତା ଭରା ଧନ୍ୟ ମନେକରୁଛି ।

ଶ୍ରୀଲ ପ୍ରଭୁପାଦ ଏବଂ ଆପଣଙ୍କ ଭଳି ସିଦ୍ଧ ଓ ଶୁଦ୍ଧ ମହାନ୍ ମହାପୁରୁଷ ମୋ ଜୀବନରେ ନ ଥିଲେ ଜୀବନ ନର୍କମୟ ଯନ୍ତ୍ରଣା ଜର୍ଜରିତ କ୍ଲିଷ୍ଟମୟତାରେ ଭରିଯାଇଥାନ୍ତା । କିନ୍ତୁ ମୁଁ ସେହି ପରିସ୍ଥିତିରୁ ଉଦ୍ଧୃତ, ଆପଣଙ୍କୁ ପ୍ରାପ୍ତ ହୋଇ ଅମୂଲ୍ୟ ସମ୍ପଦ ପ୍ରାପ୍ତ ହେଲାପରି ମନେହୋଇଛି ।

ଏ ସଂସାରରୂପୀ ନଦୀକୁ ପାର କରିବାପାଇଁ ଗୁରୁଙ୍କର ଆଶ୍ରିତ ହେବାକୁ ଚାହିଁଲି । ଶ୍ରୀଗୁରୁଦେବ କୃପାମୟ, କରୁଣାମୟ ଦୟାର ସାଗର ମୋତେ ତାଙ୍କର ଚରଣକମଳରେ ଆଶ୍ରୟ ପ୍ରଦାନ କଲେ । ସେହି କରୁଣାମୟୀ ଗୁରୁଦେବଙ୍କୁ ମୋର ଶତ ଦଣ୍ଡବତ ପ୍ରଣାମ । ଆଉଥରେ ଯେତେବେଳେ ଗୁରୁମହାରାଜଙ୍କୁ ଦର୍ଶନ କରିବାକୁ ଗଲେ ବିଳମ୍ବରେ ପହଞ୍ଚୁଥାଏ । କିନ୍ତୁ ଗୁରୁଦେବ ମହାନ୍ ଉଦାର ହୃଦୟର କାରଣ, ଯେତେ ବିଳମ୍ବ ହେଲେ ମଧ୍ୟ ମୋତେ ଉଚିତ୍ ସମୟ ଦେଇଥାନ୍ତି । ପିତାପରି ଗୁରୁଦେବ ସର୍ବଦା ମୋର ଭବିଷ୍ୟତ କ୍ୟାରିୟର ଏବଂ ଭକ୍ତି ସମ୍ବନ୍ଧରେ ଯତକିଞ୍ଚିତ୍ ପଚାରି ବୁଝନ୍ତି, ମୁଁ ଜକ ଜକ କରି ମୋର ଆଧ୍ୟାତ୍ମିକ ପିତା ଶ୍ରୀଗୁରୁଦେବଙ୍କ ଦର୍ଶନ କରି ଆନନ୍ଦିତ ହୋଇଥାଏ । ଗୁରୁଦେବଙ୍କୁ ଦର୍ଶନ କରିବାକୁ ଯାଇ ମୋର ସୌଭାଗ୍ୟ ଯେ ପୁରୀଧାମର ଶ୍ରୀକ୍ଷେତ୍ରରୁ ଭଗବାନ୍ ଜଗନ୍ନାଥ ମନ୍ଦିର ପ୍ରସାଦ ସେବନର ବହୁତ ବଡ଼ ସୁଯୋଗ ମଧ୍ୟ ପ୍ରାପ୍ତି ହୋଇଛି । ଯେତେବେଳେ ମୁଁ ଗୁରୁଦେବଙ୍କଠାରୁ କୃପା ଚାହିଁଛି, ଗୁରୁଦେବ ମୋତେ ସର୍ବଦା କୃପା କରିଛନ୍ତି । ତାଙ୍କର ଚରଣାଶ୍ରିତ କରିବାକୁ ମଧ୍ୟ ଆମନ୍ତ୍ରିତ କରିଥିଲେ । ସେହିଦିନ ମୁଁ ଅତ୍ୟନ୍ତ ଖୁସି ହୋଇଯାଇଥିଲି, କାରଣ ଏ ଅବୋଧ, ଅଧମ, ପତିତକୁ ପିତା ଏବଂ ଘର ମିଳିଗଲା ।

ଏହା ସତ୍ୟ ଯେ ଗୁରୁଙ୍କ କୃପା ବିନା ସବୁକିଛି ଅଧୁରା । ମୁଁ ନିଜେ ମୋ ଜୀବନରେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛି । ଗୁରୁ ପ୍ରାପ୍ତି ପରେ ମୋ ଜୀବନର ସମସ୍ୟା କ୍ରମଶଃ ଦୂରୀଭୂତ ହେଉଛି ଏବଂ ଆଧ୍ୟାତ୍ମିକ ମାର୍ଗରେ ବିକାଶ ସହିତ ଅଗ୍ରସର ମଧ୍ୟ ହୋଇଛି । ମୋର ଗୁରୁଦେବଙ୍କୁ ଏବଂ ତାଙ୍କର ଆଶୀର୍ବାଦ କୃପା ମୋ ଉପରେ ରହିଛି ଏହା ମୋର ସବୁବେଳେ ଅନୁଭୂତ ହୋଇଆସୁଅଛି ।

ଯେଉଁ କର୍ମରେ ବାହାରିଲେ ସର୍ବଦା ଗୁରୁଙ୍କୁ ସ୍ମରଣ କରେ । ଗୁରୁ ସର୍ବଦା ମୋର ସ୍ମରଣୀୟ । ମୁଁ ଗୁରୁଙ୍କଠାରେ ପୂର୍ଣ୍ଣ ଶରଣାଗତ ।

ହେ ମୋର ପରମପୂଜ୍ୟ ଗୁରୁଦେବ ମୋର ଅନୁଭୂତି ଉଲ୍ଲେଖ ମଧ୍ୟରେ ଯଦି କିଛି ଭୁଲ୍ ହୋଇଯାଇଥାଏ, ଏ ଅଧମ ପତିତା ଶିଷ୍ୟାଟିକୁ କ୍ଷମା କରିଦେବେ । ମୋପରି ପତିତ ବଦ୍ଧଜୀବ ପ୍ରତି କରୁଣା ପ୍ରଦର୍ଶନ କରି ଆପଣଙ୍କ ପଦକମଳରେ ସ୍ଥାନଦେଲେ ଏଥିପାଇଁ ମୁଁ ବହୁତ ଖୁସି ହେଲି ।

ଶ୍ରୀ ଜଗନ୍ନାଥଙ୍କଠାରେ ମୋର ଏତିକି ପ୍ରାର୍ଥନା କି ଗୁରୁଦେବ, ଆପଣଙ୍କର ଶରୀର ସର୍ବଦା ସୁସ୍ଥ ରହୁ । ଆମଭଳି ବଦ୍ଧଜୀବଙ୍କୁ ମୁକ୍ତି ଦେବାକୁ ଅସୀମ ଶକ୍ତି ମହାପ୍ରଭୁ ଆପଣଙ୍କୁ ଦିଅନ୍ତୁ । ଆପଣଙ୍କର ସେହି ସରଳତାପୂର୍ଣ୍ଣ ମୁଖମଣ୍ଡଳରେ କୋମଳମୟ ହସ ସବୁଦିନ ପ୍ରସ୍ଫୁଟିତ ହୋଇଥାଉ ।

ଆପଣଙ୍କର ପ୍ରତିତ ଅଧମ ଶିଷ୍ୟା

**ମୀନାରାଣୀ ମଲ୍ଲିକ**

ସୋରୋ, ବାଲେଶ୍ୱର

# କୃପା ସାଗର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ! ଆଜି ଆପଣଙ୍କର ୭୧ ତମ ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଦାସୀର ଆପଣଙ୍କ ଶ୍ରୀ ଚରଣରେ ଦଣ୍ଡବତ ପ୍ରଣାମ। ମୋର ଏହି ଜଡ଼ ଜିହ୍ୱା ଦ୍ୱାରା ଆପଣଙ୍କର ଗୁଣକୀର୍ତ୍ତନ କରିବାପାଇଁ ମୁଁ ଅକ୍ଷମ। ତଥାପି ନିଜକୁ ଶୁଦ୍ଧ କରିବାପାଇଁ ଆପଣଙ୍କ ଗୁଣଗାନ କରିବା ପାଇଁ ପ୍ରୟାସ କରୁଛି।

ହେ ଗୁରୁଦେବ, ଆପଣ ବହୁତ ଦୟାମୟ। ୨୦୨୨ ଡିସେମ୍ବରରେ ଆମର ଅନୁରୋଧ ରକ୍ଷାକରି ଗୀତାଜୟନ୍ତୀ ଅବସରରେ ଆପଣ ଆମର ଭୁବନେଶ୍ୱରସ୍ଥିତ ବାସଭବନକୁ ପ୍ରଥମଥର ଆସିଥିଲେ। ତା'ପରେ ମୋର ଇଚ୍ଛା ଥିଲା ସବୁବର୍ଷ ଗୀତାଜୟନ୍ତୀ ଆମ ଘରେ ପାଳନ କରିବାପାଇଁ, ୨୦୨୩ ଗୀତା ଜୟନ୍ତୀର ୨ ମାସ ପୂର୍ବରୁ ମୁଁ ଆପଣଙ୍କୁ ଅନୁରୋଧ କରିଥିଲି କି ଏ ବର୍ଷ ମଧ୍ୟ ଗୀତା ଜୟନ୍ତୀ ଆମ ଘରେ ପାଳନ କରିବାପାଇଁ ଏବଂ ଆପଣ ମଧ୍ୟ ମୋ ଅନୁରୋଧ ରକ୍ଷା କରି ହଁ କରିଥିଲେ। ତା'ପରେ ଗୀତାଜୟନ୍ତୀର ୧୫ ଦିନ ପୂର୍ବରୁ ପୁରୁଷୋତ୍ତମ ପ୍ରଭୁ ଅନୁଗୁଳରେ ଗୀତା ଜୟନ୍ତୀ ପ୍ରୋଗ୍ରାମ କରିବାପାଇଁ ଆମ ପ୍ରଭୁଙ୍କୁ ଫୋନ୍ କରିଥିଲେ। ପୁରୁଷୋତ୍ତମ ପ୍ରଭୁ କହିଲେ କି, ଗୁରୁଦେବଙ୍କୁ ପଚାରିଲେ ଅନୁଗୁଳରେ ପ୍ରୋଗ୍ରାମ୍ କରିବାପାଇଁ ଗୁରୁଦେବ କହିଲେ ଯେ, ମୁଁ ତ କ୍ରିଷ୍ଣକେଶବକୁ କହି ସାରିଛି ତାଙ୍କ ଘରେ କରିବା ପାଇଁ, ତାଙ୍କୁ କୁହ ସେ ଯଦି ରାଜି ହେବେ, ତାହାହେଲେ ତାଙ୍କ ଘର ପ୍ରୋଗ୍ରାମ୍ କ୍ୟାନସଲ କରିକି ଅନୁଗୁଳରେ କରିବା। ତା'ପରେ ଆମ ପ୍ରଭୁ ମୋତେ କହିଲେ ଏସବୁ କଥା। ମୋ ମନ ଟିକେ ଦୁଃଖ ହେଲା। ତା'ପରେ ମୁଁ କହିଲି ହଉ ଅନୁଗୁଳକୁ ଗୁରୁଦେବ ଗୀତା ଜୟନ୍ତୀରେ ଗଲେ ବହୁତ ଭକ୍ତ ଆସିବେ ଆଉ ପ୍ରୋଗ୍ରାମ୍ ବି ଭଲ ହେବ। ଆମେ ପୁରୁଷୋତ୍ତମ ପ୍ରଭୁଙ୍କୁ ଜଣେଇଦେଲୁ ଯେ, ଆପଣ ଅନୁଗୁଳରେ କରନ୍ତୁ। କିନ୍ତୁ, ସବୁବେଳେ ମୋ ମନଭିତରେ ଦୁଃଖ ରହିଥାଏ। ପୂର୍ବ ବର୍ଷ ପରି ଗୁରୁଦେବ ମଧ୍ୟ ଏ ବର୍ଷ ଆମ ଘରକୁ ଆସିଥାନ୍ତେ, ଆମେସବୁ ଗୁରୁଦେବଙ୍କ ସହ ଏକାଠି ବସି ଶ୍ରୀମଦ୍ ଭଗବଦ୍ ଗୀତାର ୭୦୦ ଶ୍ଳୋକ ପାଠ କରିଥାନ୍ତୁ। ସେ ଯାହା ବି ହେଉ ମନ ଦୁଃଖ ମନ ଭିତରେ ରହିଥାଏ। ତା'ପରେ ହଠାତ୍ ଗୀତା ଜୟନ୍ତୀ ଆଉ ୪/୫ ଦିନ ବାକି ଅଛି, ଆମ ପ୍ରଭୁ କହିଲେ, ଗୁରୁଦେବ ଫୋନ୍ କରିକି କହିଲେ ଯେ, ଗୀତା ଜୟନ୍ତୀ ପ୍ରୋଗ୍ରାମ ତୁମ ଘରେ ହିଁ ହେବ। ମୋର ଖୁସିର ସୀମା ଆଉ ରହିଲାନି। ମନେ ମନେ ଗୁରୁଦେବଙ୍କ ଚରଣରେ ବହୁତ ଧନ୍ୟବାଦ ଅର୍ପଣ କଲି। ସତରେ ଗୁରୁଦେବ, ଆପଣ ହେଉଛନ୍ତି ଦୟାର ସାଗର। ମୋ ଭଳି ତୁଚ୍ଛ, ଅଧମ ଅଯୋଗ୍ୟା ଶିଷ୍ୟା ପ୍ରତି ଆପଣ ଯେଉଁ କୃପା କରିଛନ୍ତି, ତାହା ଅବର୍ଣ୍ଣନୀୟ। ହେ ଗୁରୁଦେବ, ଆପଣଙ୍କର ମୁଁ କି ଗୁଣଗାନ କରିବି, ଯେତେ କଲେ ବି ସରିବନି। ଦିନେ ମୁଁ ଆପଣଙ୍କୁ ଦର୍ଶନ କରିବାପାଇଁ ଜୟଦେବ ବିହାର ଘରକୁ ପୁଅକୁ ନେଇକି ଯାଇଥିଲି। ଆପଣ ପୁଅକୁ ପଚାରିଲେ ଦେହ ଭଲ ଅଛି କି ନାହିଁ। ମୁଁ କହିଲି ଗୁରୁଦେବ, ତା'ର ନଖ ସାଇଡ୍ ସବୁବେଳେ ଦରଜ ରହୁଛି, ରକ୍ତ ବାହାରୁଛି, ଜମା ଶୁଖୁନି। ତାକୁ ବହୁତ କଷ୍ଟ ହେଉଛି। ବହୁତ ଜାଗାରେ ଦେଖେଇ ସାରିଲୁଣି, ବହୁତ ଔଷଧ ସେ ଖାଇଲାଣି କିନ୍ତୁ ଭଲ ହେଉନି।

ଆପଣ ହସି ହସି କହିଲେ ଯେ, ସେ ପୂର୍ବେ କେଉଁ ଜନ୍ମରେ ବୋଧହୁଏ କେବେ ସୁନା ଚୋରି କରିଛି। ଯାହା ପାଇଁ କି ତା'ର ଏହି ନଖରେ କଷ୍ଟ ସେ ପାଉଛି। ଆପଣ କହିଲେ ଆମେ ଯାହା ବି କିଛି କଷ୍ଟ ପାଉଛେ, ସେ ସବୁ ପୂର୍ବ ଅର୍ଜିତ କର୍ମର ଫଳ। ତୁମେମାନେ ଭଗବାନ୍‌ଙ୍କୁ କିଛି ସ୍ୱର୍ଣ୍ଣଦାନ କର, ତା'ର କର୍ମଫଳ କଟିଯିବ। ତା'ର ଭଲ ହୋଇଯିବ। କୃଷ୍ଣଙ୍କ ଉପରେ ଥରେ ଭରସା କରି ଦେଖେ କ'ଣ ହେଉଛି। ଆପଣଙ୍କ କଥା ଅନୁସାରେ ମୁଁ ସେହି ରୂପେ କଲି ଆଉ ସବୁ ଔଷଧ ବି ବନ୍ଦ କଲି। ତା'ପରେ ଆଶ୍ଚର୍ଯ୍ୟଜନକ ଭାବେ ଧୀରେ ଧୀରେ ମୋ ପୁଅର ନଖ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଗଲା ଆଉ ଆଜି ପର୍ଯ୍ୟନ୍ତ କିଛି ବି ଅସୁବିଧା ହୋଇନି। ଗୁରୁଦେବ, ଆପଣ ସବୁବେଳେ ଆପଣଙ୍କର କୃପାଦୃଷ୍ଟି ଆମ ଉପରେ ରଖିଛନ୍ତି। କିନ୍ତୁ ମୋର ଆପଣଙ୍କର ଶିଷ୍ୟା ହେବାର କିଛି ବି ଯୋଗ୍ୟତା ନାହିଁ। ହେ ଗୁରୁଦେବ, ଆପଣ ପତିତ ପାବନ, ସେହି ଦୃଷ୍ଟିରେ ଏ ଅଧମା ପତିତାକୁ ଆପଣଙ୍କ ଶ୍ରୀଚରଣରେ ସ୍ଥାନ ଦେଇଥାନ୍ତୁ। ଏତିକି ଆଶୀର୍ବାଦ କରନ୍ତୁ ଗୁରୁକୃଷ୍ଣଙ୍କ ସେବା କରି କରି ଏ ଜୀବନ ଚାଲିଯାଉ। ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ମୋର ଗୁରୁଦେବଙ୍କୁ ଦୀର୍ଘାୟୁ ଏବଂ ସୁସ୍ଥ ରଖିଥାନ୍ତୁ।

ଆପଣଙ୍କର ଶ୍ରୀଚରଣାଶ୍ରିତ
**ମିତ୍ରବିନ୍ଦା ଦେବୀ ଦାସୀ**
ଭୁବନେଶ୍ୱର

# ସେଇ ଠାକୁର ଧନ୍ୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କ ୭୧ତମ ଶୁଭ ଆବିର୍ଭାବ ତିଥିରେ କିଛି ଆପଣଙ୍କ ଗୁଣଗାନ କରିବାକୁ ଚେଷ୍ଟା କରୁଛି। ଗତ ବର୍ଷ ବ୍ୟାସପୂଜା ଅର୍ଘ୍ୟରେ ମୁଁ ନିମ୍ନଲିଖିତ ଶ୍ଳୋକଟି ଶ୍ରୀଚୈତନ୍ୟ ଚରିତାମୃତରୁ ଉଦ୍ଧୃତ କରିଥିଲି-

ସେଇ ଭକ୍ତ ଧନ୍ୟ, ଯେ ନା ଛାଡ଼େ ପ୍ରଭୁର ଚରଣ ।
ସେଇ ପ୍ରଭୁ ଧନ୍ୟ, ଯେ ନ ଛାଡ଼େ ନିଜ-ଜନ ॥
ଦୁର୍ଦ୍ଦୈବେ ସେବକ ଯଦି ଯାୟ ଅନ୍ୟ ସ୍ଥାନେ ।
ସେଇ ଠାକୁର ଧନ୍ୟ ତାରେ ଚୁଲେ ଧରି ଆନେ ॥

***(ଶ୍ରୀ ଚ.ଚ. ଅନ୍ତ୍ୟଲୀଳା, ୪.୪୬-୪୭)***

କିନ୍ତୁ ଜଣା ନ ଥିଲା, ଏତେ ଶୀଘ୍ର ତାହାକୁ ଆପଣ ସତ୍ୟ ପ୍ରମାଣିତ କରିବେ।

ଗତ ବର୍ଷ ବ୍ୟାସପୂଜାର ଠିକ୍ ଏକ ମାସ ପୂର୍ବରୁ ଆସିଥିଲା ମୋ ଜୀବନର ସବୁଠାରୁ ଅନ୍ଧକାରମୟ ତଥା ଦୁର୍ଭାଗ୍ୟଜନକ ସମୟ। ଜୁନ୍ ମାସ ୪ ତାରିଖ ରାତି ୯ ଘଣ୍ଟା ସମୟରେ କାହାକୁ କିଛି ନ କହି ମୁଁ ଅନୁଗୋଳ ଆଶ୍ରମ ତ୍ୟାଗ କରି ଚାଲିଗଲି। ଆଶ୍ରମରେ ଦୀର୍ଘ ୧୨ ବର୍ଷ ରହିଲାପରେ ମଧ ମୁଁ ଏକ ନିଷ୍ଠାବାନ୍ ବ୍ରହ୍ମଚାରୀ ହୋଇପାରି ନାହିଁ, ଏହା ଚିନ୍ତାକରି ମୁଁ ଅତ୍ୟନ୍ତ ନିରାଶ ହୋଇଯାଇଥିଲି। ଭାବିଲି, ଏକ ଠକ ସାଧୁ ହେବାଠାରୁ ଏକ ସଚ୍ଚୋଟ ଝାଡୁଦାର୍ ବରଂ ହେବି। ସବୁଠାରୁ ଦୁଃଖର କଥା ଥିଲା ଯେ, ମୋର ଏ ମନଃସ୍ଥିତି ବିଷୟରେ ମୁଁ କାହାରିକୁ ଏପରିକି ଆପଣଙ୍କୁ ମଧ ଜଣାଇ ନ ଥିଲି।

ଟ୍ରେନ୍‌ରେ ବସି କଲିକତା ମହାନଗରୀରେ ଯାଇ ପହଞ୍ଚିଲି। ହାଓ୍ୱଡ଼ା ଷ୍ଟେସନ୍‌ରେ ଓହ୍ଲାଇ ଚିନ୍ତା କରୁଥାଏ କେଉଁଆଡ଼େ ଯିବି? କେଉଁଠାରେ ଆଶ୍ରୟ ନ ପାଇ ନିକଟସ୍ଥ ଗଙ୍ଗାତଟରେ ଏ ବରଗଛ ମୂଳରେ ଦୁଇଦିନ ଓ ଦୁଇ ରାତି ବିତାଇଲି। ଶେଷରେ ଏକ ପ୍ରାଇଭେଟ୍ କମ୍ପାନୀରେ ଛୋଟ ଚାକିରୀଟିଏ ପାଇଲି। ଭୌତିକବାଦୀ ଜଗତରେ ଆପଣଙ୍କୁ ଓ ଭକ୍ତମାନଙ୍କୁ ଛାଡ଼ି ପ୍ରଥମଥର ପାଇଁ ଆସିଛି, ତେଣୁ ହୃଦୟରେ ଯନ୍ତଣା ଓ ବାହାରେ ଅକ୍ଳାନ୍ତ ପରିଶ୍ରମରେ ମୁଁ ପ୍ରାୟ ଥକି ଯାଇଥାଏ। ପ୍ରାୟ ୧ ମାସ ପରେ ବ୍ୟାସପୂଜା ଦିନ ଆସି ପହଞ୍ଚିଲା। ମୋର ଡ୍ୟୁଟି ଚାଲିଥାଏ। ସେଦିନ ମୁଁ ଉପବାସ କରିଥାଏ। ମଧ୍ୟାହ୍ନ ଭୋଜନ ପାଇଁ ଯେତେବେଳେ ବିରତି ହେଲା, ମୁଁ ବାହାରକୁ ଆସି ଭାବିଲି, ଏବେ ଅନୁଗୋଳରେ ସମସ୍ତେ ବ୍ୟାସପୂଜା ଉତ୍ସବ ପାଳନ କରୁଥିବେ, ହୁଏତ ଏବେ ଶ୍ରୀଲ ଗୁରୁଦେବ ପ୍ରବଚନ ଦେଉଥିବେ। ଏହା ଭାବି ଯେତେବେଳେ ମୁଁ ଆପଣଙ୍କ ଲାଇଭ୍ କ୍ଲାସ୍ ଚଳେଇଲି, ସେଇ ମୁହୂର୍ତ୍ତରେ ଆପଣ କହୁଥିଲେ, "ଯଦି ରୋଗୀ ଚିକିତ୍ସକ ନିକଟରେ ନିଜର ରୋଗକୁ ଲୁଚାଏ ତେବେ ତା'ର ରୋଗର ନିରାକରଣ ହୋଇପାରିବ ନାହିଁ। ସେହିପରି ଆଜିକାଲି ଏପରି ଶିଷ୍ୟ ଅଛନ୍ତି ଯେଉଁମାନେ ତାଙ୍କର ମାନସିକ ସ୍ଥିତିକୁ ଗୁରୁଦେବଙ୍କ ନିକଟରେ ପ୍ରକାଶ ନ କରି, ଗୁରୁଙ୍କଠାରୁ ଦୂରେଇ ଯାଆନ୍ତି। ଏଭଳି ଶିଷ୍ୟର ମଙ୍ଗଳ ସାଧନ ଅସମ୍ଭବ।" ମୁଁ କିଛି ସେକେଣ୍ଡ ପାଇଁ ଆପଣଙ୍କ ଏହି କଥା ଶୁଣି, ମୋବାଇଲ୍ ବନ୍ଦକରି ଡ୍ୟୁଟିକୁ ଚାଲିଗଲି। ମନେ ମନେ ଭାବିଲି, "ମୁଁ ନ କହି ଚାଲି ଆସିଛି, ତେଣୁ ଗୁରୁଦେବ ବୋଧହୁଏ ଆଜିର ପ୍ରବଚନଟି ଏହି ପ୍ରସଙ୍ଗ ଉପରେ ଆଧାର କରି କହୁଛନ୍ତି।" କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ମୁଁ ବ୍ୟାସପୂଜା ଦିନର ପ୍ରବଚନଟି ସମ୍ପୂର୍ଣ୍ଣଭାବରେ ଶ୍ରବଣ କଲି, ଜଣାପଡ଼ିଲା ଯେ ମୁଁ ଯେଉଁ କିଛି ସେକେଣ୍ଡପାଇଁ ସେ ଦିନ ଲାଇଭ୍ ପ୍ରବଚନ ଶୁଣିଥିଲି, ଆପଣ କେବଳ ସେତିକି ସମୟ ହିଁ ମୋ ସମ୍ବନ୍ଧିତ ପ୍ରସଙ୍ଗ କହିଛନ୍ତି। ତେଣୁ ଆପଣଙ୍କ ମୁଖରୁ ନିର୍ଗତ ବାଣୀ ଯେ ଶ୍ରୀକୃଷ୍ଣଙ୍କ ଠାରୁ ପ୍ରତ୍ୟକ୍ଷ ଭାବରେ ଆସୁଛି, ଏଥିରେ ମୋର ଆଉ ସନ୍ଦେହ ରହିଲା ନାହିଁ।

ଦେଖୁ ଦେଖୁ ଅଢ଼େଇ ମାସ ବିତିଗଲା। ସବୁଦିନ ୧୬ ମାଳା ଜପ କରୁଥିଲି ସତ କିନ୍ତୁ ତାହା ହରି ନାମ ନ ଥିଲା, ତାହା ଥିଲା କେବଳ ଏକ ଯନ୍ତ୍ରବତ୍ ସଂଖ୍ୟାପୂରଣ ମାତ୍ର। ମନ ଅତ୍ୟନ୍ତ ଅଶାନ୍ତ ଓ ବିଚଳିତ ଅବସ୍ଥାରେ ଥାଏ। ମୁଁ ବୁଝି ପାରୁଥାଏ, ଆପଣଙ୍କ ଆଶୀର୍ବାଦ ବିନା ମୁଁ କୌଣସି ପରିସ୍ଥିତିରେ ବି ଖୁସିରେ ରହିପାରିବି

ନାହିଁ । ଶେଷରେ ସାହସ କରି ରାଧାନାଥ ପ୍ରଭୁଙ୍କୁ ଫୋନ୍ କରି କହିଲି, ମୁଁ ଗୁରୁଦେବଙ୍କ ସହିତ କଥା ହେବାକୁ ଚାହୁଁଛି । ରାଧାନାଥ ପ୍ରଭୁଙ୍କ ମାଧ୍ୟମରେ ଆପଣ ଜଣାଇଲେ ଯେ, ଆପଣ ଫୋନ୍‌ରେ କଥା ହେବାକୁ ଚାହୁଁ ନାହାନ୍ତି ଏବଂ ଯଦି ମୁଁ କଥା ହେବାକୁ ଚାହୁଁଛି, ତେବେ ପ୍ରତ୍ୟକ୍ଷରେ ଆସି ସାକ୍ଷାତ କରିବାପାଇଁ । ମୁଁ ତାହା ଶୁଣି ରାଜି ହେଲି ଏବଂ ଆପଣଙ୍କୁ ସାକ୍ଷାତ୍ କରିବାପାଇଁ କେବଳ ସଂକଳ୍ପ କରିବା ମାତ୍ରେ ମୋ ଚେତନାରେ ପରିବର୍ତ୍ତନ ଆସିବାକୁ ଲାଗିଲା । କିଛି ସମୟ ପୂର୍ବରୁ ମୁଁ ଦୃଢ଼ ସଂକଳ୍ପବଦ୍ଧ ଥିଲି ଯେ, ଯାହା ହେଲେ ମଧ୍ୟ ମୁଁ ଆଶ୍ରମ ଜୀବନକୁ ଆଉ ଫେରିବି ନାହିଁ କିନ୍ତୁ ହଠାତ୍ ମୋ ମନକୁ ଆସିଲା, "ଆଜି ମୁଁ ଅର୍ଥ ପାଇଁ ଯେଉଁ ଅକ୍ଲାନ୍ତ ପରିଶ୍ରମ କରୁଛି, ଯଦି ସେତିକି ପରିଶ୍ରମ ମୁଁ ଗୁରୁ-କୃଷ୍ଣଙ୍କର ସେବାପାଇଁ କରିବି ତେବେ ମୋ ଜୀବନ ତ ସଫଳ ହୋଇଯିବ ।"

ଆପଣଙ୍କ କୃପା ମୋତେ ପୁଣି ଆଉଥରେ ଟାଣିଆଣିଲା ଆପଣଙ୍କ ଚରଣକମଳକୁ । ଭୁବନେଶ୍ୱର ଠାରେ ଯାଇ ଆପଣଙ୍କୁ ସାକ୍ଷାତ କଲି । ଆପଣଙ୍କ ପ୍ରେମଭରା ଭର୍ତ୍ସନା ଓ ତାଡ଼ନା ପ୍ରାପ୍ତ ହୋଇ ଏକ ଛୋଟ ଶିଶୁପରି ଅନେକ କାନ୍ଦିଲି । ଆପଣ ମୋତେ ପଚାରିଲେ, କ'ଣ ଚାହୁଁଛ ? ମୁଁ କହିଲି, "ମୁଁ କେବଳ ଆପଣଙ୍କୁ ପ୍ରସନ୍ନ କରିବାକୁ ଚାହେଁ । ମୁଁ ଏକ ପାଗଳ, ମୋର କେଉଁଥିରେ ହିତ ହେବ ତାହା ମୁଁ ଜାଣିନାହିଁ । ଆପଣ ମୋତେ ଯାହା ଆଦେଶ କରିବେ, ମୁଁ ତାହା ପାଳନ କରିବି ।" ମୁଁ ଆଶା କରୁଥିଲି, ଆପଣ ମୋତେ କିଛି କଠିନ ସେବା ପ୍ରଦାନ କରି ଦଣ୍ଡିତ କରିବେ ବୋଲି, କିନ୍ତୁ ଆପଣ ମୋତେ ପୂର୍ବପରି ଆପଣଙ୍କ ବ୍ୟକ୍ତିଗତ ସେବା ପ୍ରଦାନ କଲେ । ଏକ ବିଶ୍ୱାସଘାତକ ଉପରେ ଆପଣ ପୁନଃ ବିଶ୍ୱାସ ସ୍ଥାପନ କଲେ ।

ସେହିଦିନଠାରୁ ମୋ ଜୀବନରେ ଆରମ୍ଭ ହେଲା ଏକ ନୂତନ ଅଧ୍ୟାୟ । ଯେତେବେଳେ ଶ୍ରୀ ପୁରୁଷୋତ୍ତମ ପ୍ରଭୁଜୀ, ଶ୍ରୀ ବରଦ କୃଷ୍ଣ ପ୍ରଭୁଜୀ ତଥା ଶ୍ରୀ ପ୍ରେମକିଶୋର ପ୍ରଭୁଜୀ ଆଦି ଭକ୍ତମାନଙ୍କ ସେବାରେ ଆପଣ ପ୍ରସନ୍ନ ହୋଇ ତାଙ୍କର ସେବାର ଗୁଣଗାନ କରନ୍ତି, ମୋ ମନରେ ମଧ୍ୟ ଆପଣଙ୍କୁ ସେବା ଦ୍ୱାରା ପ୍ରସନ୍ନ କରିବାର ଆଶା ଜାଗ୍ରତ ହୁଏ । ଆଜି ପର୍ଯ୍ୟନ୍ତ ମୁଁ କୌଣସି ସେବା ଦାୟିତ୍ୱବାନ୍ ଭାବରେ ସମ୍ପନ୍ନ କରି ଆପଣଙ୍କ ଚିନ୍ତା ଦୂର କରିବାକୁ ପ୍ରୟାସ କରି ନାହିଁ । ତେଣୁ ବୃନ୍ଦାବନ ଧାମରେ ରହି ହରି ନାମ ପ୍ରଭୁଙ୍କୁ ନିତ୍ୟ ନିବେଦନ କରୁଥାଏ, ଏପରି ସେବାପ୍ରାପ୍ତ ହେବାପାଇଁ । ଦିନେ ହଠାତ୍ ଏପରି ଏକ ଅବସର ଆସି ପହଞ୍ଚିଲା । ଆପଣଙ୍କ ଅନୁମତି ଓ ଆଶୀର୍ବାଦ ପ୍ରାପ୍ତ କରି ମୁଁ ଅନୁଗୋଳ ଆଶ୍ରମକୁ ପୁନର୍ବାର ଆସିଲି । ବର୍ତ୍ତମାନ ଏଠାରେ ମୁଁ ରୋଷେଇ ସେବା ତଥା ନବାଗତ ଭକ୍ତମାନଙ୍କର ପ୍ରଶିକ୍ଷଣ ଦାୟିତ୍ୱରେ ଅଛି । ଆପଣଙ୍କ ପାଇଁ କିଛି ପରିଶ୍ରମ କରିପାରୁଛି, ତେଣୁ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀ ମନେକରୁଛି ।

ଆଜି ଏହି ପବିତ୍ର ତିଥିରେ ମୁଁ ଆପଣଙ୍କର ଏକ ନିର୍ଭରଯୋଗ୍ୟ ଉତ୍ତମ ଶିଷ୍ୟ ହେବା ପାଇଁ ନିମ୍ନଲିଖିତ ନିୟମଗୁଡ଼ିକୁ ଆଜୀବନ ପାଳନ କରିବାପାଇଁ ପ୍ରତିଜ୍ଞା କରୁଛି-

୧. ପ୍ରତିଦିନ ଅତ୍ୟନ୍ତ ସାବଧାନତାର ସହିତ ଶ୍ରବଣପୂର୍ବକ ୧୬ ମାଳା ହରି ନାମ ଜପ କରିବି ।

୨. ମୋବାଇଲ୍ ତଥା ଅନ୍ୟ ଉପକରଣମାନଙ୍କର ଉପଯୋଗ କେବଳ ଗୁରୁ-କୃଷ୍ଣଙ୍କ ସେବା ପାଇଁ କରିବି, ନିଜର ଇନ୍ଦ୍ରିୟ ତୃପ୍ତି ପାଇଁ କେବେ ମଧ୍ୟ ନୁହେଁ ।

୩. ପ୍ରତିଦିନ ୧ ଘଣ୍ଟା ପାଇଁ ଆପଣଙ୍କର ତଥା ଶୀଲ ପ୍ରଭୁପାଦଙ୍କର ପ୍ରବଚନ ଶ୍ରବଣ କରିବି ।

୪. ପ୍ରତିଦିନ ୧ ଘଣ୍ଟା ପାଇଁ ଶ୍ରୀଲ ପ୍ରଭୁପାଦଙ୍କର ତଥା ଆପଣ ଆଦେଶ କରିଥିବା ଗୋସ୍ୱାମୀ ଗ୍ରନ୍ଥ ଅଧ୍ୟୟନ କରିବି ।

୫. ଆପଣଙ୍କ ନିକଟରେ ଅଭିଯୋଗ ତଥା ସମସ୍ୟା ପରିବର୍ତ୍ତେ ସେବା ଓ ପ୍ରଚାର ସମ୍ବନ୍ଧିତ ସୁସମାଚାର ହିଁ ପ୍ରଦାନ କରିବି ।

ଆପଣଙ୍କ ଦୀର୍ଘ ଓ ସୁସ୍ଥ ଶରୀରର କାମନା କରି ରହୁଛି ।

ଆପଣଙ୍କର ଅଯୋଗ୍ୟ ସେବକ
**ମୋହନ କୃଷ୍ଣ ଦାସ**
ଅନୁଗୋଳ

# ଏ ତୁଚ୍ଛଟିର ଏତିକି ପ୍ରାର୍ଥନା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ହୃଦୟର ପୂଜନୀୟ ଗୁରୁଦେବ ଆପଣଙ୍କର ଏହି ୭୧ତମ ଶୁଭ ଆବିର୍ଭାବ ଦିବସରେ ଆପଣଙ୍କ ଚରଣରେ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି। ଗୁରୁଦେବ ଆପଣ ଦିବ୍ୟ ଓ ସାଗର ସଦୃଶ। ଏ ନୀଚ ଭକ୍ତଟି କିପରି ଆପଣଙ୍କୁ ଶବ୍ଦରେ ବର୍ଣ୍ଣନା କରିପାରିବ ଗୁରୁଦେବ ! କୃପାକରି ଏ ତୁଚ୍ଛ ଭକ୍ତଟିକୁ କ୍ଷମା କରିଦେବେ ଗୁରୁଦେବ !

ମୁଁ ପ୍ରଥମେ ଯେବେ ଗୁରୁଙ୍କ କଥା / ଆପଣଙ୍କ କଥା ପ୍ରେମକିଶୋର ପ୍ରଭୁଜୀଙ୍କ ଏବଂ ତରୁଣ କୃଷ୍ଣ ପ୍ରଭୁଜୀଙ୍କ ଠାରୁ ଶୁଣିବାକୁ ପାଇଥିଲି, ସେତେବେଳେ ଗୁରୁ କ'ଣ ଏବଂ ଗୁରୁଙ୍କ ବିଷୟରେ ଜାଣିବା ପାଇଁ ମୋର ଜିଜ୍ଞାସା ହୋଇଥିଲା ଏବଂ ଆପଣଙ୍କ ଦିବ୍ୟ ଦର୍ଶନ କରିବା ପାଇଁ ଅତ୍ୟନ୍ତ ଇଚ୍ଛା ଥିଲା। ମୁଁ କେବେ ଗୁରୁଙ୍କ ଦର୍ଶନ କରିପାରିବି ?

କିନ୍ତୁ ରାଧାରାଣୀ ଏବଂ ଭଗବାନ କୃଷ୍ଣଙ୍କ କୃପା ପାଇଁ ଏ ତୁଚ୍ଛକୁ ଆପଣଙ୍କ ଦର୍ଶନ ପ୍ରାପ୍ତ ହୋଇପାରିଥିଲା। ଅପ୍ରେଲ ୩ରେ ଆପଣଙ୍କୁ ପ୍ରଥମଥର ଦର୍ଶନ କରିଥିଲି ଏବଂ ଆପଣଙ୍କ ଦର୍ଶନରେ ମୋର ହୃଦୟ ଶୁଦ୍ଧ ହୋଇ ଯାଇଥିଲା। ଆପଣଙ୍କ ପାଦପଦ୍ମ ନିକଟରେ ବସି ଆପଣଙ୍କ ସେବାରେ ନିୟୋଜିତ ହୋଇ ଆପଣଙ୍କ କୃପା ଲାଭ କରିଛି ଗୁରୁଦେବ ଏବଂ ଭକ୍ତିରେ ବହୁତ ଉତ୍ସାହ ପାଇଛି। ଏହିପରି ଏ ତୁଚ୍ଛ ଉପରେ ଆପଣଙ୍କର କୃପା ରହିଥାଉ ଗୁରୁଦେବ !

ଦ୍ୱିତୀୟଥର ମଇ ୫ ଭାଗବତ କଥାମୃତରେ ଆପଣଙ୍କ ଦର୍ଶନ ପ୍ରାପ୍ତ ହୋଇଥିଲା ଗୁରୁଦେବ ଏବଂ ଆପଣଙ୍କ ପବିତ୍ର ମୁଖରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ କଥା ଶୁଣିବାକୁ ମିଳିଥିଲା ଏବଂ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିଥିଲା। ମୁଁ ଭାବି ନ ଥିଲି କଲେଜରୁ ଯାଇପାରିବି ବୋଲି କିନ୍ତୁ ଆପଣଙ୍କ କୃପା ହେତୁ ପୁଣିଥରେ ଆପଣଙ୍କୁ ଦର୍ଶନ କରିବା ପାଇଁ ସୁଯୋଗ ମିଳିଥିଲା।

ଶେଷରେ ଦୁଇପଦ। ହେ ଦୟାସିନ୍ଧୁ, କୃପାର ସାଗର ଗୁରୁଦେବ, ଆପଣଙ୍କ ଚରଣ-ପଦ୍ମରେ ଏତିକି ପ୍ରାର୍ଥନା କି ଆପଣଙ୍କ ପାଦପଦ୍ମ ନିକଟରେ ଏଇ ତୁଚ୍ଛଟିକୁ ସଦାସର୍ବଦା ରଖି ରାଧାକୃଷ୍ଣଙ୍କ ପ୍ରେମ ପ୍ରଦାନ କରନ୍ତୁ । ଆପଣଙ୍କ ସେବାରେ ନିୟୋଜିତ କରାନ୍ତୁ ଏ ତୁଚ୍ଛଟିର ଏତିକି ପ୍ରାର୍ଥନା। ହରେ କୃଷ୍ଣ !

ଆପଣଙ୍କର ଅଧମ ଶିଷ୍ୟ
**ମୁକେଶ ଓଝା**
ଇସ୍କନ, ଢେଙ୍କାନାଳ

# ଭଗବତ୍ ସାମ୍ରାଜ୍ୟର ସନ୍ଧାନ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ଚାଲି ଶିଖାଇଲା ଭଳି ଆପଣ ଏହି କଳହ ପ୍ରିୟ ଯୁଗରେ ଆମ୍ଭମାନଙ୍କୁ ସୁନ୍ଦର କରି ଗଢ଼ିଛନ୍ତି। ଭଗବତ ସାମ୍ରାଜ୍ୟର ସନ୍ଧାନ ଆଣି ଦେଇଛନ୍ତି ଏଣୁ ଭଗବାନଙ୍କ ଚରଣରେ ଏତିକି ପ୍ରାର୍ଥନା ଆପଣଙ୍କୁ ସୁସ୍ଥ ଶରୀରରେ ରଖିଥାଆନ୍ତୁ।

ଆପଣଙ୍କ ଅଯୋଗ୍ୟଶିଷ୍ୟା
**ମନୋହରା ଦେବୀ ଦାସୀ**
ବ୍ରହ୍ମପୁର

# ସମସ୍ତଙ୍କ ପ୍ରତି ସମଦୃଷ୍ଟି

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମ ପୂଜ୍ୟ ଗୁରୁ ମହାରାଜ୍ ! ହେ ମୋର ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ଆପଣଙ୍କର ଆଜି ୭୧ ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ପାଦପଦ୍ମରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି ।

ଗୁରୁ ମହାରାଜ ଆପଣଙ୍କର ସରଳତା, ନମ୍ରତା, ସାଧୁ ସ୍ୱଭାବ ଦେଖି ମୋତେ ଭକ୍ତିରେ ଉତ୍ସାହ ଆସେ । ଆପଣଙ୍କର ପ୍ରବଚନ ହୃଦୟସ୍ପର୍ଶୀ ଏବଂ ବହୁତ କିଛି ଶିକ୍ଷା ମଧ୍ୟ ଦେଇଥାନ୍ତି । ଗୁରୁ ମହାରାଜ, ଆପଣ ସଦାବେଳେ ସୁନ୍ଦର ଶ୍ରୀଲ ପ୍ରଭୁପାଦଙ୍କର ପୁସ୍ତକରୁ ଅସଲି କୃଷ୍ଣ କଥା ପ୍ରସ୍ତୁତ କରିଥାନ୍ତି । ଆପଣ ଶ୍ରୀଲ ପ୍ରଭୁପାଦଙ୍କର ନିୟମକୁ କଡ଼ାକଡ଼ି ଭାବରେ ପାଳନ କରନ୍ତି । ଆପଣ ପ୍ରଚାର କାର୍ଯ୍ୟରେ ଏତେ ବ୍ୟସ୍ତ ରହି ମଧ୍ୟ ଶିଷ୍ୟମାନଙ୍କୁ ଏତେ ସମୟ ଦେଉଛନ୍ତି ଏହା ଆମର ସୌଭାଗ୍ୟ । ଆପଣଙ୍କ ଶରୀର ଅସୁସ୍ଥ ଥାଇ ମଧ୍ୟ ଆପଣ ଇସ୍କନ ବାଡୋଳ ହରେକୃଷ୍ଣ ମହୋତ୍ସବ ଆସିଲେ ବହୁତ ଆନନ୍ଦ ଲାଗିଲା ଏବଂ ଆମକୁ ସେବା କରିବାର ସୁଯୋଗ ମଧ୍ୟ ମିଳିଥିଲା ଗୁରୁ ମହାରାଜ ଆପଣ ଯେଉଁ ପ୍ରହ୍ଲାଦ ଚରିତ୍ର ଉପରେ ପ୍ରବଚନ ଦେଲେ ସେଥିରେ ବହୁତ ଆନନ୍ଦ ଏବଂ ଉତ୍ସାହ ମିଳିଥିଲା । ଗୁରୁମହାରାଜ ଆପଣ ଚୈତନ୍ୟ ଚରିତାମୃତ କଥା ପ୍ରସ୍ତୁତ କରନ୍ତି ବହୁତ ଆନନ୍ଦ ଲାଗେ ଏବଂ ବହୁତ ଶିକ୍ଷା ମଧ୍ୟ ଦେଇଥାନ୍ତି ।

ତୋମାର ହୃଦୟେ ସଦା ଗୋବିନ୍ଦ ବିଶ୍ରାମ ।
ଗୋବିନ୍ଦ କହେନ ମୋର ବୈଷ୍ଣବ ପରାଣ ॥

ହେ ଗୁରୁଦେବ ! ଆପଣ ମହାନ ପରମ ଦୟାଳୁ ଆପଣଙ୍କ ହୃଦୟରେ ସଦା ସର୍ବଦା ଗୋବିନ୍ଦ ବିଶ୍ରାମ କରିଥାନ୍ତି ଭଗବାନ କହନ୍ତି ଏମିତି ଜଣେ ସାଧୁ ମହାତ୍ମା ମୋର ପ୍ରାଣ । ମୋର ଭାଗ୍ୟ ଏମିତି ଏକ ସାଧୁଙ୍କ ଚରଣ କମଳରେ ଆଶ୍ରୟ ପ୍ରାପ୍ତ ହୋଇଛି । ଆପଣ ଏତେ ଦୟାଳୁ ଯେ ମୋ ପରି ଅପଦାର୍ଥକୁ ଶିଷ୍ୟ ରୂପେ ଗ୍ରହଣ କଲେ, ଏହା ମୋର ସୌଭାଗ୍ୟ । ଆପଣଙ୍କ କୃପାଦୃଷ୍ଟି ଯୋଗୁ ବୈଷ୍ଣବ ପରମ୍ପରାରେ ଜଡ଼ିତ ହୋଇପାରିଛି । ମୁଁ ଆପଣଙ୍କର ଏଭଳି ଶିଷ୍ୟ ଆପଣଙ୍କର ଉଚିତ୍ ରୂପେ ସେବା କରିପାରୁ ନାହିଁ ଭାବୁଛି ଆଜି ବାକ୍ୟ ମାଧ୍ୟମରେ ଆପଣଙ୍କର କିଛି ଗୁଣଗାନ କରିବାକୁ ।

ମୋର ଥରେ ମନେପଡୁଛି ଗୋବର୍ଦ୍ଧନ କୃଷି କ୍ଷେତ୍ରରେ ମୁଁ ଯେତେବେଳେ ୩ୟ ଥରପାଇଁ ମିଶିବା ପାଇଁ ଯାଇଥିଲି ଗୁରୁ ମହାରାଜଙ୍କୁ, ସେ ମୋ ହାତକୁ ଗୋଟେ ମାଳ ବଢ଼ାଇ ଥିଲେ । ସେହି ମାଳକୁ ଆନନ୍ଦର ସହିତ ମୁଁ ମୋର ଗଳାରେ ପକାଇ ଦେଇ ବୁଲିବାକୁ ଲାଗିଲି । ହଠାତ୍ ଗୁରୁ ମହାରାଜ ମୋତେ ଆକଟ କରି କହିଲେ ତାଙ୍କୁ ବି ଦିଆ ମୋ ସହିତ ଆଉ ଜଣେ ଭକ୍ତ ଥିଲେ ତାଙ୍କୁ ବି ଦବା ପାଇଁ ଗୁରୁମହାରାଜ କହିଲେ । ମୁଁ ଅନୁଭବ କଲି ଗୁରୁ ମହାରାଜ୍ କିଭଳି ସମସ୍ତଙ୍କ ପ୍ରତି ସମ ଦୃଷ୍ଟି ରଖନ୍ତି । ଏଠାରେ ଗୁରୁମହାରାଜଙ୍କ ବୈଷ୍ଣବ ଗୁଣ ପ୍ରକାଶ ପାଇଥିବାର ଦେଖି ମୁଁ ବହୁତ ପ୍ରେରିତ ହୋଇଥିଲି ।

ଗୁରୁମହାରାଜ ଆପଣ ଗୋବର୍ଦ୍ଧନ ଇକୋ ଭିଲେଜରେ ଜି.ବି.ସି. ମିଟିଙ୍ଗରେ ଆସିଥିଲେ ମୁଁ ଆପଣଙ୍କୁ ଦେଖା ହୋଇଥିଲି ଏବଂ ଆପଣ ବହୁତ ସମୟ ଦେଇଥିଲେ । ଗୁରୁଦେବ ଆପଣଙ୍କ ସହିତ ଜପ କରିବାକୁ ମୋତେ ସୁଯୋଗ ମିଳିଥିଲା । ମୋତେ ବହୁତ ଆନନ୍ଦ ଲାଗିଥିଲା । ଗୁରୁ ମହାରାଜ ବୃନ୍ଦାବନ ମନ୍ଦିରରେ ମଧ୍ୟ ଆପଣଙ୍କ ସହିତ ଜପ କରିବାର ସୁଯୋଗ ମିଳିଥିଲା, ମୋତେ ବହୁତ ପ୍ରେରଣା ମିଳିଥିଲା । ମନ୍ଦିର ପରିଚାଳକ ମୋତେ ଆପଣଙ୍କର ଗୁଣଗାନ କରିବାକୁ ସୁଯୋଗ ଦେଇଥିବା ହେତୁ ମୁଁ ନିଜକୁ କୃତଜ୍ଞ ମଣୁଛି । ଗୁରୁଦେବ ଆଜି ଆପଣଙ୍କର ପବିତ୍ର ଶୁଭ ଆବିର୍ଭାବ ବ୍ୟାସପୂଜା ମହୋତ୍ସବରେ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟପାଇଁ ଜଗନ୍ନାଥ, ବଳଦେବ, ସୁଭଦ୍ରାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛି ।

ଗୁରୁ ମହାରାଜ ମୋତେ ଆଶୀର୍ବାଦ କରିବେ ଦାସନୁଦାସ ଭାବରେ ଶ୍ରୀଲ ପ୍ରଭୁପାଦଙ୍କ ଆନ୍ଦୋଳନରେ ଆପଣଙ୍କ ଆଦେଶ ଅନୁସାରେ ଜୀବନ ଅତିବାହିତ କରିବି । ଜୟ ଶ୍ରୀଲ ପ୍ରଭୁପାଦ କି ଜୟ । ଜୟ ଶ୍ରୀଲ ଗୁରୁଦେବ କି ଜୟ ।

ଆପଣଙ୍କର ଅଧମ ଶିଷ୍ୟ
**ନବକିଶୋର ଦାସ**
ଇସ୍କନ, ବାଡେଳ

# ସାଧୁ ସଙ୍ଗ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପୂଜ୍ୟ ଶ୍ରୀଲ ଗୁରୁଦେବ। ଏହି ଅଧମ ଭକ୍ତକୁ ଆପଣଙ୍କ ବ୍ୟାସପୂଜା ଅବସରରେ ଆପଣଙ୍କର ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

ମୋର ଗୁରୁ ମହାରାଜଙ୍କ ସହ ମୋର ଏକ ଅନୁଭୂତିକୁ ଏଠାରେ ଅଭିବ୍ୟକ୍ତ କରୁଛି। ଏହି ଦିନ ଗୁରୁମହାରାଜ ଆମର ଇସ୍କନ ଢେଙ୍କାନାଳକୁ ଆସିଥିଲେ ଏବଂ ମୁଁ ଯେତେବେଳେ ତାଙ୍କ ସହ ଭେଟ ହେଲି ସେ ମୋତେ କଥାବାର୍ତ୍ତା ମାଧ୍ୟମରେ ଜଣାଇଦେଲେ କି, "ତୁମର ସବୁଦିନ ୧୬ ମାଳା ଜପ ହେଉଛିତ!" ଏହା ହିଁ ହେଉଛି ପ୍ରକୃତ ସାଧୁସଙ୍ଗ। ଯେ ଜଣେ ସାଧୁ ସର୍ବଦା ସମସ୍ତଙ୍କ ଜୀବଙ୍କର କଲ୍ୟାଣ ଚାହାନ୍ତି।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ନନ୍ଦି ପୃଷ୍ଠି**

# ଆଶୀର୍ବାଦ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ମୋର ପରମ ଆରାଧ୍ୟତମ ଗୁରୁଦେବ, ଆପଣଙ୍କର ଏ ୭୧ତମ ପବିତ୍ର ଶୁଭ ଆବିର୍ଭାବ ତିଥିରେ ଆପଣଙ୍କୁ ମୋର ଶତକୋଟି ଦଣ୍ଡବତ ପ୍ରଣାମ।

ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍ ।
ଯତ୍‌କୃପା ତ୍ରମହଂ ବନ୍ଦେ ଶ୍ରୀ ଗୁରୁ ଦୀନତାରିଣେ ॥

ଶ୍ରୀବୃନ୍ଦାବନ ଧାମରେ ବାସ କରିବା ଅତ୍ୟନ୍ତ କଠିନ ହୋଇଥାଏ। କିନ୍ତୁ ଗୁରୁଦେବ ଆପଣଙ୍କ କୃପାରୁ ଧାମରେ ବାସ କରିବା ଏତେ ସହଜ ହୋଇଯାଏ ତାହା ମୁଁ ଆଜି ଜାଣିଲି। ଗୁରୁଦେବ ଆପଣଙ୍କର କୃପା ଏ ଅଧମ ପ୍ରତି କ୍ଷଣିକ ନ ହୋଇ ଦୀର୍ଘ ସମୟଧରି ରହିଥାଉ। ଆପଣଙ୍କର ଇଚ୍ଛାକୁ ପୂରା କରିବାପାଇଁ ଶ୍ରୀରାଧାରାଣୀ ମୋତେ ଶକ୍ତି ଦିଅନ୍ତୁ ଏତିକି ମୋର ପ୍ରାର୍ଥନା। ଗୁରୁଦେବ ଆପଣଙ୍କର ଋଣ ଏ ଜନ୍ମରେ ମୁଁ ପରିଶୋଧ କରିପାରିବି ନାହିଁ। ମୋତେ କ୍ଷମା କରିଦେବେ।

ଶ୍ରୀ ରାଧାଶ୍ୟାମସୁନ୍ଦର ଆପଣଙ୍କୁ ସୁସ୍ଥ ରଖନ୍ତୁ ଏତିକି ମୋର ପ୍ରାର୍ଥନା।

ଆପଣଙ୍କର ଅଧମ ଶିଷ୍ୟ
**ନାରାୟଣ ଦାସ**
ଭୁବନେଶ୍ୱର

# ଇଚ୍ଛାକୁ ସାକାର କଲେ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କ ଏହି ୭୧ତମ ଶୁଭ ବ୍ୟାସପୂଜା ଅବସରରେ ଆପଣଙ୍କର ଶ୍ରୀଚରଣ କମଳରେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ହେ ଗୁରୁଦେବ ଆପଣଙ୍କ ମହାନତା ବର୍ଣ୍ଣନା କରିବାର ମୋର ଯୋଗ୍ୟତା ନାହିଁ । କିନ୍ତୁ ଆପଣ ଗୋଲକଧାମରୁ ଆସିଛନ୍ତି ଆମପରି ବଦ୍ଧଜୀବ ମାନଙ୍କୁ ଉଦ୍ଧାର କରିବା ଲାଗି । ଆପଣଙ୍କ ଭଳି ଶୁଦ୍ଧ ଭକ୍ତଙ୍କର ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ କିଞ୍ଚିତ ପ୍ରୟାସ କରୁଛି ।

ହେ ଗୁରୁଦେବ ମୁଁ ଏତେ ଅଜ୍ଞାନୀ ଯେ ଆପଣଙ୍କ ମହାନତାକୁ ହୃଦୟଙ୍ଗମ କରିବାର ମୋର ଯୋଗ୍ୟତା ନାହିଁ । ହେ ଗୁରୁଦେବ ଆପଣ ହେଉଛନ୍ତି ଭଗବାନ୍‌ଙ୍କ ପ୍ରତିନିଧି ଆମ୍ଭମାନଙ୍କ ଭଳି ବଦ୍ଧ ଜୀବମାନଙ୍କୁ ଉଦ୍ଧାର କରିବାର ଲାଗି ଭଗବାନ ଆପଣଙ୍କୁ ଏହି ଧରାଧାମକୁ ପଠେଇଛନ୍ତି । ମୋର ପୂର୍ବରୁ କେତେ ଯେ ଜନ୍ମ ବିତିଛି । ମୁଁ ଏହି ଭୌତିକ ତ୍ରିତାପ ଜନିତ ଦୁଃଖ ଯନ୍ତ୍ରଣା ଭୋଗ କରୁଛି । ତେଣୁ ଆପଣଙ୍କ କୃପାରୁ ମୋ ଭଳି ଦିନହୀନ ପାପୀକୁ ଆପଣଙ୍କ ଚରଣରେ ସ୍ଥାନ ଦେଇ ମୋତେ ଶିଷ୍ୟା ରୂପରେ ଗ୍ରହଣ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ।

ହେ ଗୁରୁଦେବ ମୁଁ ଆପଣଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି ଯେ ମୁଁ କିଭଳି ସଦାସର୍ବଦା ଗୁରୁ, କୃଷ୍ଣଙ୍କ ପ୍ରୀତି ବିଧାନାର୍ଥେ ସାଧୁ ଓ ବୈଷ୍ଣବମାନଙ୍କ ସେବାରେ ନିଯୁକ୍ତ ହେବି ଆପଣ ଏତିକି କୃପା କରନ୍ତୁ ।

ଗତ ବର୍ଷ ବ୍ୟାସପୂଜାରେ ମୋର କିଛି ଅସୁବିଧା ରହିଥିବାରୁ ମୁଁ ଯାଇପାରି ନଥିଲି । କିନ୍ତୁ ବୃନ୍ଦାବନ ପ୍ରଭୁ ଓ ଅନ୍ୟ ମାତାଜୀମାନେ ଅନୁଗୁଳ ଗଲେ । ବ୍ୟାସପୂଜା ପୂର୍ବଦିନ ସକାଳେ ଜଣେ ପ୍ରଭୁଜୀ ମନ୍ଦିରରେ କହିଲେ ଆମେ ବ୍ୟାସପୂଜାକୁ ଯିବା । ମୁଁ କହିଲି ଠିକ୍ ଅଛି ଯିବା ବୋଲି କିନ୍ତୁ ପହଞ୍ଚିଲା ବେଳକୁ ରାତି ହେବ ମୁଁ କହିଲି ଠିକ୍ ଅଛି । କିନ୍ତୁ ମୁଁ ଅନୁଗୁଳରେ ପହଞ୍ଚିବା ପର୍ଯ୍ୟନ୍ତ ଗୁରୁଦେବଙ୍କୁ ପ୍ରାର୍ଥନା କରୁଥାଏ । ସେହି ପ୍ରଭୁଜୀ ଓ ଆମେ ଦୁଇ ଜଣ ମାତାଜୀ ଅନୁଗୁଳ ଅଭିମୁଖେ ବାହାରିଲୁ । ପହଞ୍ଚୁ ପହଞ୍ଚୁ ରାତ୍ର ୦୧:୩୦ ହୋଇଥାଏ । ଷ୍ଟେସନ୍‌ରେ କିଛି ସମୟ ରହି ବୃନ୍ଦାବନ ପ୍ରଭୁଙ୍କୁ ଫୋନ୍ କଲୁ । ତ ସେ କହିଲେ ଅଟୋ କରି କି ଆସିଯାଆ ଆମେ ସେମିତି କରିଥିଲୁ । ପହଞ୍ଚିଲା ବେଳକୁ ରାତ୍ର ୦୨ ହୋଇଯାଇଥିଲା ।

ଏଥିରେ ଆଶ୍ଚର୍ଯ୍ୟର ବିଷୟ ଏହା ଥିଲା ଯେ ବ୍ୟାସପୂଜାକୁ ଯିବାର ମୋର ଇଚ୍ଛାକୁ ଆପଣ କେମିତି କୃପା କରି ସାକାର କଲେ ।

ଆଜିକାର ଏହି ଶ୍ରାବଣ କୃଷ୍ଣ ତୃତୀୟା ତିଥି ଆପଣଙ୍କ ଶୁଭ ଆବିର୍ଭାବ ଉତ୍ସବରେ ମୁଁ ଶ୍ରୀଶ୍ରୀ ରାଧା ରାଧାକାନ୍ତଙ୍କୁ ଏହି ପ୍ରାର୍ଥନା କରୁଛି, ସେ ଆପଣଙ୍କୁ ନିରାମୟ, ସୁସ୍ଥ ଶରୀର ଓ ଦୀର୍ଘାୟୁ କରନ୍ତୁ ।

ଆପଣଙ୍କର ଅଧମ ଶିଷ୍ୟା

**ନେତ୍ରମଞ୍ଜରୀ ଦେବୀ ଦାସୀ**

ନାମହଟ୍ଟ କେନ୍ଦ୍ର ଶ୍ରୀରାଧା ରାଧାକାନ୍ତ ମନ୍ଦିର, ନିମଖଣ୍ଡି

# କେଡେ ବଡ ବିପଦ ଟଳିଗଲା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ପରମ ଆରାଧ୍ୟ ଗୁରୁଦେବ! ଆଜି ଆପଣଙ୍କର ଏହି ଶୁଭ ମଙ୍ଗଳମୟ ତିଥିରେ ଓ ବ୍ୟାସପୂଜା ମହୋତ୍ସବରେ ଆପଣଙ୍କ ପାଦପଦ୍ମରେ ମୋର ଶତକୋଟି ପ୍ରଣାମ ଅର୍ପଣ କରୁଛି । ଏହିଦିନ ଶିଷ୍ୟମାନଙ୍କ ପାଇଁ ବହୁତ ଖୁସିର ଦିନ। କାରଣ ଭଗବାନଙ୍କର ଜନ୍ମଦିନ ପାଳନ ଅପେକ୍ଷା ଭଗବାନଙ୍କର ଶୁଦ୍ଧଭକ୍ତଙ୍କର ଜନ୍ମଦିନ ପାଳନରେ ଭଗବାନ ଶ୍ରୀକୃଷ୍ଣ ବହୁତ ଖୁସି ହୋଇଥାନ୍ତି। ଏହିଦିନ ଗୁରୁଦେବଙ୍କର ଗୁଣଗାନ କରିବାକୁ ଶିଷ୍ୟଶିଷ୍ୟାମାନଙ୍କୁ ସୁଯୋଗ ମିଳିଥାଏ । କିନ୍ତୁ ପ୍ରକୃତପକ୍ଷେ ଗୁରୁଦେବଙ୍କର ଗୁଣକୀର୍ତ୍ତନ ପ୍ରତ୍ୟେକ ଦିନ କରିଲେ ମଧ୍ୟ ତାହା କମ୍ ହେବ। ଗୁରୁଦେବ ! ମୁଁ ତ ଅଧମ, କ'ଣ ବା ଆପଣଙ୍କ ଗୁଣକୀର୍ତ୍ତନ କରିପାରିବି ? ଯଦି ଆପଣ କୃପାକରିବେ, ଯତ୍କିଞ୍ଚିତ୍ ଲେଖିପାରିବି। ଆପଣଙ୍କ ଗୁଣକୀର୍ତ୍ତନ କଲେ ହିଁ ଆମର ହୃଦୟ ଶୁଦ୍ଧ ହେବ। ହେ ଗୁରୁଦେବ! ଆପଣ ଦୟାର ସାଗର, ଆମ ଜୀବନରେ ଯାହାକିଛି ସମସ୍ୟା ଆସେ ମୁଁ ଆପଣଙ୍କୁ ଜଣାଏ । ତାହା କିଛି ସମୟ ପରେ ସବୁ ଠିକ୍ ହୋଇଯାଏ । ମୋର ଗୋଟେ ଅନୁଭୂତି- ମୁଁ ଆଉ ଆମ ଭକ୍ତି ବୃକ୍ଷର କିଛି ଭକ୍ତ ମିଶି ଭୁବନେଶ୍ୱର ଇସ୍କନ୍ ମନ୍ଦିର ଯାଇଥିଲୁ ପୁଅ, ଝିଅ ବି ଆମ ସହିତ ଯାଇଥିଲେ । ସେଠି ଭଗବାନଙ୍କୁ ଦର୍ଶନ କରି ପ୍ରସାଦ ପାଇ, ବିଶ୍ରାମ କରି ଫେରିଲାବେଳେ କିଛି ସମୟ ଥାଏ। ଆମେ ସମସ୍ତେ ମିଶି ଫଟୋ ଉଠାଇବାକୁ ଗଲୁ। ସେଠି ବ୍ରହ୍ମଚାରୀ ଆଶ୍ରମ ପାଖରେ ଛାତ ଉପରେ ସମସ୍ତେ ଛିଡ଼ାହେଲୁ ପୁଅ ମୋବାଇଲର ଟାଇମ୍ ସେଟ୍ କରି ବହୁତ ଜୋରରେ ଦଉଡ଼ି ଆସୁଥିଲା। ସେଠି ପାଣିପଡ଼ି ଶିଉଳି ହୋଇଥିଲା ତା'ର ଗୋଡ଼ ଖସି ସେ ଏତେ ଜୋରରେ ପଡ଼ିଗଲା ଯେ ତା'ର ଅଣ୍ଟା ଏତେ ଜୋରରେ ମାଡ଼ ହୋଇଗଲା ଓ ସେ ନିଶ୍ୱାସ ନେଇପାରିଲାନି କି କଥା କହିପାରିଲାନି। ତା'ର ଅଣ୍ଟା, ଗୋଡ଼ ଅଲଗାଭଳି ତାକୁ ଲାଗିଲା। ମୁଁ କାନ୍ଦିକାନ୍ଦି ଗୁରୁଦେବଙ୍କୁ ଓ ନୃସିଂହ ଦେବଙ୍କୁ ଜଣାଇଲି, ପ୍ରାର୍ଥନା କଲି। ତା'ପରେ ସିଏ ଧୀରେ ଧୀରେ ଚାଲି ମନ୍ଦିରକୁ ଗଲା। ମନ୍ଦିରରେ ଭଗବାନଙ୍କର ପହୁଡ଼ ଖୋଲିଲା, ଆରତୀ ହେଲା ତା'ପରେ ମନ୍ଦିର ପୂଜାରୀ ଆରତୀ କରି ସାରି କୃଷ୍ଣ ବଳରାମଙ୍କର ଫୁଲମାଳ ଆଣି ତା ବେକରେ ପିନ୍ଧାଇ ଦେଲେ ଓ କହିଲେ ମୃଦଙ୍ଗ ବଜା। ସେ ମୃଦଙ୍ଗ ବଜାଇଲା। କିନ୍ତୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥାଏ। କିଛି ସମୟ ପରେ କହିଲା, ମା' ମୋତେ ଏବେ ଭଲ ଲାଗୁଛି। କେଡ଼େ ବଡ଼ ବିପଦ ମୋ ଗୁରୁଦେବ ଓ ଭବବାନଙ୍କ ଆର୍ଶୀବାଦରୁ କଟିଗଲା। ମୁଁ ସାମ୍ନାରେ ଦେଖୁଛି କୃପାମାଳା କିପରି ଆସି କିପରି ରକ୍ଷାକଲା। ହେ ଗୁରୁଦେବ! ଆପଣ ଆଶୀର୍ବାଦ କରନ୍ତୁ ଆମେ ଯେପରି ଭଗବାନଙ୍କ ବାଣୀ ପ୍ରଚାରରେ ଆମ ପରିବାର ନିଜ ଜୀବନକୁ ଉତ୍ସର୍ଗ କରିପାରୁଛି ଏବଂ ଆପଣଙ୍କ ଚରଣକମଳରେ ନିଜକୁ ସମର୍ପିତ କରିପାରିବୁ।

"ଏହି ମାତ୍ର ଆଶା ମୋର ତବ ଶ୍ରୀଚରଣେ
ସେବା ଅଧିକାର ଦିଅ ଜନମେ ଜନମେ।"

ଯଦି ଜ୍ଞାତସାରରେ ବା ଅଜ୍ଞାତସାରରେ ଆପଣଙ୍କ ଚରଣରେ କିଛି ଦୋଷତ୍ରୁଟି ଥାଏ, ଗୁରୁଦେବ କୃପାକରି ଆମକୁ କ୍ଷମା କରିବେ।

ଶେଷରେ ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କୁ ପ୍ରାର୍ଥନା କରୁଛି ମୋ ଗୁରୁଦେବଙ୍କୁ ସୁସ୍ଥ ରଖନ୍ତୁ ଓ ଦୀର୍ଘାୟୁ କରନ୍ତୁ। ପରିବାର ପାଇଁ ଆଶୀର୍ବାଦ କାମନା କରୁଛି। ଜୟ ଶ୍ରୀଲ ଗୁରୁଦେବ କି ଜୟ।

ଆପଣଙ୍କର ଚରଣାଶ୍ରିତ

**ବ୍ରଜରାଜ ଦାସ, ପଦ୍ମାଦେବୀ ଦାସୀ**

# ଛୋଟ ସେବାଟିଏ ହେଲେ ମଧ୍ୟ ମିଳୁ

ଓଁ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା ।
ଚକ୍ଷୁର୍ ଉନ୍ମିଳିତଂ ଯେନ ତସ୍ମୈଶ୍ରୀ ଗୁରବେ ନମଃ ॥
ବନ୍ଦେହଂ ଶ୍ରୀଗୁରୋଃ ଶ୍ରୀଯୁତ ପଦ କମଳଂ ଶ୍ରୀଗୁରୁନ୍
ବୈଷ୍ଣବାଂଶ୍ଚ
ଶ୍ରୀ ରୁପଂ ସାଗ୍ରଜାତଂ ସହଗଣ ରଘୁନାଥାନ୍ୱିତଂତଂ ସଜୀବମ୍ ॥
ସାଦ୍ୱୈତଂ ସାବଧୂତଂ ପରିଜନ ସହିତଂ କୃଷ୍ଣ ଚୈତନ୍ୟ ଦେବମ୍ ।
ଶ୍ରୀ ରାଧା କୃଷ୍ଣ ପାଦାନ୍ ସହଗଣ ଲଳିତା ଶ୍ରୀ ବିଶାଖାନ୍ୱିତାଂଶ୍ଚ ॥
ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମୀନୀତି ନାମିନେ ॥
ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୁତଳେ ।
ଶ୍ରୀମତ ଭକ୍ତି ବେଦାନ୍ତ ସ୍ୱାମୀନିତି ନାମିନେ ॥
ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ
ନିର୍ବିଶେଷ ଶୂନ୍ୟବାଦୀ ପାଶ୍ଚାତ୍ୟ ଦେଶ ତାରିଣେ ॥
ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ।
ଶ୍ରୀ ଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌର ଭକ୍ତ ବୃନ୍ଦ ॥
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ ॥

ହେ ମୋର ପୂଜ୍ୟ ଆରାଧ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କର ଚରଣକମଳରେ ଏ ଦାସୀର ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ଶ୍ରୀଶ୍ରୀ ରାଧାଶ୍ୟାମ ସୁନ୍ଦରଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇ ଆପଣଙ୍କର ଏହି ୭୧ତମ ଶୁଭ ଆବିର୍ଭାବ ବ୍ୟାସପୂଜା ମହୋତ୍ସବରେ ଆପଣଙ୍କର ଗୁଣଗାନ କରିବା ପାଇଁ ଚେଷ୍ଟା କରୁଛି । ମୋପରି ଜଣେ ଅଜ୍ଞାନୀ, ବୁଦ୍ଧିହୀନା ପକ୍ଷରେ ଏତେ ଶକ୍ତି ନାହିଁ ଆପଣଙ୍କର ଗୁଣଗାନ କରିବା ପାଇଁ ।

ମୁଁ ଇସ୍କନ କ'ଣ ଜାଣି ନ ଥିଲି । ମୁଁ ପ୍ରଥମେ ହ୍ୱାଟ୍ସପ୍ ଅନ୍‌ଲାଇନ୍ ମାଧ୍ୟମରେ ମୋର ଶିକ୍ଷାଗୁରୁ ପ୍ରେମ କିଶୋର ପ୍ରଭୁଙ୍କ ସହିତ ଜଡ଼ିତ ହୋଇ ଇସ୍କନ୍ ବିଷୟରେ ଜାଣିପାରିଲି । ପ୍ରଭୁଜୀଙ୍କ ନିର୍ଦ୍ଦେଶ କ୍ରମେ ଜପ କଲି । ଅନ୍‌ଲାଇନ୍ ମାଧ୍ୟମରେ ଆପଣଙ୍କର ପ୍ରବଚନ ଶ୍ରବଣ କଲେ ପରେ ଢେଙ୍କାନାଳରେ ୨୦୨୧ ମସିହା ଅଗଷ୍ଟ ମାସ ୧ରେ ଆପଣଙ୍କ କୃପାରୁ ଇସ୍କନ୍ ମନ୍ଦିର ଯିବା ଆରମ୍ଭ କଲି । ମୋର ଶିକ୍ଷା ଗୁରୁଙ୍କ ଜରିଆରେ ଆପଣଙ୍କର ଚରଣକମଳରେ ଆଶ୍ରିତ ହେବା ପାଇଁ ପ୍ରୟାସ କଲି । ହେ ମୋର ପରମପୂଜ୍ୟ ଗୁରୁଦେବ ଆପଣଙ୍କର ଚରଣକମଳରେ ମୋତେ ଆଶ୍ରିତ କରିଥିବାରୁ ମୁଁ ମୋ ନିଜକୁ ଧନ୍ୟ ମନେକରୁଛି । ଶାସ୍ତ୍ରରେ କୁହାଯାଇଛି ଯେ କୃଷ୍ଣଙ୍କ କୃପାରୁ ଗୁରୁ ମିଳନ୍ତି ଏବଂ ଗୁରୁଙ୍କର କୃପାରୁ କୃଷ୍ଣ ମିଳନ୍ତି । ଠିକ୍ ସେହିପରି ମୁଁ ଆପଣଙ୍କୁ ମୋର ଗୁରୁ ରୂପରେ ପାଇଛି । ଯେ କି ମୋତେ ଏ କଳିଯୁଗର ଭୌତିକ ମାୟାବନ୍ଧନରୁ ଉଦ୍ଧାର କରିଛନ୍ତି ।

ଗୁରୁଦେବ ! ଆପଣଙ୍କର ଦର୍ଶନ ମାତ୍ରେ ଚକ୍ଷୁ ପୁଲକିତ ହୋଇଉଠେ ଏବଂ ଆପଣଙ୍କର ବାଣୀ ଶ୍ରବଣ କରିବାମାତ୍ରେ ହୃଦୟରେ ସେବା ଭାବ ସ୍ଥାପିତ ହୋଇଯାଏ । ଆପଣ ଯେତେବେଳେ ଢେଙ୍କାନାଳ ଆସନ୍ତି ଆମ୍ଭମାନଙ୍କୁ କିଛିମାତ୍ରାରେ ଆପଣଙ୍କର ସେବା କରିବାପାଇଁ ସୁଯୋଗ ମିଳେ । ଆପଣଙ୍କର ଛୋଟ ସେବାଟିଏ ପାଇ ଆମ୍ଭେମାନେ ନିଜକୁ ବହୁତ ଧନ୍ୟ ମନେକରୁ ଓ ବହୁତ ଆନନ୍ଦିତ ହୋଇଉଠୁ । ଇଚ୍ଛା ହୁଏ ଗୁରୁଦେବ, ଆପଣ ସବୁବେଳେ ଏମିତି ଢେଙ୍କାନାଳ ଆସନ୍ତୁ ଆଉ ଆମ୍ଭମାନଙ୍କୁ ଆପଣଙ୍କର କିଛିମାତ୍ରାରେ ଛୋଟ ସେବାଟିଏ ହେଲେ ମଧ୍ୟ ମିଳୁ । ଆପଣଙ୍କ କୃପା ଆମ ସମସ୍ତଙ୍କ ଉପରେ ସଦାସର୍ବଦା ରହିଥାଉ । ଆପଣଙ୍କ କୃପାରୁ ମନ୍ଦିରର କିଛି କିଛି ସେବା ମଧ୍ୟ ପାଇ ପାରୁଛୁ ।

ଗୁରୁଦେବ ଆଜି ଏହି ପବିତ୍ର ବ୍ୟାସପୂଜା ତିଥିରେ ଏ ଅଧମ ଶିଷ୍ୟା ଶ୍ରୀଶ୍ରୀ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ମହାରାଣୀ, ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ଶ୍ରୀଶ୍ରୀ ନୃସିଂହ ଦେବ, ଶ୍ରୀଶ୍ରୀ ଗୌରନିତାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି ଯେ ଆପଣଙ୍କ ଶରୀର ସଦା ସର୍ବଦା ସୁସ୍ଥ ରହୁ ଏବଂ ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ । ହରେକୃଷ୍ଣ ।

ଶ୍ରୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜ କି ଜୟ ।

ଆପଣଙ୍କର ଚରଣାଶ୍ରିତ ଅଧମ ଶିଷ୍ୟା
**ପରାପ୍ରକୃତି ଦେବୀ ଦାସୀ**
କୁଞ୍ଜକାନ୍ତ, ଇସ୍କନ ଢେଙ୍କାନାଳ

# ସୁହୃଦଂ ସର୍ବଭୂତାନାମ୍

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆଜି ଆପଣଙ୍କର ପବିତ୍ର ୭୧ତମ ଶୁଭ ଆବିର୍ଭାବ ଦିବସ ସମାରୋହରେ, ଏ ଅଧମର ଆପଣଙ୍କ ଶ୍ରୀଚରଣ ଯୁଗଳରେ ଶତକୋଟି ଦଣ୍ଡବତ ପ୍ରଣାମ ଘେନା କରିବେ। ତତ୍ ସଙ୍ଗେ ସଙ୍ଗେ ଉପସ୍ଥିତ ସମସ୍ତ ଗୁରୁଭ୍ରାତା ଓ ଗୁରୁଭଗ୍ନୀମାନଙ୍କୁ ମୋର ଦଣ୍ଡବତ ପ୍ରଣାମ।

ଗୁରୁଦେବ ! ଏହି ପବିତ୍ର ଉତ୍ସବର ମହତ୍ ଉଦ୍ଦେଶ୍ୟ ହେଲା ଶ୍ରୀ ବ୍ୟାସଦେବଙ୍କର ପ୍ରତିନିଧିରୂପେ ଆସୁଥିବା ସମସ୍ତ ଶୁଦ୍ଧଭକ୍ତ ତଥା ଆଚାର୍ଯ୍ୟମାନଙ୍କର ଗୁଣଗାନ କରିବା। ତେଣୁ ସାଧୁବୈଷ୍ଣବମାନଙ୍କଠାରୁ ଶୁଣିଛି ଯେ, ବୈଷ୍ଣବର ଗୁଣଗାନ କରିଲେ ସମସ୍ତ ଜୀବଙ୍କର କଲ୍ୟାଣ ସାଧିତ ହୋଇଥାଏ। ଆପଣଙ୍କପରି ମହାନ୍ ବ୍ୟକ୍ତିତ୍ୱ ମହାତ୍ମାଙ୍କର ଦିବ୍ୟ ଗୁଣାବଳୀ କୀର୍ତ୍ତନ କରିବା ଆମ୍ଭମାନଙ୍କ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ। ଆକାଶକୁ ଚାହିଁଲେ ଲକ୍ଷ ଲକ୍ଷ ତାରା ବିରାଜମାନ ଥାନ୍ତି, ହେଲେ ତିଳେମାତ୍ର ଜଗତରୁ ଅନ୍ଧାର ହଟାଇ ପାରନ୍ତି ନାହିଁ। ଗୋଟିଏ ଚନ୍ଦ୍ର ଉଦୟ ହେଲେ ସମସ୍ତ ପୃଥିବୀପୃଷ୍ଠରୁ ଅବିଳମ୍ବେ ଅନ୍ଧାର ଦୂର ହେବା ସଙ୍ଗେ ସଙ୍ଗେ ସୁଶୀତଳ ଚନ୍ଦ୍ରାଲୋକରେ ଉଦ୍ଭାସିତ ହୋଇଉଠେ। ଠିକ୍ ସେହିପରି ଆପଣ ଉଦୀୟମାନ ବା ଆବିର୍ଭାବ ହେବାଦ୍ୱାରା ଲକ୍ଷ ଲକ୍ଷ ଭୌତିକ ଜୀବ ଆପଣଙ୍କ ଶରଣାପନ୍ନ ପାଇଁ ଚିରସନ୍ତୋଷମୟ କୃଷ୍ଣଲୋକ ପ୍ରାପ୍ତ ହୁଅନ୍ତି।

ଗୁରୁଦେବ ! ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ସଂସାରରେ ଦୁଇ ପ୍ରକାରର ଭାଗବତ ଅଛନ୍ତି; ଯଥା- (୧) ଗ୍ରନ୍ଥ ଭାଗବତ ଓ (୨) ଭକ୍ତ ଭାଗବତ। ଯେଉଁ ସାଧୁ ବା ବୈଷ୍ଣବ ଗ୍ରନ୍ଥ ଭାଗବତକୁ ହୃଦୟରେ ଧାରଣ କରି ନିତ୍ୟପୂର୍ଣ୍ଣ ଆଚରଣ କରନ୍ତି ସେମାନଙ୍କୁ ପ୍ରକୃତ ଭକ୍ତ ଭାଗବତ କୁହାଯାଇଥାଏ। ଯାହା ଗୁରୁଦେବ ତଥା ଅନେକ ମହାନ୍ ଆଚାର୍ଯ୍ୟଗଣ କହୁଛନ୍ତି ଯେ, ଶ୍ରୀଲ ଗୁରୁଦେବ ହେଉଛନ୍ତି ସ୍ୱୟଂ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଶକ୍ତିର ପ୍ରକାଶ। ତେଣୁ ଆପଣ ହେଉଛନ୍ତି ଭଗବାନ ନିତ୍ୟାନନ୍ଦ (ତଥା ବଳରାମ)ଙ୍କର ସ୍ୱପାର୍ଷଦ ବା ନିଜ ଜନ ଗୁରୁଦେବ ! ଭଗବାନଙ୍କ ପ୍ରିୟଜନ ଆପଣ ହେଉଛନ୍ତି ପରମ କାରୁଣିକ। ସର୍ବଶ୍ରେଷ୍ଠ ତ୍ରାଣକର୍ତ୍ତା। ତେଣୁ ଆପଣଙ୍କ ଆବିର୍ଭାବର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏ ଦୁଃଖପୂର୍ଣ୍ଣ କାରାଗାରରୁ ବୃଦ୍ଧଜୀବଙ୍କୁ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର ଓ ଭୂତ ପ୍ରକୃତିର ଅନେକ ଅନେକ ଯନ୍ତ୍ରଣାରୁ ମୁକ୍ତ କରିବା। ଗୁରୁଦେବ ! ଆପଣ ହେଉଛନ୍ତି 'ସୁହୃଦଂ ସର୍ବଭୂତାନାମ୍।' ଆପଣ କେବଳ ଆମଭଳି ଅଧମ ମାନବ କ'ଣ ବହୁ ଇତର ପ୍ରାଣୀଙ୍କୁ ମଧ୍ୟ ଦୟା କରିଛନ୍ତି ଏବଂ ତାଙ୍କର ମଙ୍ଗଳ କାମନା କରିଛନ୍ତି।

ଗୁରୁଦେବ! ଆପଣ ସଦାସର୍ବଦା ଶାନ୍ତଭାବ ପ୍ରଦର୍ଶନ କରିଥାନ୍ତି। କୌଣସି ପରିସ୍ଥିତିରେ ବି ଆପଣ ବ୍ୟତିବ୍ୟସ୍ତ ହେବାର ଦେଖାଯାଏ ନାହିଁ। ଆମେ ଯେତେବେଳେ କୌଣସି ପ୍ରକାର ସାମାନ୍ୟ ଅସୁବିଧାରେ ପଡ଼ି ଏହାର ଉଦ୍ଧାର ପାଇଁ ଆପଣଙ୍କ ଶରଣାପନ୍ନ ହେଉ ଆପଣ ସେତେବେଳେ ଧୀର ଗମ୍ଭୀର ଭାବେ ଉପଦେଶ ଦିଅନ୍ତି ଯେ, ଗୁରୁ କୃଷ୍ଣଙ୍କୁ ପ୍ରାର୍ଥନା କର, ସ୍ଥିର ଚିତ୍ତ ହୋଇ ନାମ ସଂକୀର୍ତ୍ତନ କର ସବୁ ଠିକ୍ ହୋଇଯିବ। ପ୍ରକୃତପକ୍ଷେ ଆପଣଙ୍କ ଏହି ଅମୃତମୟ ଉପଦେଶରେ ସବୁ ସମୟ କ୍ରମେ ଠିକ୍ ହୋଇଯିବ।

ଆପଣଙ୍କର ଅଧମ ଶିଷ୍ୟ
**ପରମ କରୁଣ ଦାସ**
ବ୍ରହ୍ମପୁର

# ଗୁରୁଦେବ ବିନା ଆଉ ଗତି ନାହିଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ଶ୍ରୀଲ ଗୁରୁଦେବ ଆପଣଙ୍କର ୭୧ତମ ବ୍ୟାସପୂଜାରେ ଏ ଅଧମ ଶିଷ୍ୟ ଆପଣଙ୍କର କିଛି ଗୁଣଗାନ କରିବାକୁ ଯାଉଛି। ଆପଣ ଦୀର୍ଘାୟୁ ହୁଅନ୍ତୁ। ମୋ ପରି ଅନେକ ବଦ୍ଧ ଜୀବାତ୍ମା ଉଦ୍ଧାର କରନ୍ତୁ।

ଆଚାର ପ୍ରଚାର ନାମେର କରହ ଦୁଇ କାର୍ଯ୍ୟ

ତୁମି ସର୍ବଗୁରୁ ତୁମି ଜଗତେର ଆର୍ଯ୍ୟ।

ଆପଣ ଏକାଧାରାରେ ଭଗବାନଙ୍କ ଦିବ୍ୟ ନାମର ଶରଣାଗତ ହୋଇ ନିଜର ବ୍ୟବହାର ଓ ପ୍ରଚାର ମାଧ୍ୟମରେ ତାହାର ପ୍ରଦର୍ଶନ କରିଛନ୍ତି।

ଯେପରି ଏକ ପିତା ତା'ର ଦୁଇ ପୁତ୍ରକୁ ଦଣ୍ଡଦେଇ ଭଲ ମଣିଷ କରିବାକୁ ପ୍ରୟାସ କରେ। କିନ୍ତୁ ପୁତ୍ର ସେହି ସମୟରେ ତା'ର ପିତାଙ୍କୁ ମଙ୍ଗଳାକାଂକ୍ଷୀ ବୋଲି ଭାବେ ନାହିଁ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ଭଲ ମଣିଷ ହେଲେ ପରେ ପିତାଙ୍କୁ ସେ ବୁଝିପାରେ। ଠିକ୍ ସେହିପରି ଶିଷ୍ୟ ପ୍ରଥମ ଅବସ୍ଥାରେ ଗୁରୁଙ୍କୁ ବୁଝିପାରି ନ ଥାଏ। ଗୁରୁ ଶିଷ୍ୟଙ୍କୁ କଠିନ ସେବାରେ ଲଗାଇ ତା'ର ଚେତନାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି। ମୋର ଏକ ଅଭିଜ୍ଞତାରୁ କହୁଛି ଥରେ ମୋର ରୋଷେଇ ସେବାଥାଏ। କିନ୍ତୁ ମାତାଜୀମାନେ ସେହି ରୋଷେଇ ସେବା କରିବାରୁ ମୁଁ ଭାବିଲି ଆଜି ସେବା ନାହିଁ, ମୁଁ ଟିକିଏ ଭଲରେ ବୁଲିବି କିନ୍ତୁ ସେହି ସମୟରେ ଗୁରୁମହାରାଜ ଆସି ପହଞ୍ଚିଗଲେ ଏବଂ ମୋତେ ଦେଖୁ ଦେଖୁ ସେ ଜାଣିଗଲେ ଯେ ଏହାର ଚେତନା ସେବା କରିବାରେ ନାହିଁ। ତେଣୁ ମୋତେ ଜରି ଗୋଟାଇବା ପାଇଁ କହିଲେ। କିନ୍ତୁ ମୁଁ ଏତେ ଅଧମ ଯେ ମୁଁ ସେ ସେବାକୁ ଠକିବାକୁ ଚାହୁଁଥିଲି ତାହା ମଧ୍ୟ ଗୁରୁମହାରାଜ ଜାଣି ଦୀର୍ଘ ୧ ଘଣ୍ଟା ଜଗି ବସିଲେ ମୋର ସେବା ଦେଖିବାପାଇଁ। ମୁଁ ବାଧ୍ୟ ହୋଇ ଜରି ଗୋଟାଇବା ସେବା କଲି। ତେଣୁ ଗୁରୁମହାରାଜ ଚାହାଁନ୍ତି ଶିଷ୍ୟ ସର୍ବଦା ସେବାରେ ନିୟୋଜିତ ହୋଇ ରହିଥାଉ, ତାହାଦ୍ୱାରା ତା'ର ଚେତନା ଶୁଦ୍ଧ ହେବ। କିନ୍ତୁ ଶିଷ୍ୟ ସେତିକି କରିବାକୁ ଚାହେଁ ନାହିଁ। ଗୁରୁ ତାକୁ ବାଧ୍ୟ କରାଇ ସେବା କରାଇଥାନ୍ତି ଏବଂ ତା' ମାଧ୍ୟମରେ ତାକୁ ଶୁଦ୍ଧ କରନ୍ତି। ତା'ପରେ ଶିଷ୍ୟ ବୁଝିପାରେ ଯେ ଗୁରୁଦେବ କେତେ କୃପାମୟ ଅଟନ୍ତି।

"ଗୁରୁ ଦେବ ବିନା ଆର ଗତି ନାହିଁ।" ହେ ଗୁରୁଦେବ ମୋତେ ସର୍ବଦା ଆପଣ ସେବାରେ ଲଗାଇ ରଖନ୍ତୁ ଏବଂ ଏ ଅଧମ ଶିଷ୍ୟ ଯାହା ଦୋଷତ୍ରୁଟି ବା ଅପରାଧ କରିଛି ତାହା କ୍ଷମା କରିଦିଅନ୍ତୁ।

ଆପଣଙ୍କର ଅଧମ ଶିଷ୍ୟ

**ପରମହଂସ ଦାସ**

# ଗୁରୁଦେବଙ୍କ ଆଶୀର୍ବାଦ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ପ୍ରିୟ ଆଦରଣୀୟ ଗୁରୁ ମହାରାଜ୍ ଆପଣଙ୍କ ୭୧ତମ ବ୍ୟାସପୂଜାରେ ଏ ଅଯୋଗ୍ୟକୁ କିଛି କହିବାପାଇଁ ସୁଯୋଗ ଦେଇଥିବାରୁ ଏଇ ଅଯୋଗ୍ୟ ଆପଣଙ୍କ ନିକଟରେ ଚିରଋଣୀ।

ହେ ଗୁରୁ ମହାରାଜ ଆପଣଙ୍କ ବିଶାଳ ଗୁଣଗାନ କେମିତି କରିବି ବୋଲି ଏହି ଅଯୋଗ୍ୟ ଭାବୁଛି। ଆପଣ କୃପା କରିଥିବାରୁ କିଛି କହିପାରିବି ସେଥିପାଇଁ ଆପଣଙ୍କ ନିକଟରେ ଚିର କୃତଜ୍ଞ।

ମୁଁ ପ୍ରଥମ ଥର ଇସ୍କନ ଅନୁଗୋଳ ଆସିଥିଲି, ମୋତେ ସମସ୍ତ ସାଧୁ ବୈଷ୍ଣବମାନଙ୍କର ସ୍ନେହ ଓ ଭଲପାଇବା ମିଳିଥିଲା। ପୁଣି ଦ୍ୱିତୀୟଥର ଗୁରୁପୂଜା ସମୟରେ ଆସିଥିଲି ମୋର ପ୍ରେମକିଶୋର ପ୍ରଭୁଜୀଙ୍କ ସହିତ ସାକ୍ଷାତ ହୋଇଥିଲା। ଗୁରୁପୂଜା ପରେ ପ୍ରଭୁଜୀ ଭକ୍ତି ବିଷୟରେ ପଚାରିଥିଲେ ଏବଂ ତାଙ୍କର ସ୍ନେହ ଭଲପାଇବା ମଧ୍ୟ ଦେଇଥିଲେ ଓ କହିଲେ ଗୁରୁମହାରାଜ ରୁମ୍‌ରେ ଅଛନ୍ତି। ତଳକୁ ଆସିଲେ ଗୁରୁମହାରାଜଙ୍କ ଦର୍ଶନ କରାଇ ଦେବି। ପୁଣି ମୋର ଆପଣଙ୍କ ସହିତ ଦର୍ଶନ ହେଲା। ମୋର ପ୍ରଥମ ଦର୍ଶନରେ ମୁଁ ପୁରା ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲି। ଆପଣଙ୍କ ଶରୀରରେ ଯେମିତି ଚନ୍ଦନର ବାସ୍ନା। ସେହି ମୁହୂର୍ତ୍ତରୁ ପ୍ରତିଜ୍ଞା କରିଥିଲି ଯଦି ଦୀକ୍ଷା ନେବି ତେବେ ଆପଣଙ୍କ ଠାରୁ। ହେ ଗୁରୁ ମହାରାଜ ଆପଣ ଜଣେ ଶ୍ରେଷ୍ଠ ହରିକଥା ପ୍ରବଚକ, ସ୍ନେହୀ, ଆଦର୍ଶବାଦୀ, ନମ୍ର, ସହନଶୀଳ ବ୍ୟକ୍ତି। ଆପଣଙ୍କ ଠାରୁ ସମସ୍ତେ ଶିଖିବା ଉଚିତ୍। ଆପଣ ଆପଣଙ୍କ ଶିଷ୍ୟ ଶିଷ୍ୟାମାନଙ୍କର ବହୁତ ଧ୍ୟାନ ରଖନ୍ତି ଏବଂ ତାଙ୍କର ଆଧ୍ୟାତ୍ମିକ ଅଗ୍ରଗତି ପାଇଁ ଆପଣ ସର୍ବଦା ଚିନ୍ତା କରନ୍ତି।

ହେ ଗୁରୁ ମହାରାଜ ଆପଣଙ୍କ ଗୁଣଗାନ ଆକାଶଠାରୁ ବିଶାଳ ଯଦି ଆପଣଙ୍କ ଚରଣରେ ଏଇ ଅଧମ କିଛି ଅପରାଧ କରିଥାଏ, ଏହି ଅଧମକୁ କ୍ଷମା କରିବେ ଗୁରୁଦେବ। ହରେକୃଷ୍ଣ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ପାର୍ଥ ସାରଥି ଦାସ**
ପର୍ଜଙ୍ଗ, କଙ୍କଡ଼ା ସୋଡ଼ା

# ଆପଣଙ୍କ ଋଣ କିପରି ପରିଶୋଧକରିବି ?

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ପରମ ପୂଜ୍ୟ ଗୁରୁଦେବ ! ଆପଣଙ୍କ ଶ୍ରୀଚରଣରେ ମୋର କୋଟି କୋଟି ପ୍ରଣାମ ନିବେଦନ କରୁଛି । ଉପସ୍ଥିତ ସାଧୁ, ସନ୍ନ୍ୟାସୀ, ଗୁରୁ, ବୈଷ୍ଣବ, ବୈଷ୍ଣବୀ ଓ ଭକ୍ତ ସଜ୍ଜନବୃନ୍ଦଙ୍କୁ ମୋର ପ୍ରଣାମ ଜଣାଉଛି । ଆଜିର ଶୁଭ ଅବସରରେ, ଶ୍ରୀ ରାଧା ଶ୍ୟାମସୁନ୍ଦର ଆପଣଙ୍କୁ ଦୀର୍ଘାୟୁ ପ୍ରଦାନ କରନ୍ତୁ । ଏତିକି କାମନା କରୁଛି ଯେପରି, ଆପଣ ପ୍ରଭୁପାଦ ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମିଶନକୁ ପୂର୍ଣ୍ଣ କରିବାରେ ସଫଳ ହୁଅନ୍ତୁ । ମୋ ପରି ଏକ ନୀଚ ଆଉ ଅଧମ ପକ୍ଷରେ ଆପଣଙ୍କ ଅସୀମ ଗୁଣ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ତଥାପି ଆପଣଙ୍କର କୃପା ବଶତଃ ସୁଯୋଗ ପ୍ରଦାନ କରିଥିବାରୁ କିଞ୍ଚିତ୍ ଗୁଣଗାନ କରିବାକୁ ପ୍ରୟାସ କରିଅଛି ।

ଗୁରୁଦେବ ! ମୋର କିଛି ଅନୁଭବ ବ୍ୟକ୍ତ କରୁଛି, ମୋର ପ୍ରଥମ ସାକ୍ଷତ ଆପଣଙ୍କ ସହିତ ହୋଇଥିଲା କାନପୁର ଇସ୍କନ୍ ମନ୍ଦିର ଉଦଘାଟନ ସମୟରେ । ମୋର ବୃନ୍ଦାବନ ଯିବାର ଥିଲା, କିନ୍ତୁ କିପରି ଯିବି ତାହା ଠିକ୍ ନଥିଲା । ମୁଁ ଯେତେବେଳେ ଶୁଣିଲି ଆପଣ ଯାଉଥିଲେ । ମୁଁ ଆପଣଙ୍କୁ ଭେଟିଥିଲି ଏବଂ ଆପଣ ଅନୁମତି ପ୍ରଦାନ କରିଥିଲେ । କାନପୁର ରେଲ୍ ଷ୍ଟେସନରେ ପହଞ୍ଚିଲାପରେ, ଆପଣ ମୋତେ କହିଥିଲେ ଗୋରଖପୁର ଏକ୍ସପ୍ରେସ୍ କେତେ ନମ୍ବର ପ୍ଲାଟଫର୍ମରେ ଆସିବ ପଚାରି ବୁଝିବା ପାଇଁ କିନ୍ତୁ ମୁଁ ଯେତେବେଳେ ସୂଚନା କାଉଣ୍ଟରରେ ପଚାରିଲି, ସେ କହିଲା ଗୋରଖପୁର ଏକ୍ସପ୍ରେସ୍ ପ୍ଲାଟଫର୍ମ ଛାଡ଼ି ସାରିଲାଣି । ସେତେବେଳେ ମୁଁ ବଡ଼ ଅସ୍ଥିର ଏବଂ ବ୍ୟସ୍ତ ହୋଇଯାଇ ଥିଲି, ଦୁଃଖିତ ହେଇ ତାହା ଆପଣଙ୍କୁ ପ୍ରକାଶ କରିଥିଲି । ସେତେବେଳେ ଆପଣ, ମୋ ମୁଣ୍ଡ ଉପରେ ଆପଣଙ୍କର ବରଦ ହସ୍ତରଖି କହିଲେ ବ୍ୟସ୍ତ ହୁଅ ନାହିଁ, ସବୁ ଠିକ୍ ହେବ ! ଠିକ୍ ସେତିକିବେଳେ, ପ୍ଲାଟଫର୍ମରେ ଘୋଷଣା କରାଗଲା, ଗୋରଖପୁର ଏକ୍ସପ୍ରେସ୍ ୪ ନମ୍ବର ପ୍ଲାଟଫର୍ମରେ କିଛି ସମୟ ମଧ୍ୟରେ ପହଞ୍ଚିବ । ଆପଣଙ୍କର ସାଧୁତା ଏହି କି ଯେ, ଆପଣ କୌଣସି ବାଛବିଚାର ନ ରଖି ଆପଣଙ୍କର ସଙ୍ଗ ପ୍ରଦାନ କରିଥିଲେ । ସେହିପରି, ମୁଁ ଯେତେବେଳେ ଆପଣଙ୍କ ସହିତ ଦକ୍ଷିଣ ଭାରତ ଯାତ୍ରାରେ ଯାଇଥିଲି, ସମସ୍ତ ଯାତ୍ରୀ ଶ୍ରୀ ବାଲାଜୀଙ୍କ ଦର୍ଶନ କରିବାକୁ ପ୍ରତ୍ୟୁଷରୁ ଯାଇଥିଲେ । କିନ୍ତୁ ମୋର ଅସୁସ୍ଥତା ଯୋଗୁ, ମୁଁ ଆଉ ମୋର ପରିବାର ଯାଇପାରିନଥିଲୁ । ଆମ୍ଭେମାନେ ଇସ୍କନ୍ ତିରୁପତି ସମ୍ମୁଖରେ ବସିଥିଲୁ, ସେହି ସମୟରେ ଆପଣ ଯାଉଥିଲେ ଶ୍ରୀ ବାଲାଜୀଙ୍କ ଦର୍ଶନ ପାଇଁ । ମୁଁ ଆପଣଙ୍କୁ ଭେଟିଥିଲି ଏବଂ ଆପଣ ଶ୍ରୀ ବାଲାଜୀଙ୍କ ଦର୍ଶନ ପାଇଁ ସାଙ୍ଗରେ ଆସିବିକୁ ଅନୁମତି ପ୍ରଦାନ କରିଥିଲେ । ଯେତେବେଳେ ସମସ୍ତ ଯାତ୍ରୀ ଅନେକ ସମୟ ଧରି ବଡ଼ ଧାଡ଼ିରେ ଛିଡାହେଇଥିଲେ ଶ୍ରୀ ବାଲାଜୀଙ୍କ ଦର୍ଶନ ହେଇପାରି ନଥିଲା । କିନ୍ତୁ ଶ୍ରୀ ବାଲାଜୀଙ୍କ ଉତ୍ସବ ବିଗ୍ରହ ମନ୍ଦିର ପରିକ୍ରମା ସମୟରେ ଦର୍ଶନ ହେଇଥିଲା । ସେହି ସମୟରେ, ମୁଁ ଆପଣଙ୍କଠାରୁ ଦୀକ୍ଷା ନବାପାଇଁ ମତ ପ୍ରକାଶ କରିଥିଲି, ଆପଣ ମୋତେ ଅନୁମତି ପ୍ରଦାନ କରିଥିଲେ । ଆପଣଙ୍କର ମହାନତା ଏହି କି ଯେ, ମୋ ଭଳି ଶୂଦ୍ରକୂଳରେ ଜାତ ଅଜ୍ଞାନୀ ଜଡ଼ବାଦୀକୁ, ଆପଣଙ୍କର ଶ୍ରୀଚରଣରେ ଆଶ୍ରୟ ଦେଇ ଶିଷ୍ୟତା ପ୍ରଦାନ କରିଥିଲେ । ମୁଁ ଆପଣଙ୍କର ଚରଣରେଣୁ ପାପ୍ତ ହେଇ ନିଜକୁ ଧନ୍ୟ ମନେକରୁଛି । ମୁଁ ବେଳେବେଳେ ଭାବେ, ମୋ ପରି ଶୂଦ୍ର ଆଉ ନୀଚ କୂଳରେ ଜାତ ଅଜ୍ଞାନୀ ଭୌତିକବାଦୀ ପକ୍ଷରେ ଏହା କିପରି ସମ୍ଭବ ହେଲା, ଯେ ମୁଁ ଆପଣଙ୍କର ସଙ୍ଗ ଲାଭପାଇଲି । ବୋଧ ହୁଏ, ଏହା ଆପଣଙ୍କର ମୋପ୍ରତି ଅହୈତୁକୀ କୃପା । ତାହା ନହେଲେ, ଆପଣ ବିନା ଦ୍ୱିଧାରେ, ମୋଠାରେ ବାହ୍ମଣ ଗୁଣର ଯୋଗ୍ୟତା ଅଛି କି ନାହିଁ, କିଛି ବିଚାର ନକରି ଆପଣ ମୋତେ ଯଜ୍ଞ ଉପବୀତ ପ୍ରଦାନ କରିନଥାନ୍ତେ । ତାହାର ପ୍ରତିଦାନ ସ୍ୱରୂପ, ମୁଁ ଆପଣଙ୍କୁ କିଛି ଦେଇପାରି ନାହିଁ ବରଂ ମୁଁ ମୋର କାୟ, ମନ ଓ ବାକ୍ୟରେ ଆପଣଙ୍କୁ ଖାଲି ଉଦ୍‌ବିଗ୍ନତା ପ୍ରଦାନ କରିଆସିଛି । ଗୁରୁଦେବ, ସେଥିପାଇଁ ଏ ମୂଢ଼ ପାପୀ ଆପଣଙ୍କର ପାଦପଦ୍ମରେ ସତତ କ୍ଷମା ଭିକ୍ଷା କରୁଛି । **କିନ୍ତୁ ମୁଁ ହତଭାଗା ଆପଣଙ୍କର ଋଣ କିପରି ପରିଶୋଧ କରିବି ? ତାହା ଏ ଜନ୍ମରେ ହୋଇପାରିବ ନାହିଁ, ଅନ୍ତତଃ କିଛି ଲାଘବ କରିପାରିବି ।** ଏ ପାପୀ ପ୍ରତି ଏତିକି କୃପା କରନ୍ତୁ, ଯେପରି ମୁଁ ଆପଣଙ୍କର ଉପସ୍ଥିତି ମୋର ଚତୁଃପାର୍ଶ୍ୱରେ ଅନୁଭବ କରିପାରିବି । ଆଉ ଆପଣଙ୍କର ଆଦେଶ, ଉପଦେଶ, ମୁଁ ଯେପରି ନିଃସନ୍ଦେହରେ ପାଳନ କରିପାରିବି । ଏହା ହେଉ ମୋର ଜୀବନର ଆଦର୍ଶ ଆଉ ଲକ୍ଷ୍ୟ ।

ଆପଣଙ୍କର ଅଧମସେବକ
**ପ୍ରେମନିକେତନ ଦାସ**

# ବ୍ୟାସପୂଜା-୨୦୨୪- ଗୁରୁକୃପା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ପରମ ପୂଜ୍ୟ ଗୁରୁଦେବ! ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ଦିବସରେ ଏହି ଅଧମ ଆପଣଙ୍କୁ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଆପଣଙ୍କର ଆଜି ଏହି ଶୁଭ ଦିବସରେ ଗୁଣକୀର୍ତ୍ତନ କରିବା ପାଇଁ ଲେଖା ମାଧ୍ୟମରେ ସୁଯୋଗ ପାଇଛି। ଗୁରୁଦେବ ମୋତେ କୃପା କରନ୍ତୁ ଯେପରି ମୋର ହୃଦୟର ଭକ୍ତି ଏବଂ ଭଲ ପାଇବା ଏହି ଲେଖା ମାଧ୍ୟମରେ ପ୍ରକାଶ କରି ପାରିବି।

ଗୁରୁଦେବ, ଆପଣଙ୍କର ନମ୍ରତା, ସାଧୁ ସ୍ୱଭାବ, ଭଗବାନ କୃଷ୍ଣଙ୍କ ପ୍ରତି ଆପଣଙ୍କର ଯେଉଁ ଅଗାଢ଼ ଭକ୍ତି, ତାହା ଆମକୁ ପ୍ରଚାର, ପ୍ରସାର କରିବାରେ ପ୍ରେରଣା ଦେଇଥାଏ। ଆପଣଙ୍କର ପ୍ରେରଣା ଏବଂ ଆଦେଶକୁ ମୁଁ ଯେପରି ଭଗବାନଙ୍କ ସେବାରେ ନିୟୋଜିତ କରିବି, ମୋତେ ଆଶୀର୍ବାଦ କରନ୍ତୁ।

ଗୁରୁଦେବ, ମୋପରି ପତିତ ଜୀବ ଭକ୍ତିମୟ ଜୀବନରେ କିପରି ଅଗ୍ରସର ହେବ, ମୋତେ କୃପା କରନ୍ତୁ। ଆପଣ ସମସ୍ତଙ୍କର ମଙ୍ଗଳ କାମନା କରନ୍ତି ଏବଂ ଆପଣ ଚିନ୍ତା କରନ୍ତି ଏସବୁ ମାୟାଗ୍ରସ୍ତ ଜୀବମାନେ କିପରି ଉଦ୍ଧାର ହେବେ ? ଆପଣ ହେଉଛନ୍ତି ଚିନ୍ତାମଣି। ଆପଣଙ୍କର ପ୍ରବଚନ ଏବଂ ସରଳ ଉପଦେଶ ଶ୍ରବଣ କରି ଆମେ ଆମ ଜୀବନର ସମସ୍ତ ସମସ୍ୟାର ସମାଧାନ କରିଥାଉ।

ଗୁରୁଦେବ ମୁଁ ମୋର କର୍ମ ଅନୁଯାୟୀ ଉଚ୍ଚ ଲୋକରେ ଏବଂ କେତେବେଳେ ନୀଚ ଲୋକରେ ବିରାଡ଼ି, କୁକୁର ଏବଂ ବିଷ୍ଠାର କୃମି ଭାବରେ ଜନ୍ମ ଗ୍ରହଣକରି ଆସିଅଛି। କିନ୍ତୁ ଏହି ଜନ୍ମରେ ଆପଣଙ୍କ ପରି ପରମ ଦୟାଳୁ ଗୁରୁଙ୍କୁ ପାଇ ମୁଁ ନିଜକୁ ବହୁତ ସୌଭାଗ୍ୟଶାଳିନୀ ମନେକରୁଛି। ଶ୍ରୀଚୈତନ୍ୟ ମହାପ୍ରଭୁ କହିଛନ୍ତି:-

ଏଇ ରୂପେ ବ୍ରହ୍ମାଣ୍ଡ ଭ୍ରମିତେ କୋନ ଭାଗ୍ୟବାନ୍ ଜୀବ।
ଗୁରୁ-କୃଷ୍ଣ ପ୍ରସାଦେ ପ୍ରାୟ ଭକ୍ତି-ଲତା-ବୀଜ ॥

ନିଜ ନିଜର କର୍ମ ଅନୁଯାୟୀ, ଜୀବ ସମଗ୍ର ବ୍ରହ୍ମାଣ୍ଡରେ ଭ୍ରମଣ କରିଥାଏ। ଏହିପରି ଭ୍ରମଣ କରୁଥିବା କେତେ ଲକ୍ଷ ଜୀବଙ୍କ ମଧ୍ୟରୁ ଯିଏ ଅତ୍ୟନ୍ତ ଭାଗ୍ୟବାନ, ସେ କୃଷ୍ଣଙ୍କ କୃପାରୁ ତତ୍ତ୍ୱଦର୍ଶୀ ଗୁରୁଙ୍କର ସଙ୍ଗଲାଭ କରିବାର ସୁଯୋଗ ପାଇଥାଏ। ଗୁରୁକୃଷ୍ଣଙ୍କ କୃପାରୁ ସେହି ବ୍ୟକ୍ତି 'ହରେ କୃଷ୍ଣ ମହାମନ୍ତ୍ର' ରୂପକ ଭକ୍ତି ଲତା ବୀଜ ଲାଭକରେ। ଯାହାଫଳରେ ତା'ର ଜୀବନର ଉନ୍ନତି ହୋଇଥାଏ।

ହେ ମୋର ପରମପୂଜ୍ୟ ଗୁରୁଦେବ, ମୋତେ କୃପା କରନ୍ତୁ, ଯେପରିକି ଆପଣଙ୍କର ଅହୈତୁକୀ କୃପା ବଳରେ ମୋର ଏହି ଭକ୍ତିଲତା ବୀଜ ଅଧିକରୁ ଅଧିକ ବୃଦ୍ଧିପ୍ରାପ୍ତ ହେଉ।

ହରିସ୍ଥାନେ ଅପରାଧେ ତାରେ ହରିନାମ।
ତୋମାର ସ୍ଥାନେ ଅପରାଧେ ନାହିଁ ପରିତ୍ରାଣ ॥

ଯଦି ହରିଙ୍କ ପାଖରେ ଅପରାଧ ହୁଏ, ହରିନାମ ତାହାକୁ ଖଣ୍ଡନ କରିଥାଏ, ସେହିପରି ଯଦି ଗୁରୁଙ୍କ ସ୍ଥାନରେ ଅପରାଧ କରୁଛନ୍ତି, ତାହାର ପରିତ୍ରାଣ କେବଳ ଗୁରୁ କ୍ଷମା ଦେଲେ ହୋଇଥାଏ।

ଶେଷରେ ଗୁରୁଦେବ ଆପଣଙ୍କ ନିକଟରେ ଯଦି କିଛି ଅପରାଧ କରିଥାଏ, ମୋତେ କ୍ଷମା କରିଦିଅନ୍ତୁ। ଶ୍ରୀରାଧା ଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରଖିଥାନ୍ତୁ। ଆପଣ ନିରାମୟ ରହିଥାନ୍ତୁ।

ଆପଣଙ୍କର ଶିଷ୍ୟା
**ପ୍ରେମରୂପା ଦେବୀଦାସୀ**

# ଆପଣଙ୍କଠାରୁ ଦୂରେଇ ଦେବେନାହିଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କର ଏହି ୭୧ତମ ଶୁଭ ଆବିର୍ଭାବ ତିଥିରେ, ଏ ଦାସୀ ଆପଣଙ୍କର ଶ୍ରୀଚରଣ କମଳରେ ଭକ୍ତିପୂତ ପ୍ରଣତି ନିବେଦନ ଜଣାଉଛି । ଆପଣଙ୍କର ଗୁଣ କୀର୍ତ୍ତନ କରିବା ମୋ ପରି ଜଣେ ଅଜ୍ଞାନୀ ଭକ୍ତିହୀନା ପକ୍ଷରେ ସମ୍ଭବପର ନୁହେଁ । ତଥାପି ଆଜି ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଗୁଣକୀର୍ତ୍ତନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ଗୁରୁମହାରାଜ୍ ଆପଣଙ୍କର ଗୁଣାବଳୀ ଅସୀମ ସାଗର ସଦୃଶ । ଏହି ଅଧମା ଦାସୀ ଆପଣଙ୍କ ଗୁଣାବଳୀର କିଛି ବିନ୍ଦୁ ଉପସ୍ଥାପନା କରୁଛି ।  ମୁଁ ଆପଣଙ୍କୁ ଯେତେଥର ଦର୍ଶନ କରିଛି ସର୍ବଦା କିଛି ନୂତନ ଶିକ୍ଷାଦ୍ୱାରା ଅନୁପ୍ରାଣିତ ହୋଇଛି ଏବଂ ଏହି ଶିକ୍ଷାକୁ ନିଜ ଜୀବନରେ ଉପଲବ୍ଧି କରି ନିଜକୁ ମାର୍ଜିତ କରିବାପାଇଁ ସଦାସର୍ବଦା ଚେଷ୍ଟା କରୁଛି । ଆପଣଙ୍କର ସହନଶୀଳତା ଗୁଣ, କ୍ଷମା କରିବାର ଗୁଣ ଏବଂ ସମସ୍ତଙ୍କୁ ଭଲପାଇବା ଏବଂ ସ୍ନେହଦ୍ୱାରା ବାନ୍ଧିବାର ଗୁଣରେ ମୁଁ ସର୍ବଦା ଅନୁପ୍ରାଣିତ । (ସମସ୍ତ ଜୀବ ଉପରେ ଦୟା କରିବାର ଆଚରଣ) ।

ଗୁରୁମହାରାଜ, ଆପଣ ଶିଷ୍ୟଶିଷ୍ୟାମାନଙ୍କର ଭୁଲକୁ ହଜମ କରନ୍ତି । କ୍ଷମା ଆଚରଣ କରନ୍ତି ଏବଂ ଦୟା ପ୍ରଦାନ କରନ୍ତି । ଯେପରି ଶିଷ୍ୟଶିଷ୍ୟାମାନେ ପୁନର୍ବାର ସେ ଭୁଲ୍ ନ କରନ୍ତି ଏବଂ ଭକ୍ତିମୟ ଜୀବନରେ ଅଗ୍ରସର କରିବା ପାଇଁ କୃପା ପ୍ରଦାନ କରନ୍ତି । ମହାପ୍ରଭୁଙ୍କର ଶିକ୍ଷାକୁ ଆପଣ ଆପଣଙ୍କ ଜୀବନରେ ସର୍ବଦା ପାଳନ କରନ୍ତି । ଗୁରୁଦେବ ଆପଣଙ୍କର କୃପା ସର୍ବଦା ଆମର ଗୁରୁଭ୍ରାତା ଏବଂ ଗୁରୁଭଗନୀଙ୍କ ଉପରେ ଥାଉ ଯେପରି ଆମେ ସର୍ବଦା ଆପଣଙ୍କର ଶିକ୍ଷାକୁ ନିଜ ଜୀବନରେ ପାଳନ କରିପାରୁ ।

ଗୁରୁମହାରାଜ, ଆପଣଙ୍କର ଅଧମା ଶିଷ୍ୟା ସର୍ବଦା ଅଜ୍ଞାନବଶତଃ ହେଉ ଅଥବା ଜ୍ଞାନବଶତଃ ହେଉ ଭୁଲ କରୁଛି । ଆପଣଙ୍କର ଶ୍ରୀଚରଣକମଳରେ ମୋର ଯଦି କିଛି ଭୁଲ ହେଉଛି, ମୋତେ ଆପଣଙ୍କଠାରୁ ଦୂରେଇ ଦେବେ ନାହିଁ, ଦଣ୍ଡିତ କରିବେ । କାରଣ ଏହି ସଂସାରରେ ଆପଣଙ୍କ ବ୍ୟତୀତ କେହିବି ନିଜର ନୁହଁନ୍ତି । ସର୍ବଦା ମୋତେ ମୋ ପରିବାରକୁ ଆପଣ ଆପଣଙ୍କର ଶ୍ରୀଚରଣକମଳରେ ଆଶ୍ରୟ ଦେବେ ।

ଆଜି ଏହି ଶୁଭ ଆବିର୍ଭାବ ତିଥିରେ ଭଗବାନ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମହାରାଣୀ, ଭଗବାନ ଶ୍ରୀ ନରସିଂହ ଦେବ ଆପଣଙ୍କୁ ସର୍ବଦା ସୁସ୍ଥ ଏବଂ ଦୀର୍ଘାୟୁ ରଖନ୍ତୁ । ଆପଣ ସର୍ବଦା ମହାପ୍ରଭୁଙ୍କର ବାଣୀଙ୍କୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରନ୍ତୁ । ଏହା ହିଁ ମୋର ଭଗବାନଙ୍କର ଚରଣକମଳରେ ପ୍ରାର୍ଥନା ।

ଆପଣଙ୍କର ଅଧମା ଦାସୀ
**ପ୍ରିୟାଶ୍ରୀ, ପ୍ରିୟାକିଶୋରୀ ଦେବୀ ଦାସୀ**
ଭୁବନେଶ୍ୱର

# ଗୁରୁଦେବଙ୍କର ରାଗ ମହାନ କୃପା ସଦୃଶ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ, ଆପଣଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର ପାଇଁ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛି । ହେ କରୁଣାମୟ ଗୁରୁଦେବ, ଆଜି ଆପଣଙ୍କ ପବିତ୍ର ବ୍ୟାସପୂଜାରେ ମୋ ପରି ଅଧମ ଶିଷ୍ୟକୁ କିଛି ଲେଖିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେକରୁଛି । ଏଥିପାଇଁ ମୋର ଯୋଗ୍ୟତା ନ ଥିଲେ ସୁଦ୍ଧା ଆପଣଙ୍କ କୃପାଭିକ୍ଷା କରି କିଛି ଲେଖିବାପାଇଁ ପ୍ରୟାସ କରୁଛି ।

ଥର୍ମାଲ (ଜଗନ୍ନାଥପୁର) ଭକ୍ତିବୃକ୍ଷ ସେଣ୍ଟରକୁ ଶୁଭଉଦ୍‌ଘାଟନ ପାଇଁ ଆପଣ ଆସୁଥିବା ଶୁଣି ମୁଁ ଓ ମାତାଜୀ ଅତି ଆଗ୍ରହ ସହକାରେ ବାଲେଶ୍ୱରରୁ ଥର୍ମାଲକୁ ଯାଇଥିଲୁ । ବିଶେଷକରି ମୁଁ ସେ ସେଣ୍ଟରର ଜଣେ ସଦସ୍ୟ ଅଛି । ସେଠାକୁ ଯାଇ ଶୁଣିଲୁ ଆପଣଙ୍କ ଶରୀର ଅସୁସ୍ଥତା ପାଇଁ ଆସିପାରିବେ ନାହିଁ । ତେବେ ଯାହାହେଉ ଉଦ୍‌ଘାଟନ ଉତ୍ସବ ଶେଷ ହେଲା । କିନ୍ତୁ ମୋର ଓ ମାତାଜୀଙ୍କ ମନ ଆପଣଙ୍କ ଦର୍ଶନ ବିନା ଫେରିଆସିବାକୁ ରାଜି ହେଉ ନଥାଏ, ରାଧାନାଥ ପ୍ରଭୁଜୀଙ୍କୁ ଫୋନ୍‌କଲି, ଟିକେ ଗୁରୁମହାରାଜଙ୍କୁ ଦର୍ଶନ କରିଥାନ୍ତୁ । ସେ ମଧ୍ୟ କହିଲେ ଗୁରୁଦେବ ଥଣ୍ଡାପାଇଁ ଭଲ କଥା ହୋଇପାରୁ ନାହାନ୍ତି, ପରେ କେତେବେଳେ ଆସି ଦେଖା କରିବେ । ଏହାର କିଛି ସମୟପରେ ଶ୍ୟାମକୃପା ପ୍ରଭୁଜୀ ଫୋନ୍ କରି କହିଲେ, ମୁଁ ଗୁରୁମହାରାଜଙ୍କ ସଙ୍ଗରେ କଥା ହୋଇଛି, ଆପଣ କାଲି ସକାଳେ ଆସନ୍ତୁ ଦର୍ଶନ କରିବେ ।

ସେଦିନ ଆମେ ରାତିଟା ଗେଷ୍ଟହାଉସ୍‌ରେ ରହିଗଲୁ, ପରଦିନ ସକାଳେ ଅନୁଗୋଳ ମନ୍ଦିର ପହଞ୍ଚିଲାବେଳକୁ ଦର୍ଶନ ଆଳତୀ ଚାଲିଥାଏ । ସେହି ଭିତରେ ବରଦା କୃଷ୍ଣ ପ୍ରଭୁଜୀ କହିଲେ ଗୁରୁ ମହାରାଜ ଦର୍ଶନ ଆଳତୀ ପରେ ତାଙ୍କ ରୁମ୍‌କୁ ଫେରିଯିବେ । ଆପଣ ଏହିଠାରେ ଦର୍ଶନ କରିନିଅନ୍ତୁ । ଆମେ ଗୁରୁମହାରାଜଙ୍କୁ ଦଣ୍ଡବତ ପ୍ରଣାମ କରି ସାରିଲା ପରେ, ସେ ଆମକୁ ପଚାରିଥିଲେ କାଲି କେଉଁଠି ରହିଲ, ପ୍ରସାଦ ପାଇଲ, ଏମିତି କଥା ହେଉ, ହେଉ ରାଧାନାଥ ପ୍ରଭୁଜୀ କହିଥିଲେ ଏମାନଙ୍କର ବ୍ରାହ୍ମଣ ଦୀକ୍ଷା ନେବାର ଥିଲା, ମାତାଜୀଙ୍କ ଅସୁସ୍ଥ ପାଇଁ ନେଇ ପାରି ନାହାନ୍ତି, ରେମୁଣାରେ ଯଦି ଦୀକ୍ଷା ଉତ୍ସବ ହୁଏ, ତେବେ ସେଠାରେ ନେବେ । କିନ୍ତୁ ଗୁରୁମହାରାଜ କହିଥିଲେ, ସେ ଏଠି ହରିନାମ ଦୀକ୍ଷା ନେଇଛନ୍ତି, ସେଠି କାହିଁକି ନେବେ? ଏଠି ନେବେ । ଏହିସବୁ କଥା ହେଉ, ହେଉ ମୁଁ ଅଧମ ମୋର ପୂଜ୍ୟ ଗୁରୁଦେବଙ୍କୁ ପ୍ରଭୁ ବୋଲି ସମ୍ବୋଧନ କରିଦେଇଥିଲି ଏବଂ ଗୁରୁଦେବଙ୍କୁ ବହୁତ କଷ୍ଟ ଦେଇଥିଲି ସେଇଠି ଗୁରୁମହାରାଜ କହିଥିଲେ, ତୁମେ ଗୁରୁଦେବଙ୍କ ସଙ୍ଗରେ କିପରି କଥାବାର୍ତ୍ତା କରିବାକୁ ହୁଏ, ଜାଣି ନାହଁ, ବ୍ରାହ୍ମଣ ଦୀକ୍ଷା କ'ଣ ନେବେ? ଏତିକି କହି ଗୁରୁଦେବ ତାଙ୍କ ରୁମ୍‌କୁ ଚାଲିଯାଇଥିଲେ ।

ମୁଁ ସେଇଠି କିଛି ସମୟପାଇଁ ସ୍ତବ୍ଧ ହୋଇଯାଇ, ଭଗବାନ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କୁ କହୁଥାଏ, ହେ ଭଗବାନ ମୁଁ କ'ଣ ଆସିଥିଲି, ଏଠାକୁ ମୋର ଗୁରୁଦେବଙ୍କୁ କଷ୍ଟ ଦେବାପାଇଁ? ସେତେବେଳକୁ ପ୍ରସାଦ ନେବାପାଇଁ ସମୟ ହୋଇଯାଇଥାଏ, ମୁଁ କିନ୍ତୁ ପ୍ରସାଦ ନେବାପାଇଁ ଯାଉ ନଥାଏ! ଠିକ୍ ଏହି ସମୟରେ ବରଦକୃଷ୍ଣ ପ୍ରଭୁଜୀ ଆସି ମତେ ଗୁରୁମହାରାଜଙ୍କ ମହା, ମହା ପ୍ରସାଦ ଆଣିଦେଲେ ଏବଂ କହିଲେ ଗୁରୁମହାରାଜଙ୍କ ରାଗ ଆପଣଙ୍କ ଉପରେ କୃପାସଦୃଶ, ଆପଣ ପ୍ରସାଦ ପାଇ ଖୁସି ମନରେ ବାଲେଶ୍ୱର ଫେରିଯାଆନ୍ତୁ ।

ବର୍ତ୍ତମାନ ଆମେ ଦୁଇଜଣ ଗୁରୁମହାରାଜଙ୍କ କୃପାରୁ ବ୍ରାହ୍ମଣ ଦୀକ୍ଷା ପ୍ରାପ୍ତ ହୋଇପାରିଛୁ । ଶେଷରେ ଶ୍ରୀଶ୍ରୀରାଧାଶ୍ୟାମ ସୁନ୍ଦରଙ୍କ ପାଖରେ ଆମର ପ୍ରାର୍ଥନା ଆପଣଙ୍କୁ ନିରୋଗ ଓ ଦୀର୍ଘାୟୁ ରଖନ୍ତୁ ।

ଆପଣଙ୍କ ଚରଣାଶ୍ରିତ
**ପ୍ରିୟବ୍ରତ ଦାସ, ମହାଭାବମୟୀ ଦେବୀଦାସୀ**
ବାଲେଶ୍ୱର

# ଆପଣଙ୍କ କୃପା ଯୋଗୁଁ ମୋର ପ୍ରଚର ହୁଏ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ପୂଜ୍ୟ ଗୁରୁଦେବ । ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଭଳି ମହାନ୍ ଶୁଦ୍ଧ ଭକ୍ତଙ୍କର ଗୁଣଗାନ କରିବାକୁ ମୋ ପାଖରେ କିଛି ଯୋଗ୍ୟତା ନାହିଁ । ଗୁରୁଦେବ ମୁଁ ସବୁ ସମୟରେ ନିଜକୁ ତୁଚ୍ଛ ମନେକରେ ଯେ ମୁଁ ସମସ୍ତଙ୍କଠାରୁ ହୀନ ମୁଁ କୌଣସି ସେବା ଠିକ୍ ରୂପେ କରିପାରେନି । ମୋର ବୁଦ୍ଧି କମ୍ । ମୁଁ ଭାବେ ସମସ୍ତେ ତାରାହେଲେ ମୁଁ ଗୋଟେ ଜୁଳୁଜୁଳିଆ ପୋକ । ମୁଁ ପ୍ରଚାର କଲା ସମୟରେ ଭାବେ ମୁଁ ତ କିଛି ଲୋକମାନଙ୍କୁ ବୁଝେଇ ପାରେନି ! ତ କିମିତ ପ୍ରଚାର କରିବ । ଆପଣଙ୍କ କୃପା ଯୋଗୁଁ ମୋର ପ୍ରଚାର ହୁଏ । ସେଇ ସମୟରେ ନିଜକୁ ତୁଚ୍ଛ ବୋଲି ଭାବେ । କିନ୍ତୁ ଗୁରୁଦେବ ଆପଣଙ୍କ କୃପାପାଇ ମୁଁ ଖୁସି ହୋଇଯାଏ । ସବୁବେଳ ପାଇଁ ଏ ଅଧମ ପ୍ରତି ଏମିତି କୃପା କରିଥାନ୍ତୁ । ଆପଣଙ୍କର ଏହି ପୁଣ୍ୟତିଥି ବ୍ୟାସପୂଜାରେ ମୁଁ ଶ୍ରୀ ରାଧା ଦାମୋଦରଙ୍କ ପାଖରେ ପ୍ରାର୍ଥନା କରୁଛି । ସେ ଆପଣଙ୍କୁ କୋଟି ପରମାୟୁ ଦିଅନ୍ତୁ । ଆପଣ ଆମ୍ଭମାନଙ୍କ ପାଖରେ ସଦାସର୍ବଦା ବିରାଜମାନ ଥାଆନ୍ତୁ । ଏ ଭୌତିକ ଦୁନିଆରେ ଆମର ଆପଣଙ୍କ କୃପାକୁ ଛାଡ଼ିଦେଲେ ଆଉ କିଛି ନାହିଁ ।

ଆପଣଙ୍କ ଅଯୋଗ୍ୟଶିଷ୍ୟା
**ପୂର୍ଣ୍ଣତମା ଦେବୀଦାସୀ**
ଭୁବନେଶ୍ୱର

# ଶ୍ରୀଗୁରୁ ଚରଣ ସ୍ମରଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ଗୁରୁଦେବ ! ଆଜି ଆପଣଙ୍କର ୭୧ତମ ବ୍ୟାସପୂଜା ଅବସରର ଏ ଅଯୋଗ୍ୟ ଦାସ ଆପଣଙ୍କର ଶ୍ରୀଚରଣରେ ଶତକୋଟି ପ୍ରଣାମ ଜଣାଉଛି । ଆପଣ ପରମ ଦୟାଳୁ, ଆମପରି ପତିତ ଜୀବମାନଙ୍କ ଉଦ୍ଧାର ପାଇଁ ଆପଣ ସର୍ବଦା ଚିନ୍ତିତ । ଭକ୍ତି କରିବାର ଅର୍ଥ, ଦୃଢ଼ତାର ସହିତ ଗୁରୁଚରଣ ସ୍ମରଣ କରିବା ଯାହାଦ୍ୱାରା ଆମେ ସମସ୍ତ ଦୁଃଖରୁ ମୁକ୍ତି ହୋଇପାରିବା । ହେ ଗୁରୁଦେବ ଆମେମାନେ ଆପଣଙ୍କ ଆଦେଶ ପାଳନକରି ଆଦର୍ଶ ଗୃହସ୍ଥ ଜୀବନକୁ ଠିକ୍ ରୂପେ ପାଳନ କରି ସଦା ସର୍ବଦା ଆପଣଙ୍କ ସେବାରେ ଲିପ୍ତ ରହିବୁ ଏଇ ଅଧମକୁ ଆପଣଙ୍କ ଚରଣର ଧୂଳି ରୂପରେ ଗ୍ରହଣ କରନ୍ତୁ । ଏଇ ଅଧମ ଶିଷ୍ୟ ଶ୍ରୀଶ୍ରୀ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ମହାରାଣୀଙ୍କ ପାଖରେ ପ୍ରାର୍ଥନା କରୁଛି । ଆପଣଙ୍କ ଶରୀର ସଦାସର୍ବଦା ସୁସ୍ଥ ରହୁ ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ ।

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ

ଆପଣଙ୍କର ଅଧମ
**ପ୍ରତାପ ସାହୁ**
ନୂଆପଡ଼ା, ବ୍ରହ୍ମପୁର

# ଗୁରୁଦେବଙ୍କ ପୀଡ଼ା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ଗୁରୁଦେବ ! ଆପଣଙ୍କ ଚରଣକମଳରେ ଏ ଅଧମର କୋଟିକୋଟି ଦଣ୍ଡବତ ପ୍ରଣାମ । ଏ ଅଧମ ସମ୍ପୂର୍ଣ୍ଣରୂପେ ମାୟା କବଳିତ । ସମସ୍ତ ପ୍ରକାର ଅନର୍ଥରେ ଭୂଷିତ, କୃଷ୍ଣ ଚେତନାରେ ଅନୁପ୍ରାଣିତ ହେବା କିମ୍ବା ସାଧନା କରିବାର ଯୋଗ୍ୟତା ରହିତ ।

ଗୁରୁଦେବ ! କେବଳ ଆପଣଙ୍କ ଅଶେଷ କୃପାବଳରେ ଯତ୍‌କିଞ୍ଚିତ୍ ଭାବପ୍ରଣୋଦିତ ହୋଇଅଛି, ସେସବୁକୁ ଭାଷାରେ କହିହେବ ନାହିଁ । ଆପଣଙ୍କର ଯେ ହୃଦୟସ୍ପର୍ଶୀ ତାଡ଼ନା କାହିଁକି ବ୍ୟାସପୂଜାରେ ଅର୍ଘ୍ୟ ଦେଇ ନାହିଁ । ସେହିହେତୁ ଏ ମୋର ପ୍ରୟାସ, ହେଲେ ସୁଦ୍ଧା କ'ଣ ଲେଖିବି ଜାଣିପାରୁ ନାହିଁ । ଏ ଜଡ଼ଜଗତରେ କୌଣସି ଜିନିଷ କିମ୍ବା କାହାର ଭାବନା ଆପଣଙ୍କୁ ଅଛପା ନୁହଁ । ଆପଣଙ୍କୁ ସବୁ ଜ୍ଞାତ ।

କରୋନାର ପ୍ରଥମ ଲହରୀରେ ମୋର ମୃତ୍ୟୁ ନିଶ୍ଚିତ ଥିଲା । ଡାକ୍ତର, ନର୍ସ ଏବଂ ପରିବାରର ସମସ୍ତେ ଭୟଭୀତ ଥିଲେ । ହେଲେ ଆପଣଙ୍କ ଆଦେଶ ଏବଂ ନିର୍ଦ୍ଦେଶ ବଳରେ ମୁଁ ଭୟରହିତ ଥିଲି ଏବଂ ଦ୍ୱିତୀୟ ଜନ୍ମପ୍ରାପ୍ତ ହେଲି । ମୋ' ଭିତରେ ଏତେ ଅସାଦାଚାର ଥିଲେ ସୁଦ୍ଧା ଏବଂ ଦୀକ୍ଷା ବି ହୋଇ ନ ଥିଲେ ମଧ୍ୟ, ଆପଣ କରୁଣାମୟ, କୃପା କରିଥିଲେ ।

ସେ ସବୁ ପରେ ମୋର କିଛିକାଂଶରେ ହେଲେ ବି ଅନର୍ଥ ନିବୃତ୍ତି ହୋଇଯିବା କଥା । ହେଲେ ଗୁରୁଦେବ, ସେସବୁ କିଛି ହୋଇପାରି ନାହିଁ । ମୋ ଭିତରେ ସେ ସବୁ ଶାଠଣ ନାହିଁ, ଆପଣଙ୍କ ଶିଷ୍ୟ ହେବାର ଯୋଗ୍ୟତା ନାହିଁ, ନିଜକୁ ଆପଣଙ୍କ ଶିଷ୍ୟ କହିବା ଯେମିତି ଏକ ବାହ୍ୟଆଡ଼ମ୍ବର ଛଡ଼ା ଆଉ କିଛି ନୁହଁ ।

ଶାସ୍ତ୍ର କହେ, ଗୁଣ ରହିତ ହେବା କିମ୍ବା ଅନର୍ଥ ନିବୃତ୍ତି ହେବାର ଏକମାତ୍ର ରାସ୍ତା 'ଗୁରୁଦେବ' ଏବଂ ତାଙ୍କରି ଆଦେଶ ପାଳନ କରିବା ।

ଆପଣଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇ ମଧ୍ୟ ମୋର ସେସବୁ କିଛି ହୋଇପାରି ନାହିଁ । କୌଣସି ଶିଷ୍ୟର ଏ ଭକ୍ତି ଆପଣଙ୍କ ପକ୍ଷେ ପୀଡ଼ାଦାୟକ ନିଶ୍ଚିତ ।

ମୋତେ କୃପାକରି କ୍ଷମା କରିଦେବେ ଏବଂ ଆଗକୁ ମଧ୍ୟ କ୍ଷମା କରିଦେଉଥିବେ ।

ପାର୍ଥିବ ପିତାଙ୍କ ଯଥୋଚିତ ସେବା ମୁଁ କରିପାରି ନ ଥିଲି, ଆପଣ କୃପାମୟ ଏତିକି କୃପାକରନ୍ତୁ ଯେମିତି ଏ ଶରୀର ଥିବାଯାଏ । କାୟୋମନୋବାକ୍ୟରେ ଆପଣଙ୍କ ସେବା କରିପାରେ । ଆପଣଙ୍କ ଚରଣରେ କୋଟି କୋଟି ଦଣ୍ଡବତ ପ୍ରଣାମ ।

ଆପଣଙ୍କର କ୍ଷମା ଅଭିଳାଷୀ ଅଧମ
**ପୁରୁଷୋତ୍ତମ କୃଷ୍ଣ ଦାସ**
କଟକ

# ମହାପ୍ରସାଦର ମହିମା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମ ପୂଜ୍ୟ ଗୁରୁଦେବ, ଆପଣଙ୍କର ଆବିର୍ଭାବ ତିଥିରେ ଏ ଦାସ ଅଧମର ସହସ୍ର କୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରିବେ। ଆପଣ ଗୌରାଙ୍ଗ ମହାପ୍ରଭୁ ଓ ନିତ୍ୟାନନ୍ଦ ପ୍ରଭୁଙ୍କ ପ୍ରିୟଜନ, ଯଦିଓ ଆପଣଙ୍କର ଗୁଣ ଗାନ କରିବାରେ ମୋର କୌଣସି ଯୋଗ୍ୟତା ନାହିଁ। ଆପଣଙ୍କର ଗୁଣ ଅସୀମ ଅଟେ। ଏହି ଅସୀମ ଗୁଣରୁ ମୁଁ କିଛି ବର୍ଣ୍ଣନା କରିବାକୁ ଚେଷ୍ଟା କରୁଛି। ଆପଣ କିପରି ମୋତେ ମହାପ୍ରସାଦ ବିଷୟରେ ଶିକ୍ଷା ଦେଲେ। ଇସ୍କନ୍‌ର ପ୍ରତି ମନ୍ଦିର ପରି ଆମ ମନ୍ଦିରରେ ମଧ୍ୟ ରବିବାର ପ୍ରୀତି ଭୋଜନ ବ୍ୟବସ୍ଥା ରହିଛି କିନ୍ତୁ ମୁଁ ଅନେକ ରବିବାର ଲକ୍ଷ କଲି, ଅନେକ ବାହାର ଲୋକ ପ୍ରବଚନକୁ ଆସୁ ନାହାଁନ୍ତି କିନ୍ତୁ ସେମାନେ ଶେଷକୁ ଆସି ପ୍ରସାଦ ପାଇ ଚାଲି ଯାଉଛନ୍ତି। ମୁଁ ସ୍ଥିର କଲି ଯେଉଁ ମାନେ ପ୍ରବଚନ ଶୁଣୁ ନାହାଁନ୍ତି ଏବଂ କୀର୍ତ୍ତନରେ ଭାଗ ନେଉ ନାହାଁନ୍ତି, ତାଙ୍କୁ ପ୍ରସାଦ ଦିଆଯିବ ନାହିଁ। ସେଥି ପାଇଁ ମୁଁ ପ୍ରସାଦମ୍ କୁପନ୍ ବ୍ୟବସ୍ଥା କଲି। କିନ୍ତୁ ଗୁରୁଦେବ ଆପଣ ଯେତେବେଳେ ଶୁଣିଲେ ଏ ବିଷୟରେ, ମୋ ଉପରେ ବିରକ୍ତି ପ୍ରକାଶ କଲେ ଏବଂ କହିଲେ ସମସ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରିବା ପାଇଁ ଆପଣ ମୋତେ ଏକ ଉଦାହରଣ ଦେଲେ ମହାପ୍ରସାଦର ମହିମା ବିଷୟରେ। ଆପଣ ବ୍ରହ୍ମପୁର ପ୍ରଚାର ପାଇଁ ଯାଇଥାନ୍ତି। ରାସ୍ତାରେ ବର୍ଷା ହେତୁ ଆପଣଙ୍କ ଗାଡ଼ି କାଦୁଅ ହୋଇଗଲା, ଆପଣ ଗାଡ଼ି ଧୋଇବା ପାଇଁ ଏକ ଗାଡ଼ି ସଫା କେନ୍ଦ୍ରକୁ ନେଇଥିଲେ, ଗାଡ଼ି ସଫା ହେଲା ପରେ ଆପଣଙ୍କ ସାଥିରେ ଥିବା ସେବକ ଯେତେବେଳେ କେତେ ଟଙ୍କା ହେଲା ଦେବା ପାଇଁ ପଚାରିଲେ ସେତେବେଳେ ସେ ବ୍ୟକ୍ତି କହିଲେ, ଆମେ ପଇସା ଆପଣଙ୍କ ଠାରୁ ଚାହୁଁ ନାହୁଁ, କାରଣ ଆମେ ପ୍ରତି ରବିବାର ଯାଇ ମନ୍ଦିରରେ ପ୍ରସାଦ ସେବନ କରୁଛୁ। ତାପରେ ଆପଣ ମତେ ମହାପ୍ରସାଦର ମହିମା ବିଷୟରେ କହିଲେ। କି ପ୍ରକାର ପ୍ରସାଦ ବିତରଣ କରି ଶ୍ରୀଲ ପ୍ରଭୁପାଦ ଅନେକ ଲୋକଙ୍କୁ ଭକ୍ତ କରିଛନ୍ତି ଏବଂ ଆପଣ କହିଲେ ତୁମେ ସେ ପ୍ରକାର କୁପନ୍ କର, ଯେଉଁମାନେ ଆଗେ ଆସୁଛନ୍ତି ପ୍ରସାଦ ପାଇବେ ଓ ପରେ ଯେଉଁମାନେ ଆସୁଛନ୍ତି, ଯାହା ଆମ ପାଖରେ ପ୍ରସାଦ ଅଛି ତାକୁ ସମସ୍ତଙ୍କୁ ବିତରଣ କର। ତାହା ଦ୍ୱାରା ସମସ୍ତଙ୍କର ହୃଦୟ କଳ୍ମଷ ଦୂର ହେବ। ସମୟ ଆସିବ ସେମାନେ କୃଷ୍ଣ ଭକ୍ତ ହେବେ। ଏହି ପରି ଅନେକ ଶିକ୍ଷା ଦେଇଥିଲେ।

ହେ ଗୁରୁଦେବ ଆପଣ କୃଷ୍ଣଙ୍କର ପ୍ରିୟଜନ ଆପଣ ମୋତେ କୃପା କରନ୍ତୁ ମୁଁ କିପରି କୃଷ୍ଣଙ୍କର ପ୍ରିୟଜନ ହୋଇପାରିବି ଓ କୃଷ୍ଣଙ୍କ ଚରଣରେ ସର୍ବଦା ମନ ଲଗାଇବି। ଆପଣ ଯେତେବେଳେ ଯେଉଁ ଆଦେଶ ଦେବେ ତାହା କିପରି ନିର୍ଭୁଲ ଭାବେ ସମ୍ପାଦନ କରିପାରିବି, ଏହାହିଁ ମୋର ଆପଣଙ୍କର ଚରଣରେ ସର୍ବଦା ପ୍ରାର୍ଥନା ଅଟେ। ଜୟ ଶ୍ରୀଲ ଗୁରୁଦେବ ଦେବ କି ଜୟ।

ଆପଣଙ୍କର ନିତ୍ୟ ସେବକ
**ପୁରୁଷୋତ୍ତମ ଦାସ**
ଇସ୍କନ୍, ଅନୁଗୁଳ

# ଆପଣଙ୍କ ନିକଟରେ ଏତିକି ପ୍ରାର୍ଥନା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଗୁରୁଦେବ ଏ ଅଧମା ଦାସୀ ଓ ଅଧମ ଦାସ ଆଜିର ଏହି ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଚରଣକମଳରେ ପ୍ରାର୍ଥନା କରୁଛୁ କି, ସଦାସର୍ବଦା ଆପଣଙ୍କର ଉପଦେଶକୁ ପାଳନ କରିବାପାଇଁ ଏହି ଅଯୋଗ୍ୟ ଶିଷ୍ୟା ଏବଂ ଶିଷ୍ୟକୁ କୃପା କରନ୍ତୁ । ଆପଣଙ୍କର ଗୁଣ ଏବଂ ମହିମା ଅସୀମ । ଆପଣଙ୍କର ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ଆମଭଳି ଅଧମା ଅଧମ ଭାଗ୍ୟରେ ବହୁତ କମ୍ ମିଳେ । ଆମ ଭଳି ଅଯୋଗ୍ୟ ସନ୍ତାନ ଆପଣଙ୍କର ଗୁଣଗାନ କରିବା ପାଇଁ ଅକ୍ଷମ । ଆପଣ ଆମକୁ କୃପା କରନ୍ତୁ ଯେପରି ଆପଣଙ୍କ ଗୁଣଗାନ କରି ଆମେ ଆମର ହୃଦୟକୁ ମାର୍ଜନା କରିପାରିବୁ ।

ହେ ଗୁରୁଦେବ ! ଆପଣ ଆମ ପାଇଁ କୃପାର ବାରିଧି । ଆପଣଙ୍କ କୃପା ଏ ଅଧମା ଉପରେ ସଦାସର୍ବଦା ରହିଥାଉ । ୨୦୨୩ ମସିହା ଘଟଣା, ଅନୁଗୁଳ ମନ୍ଦିରରେ ରାମ ନବମୀ ଦିନ ଦୀକ୍ଷା ଉତ୍ସବକୁ ଯାଇଥିଲୁ, କାରଣ ପ୍ରଭୁଙ୍କର ବ୍ରାହ୍ମଣ ଦୀକ୍ଷା ନେବାର ଥିଲା, କିନ୍ତୁ ଏ ଅଧମା ଦାସୀ ତାଙ୍କ ସାଙ୍ଗରେ ଦୀକ୍ଷା ଉତ୍ସବ ଦେଖିବା ପାଇଁ ଯାଇଥିଲା । ଗୁରୁଦେବଙ୍କର ଅହୈତୁକୀ କୃପା ହେତୁ ମୋତେ ରାଧାନାଥ ପ୍ରଭୁ ଆସି କହିଲେ ତୁମେ ପ୍ରସ୍ତୁତ ଅଛ ? ଗୁରୁଦେବଙ୍କର ନିର୍ଦ୍ଦେଶ ଆସିଛି ଯେ ତୁମେ ବ୍ରାହ୍ମଣ ଦୀକ୍ଷା ନେବାପାଇଁ, ଯାଅ ପରୀକ୍ଷା ଦିଅ ଏବଂ ପ୍ରସ୍ତୁତ ହୁଅ। ଏହା ଶୁଣି ମୋର ଗୋଡ଼ ହାତ ଥରିବାକୁ ଲାଗିଲା । କ'ଣ ହେବ ମୁଁ ଜାଣିପାରୁ ନ ଥାଏ, ଗୁରୁଦେବଙ୍କୁ ମନେମନେ ପ୍ରାର୍ଥନା କରୁଥାଏ । ଦୀକ୍ଷା ଉତ୍ସବର ପୂର୍ବ ସନ୍ଧ୍ୟାରେ ମୋତେ ପରୀକ୍ଷା ଦେବାପାଇଁ ନିର୍ଦ୍ଦେଶ ଆସିଲା, ମୁଁ ଥରୁଥାଏ ଏବଂ ଗୁରୁଦେବଙ୍କୁ ସ୍ମରଣ କରି ପରୀକ୍ଷା ଦେବାପାଇଁ ଗଲି । ଏହି ଘଟଣା ମୋ ପାଇଁ ଚିର ଅବିସ୍ମରଣୀୟ ହୋଇ ରହିଗଲା ଏବଂ ମୋର ଭକ୍ତିରେ ପ୍ରଗତି ଆରମ୍ଭ ହେଲା । ହେ ଗୁରୁଦେବ ଆପଣ ମୋ ପ୍ରତି ଏତେ କୃପା ଦୟାମୟ, ତାହା ମୋର ଜୀବନର ମୋଡ଼ ବଦଳାଇ ଦେଲା । ଆପଣଙ୍କ ନିକଟରେ ଏତିକି ପ୍ରାର୍ଥନା ଏ ଅଧମକୁ ସଦାସର୍ବଦା କୃପା ପ୍ରଦାନ କରୁଥାନ୍ତୁ ।

ସେହିପରି ଆହୁରି ଏକ ଅନୁଭୂତି ହେ ଗୁରୁଦେବ, ଆମର ବାର୍ଷିକ ଉତ୍ସବରେ ଆପଣ ଦୁଇଦିନ ରହିବା ପାଇଁ ସ୍ଥିର କରାହୋଇ ଥିଲା କିନ୍ତୁ ବିନ୍ଦୁମାଧବ ପ୍ରଭୁ ହଠାତ୍ ଗୋଟେ ମିଟିଙ୍ଗ୍ ଡକାଇ ଆମ୍ଭମାନଙ୍କୁ କହିଲେ ଯେ ଗୁରୁଦେବ ଆଜି ଆସିପାରୁ ନାହାନ୍ତି । ସେତେବେଳକୁ ଦିନ ୨.୩୦ ସମୟ । ହଠାତ୍ ଶୁଣିଲାପରେ ବଜ୍ର ପଡ଼ିଲା ଭଳି ଲାଗିଲା । ହଠାତ୍ ଆଖିରେ ଲୁହ ଧାର ଧାର ହୋଇ ବାହାରି ଆସୁଥାଏ । ସେତେବେଳେ ମନରେ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ ହେ ରାଧାମାଧବ ହେ ଜଗନ୍ନାଥ, ବଳଦେବ, ସୁଭଦ୍ରା ମା' କିପରି ଆମ ଗୁରୁଦେବ ଆସନ୍ତୁ ଆମେ ତାଙ୍କର ଦର୍ଶନ ଏବଂ ସଙ୍ଗ ନେଲେ ଗୁରୁକୃପା ପାଇପାରିବୁ ।

ପୁଣି ହଠାତ୍ ବିନ୍ଦୁ ମାଧବ ପ୍ରଭୁ କହିଲେ ଯେ ଗୁରୁଦେବ କାଲି ସକାଳ ୧୦.୩୦ରେ ପହଞ୍ଚିବେ । ସେତେବେଳକୁ ସମୟ ରାତି ୮.୩୦ ହୋଇଥାଏ । ଗୁରୁଦେବଙ୍କ ଆସିବା କଥା ଶୁଣି ଆନନ୍ଦବିଭୋର ହୋଇ ରାଧାମାଧବ ଭଗବାନଙ୍କୁ ଏବଂ ଜଗନ୍ନାଥ, ବଳଦେବ, ସୁଭଦ୍ରା ମା'ଙ୍କ ଚରଣ କମଳରେ ପ୍ରଣାମ ଜଣାଇ କହିବାକୁ ଲାଗିଲି, "ହେ ଭଗବାନ ଆମ ଗୁରୁଦେବଙ୍କୁ ସଦା ସର୍ବଦା ସୁସ୍ଥ ରଖିଥାନ୍ତୁ ।" ଆମଭଳି ବଦ୍ଧ ଜୀବମାନଙ୍କୁ ଏ ଭବ ସାଗରରୁ ଉଦ୍ଧାର କରନ୍ତୁ । ସେଦିନ ତାରିଖ ଥିଲା ୨୧.୪.୨୦୨୪ ଗୁରୁଦେବ ୧୦.୩୦ ସମୟରେ ବାଡୋଳ ଆଉଟ୍‌ପୋଷ୍ଟ ଇସ୍କନ ମନ୍ଦିରରେ ପହଞ୍ଚିଲେ । ତା'ପରେ ଗୁରୁପୂଜା ଆରମ୍ଭ ହେଲା । ଗୁରୁପୂଜା ଚାଲିଥାଏ, ଗୁରୁଦେବଙ୍କର ଦୀପ୍ତିମନ୍ତ ପଦଯୁଗଳ ଏବଂ ଉଜ୍ଜ୍ୱଳମୟ ମୁଖମଣ୍ଡଳ ଦର୍ଶନ ପାଇବା ମାତ୍ରେ ଆନନ୍ଦର ଅଶ୍ରୁ ଆପେ ଆପେ ବହିଯାଉଥାଏ । ଗୁରୁଦେବଙ୍କର ଦର୍ଶନ ମିଳିବା ମାତ୍ରେ ଆମକୁ ସ୍ୱର୍ଗର ଆନନ୍ଦ ମିଳିଲା ଭଳି ଲାଗିଲା । ଗୁରୁଦେବଙ୍କର ଅମୃତତୁଲ୍ୟ କଥା ଆମକୁ ଦିବ୍ୟ ଆନନ୍ଦ ପ୍ରଦାନ କରିଥିଲା ।

ହେ ଜଗନ୍ନାଥ, ବଳଦେବ, ସୁଭଦ୍ରା ମା' ହେ ରାଧାମାଧବ ଭଗବାନ ଆମ ଗୁରୁଦେବଙ୍କୁ ସଦା ସର୍ବଦା ସୁସ୍ଥ ରଖିଥାନ୍ତୁ ଯେପରି ଏ ବଦ୍ଧ ଜୀବ ଦୁଇ ଜଣ ଆପଣଙ୍କ ଦର୍ଶନ ପାଇ ଆମ ଜୀବନ ସଫଳ ହେବା ସହିତ ଆପଣଙ୍କର ସେବା ଆମକୁ ସର୍ବଦା ପ୍ରାପ୍ତ ହେଉ । ଆଜିର ଏହି ପବିତ୍ର ବ୍ୟାସପୂଜା ତିଥିରେ ଆପଣଙ୍କର ଶ୍ରୀଚରଣତଳେ ଏତିକି ପ୍ରାର୍ଥନା ।

ଆପଣଙ୍କର ଅଧମ ଦାସ ଦାସୀ
**ରାଧାଜୀବନ ଦାସ, କାଳନ୍ଦୀ ଦେବୀ ଦାସୀ**
ବାଡୋଳ

# ଭକ୍ତି ପଥରେ ଚାଲିବାକୁ ଶକ୍ତି ପ୍ରଦାନ କରନ୍ତୁ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପୂଜ୍ୟ ଆଦରଣୀୟ ଶ୍ରୀଲ ଗୁରୁଦେବ, ଆଜି ଏହି ୭୧ତମ ପବିତ୍ର ଆବିର୍ଭାବ ତିଥିରେ ଆପଣଙ୍କ ପାଦପଦ୍ମରେ ଏହି ଅଯୋଗ୍ୟ ଶିଷ୍ୟାର ପ୍ରଣାମ ଗ୍ରହଣ କରନ୍ତୁ ।

ହେ ମୋର ପ୍ରିୟ ଗୁରୁଦେବ, ମୁଁ ବେଳେବେଳେ ଭାବେ ଆପଣ ଯଦି ଅନୁଗୁଳ ଇସ୍କନ ସେଣ୍ଟର ଖୋଲି ନ ଥାଆନ୍ତେ ତେବେ ମୁଁ ଏକ ପଶୁଭଳି ଆହାର, ନିଦ୍ରା, ଭୟ, ମୈଥୁନରେ ମୋର ଅମୂଲ୍ୟ ଜୀବନକୁ ଅତିବାହିତ କରି ଦେଇଥାନ୍ତି । ଯାହାକି ଏକ ଆତ୍ମହତ୍ୟା ସଦୃଶ । ମୁଁ କେବେ ବି 'ଜୀବର ସ୍ୱରୂପ କୃଷ୍ଣର ନିତ୍ୟଦାସ' ଜାଣିପାରି ନ ଥାନ୍ତି । ସତରେ ଆପଣ ହେଲେ କରୁଣାସାଗର କାରଣ ଆପଣ ଏତେ କଷ୍ଟ ସହି ଆମପରି ବଦ୍ଧଜୀବମାନଙ୍କ ଉଦ୍ଧାର ପାଇଁ ସର୍ବଦା ଚିନ୍ତିତ ଓ ଚେଷ୍ଟାରତ । ସେଥିପାଇଁ ଏଠାରେ ଏକ ସୁନ୍ଦର ଭବ୍ୟ ମନ୍ଦିରଟିଏ ନିର୍ମାଣ କରୁଛନ୍ତି ଯାହାଫଳରେ ଏଠାରେ ଅନେକ ମୋ ପରି ବଦ୍ଧଜୀବ କୃଷ୍ଣଙ୍କର ସେବା କରିବାପାଇଁ ସୁଯୋଗ ପ୍ରାପ୍ତ ହୋଇପାରିବେ । ଏହି ମନ୍ଦିର ଏକ 'ଭକ୍ତିର ଶିକ୍ଷାକେନ୍ଦ୍ର' ହେବ ଯେଉଁଠାରେ କୃଷ୍ଣ ଓ କୃଷ୍ଣ ସମ୍ବନ୍ଧିୟ ଜ୍ଞାନର ସମସ୍ତ ଶିକ୍ଷା ପ୍ରଦାନ କରାଯିବ ।

ଏକ ଗୁଣ୍ଡୁଚିମୂଷା ହୋଇ ଆମେ କିଛି ଭକ୍ତ ମିଶି ମନ୍ଦିର ପାଇଁ କିଛି ଧୂପ ଓ ଗୀତା ଧରି ଘରଘର ବୁଲି ପ୍ରଚାର କାର୍ଯ୍ୟ କରୁଛୁ । ଆପଣ ମଧ୍ୟ କୃଷ୍ଣଙ୍କ ପାଇଁ ଏହିସବୁ ସେବା କରିବାପାଇଁ ଆମକୁ ସର୍ବଦା ଉତ୍ସାହିତ କରିଆସୁଛନ୍ତି । ଯାହାଫଳରେ ଆମେ ମଧ୍ୟ ଏହି ସେବା କରି ଆନନ୍ଦ ପାଉଛୁ । କାରଣ ଆପଣ ସବୁବେଳେ କହନ୍ତି କୃଷ୍ଣଙ୍କ ପାଇଁ ପରିଶ୍ରମ କଲେ ଆମକୁ ଆନ୍ତରିକ ଆନନ୍ଦ ମିଳିପାରିବ । ଏହା ଅକ୍ଷରେ ଅକ୍ଷରେ ସତ । ଗୁରୁ ମହାରାଜ ଆମେ ଯେତେବେଳେ ମନ୍ଦିରର ବିଭିନ୍ନ ଉତ୍ସବରେ ସବୁ ମାତାଜୀମାନେ ମିଶି ରାଧାଶ୍ୟାମସୁନ୍ଦରଙ୍କ ପାଇଁ ରୋଷେଇକରୁ ଓ ତା'ପରେ ଆମେ କୀର୍ତ୍ତନ କରୁ ସେତେବେଳେ ଆମକୁ ଅପାର ଆନନ୍ଦ ମିଳେ । ମୋତେ ପ୍ରତିଟି ଉତ୍ସବରୁ ଉତ୍ସାହ ମିଳୁଛି । ଗୀତାରେ ୭.୨୮ ଶ୍ଳୋକରେ ଅଛି-

> "ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୂଣ୍ୟ କର୍ମଣାଂ
> ତେ ଦ୍ୱନ୍ଦ୍ୱମୋହ ନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ ॥

ଯେଉଁ ଲୋକମାନେ ପୂର୍ବଜନ୍ମରେ ତଥା ଏହି ଜନ୍ମରେ ପୂଣ୍ୟକର୍ମ କରିଛନ୍ତି ଏବଂ ଯେଉଁମାନଙ୍କର ପାପ ସମ୍ପୂର୍ଣ୍ଣରୂପେ ଦୂର ହୋଇଯାଇଛି ଏବଂ ଯେଉଁମାନେ ଦ୍ୱନ୍ଦ୍ୱମୋହରୁ ମୁକ୍ତ ସେହିମାନେ ହିଁ ଦୃଢ଼ତାର ସହ ମୋର ଭଜନ କରନ୍ତି । କିନ୍ତୁ ଗୁରୁ ମହାରାଜ, ମୋର ଏହି ସବୁଗୁଣ କିଛି ବି ନାହିଁ ତେବେ କିପରି ମୁଁ ଦୃଢ଼ତାର ସହିତ ଭଜନ କରିପାରିବି ? ତେଣୁ ହେ ମୋର ପ୍ରିୟ ଗୁରୁଦେବ, ଆପଣ ମୋ ଉପରେ କୃପା କରନ୍ତୁ ଯାହାଫଳରେ ମୁଁ ଏହି ଭକ୍ତିପଥରେ ଅଗ୍ରଗତି କରିପାରିବି । ମୋ ପାଇଁ ଭକ୍ତିର ପଥ ବହୁତ ଲମ୍ବା ଅଟେ, ଏଥିରେ ଚାଲିବାକୁ ଗୁରୁଦେବ ମୋତେ କରୁଣା ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ।

ଶେଷରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ମୋର ଗୁରୁଦେବଙ୍କୁ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟା
**ରାଧାରାଣୀ ଦେବୀ ଦାସୀ**
ଅନୁଗୁଳ

# ନ ପଚାରିଲେ ମଧ ଉତ୍ତର ମିଳିଯାଏ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ଆରାଧ୍ୟ ପୂଜ୍ୟ ଗୁରୁଦେବ। ଗୁରୁଦେବ ଆପଣଙ୍କର ଆଜି ୭୧ ତମ ଶୁଭ ଆବିର୍ଭାବ ତିଥି। ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦ ପଦ୍ମରେ ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ମୋର ପ୍ରଣାମ ସ୍ୱୀକାର କରିବେ ଗୁରୁଦେବ।

ମୋର ପରମପୂଜ୍ୟ ଗୁରୁଦେବ ଆପଣଙ୍କ କୃପାରୁ ଆପଣଙ୍କ ଆବିର୍ଭାବ ତିଥିରେ ଏହି ଅଯୋଗ୍ୟା ଶିଷ୍ୟା କିଛି ଗୁଣଗାନ କରିବାକୁ ପ୍ରୟାସ କରୁଛି।

ଗୁରୁ ମହାରାଜ, ଆପଣ କୃଷ୍ଣଙ୍କ ପ୍ରିୟଜନ ଅଟନ୍ତି। ଆମପରି ଅଧମ ପତିତ ଜୀବଙ୍କୁ ଉଦ୍ଧାର କରିବାପାଇଁ ପରମ ଦୟାଳୁ ଭଗବାନ ଶ୍ରୀକୃଷ୍ଣ ଆପଣଙ୍କୁ ଏହି ଧରାଧାମକୁ ପ୍ରେରଣ କରିଛନ୍ତି। ଗୁରୁ ମହାରାଜ ଆମେ ବହୁତ ଭାଗ୍ୟବାନ କି ଆମେ ଆପଣଙ୍କ ପରି ଗୁରୁଙ୍କୁ ପ୍ରାପ୍ତ ହୋଇଛୁ। ଗୁରୁ ମହାରାଜ ଆପଣ ଅନ୍ତର୍ଯ୍ୟାମୀ, ଆପଣ ସବୁ ଶିଷ୍ୟଶିଷ୍ୟାଙ୍କ ହୃଦୟର କଥା ଜାଣିପାରନ୍ତି। ଗୁରୁମହାରାଜ ମୋର ସାହାସ ନଥାଏ ଆପଣଙ୍କ ସାମ୍ନାରେ ମୁଁ କିଛି ପ୍ରଶ୍ନ ପଚାରିପାରିବି। କିନ୍ତୁ ଗୁରୁମହାରାଜ ମୋ ମନରେ ଯାହାସବୁ ପ୍ରଶ୍ନ ଥାଏ ମୁଁ ନ ପଚାରିଲେ ମଧ ତାର ଉତ୍ତର ମୋତେ ଆପଣଙ୍କ ମୁଖପଦ୍ମରୁ ମିଳିଯାଏ। ଗୁରୁ ମହାରାଜ ଆପଣ ଚାହାନ୍ତି ଆପଣଙ୍କ ସବୁ ଶିଷ୍ୟଶିଷ୍ୟା କୃଷ୍ଣଙ୍କ ସେବା ପାଇଁ କୃଷ୍ଣଙ୍କ ଶୁଦ୍ଧନାମ ଜପ ପାଇଁ ଉପଯୁକ୍ତ ହୁଅନ୍ତୁ। ଗୁରୁ ମହାରାଜ ଆପଣ କୃପା କରନ୍ତୁ ମୁଁ ଆପଣଙ୍କ ଆଦେଶକୁ ଠିକ୍‌ଠିକ୍ ଭାବେ ପାଳନ କରିପାରିବି। ଗୁରୁ ମହାରାଜ ଆପଣଙ୍କ କୃପାବିନା ମୋର ହରି ଭଜନରେ ଶକ୍ତି ଆସିବ ନାହିଁ। ଗୁରୁମହାରାଜ ଆପଣଙ୍କ କୃପା ଅଯୋଗ୍ୟା ଶିଷ୍ୟା ଉପରେ ସବୁବେଳେ ଥାଉ। ମତେ ଆପଣ ସବୁବେଳେ ଆପଣଙ୍କ ଚରଣତଳେ ଆଶ୍ରୟ ଦିଅନ୍ତୁ।

ଆପଣଙ୍କ ଏହି ଶୁଭ ଆବିର୍ଭାବ ତିଥିରେ ଏହା ହିଁ ମୋର ଭଗବାନ ଜଗନ୍ନାଥ ବଳରାମଦାଉ ମା' ସୁଭଦ୍ରା, ରାଧାଶ୍ୟାମସୁନ୍ଦର ଓଁଶ୍ରୀରାଧା ଗୋବିନ୍ଦ ଦେବଙ୍କ ଚରଣରେ ପ୍ରାର୍ଥନା କି ସେ ଆପଣଙ୍କୁ ସର୍ବଦା ସୁସ୍ଥ ରଖନ୍ତୁ ଓ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ। ଆଉ ଆପଣ ସବୁବେଳେ ମତେ ଆଶୀର୍ବାଦ କରି ଭକ୍ତି ଜୀବନରେ ସୁରକ୍ଷା ପ୍ରଦାନ କରନ୍ତୁ। ଶ୍ରୀଲ ଗୁରୁଦେବଙ୍କ ପାଦପଦ୍ମରେ ମୋର ମନ ସର୍ବଦା ନିୟୋଜିତ ଥାଉ। ଗୁରୁକୃଷ୍ଣଙ୍କଠାରେ ମୋର ମତି ରହୁ। ଆପଣଙ୍କ ବାଣୀ ଆଉ ଉପଦେଶକୁ ନିଷ୍ଠାର ସହିତ ପାଳନ କରେ। ସବୁ ଅପରାଧରୁ ମୁକ୍ତ ରୁହେ। ଏତିକି ମୋର ଆପଣଙ୍କ ଚରଣ ନିକଟରେ ପ୍ରାର୍ଥନା ଗୁରୁଦେବ। ଜୟ ଶ୍ରୀଲ ଗୁରୁଦେବ କି ଜୟ।

ଆପଣଙ୍କର ଚରଣାଶ୍ରିତା
**ରାଧିକା କିଶୋରୀ ଦେବୀ ଦାସୀ**

# ଗୁରୁଦେବଙ୍କର ଆଶିର୍ବାଦ ବଳରେ ସବୁକିଛି ସମ୍ଭବ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ। ଆଜି ଆପଣଙ୍କଶର ୭୧ତମ ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଆପଣଙ୍କର ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଆପଣଙ୍କ ଭଳି ସଦ୍‌ଗୁରୁଙ୍କର ଗୁଣଗାନ ମୋ ଭଳି ଜଣେ ଅଧମ କିପରି କରିବ ତାହା ମୁଁ ଜାଣିପାରୁ ନାହିଁ। ଯେଉଁଠି ସ୍ୱୟଂ ବ୍ରହ୍ମା ଆଦି ଦେବତାଗଣ ଆପଣଙ୍କ ଗୁଣଗାନ କରିପାରନ୍ତି ନାହିଁ, ସେଇଠି ମୋ' ଭଳି ଅଧମ ଆପଣଙ୍କ ଗୁଣଗାନ କରିବା ଅସମ୍ଭବ। ତଥାପି ଆପଣଙ୍କ ଭଳି ସଦ୍‌ଗୁରୁଙ୍କର କୃପା, ବରିଷ୍ଠ ସମ୍ମାନନୀୟ ଭାଗବତ ପ୍ରଭୁ ଓ ଦେବପ୍ରିୟା ମାତାଜୀଙ୍କ କୃପାରୁ ଏ ଅଧମ କିଛି ମାତ୍ରାରେ ଶିକ୍ଷା ପାଇପାରୁଛି। ଆପଣଙ୍କ ଭଳି ଶୁଦ୍ଧ ବୈଷ୍ଣବଙ୍କୁ ସେମାନଙ୍କ ମାଧ୍ୟମରେ ପ୍ରାପ୍ତ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି।

ହେ ଗୁରୁଦେବ ଆପଣ ଯେତେବେଳେ ମନ୍ଦିରକୁ ଆସନ୍ତି ମୋର ବହୁତ ଇଚ୍ଛାହୁଏ, ଆପଣଙ୍କୁ ସ୍ୱାଗତ କରି ସେହି ମୁହୂର୍ତ୍ତ କିଛି ସମୟ ବିତାଇବାପାଇଁ, ହେଲେ ମାୟାମୋହିତ ହୋଇ ବେଳେବେଳେ ମୁଁ ଉପସ୍ଥିତ ହୋଇପାରେ ନାହିଁ। ପରେ ଯେତେବେଳେ ମୁଁ ହ୍ୱାଟସପ୍ ଓ ଲାଇଭ୍ ମାଧ୍ୟମରେ ସେହି ମୁହୂର୍ତ୍ତକୁ ଦେଖେ ମନ ବହୁତ ଖରାପ ଲାଗେ। ସେତେବେଳେ ସତେ ଯେପରି ନିଜ ହୃଦୟରୁ କିଏଜଣେ ଧିକ୍କାର କଲାଭଳି ମୋତେ ଜଣାପଡ଼େ। ସେଥିପାଇଁ ମୁଁ ନିର୍ଣ୍ଣୟ ନେଇଛି ଯେ ଆପଣଙ୍କର ମନ୍ଦିର ଆସିବା ଦିନ ମୋର ଯେତେ କାର୍ଯ୍ୟ ଥିଲେ ବି ମୁଁ ଉପସ୍ଥିତ ହେବି।

"ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ।
ଯତ୍‌କୃପା ତମହଂ ବନ୍ଦେ ଶ୍ରୀଗୁରୁ ଦୀନ ତାରିଣେ।"

ଗୁରୁଦେବଙ୍କର ଆଶୀର୍ବାଦ ବଳରେ ସବୁକିଛି ସମ୍ଭବ। ଜୀବନରେ ଅନେକ ସମସ୍ୟା ଆସିଥାଏ, ଯଦି ଗୁରୁକୃଷ୍ଣଙ୍କ ଉପରେ ବିଶ୍ୱାସ ଥାଏ, ତା'ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ।

ମୋ ପୁଅର ଜନ୍ମକୁ ନେଇ ମୁଁ ବହୁତ ବ୍ୟସ୍ତ ଥିଲି। ଡେଲିଭରି ଡେଟ୍‌ର ଗୋଟେ ମାସ ପୂର୍ବରୁ ହଠାତ୍ ଡାକ୍ତର କହିଲେ ତୁମକୁ ତୁରନ୍ତ ଡେଲିଭରି ପାଇଁ ଭୁବନେଶ୍ୱର ଯିବାକୁ ପଡ଼ିବ। ଏ କଥା ଶୁଣି ହଠାତ୍ ମୁଁ ବହୁତ ଭୟଭୀତ ହୋଇପଡ଼ିଲି। ସେଠାରୁ ଫେରି ଭାଗବତ ପ୍ରଭୁ ଓ ମାତାଜୀଙ୍କ ସହ କଥା ହେଲି। ସେ ମନାକଲେ ଭୁବନେଶ୍ୱର ଯିବାପାଇଁ ତେଣୁ ମୁଁ କଟକ ଗଲି, ହେଲେ ମନ ଭିତରେ ବହୁତ ଭୟ ଆସୁଥାଏ। ସେଠାରେ ଯାଇ ପହଞ୍ଚିଲା ପରେ ଡାକ୍ତର କହିଲେ ଆପଣ ଭଗବାନ୍‌ଙ୍କୁ ବିଶ୍ୱାସ କରନ୍ତି ନା, ମୁଁ ହଁ ମାରିଲି। ଏଣେ ମନ ଭିତରେ ବହୁତ ଭୟ ଆସୁଥାଏ। ସମସ୍ତ ପରୀକ୍ଷା ସରିବା ପରେ ଡାକ୍ତର କହିଲେ ୭-୮ ଦିନ ପରେ ଆସିବେ ଡେଲିଭରି ପାଇଁ। ମୁଁ ସେଠାରୁ ଫେରି ଘରକୁ ଆସିଲି। ହେଲେ ସେହି ୭-୮ ଦିନ ମୋତେ ଯେମିତି ବହୁତ ବ୍ୟସ୍ତବିବ୍ରତ ଲାଗୁଥାଏ। ବହୁତ ଅସୁବିଧା ଅନୁଭୂତ କରୁଥାଏ ଏବଂ ବାରମ୍ବାର ମୁଁ ଦେବପ୍ରିୟା ମାତାଜୀଙ୍କୁ ପଚାରୁଥାଏ। ୭ ଦିନ ପରେ ମୁଁ କଟକ ଗଲି। ତା' ପରଦିନ ଡାକ୍ତର ଡେଲିଭରି କରାଇଲେ। ମୁଁ କଟକରୁ ଫେରି ଡେଲିଭରି ହେବାଯାଏଁ ସେହି ୭ ଦିନ ମୁଁ ସବୁବେଳେ ଆପଣଙ୍କୁ ମୋ ପାଖରେ ଥିବାଭଳି ମୁଁ ଅନୁଭବ କରୁଥାଏ। ଆପଣ ସବୁବେଳେ ଆମକୁ କହିଥାନ୍ତି ଯେ, ଯଦି ପୂର୍ଣ୍ଣରୂପରେ ଗୁରୁକୃଷ୍ଣଙ୍କ ଉପରେ ବିଶ୍ୱାସ ଥାଏ, ତା'ହେଲେ ସେ କେବେ ବି ଭକ୍ତକୁ ବିପଦରେ ପକାନ୍ତି ନାହିଁ। ସବୁବେଳେ ନିଜ ଛତ୍ରଛାୟା ତଳେ ରଖିଥାନ୍ତି।

ସମସ୍ତଙ୍କ ଜୀବନରେ ସମସ୍ୟା ତ ଆସିଥାଏ। ହେଲେ ଗୁରୁକୃଷ୍ଣଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ କାର୍ଯ୍ୟକଲେ ସାଗର ଭଳି ସମସ୍ୟାର ସମାଧାନ ଏକ ବାଛୁରୀର ଖୁରାର ଗାତ ସହ ସମାନ ଭଳି ପ୍ରତୀତ ହୁଏ। "ଗୁରୁମୁଖ ପଦ୍ମବାକ୍ୟ ଚିତ୍ତେତେ କରିୟାଐକ୍ୟ ଆର ନା କରିହ ମନେ ଆଶା।"

ସେବା ତ ବିଶେଷକରି ଦୁଇ ପ୍ରକାର ହୋଇଥାଏ, ହେଲେ ଗୁରୁଦେବଙ୍କର ବାଣୀସେବା ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ। ଗୁରୁଦେବଙ୍କର କୃପାପ୍ରାପ୍ତ ହେଲେ ଆମ୍ଭେ ଭଗବାନଙ୍କୁ ପ୍ରାପ୍ତ ହୋଇପାରିବା। ଆପଣ ସବୁବେଳେ କ୍ଲାସ ମାଧ୍ୟମରେ ଆମ୍ଭମାନଙ୍କୁ ଉପଦେଶ ଦେଇଥାନ୍ତି, ଯେ ସର୍ବପ୍ରଥମେ ଗୁରୁଦେବଙ୍କର ପୂଜା କରିବା ପରେ ଯାଇ ଭଗବାନଙ୍କୁ ପୂଜା କରିବ।

ହେ ଗୁରୁଦେବ ଆପଣ ଏତିକି କୃପା କରନ୍ତୁ ଯେମିତି ମୁଁ କୌଣସି ପରିସ୍ଥିତିରେ ଗୁରୁକୃଷ୍ଣଙ୍କ ଭକ୍ତିରୁ ବିଚ୍ୟୁତ ନ ହୁଏ। ଯଦି ମୋର କିଛି ଭୁଲ୍ ଥାଏ ତା'ହେଲେ ମୋତେ କ୍ଷମା ଦେବେ।

ଆପଣଙ୍କର ଅଧମ
**ରମାବଲ୍ଲଭ ଦାସ**

# ଗୁରୁକୃପା ବିନା ନାହିଁ ଅନ୍ୟଗତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆଜି ଆପଣଙ୍କର ୭୧ତମ ପୂଣ୍ୟ ବ୍ୟାସପୂଜା ତିଥିରେ ଏ ପତିତା ଅଧମା ଦାସୀ ଆପଣଙ୍କ ଶ୍ରୀଚରଣକମଳରେ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଆପଣଙ୍କ କୃପାଭିକ୍ଷା କରୁଛି । କୂଳରେ ଏକ ବୈଷ୍ଣବ ପୁତ୍ର ଜନ୍ମଲାଭ କଲେ କିଏ କିପରି ଧନ୍ୟ ହୁଅନ୍ତି, ତାହା ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି ।

କୂଳଂ ପବିତ୍ରଂ ଜନନୀ କୃତାର୍ଥ
ବସୁନ୍ଧରା ବା ବସତିଶ୍ଚ ଧନ୍ୟା
ସ୍ୱର୍ଗେସ୍ଥିତାସ୍ତତ୍ର ପିତରୋ ଅପି ଧନ୍ୟା
ଯସ୍ୟାସ୍ତ ବୈଷ୍ଣବଃ ପୁତ୍ର ପୁତ୍ରିଣା ସା ବିଧିୟତେ
ଅବୈଷ୍ଣବ ଶତପୁତ୍ର ଜନନୀ ଶୂକରୀ ସମା ।"

ଅର୍ଥାତ୍ ଇହଲୋକରେ ଯାହାର ପୁତ୍ର ବୈଷ୍ଣବ ବୋଲି ଖ୍ୟାତିଲାଭ କରିଛି ସେହି ଜନନୀ ଧନ୍ୟ, ତାହାର କୁଳ ପବିତ୍ର । ପୃଥିବୀ ଏବଂ ତା'ର ବସତିସ୍ଥଳ ଧନ୍ୟ । ସ୍ୱର୍ଗେସ୍ଥିତ ଦେବଲୋକ ଓ ପିତୃଲୋକ ମଧ୍ୟ ଧନ୍ୟ । ଯାହାର ପୁତ୍ର ବୈଷ୍ଣବ ସେ ଯଥାର୍ଥରେ ପୁତ୍ରବତୀ, ଶତ ଅବୈଷ୍ଣବ ପୁତ୍ରର ଜନନୀ ଶୂକରୀ ତୁଲ୍ୟା ।

ହେ ଗୁରୁଦେବ, ଆପଣଙ୍କ ପରି ଶୁଦ୍ଧ ଭକ୍ତ ପାଇଁ ସମଗ୍ର ଜଗତ ଅତି ଧନ୍ୟ । ଆପଣଙ୍କ ଭଳି କୃଷ୍ଣଭକ୍ତ ପାଇଁ ଏ ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନା ମୃତ ସଂଘ ମଧ୍ୟ ଧନ୍ୟ । ଅନ୍ତଃରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘର ପ୍ରତିଷ୍ଠାତା ଆଚାର୍ଯ୍ୟ ଶ୍ରୀଶ୍ରୀମଦ୍ ଏ.ସି. ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦଜୀ ମହାରାଜଙ୍କର ଆପଣ ଜଣେ ସୁଯୋଗ୍ୟ ପୌତ୍ର । ତାଙ୍କର ଆଦେଶକୁ ଶିରୋଧାର୍ଯ୍ୟ କରି ଆପଣ ପୁଣ୍ୟଭୂମି ଉତ୍କଳ ଦେଶରେ ଏକ ସୁନ୍ଦର ଆକର୍ଷଣୀୟ ଶ୍ରୀରାଧା ଶ୍ୟାମସୁନ୍ଦର ମନ୍ଦିର କରିଛନ୍ତି, ଯାହାକି ଆଜି ସମସ୍ତ ଦର୍ଶନାଭିଳାଷୀ ଯାତ୍ରୀ ତଥା ଭକ୍ତମାନଙ୍କ ପାଇଁ ଏକ ଦର୍ଶନୀୟ କେନ୍ଦ୍ରସ୍ଥଳରେ ପରିଣତି ହୋଇଛି ।

ହେ ଗୁରୁଦେବ ! ମୁଁ ଅତି ପତିତ ଅଧମ ମାୟାର ନଫର ହୋଇ ଘୁରିବୁଲୁଛି । ଦୟାକରି ମୋତେ ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ । ଆପଣଙ୍କୁ ସ୍ମରଣ ମାତ୍ରେ ସର୍ବ କାର୍ଯ୍ୟ ସିଦ୍ଧ ହୁଏ । ମୁଁ ନିଜେ ଅନୁଭବ କରିପାରିଛି ଯେ କାମ ତିନି ବର୍ଷ ହେଲା ହୋଇପାରୁ ନଥିଲା । ସେ କାର୍ଯ୍ୟ, ହେ ମୋର ଗୁରୁଦେବ ଆପଣ ପ୍ରସନ୍ନ ବଦନରେ ଯେଉଁ ଦୁଇପଦ ବାଣୀ କହିଲେ ତାହାଦ୍ୱାରା ସବୁ ସିଦ୍ଧି କାର୍ଯ୍ୟ ପରିଣତି ହୋଇଗଲା । ଏ ହେଉଛି ସେହି ଗୁରୁକୃପା, ଗୁରୁଦେବ ଜାଣନ୍ତି, ତାଙ୍କର ଶିଷ୍ୟା କେଉଁ ଅସୁବିଧାରେ ଅଛି । ସେ ସାଙ୍ଗେ ସାଙ୍ଗେ ପାଖକୁ ଡାକି କୃପା କରନ୍ତି । ହେ ଗୁରୁଦେବ ଆପଣଙ୍କୁ କେମିତି ପ୍ରସନ୍ନ କରିପାରିବି ତାହା ମୁଁ ଜାଣିନି । ମାତ୍ର ଆପଣଙ୍କ ଚରଣରେ ଅପରାଧ କରି ଚାଲିଛି । ମୋର ଏହି ଅପରାଧ ପାଇଁ କ'ଣ କ୍ଷମା ନାହିଁ ?

କୃଷ୍ଣ ରୁଷ୍ଟ ହେଲେ ଗୁରୁ ରାଖିବାରେ ପାରେ,
ଗୁରୁ ରୁଷ୍ଟ ହେଲେ କୃଷ୍ଣ ରାଖିତେ ନାପାରେ ॥

ଆପଣଙ୍କ ପାଦପଦ୍ମର ଧୂଳିକଣା ପରି ମୋତେ ରଖନ୍ତୁ ଏହି ମୋର ପ୍ରାର୍ଥନା । ସୁତରାଂ ଆପଣଙ୍କ କୃପା ବ୍ୟତୀତ ମୋର ହିତ ଅସମ୍ଭବ । ଆଜିପରି ପବିତ୍ର ତିଥିରେ ମୋର ଆପଣଙ୍କର ଚରଣକମଳରେ ପ୍ରାର୍ଥନା ଆପଣଙ୍କ ଉପଦେଶକୁ ପାଥେୟକରି ଭକ୍ତି ଜୀବନ ଯାପନ କରିବି ଓ ନିଜର 'ହିତ' ନିମିତ୍ତ ସ୍ୱତନ୍ତ୍ର ପ୍ରଚେଷ୍ଟା କରିବି । ଆପଣଙ୍କର ନିରାମୟ ଜୀବନପାଇଁ ରାଧାଶ୍ୟାମସୁନ୍ଦରଙ୍କ ଠାରେ ଶତକୋଟି କୋଟି ପ୍ରାର୍ଥନା ଓ ପ୍ରଣାମ ଜଣାଉଛି । ଅନ୍ତିମରେ ମୋର ଭକ୍ତ୍ୟାର୍ଘ୍ୟଟିଏ ।

## ପ୍ରାର୍ଥନା ଗୀତିକା

ପାରି କରିଦିଅ ଏ ଭବସାଗର
ତବ ଶ୍ରୀଚରଣେ ମିନତି ମୋହର
ଦିବା ନିଶି ପୂଜେ ତବ ଶ୍ରୀପୟର (ଘୋଷା)

ସଂସାର ସାଗର ଅତୀବ ଦୁସ୍ତର
ପାର ହେବାପାଇଁ ଲାଗେ ବହୁ ଡର
ସୁଦକ୍ଷ ନାବିକ ତୁମେ ଏ ନାବର
ନାବ ଯିବ ଲାଗି ଶ୍ରୀକୃଷ୍ଣ ପୟର
ଦିବା-ନିଶି ପୂଜେ ତବ ଶ୍ରୀପୟର । (୧)

ତୁମେ କୃଷ୍ଣଙ୍କର ଅତିପ୍ରିୟଜନ
ମୁହିଁ ବଦ୍ଧଜୀବ ଅତି ଦୀନହିନ
କୃପା କରି ଦିଅ ଶ୍ରୀକୃଷ୍ଣ ଚରଣ
ଜୀବନ ହୋଇବ ସାର୍ଥକ ମୋହର
ଦିବା-ନିଶି ପୂଜେ ତବ ଶ୍ରୀପୟର । (୨)

ଏ ଜଗତ ଅଟେ ଭକ୍ତିର ବିରୋଧ
ମାୟା କରିଥାଏ ପଥ ଅବରୋଧ
ଭକ୍ତି ବିନା ହୁଏ ଏ ଜୀବନ ଗଧ
ତବ କୃପାବିନା ନାହିଁ ତ ନିସ୍ତାର
ଦିବା-ନିଶି ପୂଜେ ତବ ଶ୍ରୀପୟର (୩)

ଦୁର୍ଲ୍ଲଭ ପରା ଏ ମାନବ ଜୀବନ
କୃଷ୍ଣ ଭକ୍ତିବିନା ତାହା ଅକାରଣ
କୃପା କରି ଦିଅ କୃଷ୍ଣପ୍ରେମ ଧନ
ଆଜି ଏ ଦିବସେ ମାଗୁଣି ମୋହର
ଦିବା-ନିଶି ପୂଜେ ତବ ଶ୍ରୀପୟର (୪)

ମୌନ ସାଧନେ ଦେବ ମୁନି ଗଣ
ଯାଆନ୍ତି ଅରଣ୍ୟେ ଛାଡ଼ି ନିଜଜନ
ଅନ୍ୟର ହିତରେ ନାହିଁ ତାଙ୍କ ମନ
ଚେଷ୍ଟା ସଦା ତବ ଜୀବଙ୍କ ଉଦ୍ଧାର
ଦିବା-ନିଶି ପୂଜେ ତବ ଶ୍ରୀପୟର (୫)

କୃଷ୍ଣ ତତ୍ତ୍ୱପଣେ ତୁମେ ସୁନିପୁଣ
ଦିଅ କୃଷ୍ଣ ତତ୍ତ୍ୱ ଦିଅ ଦିବ୍ୟଜ୍ଞାନ
ଦୀନ ଜନେ କର ସଂସାର ମୋଚନ
ତବ ଶ୍ରୀଚରଣେ ପ୍ରାର୍ଥନା ଆମର
ଦିବା-ନିଶି ପୂଜେ ତବ ଶ୍ରୀପୟର (୬)

ସଂସାର ସ୍ରୋତେ ମୁଁ ଭାସମାନ ଜୀବ
କରି ନ ପାରଇ ଥଳକୂଳ ଠାବ
ସେହି ସ୍ରୋତେ ତୁମେ ଉଦ୍ଧାରଣ ନାବ
କୃପା ବିନା ତବ ନାହିଁ ତ ଉଦ୍ଧାର
ଦିବା-ନିଶି ପୂଜେ ତବ ଶ୍ରୀପୟର (୭)

ପାରି କରିଦିଅ ଏ ଭବସାଗର
ତବ ଶ୍ରୀଚରଣେ ମିନତି ମୋହର
ଦିବା ନିଶି ପୂଜେ ତବ ଶ୍ରୀପୟର

ଆପଣଙ୍କର ଏ ଅଧମା ଦାସୀ
**ରାସପ୍ରିୟା ଦେବୀ ଦାସୀ**
ବ୍ରହ୍ମପୁର

# ହେ ମୋର ପ୍ରିୟର ଗୁରୁଦେବ ଆପଣ ହିଁ ମୋର ସବୁକିଛି

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ପ୍ରାଣପ୍ରିୟ ଗୁରୁଦେବ, ଏ ଅଧମର ଦଣ୍ଡବତ ପ୍ରଣାମ ଗ୍ରହଣ କରନ୍ତୁ। ଆଜି ଆପଣଙ୍କର ୭୧ତମ ଆବିର୍ଭାବ ଉତ୍ସବ। ଏହି ଦିବସରେ ମୁଁ ଆପଣଙ୍କର ଗୁଣ ବର୍ଣ୍ଣନା କରିବାର ସୁଯୋଗ ପାଇଛି, ତେଣୁ ମୁଁ ନିଜକୁ ବହୁତ ଧନ୍ୟ ମନେକରୁଛି।

ଗୁରୁଦେବ, ଆପଣ ସରଳ, ନମ୍ର ଓ ସାଧୁ ସ୍ୱଭାବସମ୍ପନ୍ନ। ମୁଁ ଯେବେଠୁ ଆପଣଙ୍କର ଦର୍ଶନ ପାଇଛି ସେବେଠୁ ମୋତେ ଭକ୍ତିର ଉତ୍ସାହ ମିଳିଛି। ଗୁରୁଦେବ ଆପଣଙ୍କ ପ୍ରବଚନ ଏତେ ଶ୍ରୁତିମଧୁର ଓ ହୃଦୟ ସ୍ପର୍ଶୀ ଯେ ମୁଁ ଯେତେବେଳେ ବି, କିଛି ଦୁଃଖଦ ପରିସ୍ଥିତିରେ ଥାଏ, ଆପଣଙ୍କ ପ୍ରବଚନ ଶୁଣିବା ଦ୍ୱାରା ମୋ ମନକୁ ଶାନ୍ତି ପ୍ରଦାନ କରେ। ମୋର ସବୁ ଦୁଃଖକଷ୍ଟ ଦୂର ହୋଇଯାଇଥାଏ। ମୋତେ ବହୁତ ଆନନ୍ଦ ମିଳିଥାଏ। ମୋର ସବୁ ପ୍ରଶ୍ନର ଉତ୍ତର ମିଳିଥାଏ। ଗୁରୁଦେବ, ଆପଣଙ୍କ ସହ ଭେଟ ହେବାପାଇଁ ମୋର ସବୁବେଳେ ଇଚ୍ଛାଥାଏ, କିନ୍ତୁ ମୁଁ ଭାବେ କ'ଣ ଗୁରୁଦେବଙ୍କ ସହ ଭେଟ ହୋଇପାରିବି, ମୋର କ'ଣ ସେ ଯୋଗ୍ୟତା ଅଛି। ଗୁରୁଦେବଙ୍କର ଅନେକ ଶିଷ୍ୟଶିଷ୍ୟା ଅଛନ୍ତି। ମୁଁ ତ କାହିଁ କେତେ ନିମ୍ନସ୍ତରରେ ଅଛି। ପୁଣି ଭାବିଲି ଗୁରୁଦେବ କ'ଣ ମୋତେ ମନେ ରଖିଥିବେ। ମୋର କୌଣସି ଯୋଗ୍ୟତା ନ ଥିଲା ଦୀକ୍ଷା ନେବାପାଇଁ ଗୁରୁଦେବ କୃପାକରି ମୋତେ ତାଙ୍କ ଚରଣକମଳରେ ଆଶ୍ରୟ ଦେଇଛନ୍ତି। ଯଦି ଗୁରୁଦେବଙ୍କ ଚରଣାଶ୍ରିତ ହୋଇ ନ ଥାନ୍ତି, ତା'ହେଲେ ମୁଁ ନିଜେ ବି ଚିନ୍ତା କରିପାରୁନି, ମୋର ଅବସ୍ଥା କ'ଣ ହୋଇଥାନ୍ତା। ମୁଁ କେଉଁ ପରିସ୍ଥିତିରେ ଥାଆନ୍ତି। ଏଇ କଥା ସବୁବେଳେ ଭାବେ। ଆଉ ସବୁବେଳେ ଭାବୁଥାଏ ଗୁରୁଦେବଙ୍କୁ କେମିତି ଟିକେ ଭେଟ ପାଇବି। ଗୁରୁଦେବ ଆପଣ ଯେବେ ଇସ୍କନ ଢେଙ୍କାନାଳ ଆସନ୍ତି, ମୁଁ ସବୁ ସମୟରେ ଯାଇପାରେନି। କାରଣ ଢେଙ୍କାନାଳରୁ ଆମ ଘର ବହୁତ ଦୂର। ଆଉ ଏଇ ବର୍ଷ ଆମର ଇସ୍କନ ଢେଙ୍କାନାଳ ନୂଆଜାଗାକୁ ସ୍ଥାନାନ୍ତରିତ ହେଲା। ଆପଣ ଆସିଥିଲେ ଉଦ୍‌ଘାଟନ କରିବା ପାଇଁ। ସମସ୍ତ ଭକ୍ତମାନେ ଆସିଥିଲେ। ମୁଁ ମଧ୍ୟ ଯାଇଥିଲି। ଆଉ ଉତ୍ସବ ସରିଲା ପରେ ମୁଁ ଅପେକ୍ଷା କରିଥିଲି, ଗୁରୁଦେବଙ୍କ ସହିତ ଭେଟ ମିଳିବକି। ଆଉ ମୋର ଅପେକ୍ଷାର ଅନ୍ତ ଘଟିଲା। ମୁଁ ହଲ୍‌ରେ ବସି ଜପ କରୁଥିଲି ପ୍ରେମକିଶୋର ପ୍ରଭୁ ମତେ ଡାକିଲେ ଗୁରୁଦେବଙ୍କ ସହ ଭେଟ ହେବାପାଇଁ। ମୁଁ ବହୁତ ଆନନ୍ଦ ହୋଇଗଲି।

ମୋତେ ବହୁତ ଖୁସି ଲାଗିଲା ଯେ ମୁଁ ଗୁରୁଦେବଙ୍କ ଭେଟ ହେବାପାଇଁ ଯାଉଛି ହେଲେ ମନେ ମନେ ଭାବୁଥିଲି ଗୁରୁଦେବ କ'ଣ ମୋତେ ମନେ ରଖିଥିବେ। ଏମିତି ଭାବି ଭାବି ଗୁରୁଦେବଙ୍କ ରୁମ୍‌କୁ ଗଲି। ଗୁରୁଦେବଙ୍କୁ ଦଣ୍ଡବତ ପ୍ରଣାମ କଲି। ପ୍ରଣାମ କରିକି ଉଠିଛି। ଗୁରୁଦେବ କହିଲେ ରତିପ୍ରଦା କେମିତି ଅଛ, ଭଲ ଅଛ ? ମୁଁ ଏତେ ଖୁସି ହୋଇଗଲି ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ସେତେବେଳେ ମୁଁ ଭାବିଲି ମୋ ଜୀବନର ସବୁକିଛି ମୋତେ ମିଳିଗଲା। ଗୁରୁଦେବ ମୋଭଳି ଅଧମ ଶିଷ୍ୟାକୁ ମନେ ରଖିଛନ୍ତି। ଗୁରୁଦେବଙ୍କ ସହ ଅନେକ କଥାବାର୍ତ୍ତା ହେଲି। ମୋ ମନରେ ଯାହା କିଛି କହିବାର ଥିଲା କହିଲି। ଗୁରୁଦେବ ମଧ୍ୟ ମୋତେ କିଛି ଆଦେଶ ଦେଲେ। ତାହା ହିଁ ମୋର ଜୀବନର ଲକ୍ଷ୍ୟ। ସବୁବେଳେ ସେ ଆଦେଶକୁ ପାଳନ କରିବି ଆଉ ମୋର ଶାସ୍ତ୍ର ଜ୍ଞାନ ନ ରହୁ। ବହୁତ କିଛି ନ ଜାଣିଲେ ବି ସବୁବେଳେ ଗୁରୁଦେବଙ୍କ ଆଦେଶ ପାଳନ କରିବି। ଏକାଦଶୀ ବ୍ରତ ପାଳନ କରିବି, ଚାରି ନିୟମ ପାଳନ କରିବି, ଷୋଳମାଳା ଜପ କରିବି ଏହାକରି ମୁଁ ମୋର ଗୁରୁଦେବଙ୍କ ଆଦେଶ ପାଳନ କରିପାରିବି। ଆପଣଙ୍କର ଅନେକ ଗୁଣ ରହିଛି ସେସବୁ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ। ମୁଁ ଏତିକି ପ୍ରାର୍ଥନା କରୁଛି; ଆପଣଙ୍କ ଚରଣତଳେ ସଦାସର୍ବଦା ଆଶ୍ରୟ ଦିଅନ୍ତୁ, ଆପଣଙ୍କ ଆଦେଶ ପାଳନ କରିବା ପାଇଁ ମୁଁ ପୂର୍ଣ୍ଣ ଚେଷ୍ଟିତ।

ଆପଣଙ୍କର ଅଯୋଗ୍ୟା ଶିଷ୍ୟା
**ରତିପ୍ରଦା ଦେବୀ ଦାସୀ**
ଇସ୍କନ, ଢେଙ୍କାନାଳ

# ଗୁରୁ ସାକ୍ଷାତ୍ ଠାରୁ ଗୁରୁ ସ୍ମରଣ ବେଶୀ ଦରକାର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ମୋର ପରମ ପୂଜ୍ୟ, ପରମ ଆରାଧ୍ୟ, ଚିର ନମସ୍ୟ ଶ୍ରୀଲ ଗୁରୁଦେବ । ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥି ତଥା ବ୍ୟାସପୂଜା ମହାମହୋତ୍ସବ । ଉକ୍ତ ଅବସରରେ ଆପଣଙ୍କ ଚରଣଯୁଗଳରେ ବିନମ୍ର ସହକାରେ ଅନନ୍ତ କୋଟି ପ୍ରଣାମ ଜ୍ଞାପନ କରୁଅଛି । ତତ୍ସହିତ ଉପସ୍ଥିତ ଗୁରୁଭ୍ରାତା, ଭଗ୍ନୀ ଏବଂ ଉଚ୍ଚତର ବୈଷ୍ଣବମାନଙ୍କ ଚରଣରେ ମୋର ପ୍ରଣାମ ନିବେଦନ କରୁଛି ।

ହେ ଗୁରୁଦେବ ! ଆପଣଙ୍କ ମହାନତା ବର୍ଣ୍ଣନା କରିବାପାଇଁ ଏ ଅଧମ ଶିଷ୍ୟା ନିକଟରେ ନା ଅଛି ଶବ୍ଦ ନା ଯୋଗ୍ୟତା । ଆପଣଙ୍କ ପରି ମହାମହିମ ବୈଷ୍ଣବ ଶିରୋମଣିଙ୍କର ଗୁଣକୀର୍ତ୍ତନ କରିବାପାଇଁ ମଧ୍ୟ ଏ ଦାସୀ ସମ୍ପୂର୍ଣ୍ଣ ଅକ୍ଷମ । ତଥାପି ମୋର ସ୍ୱଳ୍ପ ଜ୍ଞାନରେ ଆପଣଙ୍କର ଗୁଣଜ୍ଞାନ କରିବାକୁ ଚେଷ୍ଟା କରିବି । ଯଦି ତ୍ରୁଟି ଥାଏ ତେବେ ଆପଣଙ୍କର ମହାନ୍‌ଗୁଣରେ କ୍ଷମା କରିଦେବେ ।

ଗୁରୁଦେବ ଆପଣଙ୍କର ହୃଦୟ ନିଷ୍ପାପ ଶିଶୁପରି କୋମଳ ଏବଂ ସରଳ ତଥା ଦୟା, କ୍ଷମାପରି ମହନୀୟ ଗୁଣରେ ପରିପୂର୍ଣ୍ଣ । ଏଣୁ ମର୍ତ୍ତ୍ୟରେ ପାପୀମାନଙ୍କ ଉଦ୍ଧାର କରିବା ପାଇଁ ଭୌତିକ ଜଗତରେ ଅବସ୍ଥାନ କରି ଭଗବାନ୍ ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବ ଧର୍ମ ପ୍ରଚାର କରି ଆପଣ ପତିତଜନଙ୍କୁ ଉଦ୍ଧାର କରିଥାଆନ୍ତି ।

ଆପଣଙ୍କ ମୁଖରୁ ଯେତେ ହରିକଥା ଶ୍ରବଣ କଲେ ମଧ୍ୟ ହୃଦୟ ମୋର ପରିତୃପ୍ତ ହୋଇପାରୁନି । ଗୁରୁଦେବଙ୍କ କୃପାବିନା କୌଣସି ଆଧ୍ୟାତ୍ମିକ ଉନ୍ନତି ସମ୍ଭବ ନୁହେଁ । ସର୍ବଦା ମନରେ ଉଙ୍କିମାରେ, ଅନ୍ୟ ଭକ୍ତମାନେ କେତେ ଭକ୍ତି କରୁଛନ୍ତି ମାତ୍ର ମୋର ମନରେ କାହିଁକି ସେତିକି ଆସୁ ନାହିଁ । ଆପଣଙ୍କର ଚରଣକମଳରେ ସର୍ବଦା ସ୍ଥାନ ଦିଅନ୍ତୁ । ଯାଦ୍ୱାରା ଇହଜଗତରେ ଏହି କୃଷ୍ଣପ୍ରେମ ପ୍ରାପ୍ତି କରିପାରିବି । ଆପଣ ବୁଝାଇଥିଲେ ଗୁରୁ ସାକ୍ଷାତ୍ ଠାରୁ ଗୁରୁ ସ୍ମରଣ ବେଶୀ ଦରକାର । ଏହିଭଳି କେତେ ଅସୁବିଧାରେ ମଧ୍ୟ ମୁଁ ଗୁରୁଦେବଙ୍କୁ ସ୍ମରଣ କରି ଉଦ୍ଧାର ପାଇଛି । ଯାହାକି ମାତାଜୀମାନଙ୍କୁ ଶୁଣାଇଛି । ଆନନ୍ଦରେ କାନ୍ଦି ଉଠିଛି । ଗୁରୁଦେବ, ଆପଣ କେତେ ମହାନ୍ ! ପରନ୍ତୁ ମୋ ହୃଦୟ ଅତ୍ୟନ୍ତ କଠୋର ଏବଂ ଜଟିଳ । ମୁଁ ତ ଭାବୁଛି କେତେ ଜନ୍ମ ଲାଗିବ କୃଷ୍ଣ ପ୍ରେମ ଲାଭପାଇଁ । ଏହି କଥା ମଧ୍ୟ କୃଷ୍ଣାନନ୍ଦ ପ୍ରଭୁ ମୋତେ ସବୁବେଳେ କହନ୍ତି ଖଳିସାହି କୃଷ୍ଣ ବଳରାମ ଆଶ୍ରମ ବାର୍ଷିକ ଉତ୍ସବକୁ ଆସିଲାବେଳେ ମନରେ ଭୟ ଏବଂ ଖୁସିରେ ଗୋଡ଼ ତଳେ ଲାଗୁ ନ ଥିବ, କିନ୍ତୁ ଗଲାବେଳେ ହୃଦୟରେ କେତେ ଦୁଃଖ ଆସିଥାଏ ବର୍ଣ୍ଣନା କରିହୁଏନି । ଚାଉପଲ୍ଲୀ ଶ୍ୟାମସୁନ୍ଦର ଆଶ୍ରମଠାରେ ଆପଣଙ୍କୁ ସାକ୍ଷାତ କରିବାକୁ ଗଲାବେଳେ ଆପଣ ଆମର ଶିକ୍ଷା ଗୁରୁ ଗଦାଧରଗୌରଦାସ ପ୍ରଭୁଜୀଙ୍କୁ ପଚାରୁଛନ୍ତି ଲୋକାଲ ମାତାଜୀମାନେ କାହାନ୍ତି । ସେତେବେଳେ ଆମ ମନରେ କିଭଳି ଆନନ୍ଦ ! ଭକ୍ତିହୀନ, ସେବା ହୀନ ହତଭାଗିନୀ ମାତାଜୀମାନଙ୍କୁ ଯିବା ସମୟରେ ଗୁରୁଦେବ ମନେ ପକାଇଲେ ! ଏହିଭଳି କୃପା ଆଶୀର୍ବାଦ ଆମ ଖଳିସାହି ପ୍ରଭୁଜୀ / ମାତାଜୀମାନଙ୍କ ଉପରେ ରଖିଥାନ୍ତୁ । ଟିକେ ଭକ୍ତିରେ ଲାଗି ରହିବୁ ।

ହେ ଗୁରୁଦେବ, ମୁଁ କୃଷ୍ଣଙ୍କ ଦାସୀ ହେବା ପରିବର୍ତ୍ତେ ମାୟାର ଦାସୀ ହୋଇଯାଉଛି । ମୋର ଆପଣଙ୍କ ଗୁଣଗାନ ନିମନ୍ତେ ଯୋଗ୍ୟତା ନ ଥିବା ସତ୍ତ୍ୱେ ମନକୁ ଛୁଇଁଥିବା କଥାପଦେ ଲେଖା ମାଧ୍ୟମରେ ପ୍ରକାଶ କରିଦେଲି । ଆପଣ ତ ଦୟାର ସାଗର । ଏ ଅଧମାକୁ କୃପା କରନ୍ତୁ । ସଦାର୍ବଦା ମୋର ଆପଣଙ୍କ ଚରଣରେ ମତି ରହୁ । ଅଜ୍ଞାତରେ ତ୍ରୁଟି କରିଥିବା ଯୋଗୁଁ କ୍ଷମା ପ୍ରାର୍ଥନା ସଙ୍ଗେ ସଙ୍ଗେ ଶ୍ରୀଗୁରୁଦେବଙ୍କ ଚରଣରେ ମୋର କୋଟି ଦଣ୍ଡବତ ପ୍ରଣାମ ।

ସର୍ବଶେଷରେ ଗୁରୁ ମହାରାଜ ଓ ସମସ୍ତ ବୈଷ୍ଣବ, ବୈଷ୍ଣବୀମାନଙ୍କୁ, ଭକ୍ତ ସଜ୍ଜନମଣ୍ଡଳୀକୁ ମୋର ଭକ୍ତିପୁତ ପ୍ରଣିପାତ ଜଣାଇ ଶେଷକରୁଛି ।

ଆପଣଙ୍କର ଚରଣାଶ୍ରିତା
**ରୀନା ରାଉତ**
ଖଳିସାହି ଇସ୍କନ

# ଗୁରୁ କୃପା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ଆଦରଣୀୟ ପ୍ରାତଃ ସ୍ମରଣୀୟ ଶ୍ରୀଲ ଗୁରୁଦେବ ଆଜି ହେଉଛି ସେଇ ପୂଣ୍ୟ ପବିତ୍ର ତିଥି ଶ୍ରାବଣ ମାସ କୃଷ୍ଣ ପକ୍ଷ ତୃତୀୟା ଯେଉଁଦିନ ଆପଣଙ୍କ ପରି ଶୁଦ୍ଧ ବୈଷ୍ଣବ ଠାକୁରଙ୍କର ଏହି ଧରାଧାମରେ ଅବତରଣ ହୋଇଥିଲା । ହେ ଗୁରୁଦେବ ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଏ ଦୀନହୀନା ଅଯୋଗ୍ୟା ଶିଷ୍ୟା ରତିମଞ୍ଜରୀ ଆପଣଙ୍କର ଶ୍ରୀପାଦ ପଦ୍ମରେ ଶତ ସହସ୍ର କୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଆପଣଙ୍କ ଭଳି ଶୁଦ୍ଧ ବୈଷ୍ଣବ ଠାକୁରଙ୍କର ଗୁଣ ସମୁଦ୍ର ଭଳି । ମୁଁ ଅଯୋଗ୍ୟା ଚାହିଁଲେ ବି ବିନ୍ଦୁ ମାତ୍ର ଗୁଣଗାନ କରିପାରିବି ନାହିଁ । ହେ ମୋର ମଙ୍ଗଳମୟ ଗୁରୁଦେବ ଆପଣ ଯଦି ଏ ମନ୍ଦ ବୁଦ୍ଧି ଓ ଉପରେ କୃପା କରିବେ କିଛି ଗୁଣଗାନ କରିପାରିବି । ହେ ଗୁରୁଦେବ ମୁଁ ଦିନରେ ଗୋଟେଥର ଆପଣଙ୍କର କ୍ଲାସ୍ ଶୁଣେ ସେଥିରେ ମୁଁ ଆପଣଙ୍କର ବାଣୀକୁ ଦିନସାରା ହୃଦୟଙ୍ଗମ କରେ । ହେ ଗୁରୁଦେବ ଦୀକ୍ଷା ପୂର୍ବରୁ ମୁଁ ବହୁତ କଷ୍ଟରେ ସାଧନା ମାର୍ଗରେ ଗତି କରୁଥାଏ । ହେଲେ ଗୁରୁଦେବ ମୁଁ ସବୁବେଳେ ଆପଣଙ୍କର ଶ୍ରୀଚରଣର ଆଶ୍ରୟରେ ଥାଏ । କାରଣ ମୁଁ ସବୁବେଳେ ଭାବୁଥାଏ ଯେତେ ଡେରି ହେଉପଛେ ମୋର ଯୋଗ୍ୟତା ନଥିଲେ ବି ଗୁରୁଦେବ ମୋତେ ଅବଶ୍ୟ କୃପାକରିବେ । ଏପରି ଭାବି ମୁଁ ସାଧନା ମାର୍ଗରେ ଚାଲିଥାଏ । ଦିନେ ଶ୍ୟାମ ଦାସ ପ୍ରଭୁ ଫୋନ୍ କରି କହିଲେ ଶୀଘ୍ର ରେଡ଼ି ହୁଅ ଦୀକ୍ଷା ନେବାପାଇଁ । ଘରେ ଦିକ୍ଷା ନେବାପାଇଁ ମନା କରୁଥିଲେ । ହେଲେ ଆପଣଙ୍କ ଭଳି ଗୁରୁଦେବଙ୍କ ଚରଣର ଆଶ୍ରୟ ଯିଏ ନିଏ ତା'ର ନାବ କେବେ ହେଲେ ବୁଡ଼େ ନାହିଁ । ହେ ଗୁରୁଦେବ ଆପଣ ମୋ ପରି ଅଯୋଗ୍ୟାକୁ ଆପଣାର କରି ମୋ ଜୀବନର ଗତିପଥକୁ ବଦଳାଇ ଦେଲେ । ହେ ଗୁରୁଦେବ ଆପଣ ମୋପାଇଁ ଭଗବାନ ଅଟନ୍ତି । ଗୁରୁଦେବଙ୍କ ମୁଖରୁ ଯେଉଁ ଶବ୍ଦ ଶିଷ୍ୟ ଶିଷ୍ୟା ପାଇଁ ବାହାରେ ତାହା ଅବଶ୍ୟ ଫଳପ୍ରଦ ହୁଏ । ହେ ଗୁରୁଦେବ ଆପଣ ଯେତେବେଳେ ପ୍ରଥମ କରି ଆସିକା ସେଣ୍ଟରେ ଆଗମନ କରିଥିଲେ ସେହିଦିନ ମୋର ଭକ୍ତି ମାର୍ଗରେ ଆସୁଥିବା କଷ୍ଟର ଅନ୍ତିମ ଦିନ ଥିଲା । ହେ ଗୁରୁଦେବ ଆପଣଙ୍କର ଅହୈତୁକୀ କୃପାରୁ ଗୃହସ୍ଥ ଆଶ୍ରମରେ ଏବେ ସମସ୍ତେ ଜପ କରୁଛନ୍ତି । ହେ ଗୁରୁଦେବ ଆପଣ କୃପା କରନ୍ତୁ ମୁଁ ସବୁବେଳେ ଗୁରୁ କୃଷ୍ଣଙ୍କ ଶ୍ରୀଚରଣରେ ଶ୍ରଦ୍ଧା ପୂର୍ବକ ସେବା କରିପାରିବି । ଆଉ ଆପଣଙ୍କର ଶ୍ରୀ ଚରଣର ରେଣୁର ଆଶ୍ରୀତା ହୋଇ ରହିଥିବି । ହେ ଗୁରୁଦେବ ସବୁବେଳେ ତୃଟି କରିବା ମୋର କାମ । ଗୁଣଗାନରେ କିଛି ତୃଟି ଥିଲେ ମୋତେ ଆପଣଙ୍କର ଦାସୀଟିଏ ଭାବି କ୍ଷମା କରନ୍ତୁ । ଜୟ ଜୟ ଅଧମ ଉଦ୍ଧାରଣ ଶ୍ରୀଲ ଗୁରୁ ମହାରାଜ ଜି କି ଜୟ ହୋ । ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହଙ୍କ ଶ୍ରୀଚରଣରେ ମୋର ଏତିକି ପ୍ରାର୍ଥନା ମୋର ପ୍ରସନ୍ନମୟ ଗୁରୁଦେବଙ୍କୁ ସଦା ସର୍ବଦା ସୁସ୍ଥ ଆଉ ଦିର୍ଘାୟୁ ରଖିଥାନ୍ତୁ ।

**ହରେକୃଷ୍ଣ**

**ଜୟ ବ୍ୟାସ ପୂଜା ମହାମହୋତ୍ସୋବ କି ଜୟ**
**ଜଗତ ଗୁରୁ ଶ୍ରୀଲ ପ୍ରଭୁପାଦ ଜୀ ମହାରାଜ କି ଜୟ ।**
**ଅର୍ନ୍ତଯ୍ୟାମି ଶ୍ରୀଲ ଗୁରୁ ମହାରାଜ କି ଜୟ ।**

ଆପଣଙ୍କର ଶ୍ରୀ ଚରଣର ଅତି ଅଧମା ଶିଷ୍ୟା
**ରତି ମଞ୍ଜରୀ ଦେବୀ ଦାସୀ**

# କୃପା ମାଳ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ପରମ ଆରାଧ୍ୟ ଗୁରୁଦେବ, ଆଜି ଏଇ ୭୧ତମ ବ୍ୟାସପୂଜା ଅବସରରେ ଆପଣଙ୍କ ପାଦପଦ୍ମରେ ଆମ ହୃଦୟର କୋଟିକୋଟି ଦଣ୍ଡବତ ପ୍ରଣାମ ଏବଂ ସମସ୍ତ ବୈଷ୍ଣବବୃନ୍ଦଙ୍କ ଚରଣରେ ଭକ୍ତିପୂର୍ଣ୍ଣ ପ୍ରଣାମ । ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର ଏବଂ ଗୁରୁକୃଷ୍ଣଙ୍କ କୃପାରୁ କିଛି ଅନୁଭୂତି ଆପଣଙ୍କ ପାଖରେ ପ୍ରକାଶ କରୁଛୁ । ଦୋଷ ଥିଲେ କ୍ଷମା କରିଦେବେ ।

ଭୌତିକ ଜଗତରେ ଆମେ ଶିକ୍ଷାର ଅଗ୍ରଗତି ପାଇଁ ଗୁରୁ ଗ୍ରହଣ କରିଥାଉ । ସେହିପରି ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି ପାଇଁ ଆଗ୍ରହୀ ଥିବା ଶ୍ରଦ୍ଧାଳୁମାନେ ମଧ୍ୟ ଗୁରୁ ଗ୍ରହଣ କରିବା ଆବଶ୍ୟକ । ଭଗବାନଙ୍କ କୃପା ଏବଂ ଅନେକ ଜନ୍ମର ସୁକୃତିର ଫଳସ୍ୱରୂପ ଆଧ୍ୟାତ୍ମିକ ଗୁରୁ ପ୍ରାପ୍ତ ହୁଅନ୍ତି । ଶ୍ରୀମଦ୍ ଭଗବତ ଗୀତାର ଚତୁର୍ଥ ଅଧ୍ୟାୟ ଶ୍ଳୋକ ସଂଖ୍ୟା ୩୪ରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହୁଛନ୍ତି-

"ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।"

ଜଣେ ଉପଯୁକ୍ତ ଗୁରୁଙ୍କ ନିକଟକୁ ଯାଇ ତତ୍ତ୍ୱଜ୍ଞାନ ଶିକ୍ଷା କରିବାକୁ ଚେଷ୍ଟାକର । ତାଙ୍କର ସେବାକର ଏବଂ ବିନୟ ସହକାରେ ତାଙ୍କୁ ପ୍ରଶ୍ନ କରି ତାଙ୍କଠାରୁ ଜ୍ଞାନ ଲାଭ କର । ତତ୍ତ୍ୱଦର୍ଶୀ ଜ୍ଞାନୀ ତୁମକୁ ଜ୍ଞାନ ପ୍ରଦାନ କରିପାରିବେ । କାରଣ ସେ ତତ୍ତ୍ୱଦର୍ଶୀ ଅଟନ୍ତି ବା ସତ୍ୟ ଦର୍ଶନ କରିଛନ୍ତି ।

ଗୁରୁଦେବଙ୍କ ସହିତ ଗୋଟିଏ ସୁନ୍ଦର ଅନୁଭୂତି: ଇସ୍କନ ଅନୁଗୋଳରେ 'ବ୍ରହ୍ମ ବିମୋହନ ଲୀଳା'ର ତୃତୀୟ ଦିନ । ସେଦିନ 'ବ୍ରହ୍ମ ବିମୋହନ ଲୀଳା' କଥାର ଶେଷ ଦିନ ଥାଏ । ଆମେ ଧ୍ୟାନର ସହିତ ଗୁରୁଦେବଙ୍କ କଥା ଶୁଣୁଥାଉ । ଗୁରୁଦେବଙ୍କ ଗଳାରେ ଗୋଟିଏ ସୁନ୍ଦର ଫୁଲମାଳ ଦେଖିଲି । କେଜାଣି କାହିଁକି ମନକୁ ଆସିଲା "ଆଜି ଏଇ ମାଳଟି ଗୁରୁଙ୍କଠାରୁ କୃପାମାଳ ଆକାରରେ ମିଳନ୍ତା କି ?' ଆଉ ସତକୁ ସତ ସେଇ ଫୁଲମାଳଟି ଗୁରୁଦେବ ଆମ ସାନ ପୁଅ ମାଧବକୁ ଦେଲେ । ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି, ଆଖିରୁ ମୋର ଧାର ଧାର ଲୁହ ବୋହି ଆସିଲା । ମୋର ଆଶ୍ଚର୍ଯ୍ୟ ହେବାର କାରଣ ଗୁରୁଦେବ ସେଦିନ ଅନେକ ଫୁଲମାଳା ଧାରଣ କରିଥିଲେ ଆଉ ବହୁତ ଭକ୍ତଙ୍କୁ କୃପାମାଳ ଦେଉଥାନ୍ତି, କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ମୁଁ ଇଛା କରିଥିବା ଫୁଲମାଳଟି ଗୁରୁଦେବ ଆମ ସାନପୁଅକୁ ପ୍ରଦାନ କଲେ । ଗୁରୁ ହେଉଛନ୍ତି ଭଗବାନଙ୍କ 'ପ୍ରକାଶ ବିଗ୍ରହ-ପ୍ରତିନିଧି' ତାହା ମୁଁ ଅନୁଭବ କଲି ।

ହେ ଗୁରୁଦେବ, ଆପଣଙ୍କୁ ଗୁରୁ ରୂପରେ ପାଇ ଆମେ ନିଜକୁ ବହୁତ ଭାଗ୍ୟଶାଳୀ ମନେ କରୁଛୁ । 'ଆପଣ ଅନ୍ତର୍ଯ୍ୟାମୀ, ଅନ୍ତରର କଥା ଜାଣିପାରନ୍ତି' ଆମ୍ଭମାନଙ୍କୁ ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ ଏବଂ କୃଷ୍ଣ ଭକ୍ତିରେ ଆମକୁ ସଦାସର୍ବଦା ପଥ ପ୍ରଦର୍ଶନ କରୁଥାନ୍ତୁ ।" ଏତିକି ଗୁରୁଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶେଷରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ପାଖରେ ଆପଣଙ୍କ ଦୀର୍ଘାୟୁ ଏବଂ ସୁସ୍ୱାସ୍ଥ୍ୟର ପ୍ରାର୍ଥନା କରୁଛୁ ।

ଆପଣଙ୍କର ଆଶ୍ରିତ ଶିଷ୍ୟା, ଶିଷ୍ୟ
**ସାଧ୍ୱୀ ଦେବୀ ଦାସୀ, କୃଷ୍ଣକିର୍ତ୍ତି ଦାସ**
ତାଳଚେର

# ଆପଣଙ୍କର ଚରଣକମଳରୂପୀ ଛତ୍ରଛାୟା

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ହେ ମୋର ପରମ ପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ। ଆଜି ଆପଣଙ୍କ ୭୧ତମ ଶୁଭ ଆବିର୍ଭାବ ତିଥି। ଏହି ଆବିର୍ଭାବ ତିଥିରେ ମୁଁ ଆପଣଙ୍କ ଚରଣରେ ବିନମ୍ର ପ୍ରଣାମ ନିବେଦନ କରୁଛି। ଆପଣ କୃପା କରି ମୋ ପ୍ରଣାମକୁ ସ୍ୱୀକାର କରନ୍ତୁ।

ହେ ଗୁରୁମହାରାଜ ୮୪ଲକ୍ଷ ଜୀବଯୋନିର ଏ ଭୟଙ୍କର ଚକ୍ରରେ ଜନ୍ମ ପରେ ଜନ୍ମ କୃଷ୍ଣଙ୍କ ଚରଣକମଳକୁ ବିସ୍ମୃତ ହୋଇ ଏ ଭୌତିକ ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ସମୟରେ ଭଗବାନ ତାଙ୍କ ନିଜ ଧାମରୁ ଆପଣଙ୍କୁ ଏ ଭୌତିକ ଜଗତକୁ ଆମ ପରି ବଦ୍ଧଜୀବଙ୍କର ଉଦ୍ଧାର ପାଇଁ ପ୍ରେରିତ କରିଛନ୍ତି। ଗୁରୁ ମହାରାଜ ଆପଣ ଆମକୁ ସବୁ ସମୟରେ ଆପଣଙ୍କ ଆଚରଣ ଓ ପ୍ରବଚନ ଦ୍ୱାରା କୃଷ୍ଣଙ୍କ ପ୍ରେମପୂର୍ଣ୍ଣ ସେବା ତାଙ୍କର ନାମକୁ ନିଷ୍ଠା ଓ ଶ୍ରଦ୍ଧାର ସହ ଜପ କରିବା, ଚାରିଟି ନିୟମକୁ ଦୃଢ଼ତାର ସହିତ ପାଳନ କରିବା, ଭକ୍ତର ଆଚରଣ, ଶାସ୍ତ୍ର ଅଧ୍ୟୟନ, ସରଳତା, ଭଗବାନ ଶ୍ରୀକୃଷ୍ଣଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ତାଙ୍କ ସେବାରେ ନିଜକୁ ସମର୍ପଣ କରିବା, ସମସ୍ତ ପ୍ରକାର ଅପରାଧରୁ ମୁକ୍ତ ରହିବା ଇତ୍ୟାଦିର ଶିକ୍ଷା ପ୍ରଦାନ କରନ୍ତି। କିନ୍ତୁ ଗୁରୁମହାରାଜ, ଏହିସବୁ ନିଷ୍ଠାର ସହ ଓ ନିର୍ଭୁଲର ସହିତ ପାଳନ କରିବାପାଇଁ ମୁଁ ସମର୍ଥ ନୁହେଁ। ଗୁରୁମହାରାଜ, ଏହିସବୁ କେବଳ ଆପଣଙ୍କ କୃପାରେ ହିଁ ସମ୍ଭବ ହୋଇପାରିବ। ଆପଣଙ୍କ କୃପାବିନା ଏସବୁ କିଛି ବି ସମ୍ଭବ ନୁହେଁ। ଗୁରୁ ମହାରାଜ, ଭକ୍ତିର ଏହିସବୁ ଅଭ୍ୟାସ କେବଳ ଆପଣଙ୍କ ଚରଣକମଳ ରୂପୀ ଛତ୍ରଛାୟା ତଳେ ରହି ଆପଣଙ୍କ କୃପାରୁ ହିଁ ସମ୍ଭବ।

ଗୁରୁଦେବ କୃପାବିନ୍ଦୁ ଦିୟା କରଏଇ ଦାସେ
ତୃଣାପେକ୍ଷା ଅତିହୀନ।
ଶକ୍ତି ବୁଦ୍ଧିହୀନ ଆମି ଅତି ଦୀନ
କରେ ମୋରେ ଆତ୍ମ ସାଥ।
ଯୋଗ୍ୟତା ବିଚାର କିଛି ନାହିଁ ପାଇ
ତୋମାର କରୁଣା ସାର
କରୁଣା ନ ହୈଲେ କାନ୍ଦିୟା କାନ୍ଦିୟା ପ୍ରାଣ ନାରାଖିବେ ଆର

ଗୁରୁ ମହାରାଜ ଆପଣ କୃପା କରନ୍ତୁ ଯେପରି ମୁଁ ଆପଣ ଦେଇଥିବା ପ୍ରତ୍ୟେକଟି ପ୍ରତ୍ୟେକ୍ଷ ଓ ପରୋକ୍ଷ ଆଦେଶକୁ ନିଷ୍ଠାର ସହ ପାଳନ କରିପାରିବି। ମୋ ମନ ସବୁବେଳେ ଆପଣଙ୍କ ଚରଣ କମଳରେ ସ୍ଥିର ରହୁ। ଗୁରୁ ମହାରାଜ ମୁଁ ଆପଣଙ୍କ ପ୍ରସନ୍ନତା ପାଇଁ କିଛି ବି ସେବା କରିପାରୁ ନାହିଁ। ମୋତେ ଆଦେଶ ଓ ଆର୍ଶୀବାଦ ପ୍ରଦାନ କରନ୍ତୁ, ମୁଁ ଆପଣଙ୍କ ଚରଣକମଳରେ କେଉଁ ସେବା କରିପାରିବି। ଗୁରୁ ମହାରାଜ, ମୋ ଦ୍ୱାରା ହୋଇଥିବା ସମସ୍ତ ଅପରାଧକୁ ଆପଣ କ୍ଷମା କରନ୍ତୁ। ଆପଣଙ୍କ ଚରଣ କମଳରେ ମତେ ସର୍ବଦା ଆଶ୍ରୟ ପ୍ରଦାନ କରିଥାନ୍ତୁ। ମୋର ଆପଣଙ୍କ ଚରଣରେ ଏତିକି ପ୍ରାର୍ଥନା ଗୁରୁଦେବ।

ଆପଣଙ୍କ ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ରାଧା ଶ୍ୟାମସୁନ୍ଦର, ନୃସିଂହ ଦେବ ଭଗବାନଙ୍କ ଚରଣରେ ପ୍ରାର୍ଥନା କରୁଛି ସେ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ।

ଆପଣଙ୍କ ଚରଣାଶ୍ରୀତା
**ସଖି ଦେବୀ ଦାସୀ**
ଢେଙ୍କାନାଳ

# ସେଇ ଦିନର କଷ୍ଟ, ଆଜି ମୋ ପାଇଁ ଆଶୀର୍ବାଦ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କର ଏହି ଶୁଭ ଆର୍ବିଭାବ ଉତ୍ସବରେ ଏ ଅଧମାର ଆପଣଙ୍କ ପାଦପଦ୍ମରେ ଶତକୋଟି ପ୍ରଣାମ । ହେ ପରମପୂଜ୍ୟ ଗୁରୁଦେବ ଏହି ବ୍ୟାସପୂଜା ଅବସରରେ ମୋତେ କିଛି ଲେଖିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ହେ ଗୁରୁଦେବ, ମୁଁ କିପରି ଆପଣଙ୍କ ଆଦେଶ ପାଳନ କରିବି ମୋତେ ଆଶୀର୍ବାଦ କରନ୍ତୁ ।

ମୁଁ ଭକ୍ତି କରିବାର ତିନି / ଚାରି ବର୍ଷ ହେଲାଣି ହେଲେ ମୋ ପାଇଁ ଭକ୍ତ ସଙ୍ଗର ଅଭାବ ଥିଲା । କିନ୍ତୁ ଏବେ ଖଳିସାହି ଇସ୍କନ ଏବଂ ଗଦାଧର ପ୍ରଭୁଜୀଙ୍କ ସଙ୍ଗ ଲାଭରେ ଟିକେ ଭକ୍ତିରେ ପ୍ରଗତି କରିଛି । ଆପଣ ପ୍ରତି ବାର୍ଷିକ ଉତ୍ସବରେ ଆମ ଆଶ୍ରମକୁ ଆସନ୍ତି, ହେଲେ ଶେଷରେ ଶିଷ୍ୟଶିଷ୍ୟାମାନଙ୍କ ସାଥିରେ ଯେଉଁ କଥୋପକଥନ ହୋଇଥାଏ କେମିତି ଆମେ ଭକ୍ତିରେ ଆଗେଇବୁ, ସେଇଟା ମୋତେ ଆନନ୍ଦ ଦେଇଥାଏ, ଯାହାଫଳରେ ଆସନ୍ତା ବର୍ଷ ସେଇ ଦିନଟିକୁ ମୁଁ ଅପେକ୍ଷାରେ ଥାଏ ।

ହେଲେ ଏଇ ବର୍ଷ ମୋ ପାଇଁ କଷ୍ଟ ଥିଲା । ଆପଣ ମୋତେ ଦ୍ୱାଦଶ ତିଲକ ମନ୍ତ୍ର ପଚାରି ଥିଲେ, ହେଲେ ଭୟରେ ମୁଁ ଲାଇନ୍ ଅନୁସାରେ କହି ନ ଥିଲି, ଆପଣ କହିଲେ ଦ୍ୱାଦଶ ତିଲକ୍ କରୁନ୍ କି ? ମୁଁ ନୀରବ ରହିଲି ହେଲେ କୃଷ୍ଣାନନ୍ଦ ପ୍ରଭୂଜୀ କହିଲେ, ବାହାରେ ବୁଲୁଛନ୍ତି ତ ! ଆପଣ କହିଲେ ଶ୍ରୀଭଦ୍ରା କରୁନି କି ? ସେ ବି ତ ବାହାରେ ବୁଲୁଚି । ସେହି ସମୟରେ ମୋତେ କଷ୍ଟ ଲାଗିଥିଲା, କିନ୍ତୁ ସେଦିନର କଷ୍ଟ ଆଜି ମୋ ପାଇଁ ଆଶୀର୍ବାଦ ହୋଇଛି । ମୁଁ ଏବେ ଭାବୁଛି ଗୁରୁଦେବ ଏବେ ଆଉଥରେ ପଚାରି ଦିଅନ୍ତେ କି ?

ହେ ଗୁରୁଦେବ ! ଆପଣଙ୍କର ଗୁଣ ଅସୀମ ଅନନ୍ତ । ମୋର ଶକ୍ତି ସାମର୍ଥ୍ୟ ନାହିଁ ଆପଣଙ୍କର ଗୁଣଗାନ କରିବା ପାଇଁ । କିଛି ତ୍ରୁଟିଥିଲେ କ୍ଷମା ପ୍ରଦାନ କରିବେ । ଆଜି ଏଇ ଶୁଭ ଆର୍ବିଭାବ ତିଥିରେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ । ଆପଣଙ୍କ ଶରୀର ସର୍ବଦା ସୁସ୍ଥ ଓ ଦୀର୍ଘାୟୁ ହେଉ । ଆପଣଙ୍କର କୃପା ଆମ୍ଭମାନଙ୍କ ଉପରେ ସଦାସର୍ବଦା ରହିଥାଉ । ହରେକୃଷ୍ଣ ।

ଜୟ ଶ୍ରୀଲ ପ୍ରଭୂପାଦକୀ ଜୟ ! ଜୟ ଶ୍ରୀଲ ଗୁରୁଦେବ କି ଜୟ !

ଆପଣଙ୍କର ଚରଣ ଆଶ୍ରିତା
**ସନ୍ଧ୍ୟାରାଣୀ ପୃଷ୍ଟି**
ଖଳିସାହି

# କେବେହେଲେ ଥକି ଯାଆନ୍ତି ନାହିଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପ୍ରିୟ ଆରାଧ୍ୟ ଶ୍ରୀଲ ଗୁରୁଦେବ ! ଆଜି ଆପଣଙ୍କର ପବିତ୍ର ବ୍ୟାସପୂଜା ତିଥି ଅବସରରେ ଶ୍ରୀଶ୍ରୀ ରାଧାରାଣୀ ଶ୍ୟାମସୁନ୍ଦରଙ୍କର କୃପାଭିକ୍ଷା କରି ଆପଣଙ୍କ ଚରଣ କମଳରେ ଏ ଅଧମ ଦାସୀ ସନ୍ତୋଷିନୀର ଅନନ୍ତକୋଟି ଦଣ୍ଡବତ ପ୍ରଣାମ। ଉପସ୍ଥିତ ସମସ୍ତ ସନ୍ନ୍ୟାସୀ, ବୈଷ୍ଣବ ଓ ବୈଷ୍ଣବୀ ଭକ୍ତବୃନ୍ଦଙ୍କୁ ମୋର ବିନମ୍ର ପ୍ରଣାମ। ଆଜି ପବିତ୍ର ଶ୍ରାବଣ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ଏ ଓଡ଼ିଶା ମାଟିରେ ଭକ୍ତି ଓ ଆଧାତ୍ମିକ ଜ୍ଞାନର ଶିକ୍ଷାର ପ୍ରଚାର ଓ ପ୍ରଚାର ପାଇଁ ମୋର ପ୍ରିୟ ଗୁରୁଦେବ ଧରାବତରଣ କରିଥିଲେ। ଆପଣଙ୍କର ଏହି ପବିତ୍ର ଦିନ ଅବସରରେ ଆପଣଙ୍କର ବିଷୟରେ କିଛି ଗୁଣଗାନ କରିବାକୁ ସୁଯୋଗ ମିଳିଛି, ସେଥିପାଇଁ ମୁଁ ଧନ୍ୟ ମନେ କରୁଛି। କିନ୍ତୁ ଆପଣଙ୍କ ବିଷୟରେ କିଛି କହିବାକୁ ମୋର ବୁଦ୍ଧି ନାହିଁ। ତଥାପି ଆପଣଙ୍କର କୃପା ଭିକ୍ଷା କରି କିଛି ଲେଖୁଛି।

ଶ୍ରୀଲ ଗୁରୁଦେବ ଓ ବୈଷ୍ଣବ ମାନଙ୍କ ମୁଖରୁ ମୁଁ ଶୁଣିଥିଲି, ଯେ ଅନେକ ଜନ୍ମର ଭକ୍ତି ଉନ୍ମୁଖୀ ସୁକୃତି, ବୈଷ୍ଣବ ଓ କୃଷ୍ଣଙ୍କର କୃପାରୁ ଜୀବକୁ ଭକ୍ତି କରିବାକୁ ସୁଯୋଗ ମିଳେ ଓ ପ୍ରାମାଣିକ ଗୁରୁଙ୍କର ଦର୍ଶନ ଓ ସାନ୍ନିଧ୍ୟ ମିଳେ। ଶ୍ରୀଲ ଗୁରୁଦେବଙ୍କର ନମ୍ର, ସରଳ ଓ ଭକ୍ତିରେ ଦୃଢ଼ତା ମୋତେ ସବୁବେଳେ ପ୍ରେରଣା ଓ ଉତ୍ସାହ ଦେଇଥାଏ ଭକ୍ତିପଥରେ ଆଗକୁ ବଢ଼ିବାକୁ। ତାଙ୍କର ଆଚରଣ ଓ ଉଚ୍ଚାରଣ ସବୁ କୃଷ୍ଣଙ୍କ ପ୍ରେମଭକ୍ତି ଉପରେ ଆଧାରିତ ଯେତେବେଳେ ଶ୍ରୀମତି ରାଧାରାଣୀ, ଭଗବାନ୍ ଶ୍ରୀକୃଷ୍ଣ ଓ ଚୈତନ୍ୟ ମହାପ୍ରଭୁଙ୍କର ଚରିତାମୃତ ଉପରେ କଥା ଓ ପ୍ରବଚନ ଦିଅନ୍ତି ସେତେବେଳେ ଅନବରତ ପ୍ରବଚନ ଦେଉଥିଲେ ମଧ୍ୟ କେବେହେଲେ ସେ ଥକି ଯାଆନ୍ତି ନାହିଁ।

ଗୃହସ୍ଥ ହୋଇଥିବାରୁ ଦୈନନ୍ଦିନ ଜୀବନରେ ଉପୁଜୁଥିବା ସମସ୍ୟା ଓ ପ୍ରଶ୍ନର ଉତ୍ତର ତାଙ୍କର ପ୍ରବଚନରେ ମୋତେ ମିଳିଯାଏ। ମୁଁ ଯେବେ ବି କିଛି ଭୁଲ୍ କରୁଥାଏ। ସେତେବେଳେ ଯେମିତି ଅନୁଭବ ହୁଏ କି ମୋତେ ଶ୍ରୀଲ ଗୁରୁଦେବ ତାଗିଦ୍ କରୁଛନ୍ତି କି ଏମିତି କରନା, ଏହା ଭକ୍ତିରେ ବାଧା ସୃଷ୍ଟି କରିବ। ତାଙ୍କର କଥା ଶ୍ରବଣରେ ଯେତେ ସବୁ ସମସ୍ୟାର ସମାଧାନ ମିଳିଯାଏ ଓ ଭକ୍ତିରେ ସବୁ ବାଧାକୁ ଏଡ଼ାଇ ଆଗକୁ ଯିବାକୁ ସେ ଉତ୍ସାହ ଦେଇଥାନ୍ତି। କିପରି ଜଣେ ଗୃହସ୍ଥ ହୋଇ ମଧ୍ୟ ସଂଯତ ଜୀବନଯାପନ କରିବା ଓ ନାମ ଜପ ଦୃଢ଼ତାର ସହ କରିବା ସେଥିପାଇଁ ସବୁବେଳେ ଗୁରୁତ୍ୱ ମଧ୍ୟ ଦେଇଥାନ୍ତି।

ଅନୁଗୋଳରେ ନିର୍ମାଣ ହେଉଥିବା ନୂଆ ମନ୍ଦିର ପାଇଁ ଭକ୍ତ ଓ ଶିଷ୍ୟମାନଙ୍କୁ ଯୋଗାଉଥିବା ଉତ୍ସାହ ଓ ପ୍ରେରଣା ପାଇଁ ମୁଁ ଆପଣଙ୍କର ଚରଣରେ କୋଟି କୋଟି ଧନ୍ୟବାଦ ଦେବା ସହିତ ବିନମ୍ର ପ୍ରାର୍ଥନା ମଧ୍ୟ କରୁଛି କି ଏପରି କୃପା ଓ ଆଶୀର୍ବାଦ ଆମମାନଙ୍କ ଉପରେ ଥାଉ।

ଶେଷରେ ଶ୍ରୀଶ୍ରୀ ରାଧାରାଣୀ ଶ୍ୟାମସୁନ୍ଦରଙ୍କୁ ମୋର ଏତିକି ମିନତୀ ଯେ ସେ ସଦାସର୍ବଦା ଆପଣଙ୍କୁ ସୁସ୍ଥସବଳ ରଖିଥାନ୍ତୁ ଯେପରି ଆପଣ ଆମମାନଙ୍କୁ ସଂସାର ରୂପକ ଅଗ୍ନିରୁ ଉଦ୍ଧାର କରି ଆଧାତ୍ମିକ ଶିକ୍ଷା ଓ କୃଷ୍ଣ ଭକ୍ତି ବିଷୟରେ ଜ୍ଞାନ ଦେଉଥାନ୍ତୁ। ଆଉ ଆପଣଙ୍କର, ସମସ୍ତ ବୈଷ୍ଣବଙ୍କର କୃପା ଏମିତି ମୋ ଉପରେ ସବୁବେଳେ ଥାଉ ଯେମିତି ମୁଁ ଭକ୍ତି ପଥରେ ଆହୁରି ଦୃଢ଼ମନା ହୋଇପାରେ ଓ ଗୁରୁ ଗୌରାଙ୍ଗଙ୍କର ସେବା କରିପାରେ। ଦୁଇ ପୁଅ ଓ ସ୍ୱାମୀଙ୍କ ଉପରେ ମଧ୍ୟ ଆପଣଙ୍କର ଆଶୀର୍ବାଦ ରହୁ, ଯେମିତିକି ସେମାନେ ମଧ୍ୟ ଭକ୍ତିରେ ଆଗକୁ ଯାଆନ୍ତୁ।

ଆପଣଙ୍କର ଚରଣାଶ୍ରିତ
**ସନ୍ତୋଷିନୀ ବେହେରା**
ଯାଜପୁର

# ଗୁରୁକୃପା ହିଁ କେବଳମ୍

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆଜିର ଏହି ୭୧ତମ ବ୍ୟାସପୂଜା ଅବସରରେ ଆପଣଙ୍କ ପାଦପଦ୍ମରେ ଶତକୋଟି ଭକ୍ତିପୂତ ପ୍ରଣତି ଅର୍ପଣ କରୁଛି । ଆପଣଙ୍କ ପରି ମହାଭାଗବତଙ୍କର ଗୁଣ କୀର୍ତ୍ତନ କରିବାପାଇଁ ଏ ଅଧମର ଯୋଗ୍ୟତା ନାହିଁ । ଆପଣଙ୍କର ଅହୈତୁକୀ କୃପାବଳରେ ଇଷ୍ଟଙ୍କୁ ଜପ କରିବାର ସୁଯୋଗ ପାଇଛି । ଆଜକୁ ୩ ବର୍ଷ ତଳେ ଯେତେବେଳେ ମୁଁ ଆପଣଙ୍କୁ ଅନୁଗୁଳଠାରେ ଭେଟେ, ସେଇ ସମୟରୁ ହିଁ ଆପଣ ମୋର ହୃଦୟ କିଣି ନେଇଯାଇଛନ୍ତି ।

ଢେଙ୍କାନାଳରେ ଇସ୍କନ ମନ୍ଦିର ହେଲାରୁ ଆପଣଙ୍କ କୃପାରୁ ସୁଦୀକ୍ଷିତ ହୋଇପାରିଲି । ଏବେ ଦୀକ୍ଷିତ ହେବାର ତୃତୀୟ ବର୍ଷ ଚାଲିଲା । ଯା ଭିତରେ ମୋର ବହୁତ ପରିବର୍ତ୍ତନ ହୋଇଛି ବୋଲି ମୁଁ ଅନୁଭବ କରୁଛି । ଆପଣ ହେଉଛନ୍ତି ସଦ୍‌ଗୁରୁ କାରଣ ହରିଙ୍କର କଥା ସଦାସର୍ବଦା ଶୁଣିବା ପାଇଁ ଆପଣ ଉପଦେଶ ଦିଅନ୍ତି ଏବଂ ନିଜେ ମଧ୍ୟ ଶୁଣାନ୍ତି । ଆପଣଙ୍କ କଥା ଆମେ ସ୍ୱାମୀ ସ୍ତ୍ରୀ କଥା ହେଉ । ସେ ଦୀକ୍ଷିତ ନୁହନ୍ତି ସତ ହେଲେ ଆପଣଙ୍କ ଫଟୋ ଦେଖିଲେ ସସମ୍ମାନେ ନମସ୍କାର କରନ୍ତି । ବ୍ରାହ୍ମଣ ଓ ବୈଷ୍ଣବଙ୍କ ପ୍ରତି ତାଙ୍କ ଭକ୍ତିଥାଏ । ସେ ତାଙ୍କର କହିବା କଥା ଉଲ୍ଲେଖ କରୁଛି ।

ସେଦିନ ଥାଏ ୨୦୨୨ ମସିହା ଜୁଲାଇ ୮ ତାରିଖ । ତାଙ୍କ ଦେହ ବହୁତ ଖରାପ ହେଲା, ବଞ୍ଚିବାଠିକ୍ ନ ଥିଲା ତାଙ୍କୁ ଭୁବନେଶ୍ୱର ହସ୍‌ପିଟାଲ ନେଇଗଲୁ । ଏଇ କଥା ମୁଁ ସେହି ଦିନ ହିଁ ପ୍ରେମ ପ୍ରକାଶପ୍ରଭୁଜୀଙ୍କୁ ଜଣାଇ ଦେଇଥିଲି ଠାକୁରଙ୍କୁ ନିବେଦନ କରିବାପାଇଁ । ଚିକିତ୍ସା ଚାଲିଲା । ହୃଦ୍‌ରୋଗୀ, ଜୀବନ ଅନିଶ୍ଚିତ । ମୋ ସ୍ତ୍ରୀ ରାତିରେ ଶୋଇ ସ୍ୱପ୍ନ ଦେଖିଲେ ଧଳାବସ୍ତ୍ର ପରିଧାନ କରି ନୀରବରେ ଭଗବତ ଗୀତା ମୁଣ୍ଡପାଖରେ ପଠନ କରୁଛନ୍ତି । ଏହିପରି ୩ ଦିନ ଲଗାତର ଆପଣ ଗୀତା ପାଠକରି ପଳାଇ ଆସନ୍ତି । ଚତୁର୍ଥ ଦିନରୁ ସେ ଟିକେ ଭଲ ଆଡ଼କୁ ଗତିକଲେ ଓ ଆଶ୍ୱସ୍ତି ଲାଭକଲେ । ତାଙ୍କର ଏହି ଅନୁଭୂତି ମତେ କହିଲେ । ତୁମ ଗୁରୁମହାରାଜ ମୋତେ ଭଲ କରିଦେଲେ । ଏଇ କଥା ଆମକୁ ବଡ଼ ଚକିତ ଓ ଆଶ୍ଚର୍ଯ୍ୟ କରିଛି ।

ମୋ କଥା ପଦେଅଧେ କହେ । ମୁଁ ଯେତେବେଳେ ଭାଙ୍ଗି ପଡ଼େ ଆପଣଙ୍କ ପାଦଦୁଇଟିକୁ ସ୍ମରଣ କରେ । ସମସ୍ୟାର ସମାଧାନ ହୋଇଯାଏ ଓ ମୁଁ ପରମ ଶାନ୍ତି ଅନୁଭବ କରେ ।

ଗୁରୁଦେବ ! ଆପଣଙ୍କ ଦୀର୍ଘଜୀବନ କାମନା କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣ ସୁସ୍ଥ ଓ ନିରାମୟ ଜୀବନଯାପନ କରନ୍ତୁ ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ସର୍ବସାକ୍ଷୀ ଦାସ**
ଯୋରନ୍ଦା

# ଅବିସ୍ମରଣୀୟ ସ୍ମୃତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ପରମ ଦୟାଳୁ ଗୁରୁଦେବ, ଆପଣଙ୍କ ଶ୍ରୀଚରଣରେ କୋଟିକୋଟି ପ୍ରଣାମ ଜଣାଉଛି । ଆଜି ବି ମୋର ସେହି ଦୀକ୍ଷା ପୂର୍ବ ଦିନର କଥା ମନେପଡ଼େ ଯେଉଁ ସମୟରେ ଆପଣଙ୍କ ଏକାନ୍ତ ସଙ୍ଗଲାଭ କରିବା ପାଇଁ ମୋର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ଓ ଆପଣ ଏ ଅଧମ ପ୍ରତି କୃପା କରିଥିଲେ । କାରଣ ଦୀକ୍ଷିତ ହେବାକୁ ଥିବା ଭକ୍ତମାନଙ୍କର ତାଲିକାରେ କୌଣସି ମତେ ମୋର ନାମ ନଥିଲା । ଆପଣଙ୍କ ପରାମର୍ଶ ପରେ ମୋର ନାମ ଦୀକ୍ଷିତ ହେବାକୁ ଥିବା ତାଲିକାରେ ଅନ୍ତର୍ଭୁକ୍ତ କରାଗଲା । ସେହି ଅହୈତୁକୀ କୃପା ମୋ ପାଇଁ ସାରା ଜୀବନ ଅବିସ୍ମରଣୀୟ ହୋଇ ରହିଥିବ । ଗୁରୁଦେବ, ଆପଣଙ୍କ ଅତୁଳନୀୟ କୃପାରୁ ଯେବେଠାରୁ ଜଗତସିଂହପୁରରୁ ବଦଳି ହୋଇ ଭୁବନେଶ୍ୱରକୁ ଆସିଛି ସେବେଠାରୁ ମୋର ଯଥାସମ୍ଭବ ସାମର୍ଥ୍ୟ ଅନୁସାରେ ବାଟୋଳ ଆଶ୍ରମ, ହରିପୁର ଆଶ୍ରମ ଏବଂ ଆମ ଘରେ ଭଗବାନଙ୍କ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଚଳିତ ବର୍ଷ ବାର୍ଷିକ ଉତ୍ସବରେ ଆପଣଙ୍କ ଶରୀର ଅସୁସ୍ଥ ଥିବା ସତ୍ତ୍ୱେ ଆପଣ ବାଟୋଳ ଆଶ୍ରମକୁ ଆସି ଆମ୍ଭମାନଙ୍କୁ ଆପଣଙ୍କ ସଙ୍ଗ ପ୍ରାପ୍ତିର ସୌଭାଗ୍ୟ ଦେଇ ଆମ୍ଭମାନଙ୍କୁ କୃପା ପ୍ରଦାନ କଲେ । ଏହିପରି ଦୟା ମୋ ପରି ପତିତ ଜୀବମାନଙ୍କର ଉପରେ ସଦା ସର୍ବଦା ରହିଥାଉ । ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କ ଚରଣ କମଳରେ ଏତିକି ନିବେଦନ ଆପଣଙ୍କ ଶରୀର ସଦାସର୍ବଦା ସୁସ୍ଥ ରହୁ ଏବଂ କୋଟି କୋଟି ପତିତ ଜୀବମାନଙ୍କୁ ଉଦ୍ଧାର କରିବାପାଇଁ ଭଗବାନ ଆପଣଙ୍କୁ ଅପାର ଶକ୍ତି ପ୍ରଦାନ କରନ୍ତୁ । ମୁ ଜାଣିଛି ମୋର କୌଣସି ଯୋଗ୍ୟତା ବା ସାମର୍ଥ୍ୟ ନାହିଁ କି ମୁଁ ସଠିକ୍‌ଭାବରେ ଆପଣଙ୍କ ଗୁଣଗାନ କରିପାରିବି । କିନ୍ତୁ ମୁଁ ଜାଣିଛି ଆପଣଙ୍କ ଦୟାର୍ଦ୍ର ହୃଦୟରେ ଆପଣ ମୋର ଦୋଷତ୍ରୁଟିକୁ ମାର୍ଜନା କରିବେ ।

ଆପଣଙ୍କର ଚରଣାଶ୍ରିତ
**ସାର୍ବଭୌମ ଦାସ**
ଇସ୍କନ ବାଟୋଳ (ଆଉଟ୍ ପୋଷ୍ଟ)

# ସରଳ ଭାଗବତ କଥା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ପରମାରାଧ୍ୟ ଶ୍ରୀଗୁରୁଦେବ ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କୁ ଶତକୋଟି ଦଣ୍ଡବତ ପ୍ରଣାମ । ହେ ଗୁରୁମହାରାଜ ଆମକୁ ଏତିକି କୃପା କରନ୍ତୁ କି ଆମ୍ଭେମାନେ ଭକ୍ତିମାର୍ଗରେ ଆଗକୁ ଯିବାରେ ସଫଳ ହେବୁ । ଆପଣ ଭଗବାନଙ୍କର କଥା ଏତେ ସରଳଭାବରେ ବ୍ୟାଖ୍ୟା କରନ୍ତି ଯେ କେହି ବି ନୂତନ ଭକ୍ତ ଶ୍ରବଣ କଲେ ସହଜରେ ବୁଝିପାରନ୍ତି । ଏବଂ ସେ ବ୍ୟକ୍ତି ଭକ୍ତିମାର୍ଗରେ ଆଗକୁ ପାଦ ଦିଏ । ତାର ମନୁଷ୍ୟ ଜୀବନରେ ସଫଳତା ହାସଲ କରେ ଓ ଲକ୍ଷ ପଥରେ ଅଗ୍ରସର ହୁଏ । ତେଣୁ ଆପଣଙ୍କ ପରି ଗୁରୁ ପାଇ ମୁଁ ନିଜକୁ ଧନ୍ୟ ମନେ କରୁଛି ଓ ମୋର ଜୀବନର ମୂଲ୍ୟ ବୁଝିପାରିଛି । ତେଣୁ ଭଗବାନ ରାଧାଶ୍ୟାମସୁନ୍ଦରଙ୍କୁ ମୁଁ ଏତିକି ପ୍ରଣତି ନିବେଦନ କରୁଛି କି ହେ ଭଗବାନ ଆମ ଗୁରୁଦେବଙ୍କୁ ସଦାସର୍ବଦା ନିରୋଗୀ କରି ରଖିଥାନ୍ତୁ । ଯେପରି ଗୁରୁମହାରାଜ ସଦାସର୍ବଦା ଆମକୁ ଭଗବାନଙ୍କର କଥା (ପ୍ରବଚନ) ଶୁଣାଇ ପାରୁଥାନ୍ତୁ । ଲେଖିବାର ଯଦି କିଛି ଭୁଲ ହୋଇଥାଏ ତେବେ ଏ ଦାସୀକୁ କ୍ଷମା କରିଦେବେ । ଜୟ ଶ୍ରୀଲ ଗୁରୁଦେବ କି ଜୟ ।

ଆପଣଙ୍କର ଅଯୋଗ୍ୟା ଶିଷ୍ୟା
**ଶୁଭା ଦେବୀ ଦାସୀ**
ଢେଙ୍କାନାଳ, ଇସ୍କନ

# ସେବାର ମନୋବୃତ୍ତି କ୍ଷୀଣ ନ ହେଉ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମ ପୂଜ୍ୟ ଗୁରୁଦେବ ! ଆପଣଙ୍କର ଦିବ୍ୟ ଚରଣ କମଳରେ ମୁଁ ମୋର ଭକ୍ତିପୂର୍ଣ୍ଣ ଦଣ୍ଡବତ ପ୍ରଣାମ ନିବେଦନ କରୁଛି । ହେ ମୋର ଗୁରୁଦେବ ଆପଣଙ୍କର ଅଶେଷ କୃପାରୁ ଏ ଅଯୋଗ୍ୟ ପତିତ ଜୀବ ଆପଣଙ୍କ ବିଷୟରେ ଦୁଇପଦ ଗୁଣଗାନ କରିବା ପାଇଁ ପ୍ରୟାସ କରୁଛି ଏବଂ ଆପଣ ସଦା ସର୍ବଦା ସୁସ୍ଥ ରୁହନ୍ତୁ ଏବଂ ଆପଣଙ୍କ ଶ୍ରୀମୁଖରୁ ଦିବ୍ୟ ଭାଗବତ କଥା ମୋ ପରି ପତିତ ବଦ୍ଧ ଜୀବାତ୍ମାମାନଙ୍କୁ କହି ଏ ଭବସାଗରରୁ ଉଦ୍ଧାର ପାଇବାର ସୁଯୋଗ ପ୍ରଦାନ କରନ୍ତୁ, ଏହା ମୋର ଶ୍ରୀ ରାଧାଶ୍ୟାମ ସୁନ୍ଦରଙ୍କ ପାଖରେ ପ୍ରାର୍ଥନା ।

ମୁଁ ଆପଣଙ୍କର ଦିବ୍ୟ ଦର୍ଶନ ପ୍ରଥମ ଥର ସୁନ୍ଦର ଗୋପାଳ ପ୍ରଭୁଙ୍କ ଗୃହରେ କରିଥିଲି ଏବା ଆପଣଙ୍କୁ ପ୍ରଥମଥର ଦର୍ଶନ କରି ମୋତେ ବହୁତ ଆନନ୍ଦ ଅନୁଭବ ହୋଇଥିଲା । ଯେଉଁ ଆନନ୍ଦକୁ ଆଜି ମୁଁ ଆଉ ଅନୁଭବ କରିପାରୁ ନାହିଁ । ତେଣୁ ପୁଣିଥରେ ସେ ଆନନ୍ଦକୁ ମୋତେ ପ୍ରଦାନ କରନ୍ତୁ । ଆପଣଙ୍କୁ ମୁଁ ପ୍ରଥମ ଥର ପାଇଁ ମୋର ପ୍ରଶ୍ନ କରିଥିଲି କି, "ମହାରାଜ, ମୁଁ ଠିକ୍ ଭାବେ ଜପ କରିପାରୁ ନାହିଁ । ଜପ କଲାବେଳେ ମୋର ମନ ବହୁତ ଚଞ୍ଚଳ ଓ ବିଷୟ ଚିନ୍ତାରେ ମଗ୍ନ ହୋଇପଡୁଛି" ଏବଂ ଆପଣ ମୋତେ ବହୁତ ସୁନ୍ଦର ଉପଦେଶ ଦେଇଥିଲେ ଏବଂ ଆପଣ କହିଥିଲେ କି ମନର ସ୍ୱଭାବ ଅତି ଚଞ୍ଚଳ କିନ୍ତୁ ଯଦି ଆମେ ଜପ କଲାବେଳେ ଜପକୁ ଧ୍ୟାନପୂର୍ବକ ଶୁଣିବା ପାଇଁ ଚେଷ୍ଟା କରୁ ଧୀରେ ଧୀରେ ଆମେ ଭଲ ଜପ କରିପାରିବା ଏବଂ ଆପଣଙ୍କର ସେ କଥାକୁ ବିଶ୍ୱାସର ସହିତ ପାଳନ କରିଥିଲି । ଯାହାଫଳରେ ଆଜି ମୁଁ ଆପଣଙ୍କ କୃପାରୁ ଭଲଭାବରେ ଜପ କରିପାରୁଛି ।

ଆପଣଙ୍କର ଦିବ୍ୟ ଶ୍ରୀଚରଣରେ ସର୍ବଦା ମୋର ଏହି ଗୋଟିଏ ପ୍ରାର୍ଥନା ମୋର ମନରେ ଓ ହୃଦୟରେ ସର୍ବଦା ଆପଣଙ୍କର ଦିବ୍ୟ ଶ୍ରୀଚରଣର ସେବା ପ୍ରତି ଓ ଭଗବାନ୍‌ଙ୍କ ସେବା ପ୍ରତି ରୁଚି ଜାଗ୍ରତ ହେଉ ଓ ସର୍ବଦା ଏ ସେବାର ମନବୃତ୍ତି ମୋ ଭିତରେ ଅଧିକ ଅଧିକ ବୃଦ୍ଧି ପ୍ରାପ୍ତ ହେଉ । କୌଣସି ପରିସ୍ଥିତିରେ ଏ ସେବାର ମନୋବୃତ୍ତି ମୋ ଭିତରୁ କ୍ଷୀଣ ନ ହେଉ ଏବଂ ଏହି ସେବା ମାଧ୍ୟମରେ ମୁଁ ମୋର ପ୍ରିୟ ଗୁରୁଦେବଙ୍କୁ କେମିତି ସନ୍ତୁଷ୍ଟ କରିପାରିବି ଏତିକି ମୋର ଭଗବାନ କୃଷ୍ଣଙ୍କର ଚରଣକମଳରେ ପ୍ରାର୍ଥନା ।

ଆପଣଙ୍କର ଚରଣାଶ୍ରିତ
**ସ୍ମୃତି ସୌରଭ ପାଲ**
ରାସୋଲ

# ଗୁରୁଙ୍କ ଉପଦେଶ ମୋ ଜୀବନର ଲକ୍ଷ୍ୟ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।

ହେ ମୋର ପରମ ଦୟାମୟ ଶ୍ରୀଗୁରୁ ମହାରାଜ, ଏ ଅଧମର କୋଟିକୋଟି ପ୍ରଣାମ ଗ୍ରହଣ କରନ୍ତୁ । ଆପଣଙ୍କର ଏହି ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣରେ କେବଳ ଏତିକି ପ୍ରାର୍ଥନା କି ସଦାସର୍ବଦା ଆପଣଙ୍କ ଉପଦେଶକୁ ପାଳନ କରିବାପାଇଁ ଏହି ଅଯୋଗ୍ୟ ଶିଷ୍ୟାକୁ କୃପା କରନ୍ତୁ । ଆପଣଙ୍କର ଗୁଣ ଓ ମହିମା ସାଗର ତୁଲ୍ୟ । ମୁଁ ଏକ ତୁଚ୍ଛ ସେବିକା, କ'ଣ ବା ଆପଣଙ୍କର ଗୁଣଗାନ କରିପାରିବି ତଥାପି ଆପଣଙ୍କର କୃପାଭିକ୍ଷା କରୁଛି । ଆପଣ ମୋତେ କୃପା କରନ୍ତୁ । ଯାହାଦ୍ୱାରା ଆପଣଙ୍କର ଗୁଣଗାନ କରି ମୋ ହୃଦୟରେ ଥିବା ମଇଳାକୁ ପରିଷ୍କାର କରି କୃଷ୍ଣ ପ୍ରେମକୁ ଲାଭ କରିପାରିବି ।

ହେ ମୋର ଗୁରୁଦେବ ଆପଣ ମୋତେ ଦୀକ୍ଷା ପ୍ରଦାନକରି କୋଟି ଜନ୍ମର ପାପରୁ ମୁକ୍ତ କରିଛନ୍ତି । ମୁଁ କେବେ ଚିନ୍ତା କରି ନ ଥିଲି ଯେ ମୋ ଭଳି ଗୋଟେ ବଦ୍ଧ ଜୀବ ଆପଣଙ୍କ ଚରଣାଶ୍ରିତ ହୋଇପାରିବ । ମୁଁ ଇସ୍କନ ମନ୍ଦିରକୁ ଯିବା ଭିତରେ ମୋତେ ବହୁତ ଭଲ ଲାଗିଲା, ଆପଣଙ୍କର ପ୍ରବଚନ ଶୁଣି ବହୁତ ଖୁସି ହେଲି । ମୁଁ ବହି ପ୍ରଚାର କରିବାକୁ ଘରଘର ଯାଏ । ମନ୍ଦିରଟି କିପରି ତିଆରି ହେବ ସେଥିପାଇଁ ଗୁଣ୍ଡୁଚି ମୂଷା ଭଳି କିଛି ଘରଘର ବୁଲି ପଇସା ମଧ୍ୟ ମାଗି କରି ମନ୍ଦିରକୁ ଦିଏ । ଘରୁ କିଛି ବି ପଇସା ମନ୍ଦିରକୁ ଦିଆହୁଏ । ମୋର ମନ ସବୁବେଳେ ମନ୍ଦିର ସେବାପାଇଁ ଇଚ୍ଛା କରେ, ହେଲେ ବହୁତ ଦୁର ଯୋଗୁଁ ମୁଁ ବେଶୀ ଯାଇପାରୁନି । ବାସନ ସେବା, ପରିବା ଅମୁଣିଆଁ କରିବା, ବହି ପ୍ରଚର କରିବା ମୋତେ ଭାରି ଭଲ ଲାଗେ । ମୁଁ ମନ୍ଦିରକୁ ଗଲାବେଳେ ମୋତେ ବହୁତ ଭଲ ଲାଗୁଛି । ମୁଁ ଶାନ୍ତି ପାଉଛି । ଏ ସବୁ ଭଗବାନ୍ ଶ୍ୟାମ ସୁନ୍ଦର ଓ ଗୁରୁମହାରାଜଙ୍କ ପାଇଁ । ଶିକ୍ଷାଗୁରୁ ସୁମିତ୍ର କୃଷ୍ଣ ପ୍ରଭୁଙ୍କପାଇଁ ବି ମୁଁ ଓ ମୋ ପରିବାର ଆଗକୁ ଯାଇପାରୁଛୁ ।

ଶ୍ରୀଲ ଗୁରୁମହାରାଜ ମୋତେ ଓ ମୋ ପରିବାକୁ ତାଙ୍କ ସ୍ନେହ ଓ ଆଶୀର୍ବାଦ ସବୁଦିନ ପାଇଁ ଦେଇଥାନ୍ତୁ । ମୁଁ ଏତିକି ପ୍ରାର୍ଥନା କରୁଛି । ଆଉ ମଧ୍ୟ ଶ୍ରୀଲଗୁରୁ ମହାରାଜଙ୍କର ଦେହ ଭଲ ଥାଉ ମୁଁ ଜଗନ୍ନାଥ, ଶ୍ୟାମସୁନ୍ଦରଙ୍କୁ ପ୍ରାର୍ଥନା କରୁଛି । ମୋର ଭୁଲ୍ ଥିଲେ ମୋତେ କ୍ଷମା କରିବେ ।

ଆପଣଙ୍କର ଶିଷ୍ୟା
**ସୃଷ୍ଟି ଦେବୀ ଦାସୀ**
ମଲ୍ଲୀବନ୍ଧ, ତାଳଚେର

# ଗୁରୁଦେବଙ୍କର କରୁଣା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।**

ହେ ମୋର ପରମପୂଜ୍ୟ ଗୁରୁମହାରାଜ ! ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଏହି ଅଯୋଗ୍ୟ ଶିଷ୍ୟା ଆପଣଙ୍କର ଶ୍ରୀ ଚରଣକମଳରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି, ହେ ଗୁରୁଦେବ, କୃପାକରି ସ୍ୱୀକାର କରନ୍ତୁ । ଆଜିର ଏହି ପବିତ୍ର ତିଥିରେ ମୁଁ ରାଧାଶ୍ୟାମସୁନ୍ଦର, ଗୌର ନିତାଇଙ୍କ ପାଖରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି ।

ସାଧୁସଙ୍ଗ କୃପା କୃଷ୍ଣେର କୃପାୟ
କାମାଦି ଦୁଃସଙ୍ଗ ଛାଡ଼ି ଶୁଦ୍ଧ ଭକ୍ତି ପାୟ ।

କୌଣସି ବୈଷ୍ଣବ ଗୁରୁଙ୍କ କୃପାବଳରେ ଏବଂ କୃଷ୍ଣଙ୍କ ସ୍ୱତନ୍ତ୍ର କୃପାବଳରେ ମନୁଷ୍ୟ ଭକ୍ତି ସ୍ତରକୁ ଉନ୍ନୀତ ହୋଇଥାଏ । ସେହି ସ୍ତରରେ ସେ ସମସ୍ତ ଭୌତିକ କାମନା ଓ ଅବାଞ୍ଛିତ ଲୋକଙ୍କ ସଙ୍ଗ ପରିତ୍ୟାଗ କରି ଶୁଦ୍ଧ ଭକ୍ତି ରସ ଆସ୍ୱାଦନ କରିଥାଏ ।

ଦିନକର ଘଟଣା । ଗୁରୁଦେବ ଯେତେବେଳେ ଅନୁଗୁଳ ମନ୍ଦିରକୁ ଆସନ୍ତି ସେତେବେଳେ ସମସ୍ତଙ୍କ ମେଳରେ ଦର୍ଶନ କଲେ ସୁଦ୍ଧା ସବୁବେଳେ ମୋର ଇଚ୍ଛାଥାଏ ଗୁରୁଦେବଙ୍କୁ କେମିତି ରୁମ୍‌ରେ ଭେଟିବାକୁ । ଏପ୍ରିଲ ୧ ତାରିଖରେ ଅନୁଗୁଳ ଆସିଥିଲେ । ଆମେ ଚାରି ପାଞ୍ଚ ଜଣ ଭକ୍ତ ଗୁରୁ ମହାରାଜଙ୍କୁ ଦର୍ଶନ କରିବାପାଇଁ ଯାଇଥିଲୁ ନୂତନ ଭକ୍ତଙ୍କର ଦୀକ୍ଷା ବିଷୟରେ କଥା ହେବାକୁ । କଥା ହୋଇସାରି ଯେତେବେଳେ ବାହାରକୁ ଆସିଲୁ ସେତେବେଳେ ଗେଟ୍ ଅଧା ଖୋଲାକରି ମଝିରେ ପ୍ରଣାମ କରି ଆସିଲୁ । ସେ ଭିତରେ ମଶା ଚାରିପାଞ୍ଚଟା ରୁମ୍ ଭିତରେ ପଶି ଯାଇଛନ୍ତି । ଏମିତି ମଶା ପଶିଯାଇଛନ୍ତି ବୋଲି ମୋତେ ଜଣା ନାହିଁ । ଗୁରୁଦେବ ପୁଣି ମୋତେ ଡକାଇ କହିଲେ ଆମ ଭକ୍ତଙ୍କର ଗୋଟେ ଅଭ୍ୟାସ ହୋଇଗଲାଣି ଗେଟ୍ ମଝିରେ ପ୍ରଣାମ କରିବାର । ଏ ଯେଉଁ ମଶା ପଶିଲା ମୁଁ କେମିତି ଶୋଇବି ଏ ମଶାକୁ କାଢ଼ । ମୁଁ କହିଲି ଗୁରୁଦେବ ଏ ମଶାକୁ କେମିତି କାଢ଼ିବି ? ଗୁରୁଦେବ କହିଲେ ମୁଁ ଜାଣିନି କେମିତି କାଢ଼ିବ, ତମେ ସେଇଟା ଚିନ୍ତା କରିବ । ମୋ ମୁଣ୍ଡକୁ କିଛି ଉପାୟ ଜୁଟିଲାନି । ମୁଁ ଭାବିଲି ଯଦି ବା ମଶାକୁ ମାରିବି ତାହାହେଲେ ଗୁରୁଦେବ ଭାବିବେ ଯେ ପାପକଲ । ଗେଟ୍ ଯଦି ଖୋଲିବି ମଶାମାନଙ୍କୁ ବାହାର କରିବାପାଇଁ ଆଉ ଅନ୍ୟ ମଶା ପଶିଆସିବେ । ତେଣୁ ମୁଁ କ'ଣ କରିବି । ମୁଁ ନିଜକୁ ଦୋଷୀ ମନେକଲି । ତେଣୁ ମୁଁ ନିଜେ ଶାସ୍ତି ପାଇବା ପାଇଁ ବିଚାର କଲି ଗୁରୁଦେବଙ୍କୁ କଷ୍ଟ ଦେଇଥିବାରୁ । ତେଣୁ ମୁଁ ନିଜେ ଶାସ୍ତି ପାଇବା ପାଇଁ ଯୋଗ୍ୟ । ମୋର ଶାସ୍ତି ହେଲା ଦୁଇ ଦିନ ଉପବାସ ରହିଲି ତା'ପରଦିନ ମନ୍ଦିର ଗଲି ଆମର ଗୁରୁଭାଇ ପୁରୁଷୋତ୍ତମ ପ୍ରଭୁଙ୍କୁ କହିଲି ପ୍ରଭୁ ଏମିତି ଗୋଟେ ଭୁଲ୍ ହୋଇଯାଇଛି ଗୁରୁଦେବ ମୋ ଉପରେ ରାଗିଛନ୍ତି ତାହାହେଲେ ମୁଁ କ'ଣ କରିବି । ସେଥିପାଇଁ ମୁଁ ଦୁଇଦିନ ହେଲା ପ୍ରସାଦ ପାଇନି ମୋତେ ଭଲ ଲାଗୁନି । ପୁରୁଷୋତ୍ତମ ପ୍ରଭୁ କହିଲେ ଗୁରୁଦେବଙ୍କ ପାଖକୁ ଆଉଥରେ ଯାଇ ଭୁଲ୍ ମାଗନ୍ତୁ । ମୁଁ କହିଲି ପ୍ରଭୁ ଗୁରୁଦେବଙ୍କ ପାଖକୁ ଯିବାପାଇଁ ଡର ଲାଗୁଛି ଗୁରୁଦେବ ରାଗିଥିବେ ବୋଲି । ପୁରୁଷୋତ୍ତମ ପ୍ରଭୁ କହିଲେ ହଉ ତୁମେ କାନ୍ଦନି, ମୁଁ ଗୁରୁଦେବଙ୍କ ପାଖକୁ ଯାଉଛି । ମୁଁ ଅଫିସ୍‌ରେ ଠିଆହୋଇ କାନ୍ଦୁଥାଏ, ପୁରୁଷୋତ୍ତମ ପ୍ରଭୁ ଗରୁଦେବଙ୍କ ପାଖରୁ ଆସିଲା ପର୍ଯ୍ୟନ୍ତ । ଆମର କୋଟି ଟଙ୍କା ହଜିଗଲେ କିମ୍ବା ଆମ ଆମ ପରିବାରର ଜଣେ ଶରୀର ଛାଡ଼ିଲେ ଯେତିକି କଷ୍ଟ ହୁଏନି, ଗୁରୁଦେବଙ୍କ ମନରେ ଟିକିଏ ବି କଷ୍ଟଦେଲେ ତା'ଠାରୁ ଅଧିକ କଷ୍ଟ ଲାଗେ । ପୁରୁଷୋତ୍ତମ ପ୍ରଭୁ ଆସି କହିଲେ, ମାତାଜୀ ଗୁରୁଦେବଙ୍କୁ କହିଲି ଆପଣ କାଲିର ଘଟଣା ପାଇଁ ମନ କଷ୍ଟକରି କାନ୍ଦୁଛନ୍ତି ଆଉ ଦୁଇ ଦିନ ହେଲା ପ୍ରସାଦ ପାଇ ନାହାନ୍ତି । ଗୁରୁଦେବ କହିଲେ ଏଇ କଥାପାଇଁ ଦୁଇଦିନ ହେଲା ଖାଇ ନାହାନ୍ତି ! ଯାଅ ତାଙ୍କୁ କହିବ ପ୍ରସାଦ ପାଇବେ । ମୁଁ ପଚାରିଲି ଗୁରୁଦେବ ମୋ ଉପରେ ରାଗିନାହାଁନ୍ତି ? ପ୍ରଭୁ କହିଲେ ନାହିଁ ମାତାଜୀ ଏହି କଥା ଗୁରୁଦେବଙ୍କୁ କହିବାରୁ ଗୁରୁଦେବ ହସିଲେ । ତା'ପରେ ଗୁରୁଦେବଙ୍କର କ୍ଲାସଥିଲା । କ୍ଲାସ ସରିଲା ପରେ ମୋର ମନକୁ ଟିକିଏ ଶାନ୍ତି ଲାଗିଲା । ତା'ପରେ ପ୍ରସାଦ ପାଇଲି । ଏଥିରୁ ଆମେ

ଶିକ୍ଷା ପାଇଲୁ ଯେ ଗୁରୁଦେବଙ୍କ ରୁମ୍‌କୁ ଗଲାବେଳେ ଗେଟ୍ ବାହାରେ ନଚେତ୍ ଗେଟ୍ ଭିତରେ ରହି ପ୍ରଣାମ କରିବା। ଗେଟ୍ ମଝିରେ ରହିକି ନୁହେଁ। ଯାହାହେଉ ଆମ୍ଭମାନଙ୍କ ପ୍ରତି ଗୁରୁଦେବଙ୍କର କେତେ କୃପା ଯେ କଥା ମଝିରେ ଶିକ୍ଷା ଦିଅନ୍ତି ଆଉ ସେବା ମଝିରେ ବି ଶିକ୍ଷା ଦିଅନ୍ତି। କିନ୍ତୁ ଆମେ ଏତେ ଅଧମ ଜୀବ ଯେ ଗୁରୁଦେବଙ୍କ ଶିକ୍ଷାକୁ ଆମର ବୁଝିବାର କ୍ଷମତା ନାହିଁ। ତେଣୁ ଗୁରୁଦେବ ମୋତେ ଏତିକି କୃପା ବର୍ଷଣ କରୁଥାଆନ୍ତୁ ଆଉ ମୋର ଭୁଲ୍ କ'ଣ ରହୁଛି ଏହି ମାଧ୍ୟମରେ କହିଦିଅନ୍ତୁ।

ହେ ଗୁରୁଦେବ ଆପଣଙ୍କ ଗୁଣ ଅସୀମ ଓ ଅନନ୍ତ। ମୋର ଶକ୍ତି ସାମର୍ଥ୍ୟ ନାହିଁ ଆପଣଙ୍କର ଗୁଣଗାନ କରିବାପାଇଁ। ତେଣୁ ଆପଣଙ୍କର ଗୁଣକୀର୍ତ୍ତନ କରିବାରେ କିଛି ଯଦି ତ୍ରୁଟି ଥାଏ ତାହାହେଲେ ନିଜର ସନ୍ତାନ ବୋଲି ଭାବି ଏ ଅଧମ ଶିଷ୍ୟାକୁ କ୍ଷମା କରିଦେବ। ମୁଁ ଭଗବାନ ରାଧାଶ୍ୟାମ ସୁନ୍ଦର, ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମାଆଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି କି ଗୁରୁଦେବଙ୍କ ଶରୀର ସୁସ୍ଥ ଓ ନିରାମୟ ରଖିଥାନ୍ତୁ।

ଆପଣଙ୍କର ଅଧମ ଶିଷ୍ୟା
**ସୁଭଙ୍ଗଦା ଦେବୀ ଦାସୀ**
ଅନୁଗୁଳ

# ଗୁରୁ ଶିଷ୍ୟର ମନକଥା ଜାଣିପାରନ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।**

ହେ ମୋର ପରମ ପୂଜ୍ୟ ଗୁରୁଦେବ। ଆଜି ଆପଣଙ୍କର ୭୧ତମ ଶୁଭ ଆବିର୍ଭାବ ତିଥିରେ ଏହି ଅଧମ ଅଯୋଗ୍ୟ ଶିଷ୍ୟ ଆପଣଙ୍କ ଶ୍ରୀ ଚରଣକମଳ ପାଦପଦ୍ମରେ କୋଟିକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଆପଣଙ୍କର ଗୁଣଗାନ କରିବାପାଇଁ ମୁଁ ଜଣେ ଅଯୋଗ୍ୟ, କିନ୍ତୁ ଆପଣ ମୋତେ ଆପଣଙ୍କର ଶିଷ୍ୟ ରୂପେ ଗ୍ରହଣ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଗୁରୁଦେବ ମୁଁ ଆପଣଙ୍କଠାରୁ ଶୁଣିଥିଲି ଯେ ଗୁରୁଦେବ ହେଉଛନ୍ତି ଅନ୍ତର୍ଯ୍ୟାମି। ଗୁରୁ ଶିଷ୍ୟର ମନକଥା ଜାଣିପାରନ୍ତି କିନ୍ତୁ ତାହା ଅନୁଭବ କରିପାରି ନ ଥିଲି। ବର୍ତ୍ତମାନ ତାହା ଅନୁଭବ କରିପାରୁଛି କାରଣ ମୋର ଭକ୍ତିରେ ହେଉଥିବା ବାଧାକୁ ଆପଣ ସରଳତାର ସହିତ ଆପଣଙ୍କର ଭାଗବତ କଥା ଆଦି ମାଧ୍ୟମରେ ସମାଧାନ କରି ଦେଉଛନ୍ତି। ସେତେବେଳେ ମୋତେ ଲାଗୁଛି କି ଗୁରୁଦେବ ଆପଣ ମୋ ପାଇଁ ହିଁ ସେ ସବୁ ଉପଦେଶ ଦେଉଛନ୍ତି।

ହେ ଗୁରୁଦେବ, ଆପଣ ମୋ ଭଳି ପତିତ ଜୀବ ଉପରେ ଆପଣଙ୍କର କୃପାଦୃଷ୍ଟି ରଖିଥାନ୍ତୁ ଆପଣଙ୍କ ଚରଣରେ ମୋ ମନ ସର୍ବଦା ମଜ୍ଜି ରହୁ। ହେ ଗୁରୁଦେବ ମୋର ଅପରାଧକୁ କ୍ଷମା କରନ୍ତୁ। ହେ ଗୁରୁଦେବ ମୋତେ କୃପା କରନ୍ତୁ ମୁଁ ଯେପରି ମୋର ଭକ୍ତି ଠିକ୍ ଭାବରେ କରିପାରିବି।

ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ନୃସିଂହ ଦେବ, ଗୌର ନିତାଇଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା ସେ ମୋର ଗୁରୁଦେବଙ୍କୁ ସୁସ୍ଥ ରଖନ୍ତୁ ଓ ଦୀର୍ଘାୟୁ କରନ୍ତୁ। ଯାହାଦ୍ୱାରା ମୋ ଭଳି ପତିତ ଜନ ଆପଣଙ୍କ ସଙ୍ଗ ପ୍ରାପ୍ତ କରି ଏ ମାନବ ଜନ୍ମକୁ ସାର୍ଥକ କରିପାରିବେ। ହରେକୃଷ୍ଣ।

ଆପଣଙ୍କର ପତିତ ଓ ଅଧମ ଶିଷ୍ୟ
**ସୁନ୍ଦର ଲାଲ ଦାସ୍**

# ଆପଣଙ୍କ ସଂଗଲାଭ ସଂସାରର ଦୁର୍ଲ୍ଲଭତମ ସୁଯୋଗ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ।
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ।
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ।

ଆପଣଙ୍କର ଗୁଣ କୀର୍ତ୍ତନ କରିବାର ମୋର ଯୋଗ୍ୟତା ନ ଥିବା ସତ୍ତ୍ୱେ, ଏହି ସୁଯୋଗ ମୋ ପାଇଁ ଭକ୍ତମାନଙ୍କର ଏବଂ ଆପଣଙ୍କର ଅହୈତୁକୀ କୃପା ଯୋଗୁଁ ସମ୍ଭବ ହୋଇପାରିଛି। ଆପଣ ଯେ ଭଗବାନ ଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟଜନ ଏହା ଆପଣଙ୍କ ଜୀବନର ଘଟଣାବଳୀ ଗୁଡ଼ିକରୁ ଜଣାଯାଏ। ଯେତେବେଳେ ଆପଣ ଜଣେ ବିଦ୍ୟାର୍ଥୀ ରୂପରେ ଜଗନ୍ନାଥ ଧାମରେ ନିବାସ କରୁଥିଲେ ଆପଣ ସବୁଦିନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିଲେ। ଥରେ ଆପଣଙ୍କର ଜଣେ ବନ୍ଧୁ ଆପଣଙ୍କୁ ସବୁଦିନେ ଆପଣ କାହିଁକି ଜଗନ୍ନାଥ ଦର୍ଶନ କରିବାକୁ ଯାଉଛନ୍ତି ବୋଲି ପଚାରିଲେ ଏବଂ ଆପଣ ତାଙ୍କୁ ସେ ଏ କଥା ବୁଝିପାରିବେ ନାହିଁ ବୋଲି ଉତ୍ତର ଦେଇଥିଲେ।

